# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୬/୨୦୧୯ (୨୦ ପୃଷ୍ଠା) Sambalpur, Thursday, September 26 / 2019 ★★

୧୫ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ପିଟି ଉଷାଙ୍କୁ ଆଇଏଏଏଫ୍ ସମ୍ମାନ**

ଦୌଡ଼ରାଣୀ ପି.ଟି. ଉଷାଙ୍କୁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଭେଟେରାନ ପିନ୍ ପୁରସ୍କାର ପ୍ରଦାନ କରାଯାଇଛି। **୧୯**

**୧୬** **ଜୁଡୋ ଶିଖୁଛନ୍ତି ଶ୍ରଦ୍ଧା କପୁର**

'ବାଗୀ-୩'ରେ ଶ୍ରଦ୍ଧା କପୁରଙ୍କୁ ଏକ ଆକ୍ସନ ଭୂମିକା ମିଳିଛି। ସେଥିପାଇଁ ସେ ଏବେ ସର୍ବିଆରେ ଜୁଡୋ ଓ ମିକ୍ସଡ ମାର୍ଶଲ ଆର୍ଟ(ଏମ୍ଏମ୍ଏ) ଶିଖିବାକୁ ଡେରା ପକାଇଛନ୍ତି।



■ ୩୭୦ ଉଚ୍ଛେଦ ପରେ ଜୈଶ୍ ରଚୁଛି ସାଂଘାତିକ ଷଡ଼ଯନ୍ତ୍ର

# ଟାର୍ଗେଟରେ ଭୁବନେଶ୍ୱର ସମେତ ୩୦ ସହର

**ଗୋଇନ୍ଦା ରିପୋର୍ଟ**





■ ନରେନ୍ଦ୍ର ମୋଦି, ଅମିତ୍ ଶାହ, ଅଜିତ୍ ଡୋଭାଲଙ୍କ ଉପରେ ଆକ୍ରମଣ ପାଇଁ ସ୍କ୍ୱାଡ୍ ପ୍ରସ୍ତୁତ କରୁଛି ଜେଇଏମ୍

■ ଆକ୍ରମଣ ଟାର୍ଗେଟରେ ଥିବା ଅନ୍ୟ ସହର ମଧ୍ୟରେ ରହିଛି ଜମ୍ମୁ, ପଠାନ୍‌କୋଟ, ଅମୃତସର, ଜୟପୁର, ଗାନ୍ଧୀନଗର, କାନପୁର, ଲକ୍ଷ୍ନୌ ପ୍ରମୁଖ

■ ବାୟୁସେନା ଘାଟିଗୁଡ଼ିକରେ ଅରେଞ୍ଜ ୱାର୍ନିଂ ଜାରି

ନୂଆଦିଲ୍ଲୀ,୨୫ା୯

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦରେ ହତାଶ ହୋଇପଡ଼ିଥିବା ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଭାରତ ବିରୋଧରେ ରକ୍ତ ଚାଉଳ ଚୋବାଉଛି। ପଠାନ୍‌କୋଟ ସମେତ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ମାସୁଦ୍ ଆଝାରଙ୍କ ନେତୃତ୍ୱାଧୀନ ଜୈଶ୍ ଟାର୍ଗେଟରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ରହିଛନ୍ତି। ଏହି ତିନିଜଣଙ୍କୁ ଆକ୍ରମଣ କରିବା ପାଇଁ ଜୈଶ୍ ଏକ ସ୍କ୍ୱାଡ୍‌କୁ ପ୍ରସ୍ତୁତ କରୁଥିବା ନେଇ ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। କେବଳ ଏତିକି ନୁହେଁ, ଭୁବନେଶ୍ୱର ସମେତ ଭାରତର ୩୦ଟି ସହରରେ ଆକ୍ରମଣ ପାଇଁ ଜୈଶ୍ ଷଡ଼ଯନ୍ତ୍ର ରଚିଥିବା ନେଇ ଏକ ପତ୍ର ବ୍ୟୁରୋ ଅଫ୍ ସିଭିଲ୍ ଆଭିଏଶନ୍ ସିକ୍ୟୁରିଟିର ହସ୍ତଗତ ହୋଇଛି। ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ ହେବା ପରେ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ବୁଧବାର ହାଇଆଲର୍ଟ ଜାରି କରାଯାଇଛି।

ସୁରକ୍ଷା ସଂସ୍ଥା ପାଇଥିବା ଚିଠି ଅନୁସାରେ ଜମ୍ମୁ-କଶ୍ମୀରର ସ୍ୱାୟତ୍ତତା ପ୍ରତ୍ୟାହାରକୁ ନେଇ ଜେଇଏମ୍ ହତାଶ ହୋଇପଡ଼ିଛି। ଏଥିଲାଗି ଏହି ଆତଙ୍କବାଦୀ ସଙ୍ଗଠନ ଭାରତ ସରକାରଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଚାହୁଁଛି। ଏହାର ହିଟ୍ ଲିଷ୍ଟରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ଏନ୍ଏସ୍ଏ ରହିଛନ୍ତି। ଏଥିସକାଶେ ଜୈଶ୍ ଚଳିତ ମାସରେ ଆତଙ୍କବାଦୀମାନଙ୍କୁ ନେଇ ଏକ ସ୍କ୍ୱାଡ୍ ଗଠନ କରିଛି। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏଥିରେ ଜୈଶ୍‌କୁ ସହଯୋଗ କରୁଛି। ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ବିଦେଶୀ ପ୍ରତିପକ୍ଷଙ୍କଠାରୁ ଏକ ଗୁପ୍ତ ରିପୋର୍ଟ ପାଇଛନ୍ତି। ସେପ୍ଟେମ୍ବରରେ ଆକ୍ରମଣ ପାଇଁ ଯୋଜନା ହୋଇଥିବା ଜୈଶ୍ ଆତଙ୍କବାଦୀ ଶମ୍‌ଶେର ୱାନି ଓ ତାଙ୍କ ହ୍ୟାଣ୍ଡଲରଙ୍କ ମଧ୍ୟରେ ହୋଇଥିବା ପତ୍ରାଳାପରୁ ସେମାନେ ଜାଣିବାକୁ ପାଇଥିବା ଅବଗତ କରାଇଛନ୍ତି। ଏହା ପୂର୍ବରୁ ବମ୍ବେ ଆକ୍ରମଣର ମାଷ୍ଟରମାଇଣ୍ଡ ହାଫିଜ୍ ସୟିଦ୍‌ଙ୍କ ଲଶ୍କର-ଇ-ତୋଇବା (ଏଲ୍ଇଟି) ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସଂସଦୀୟ ଆସନ ବାରାଣସୀରେ ଆକ୍ରମଣ ପାଇଁ ଯୋଜନା କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଜମ୍ମୁ, ପଠାନ୍‌କୋଟ, ଅମୃତସର, ଜୟପୁର, ଗାନ୍ଧୀନଗର, କାନପୁର, ଲକ୍ଷ୍ନୌ ସମେତ ୩୦ଟି ସହର ଉପରେ ଆକ୍ରମଣ କରିବା ପାଇଁ ପତ୍ରରେ ଧମକ ଦିଆଯାଇଛି। ସେହିପରି ଦେଶର ୪ଟି ବିମାନବନ୍ଦର ଉପରେ ମଧ୍ୟ ଆକ୍ରମଣର ଯୋଜନା ଚାଲିଥିବା ଏଥିରୁ ଜଣାପଡ଼ିଛି। ସଦ୍ୟ ରିପୋର୍ଟ ପରେ ଉକ୍ତ ସହରଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି। ଅନୁରୂପ ଭାବେ ଶ୍ରୀନଗର, ଅୱନ୍ତିପୋରା, ଜମ୍ମୁ, ପଠାନ୍‌କୋଟ ଓ ହିଣ୍ଡୋନ୍ ବାୟୁସେନା ଘାଟିରେ ଆତଙ୍କବାଦୀ ଆକ୍ରମଣ ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି।

ପ୍ରକାଶ ଯେ, ଉରି ଆକ୍ରମଣ ପରେ ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ସର୍ଜିକାଲ ଷ୍ଟ୍ରାଇକ୍ ଓ ପୁଲୱାମା ଆକ୍ରମଣ ପରେ ବାଲାକୋଟ ଏୟାର ଷ୍ଟ୍ରାଇକ୍ ଭଳି ଆତଙ୍କବାଦ ନିରୋଧୀ ଅଭିଯାନ ପାଇଁ ଏନ୍ଏସ୍ଏ ଅଜିତ୍ ଡୋଭାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ସେ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଆସିଛନ୍ତି। ବାଲାକୋଟ କାର୍ଯ୍ୟାନୁଷ୍ଠାନ ପରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଆତଙ୍କବାଦୀ ଶିବିରଗୁଡ଼ିକ ପୁଣି ସକ୍ରିୟ ହୋଇଛି। ସେଠାରେ ରହିଥିବା ୪୫୦ରୁ ୫୦୦ ଆତଙ୍କବାଦୀ ଜମ୍ମୁ-କଶ୍ମୀର ଦେଇ ଭାରତୀୟ ଭୂଖଣ୍ଡରେ ଅନୁପ୍ରବେଶ କରିବା ପାଇଁ ପ୍ରସ୍ତୁତ ହେଉଥିବା ସୋମବାର ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ୍ ରାୱତ୍ ସୂଚନା ଦେଇଥିଲେ। ଏହାର ଦୁଇଦିନ ପରେ ଜୈଶ୍ ପକ୍ଷରୁ ଏଭଳି ଆକ୍ରମଣ ନେଇ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇଛି।



# ଧାମରାରେ ଧରାହେଲା ହ୍ୱେଲ ସାର୍କ

ଚାନ୍ଦବାଲି, ୨୫ା୯ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ମତ୍ସ୍ୟ ପୋତାଶ୍ରୟ ଅଧୀନରେ ଥିବା ଚନ୍ଦନିପାଳ ମାଛଧରା ବେସ୍‌ରୁ ବୁଧବାର ଏକ ବିରଳ ମାଛ ଧରା ହୋଇଛି। ଏହାର ନାମ ହ୍ୱେଲସାର୍କ ହୋଇଥିବା ବେଳେ ଓଜନ ୧ କୁଇଣ୍ଟାଲରୁ ଅଧିକ। ଏ ନେଇ ଭାଇରାଲ ହୋଇଥିବା ଭିଡିଓରୁ ଜଣାପଡ଼ିଛି ଯେ, ଏହି ମାଛକୁ ୭ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଛି। ରାଜ୍ୟ ବାହାରର ଜଣେ ବ୍ୟବସାୟୀ ଏହାକୁ ନିଲାମ ଧରିଥିବା କୁହାଯାଉଛି। କିନ୍ତୁ ତାହା ଠିକ୍ କି ନୁହେଁ ସ୍ପଷ୍ଟ ଜଣାପଡ଼ି ନାହିଁ। କାରଣ ଏହାକୁ ଧରିଥିବା ମତ୍ସ୍ୟଜୀବୀ ସମୁଦ୍ରରେ ଛାଡ଼ି ଦେଇଥିବା କହିଛନ୍ତି। ଏ ସମ୍ପର୍କରେ ବନ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ପାଖରେ ମଧ୍ୟ କୌଣସି ଖବର ନ ଥିବା କହିଛନ୍ତି। ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯାଇଥିବା ଏକ ବୋଟ୍‌ର ଧୀବରମାନେ ବୁଧବାର ଚନ୍ଦନିପାଳ ମାଛଧରା ଜେଟି(ବେସ୍)କୁ ଫେରିଆସିଥିଲେ। ସେମାନଙ୍କ ଜାଲରେ ଏହି ବିଶାଳ ମାଛ ଛନ୍ଦି ହୋଇପଡ଼ିଥିବା ଦେଖି ୧୦ ମତ୍ସ୍ୟଜୀବୀଙ୍କ ସହାୟତାରେ ପାଣିରୁ ବୋଟ ଉପରକୁ ଅଣାଯାଇଥିଲା। ପୂର୍ବରୁ ଧାମରା ଅଞ୍ଚଳରେ ଏପରି ମାଛ କେବେ ଧରା ହୋଇଥିବା ନଜିର ନାହିଁ ବୋଲି ମତ୍ସ୍ୟଜୀବୀ କହିଛନ୍ତି। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଙ୍ଗଠନ(ଆଇୟୁସିଏନ) ପକ୍ଷରୁ ବିରଳ ପ୍ରାଣୀ ଭାବେ ଗଣାଯିବା ପରଠାରୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏହି ମାଛ ଧରିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଫଳରେ ସମୁଦ୍ରରୁ ଏହାକୁ ଧରିବା ଓ ବିକ୍ରି କରିବା ବେଆଇନ।

# ବସ୍ତିରେ ମିଳିବ କୋଠାଘର

■ ଆରମ୍ଭ ହେବ 'ସ୍ଲମ ରୁଫିଙ୍ଗ୍' ଯୋଜନା

■ ବ୍ରହ୍ମପୁରରୁ ଆରମ୍ଭ ହେବ ପାଇଲଟ ପ୍ରକଳ୍ପ

■ ମିଳିବ ଭଡ଼ା, ଘର ନିର୍ମାଣ ସୁବିଧା

ଭୁବନେଶ୍ୱର, ୨୫ା୯(ବ୍ୟୁରୋ)

ରାଜ୍ୟର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି), ମ୍ୟୁନିସିପାଲିଟି ଏବଂ ସମସ୍ତ ମହାନଗର ନିଗମରେ ବ୍ୟବସ୍ଥିତ ବସ୍ତି ଯୋଜନା (ସ୍ଲମ ରୁଫିଙ୍ଗଥ) କାର୍ଯ୍ୟକାରୀ ହେବ। ଯେଉଁଠି ନାହିଁ ସେଠି ବସ୍ତି ଗଢ଼ି ଉଠିବାକୁ ସୁଯୋଗ ଦିଆଯିବ ନାହିଁ। ବସ୍ତି ନିକଟରେ ଥିବା ଖାଲି ସ୍ଥାନରେ ସ୍ଲମ୍ ପ୍ରୁଫିଙ୍ଗ ବ୍ୟବସ୍ଥା ହେବ। ସେଥିରେ ନିମ୍ନ ଆୟକାରୀ, ଗରିବ ଦିନମଜୁରିଆମାନଙ୍କ ରହିବା ପାଇଁ କୋଠାଘର ନିର୍ମାଣ କରାଯିବ। ସେହି ଅଞ୍ଚଳରେ ଲୋକମାନଙ୍କୁ ନିଜର ଘର କରି ରହିବା ପାଇଁ ମଧ୍ୟ ଅନୁମତି ଦିଆଯିବ। ଯେଉଁମାନେ ଘର କରିପାରିବେ ନାହିଁ ସେମାନେ ପୌର ପରିଷଦ ଦ୍ୱାରା ନିର୍ମାଣ କରାଯାଇଥିବା ଘରେ ସର୍ବନିମ୍ନ ଭଡ଼ା ଦେଇ ରହିପାରିବେ। ସହରାଞ୍ଚଳରେ ନିମ୍ନ ଆୟକାରୀ ଗରିବ ଶ୍ରେଣୀର ଲୋକମାନେ ଉଚ୍ଚ ଘରଭଡ଼ା ଦେଇ ରହିପାରୁ ନ ଥିବାରୁ ବେଆଇନ ଭାବେ ମୂଲ୍ୟବାନ ସରକାରୀ ଜାଗା ଓ ରାସ୍ତାକଡ଼ରେ ଝାଟିମାଟି ଘର କରି ରହୁଛନ୍ତି। ଏହାଦ୍ୱାରା ସହରାଞ୍ଚଳରେ ବସ୍ତି ସଂଖ୍ୟା ବଢ଼ି ଚାଲିବା ସହ ଅନେକ ସରକାରୀ ଜାଗା ଦୀର୍ଘ ବର୍ଷ ଜବରଦଖଲରେ ରହିଯାଉଛି। ବେଆଇନ ବସ୍ତିକୁ ରୋକିବା ପାଇଁ ସ୍ଲମ ପ୍ରୁଫିଙ୍ଗ କାର୍ଯ୍ୟକାରୀ ହେବ। ପାଇଲଟ ପ୍ରକଳ୍ପ ଭାବେ ପ୍ରଥମେ ବ୍ରହ୍ମପୁର ମହାନଗର ନିଗମରୁ ଆରମ୍ଭ କରାଯିବ। ନିଗମ ପକ୍ଷରୁ ଏ ନେଇ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯାଇଛି। ବ୍ରହ୍ମପୁର ସହରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ସଫଳ ହେଲେ ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ କହିଛନ୍ତି। ଏହି ନୂତନ ବ୍ୟବସ୍ଥାରେ ବସ୍ତିବାସିନ୍ଦାଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ପାଣି, ଆଲୋକ, ଡ୍ରେନ, ପରିମଳ ଆଦି ଯୋଗାଇ ଦିଆଯିବ।

**ବିଜେପୁର ଉପନିର୍ବାଚନ**

# ଦିଲୀପ ପଣ୍ଡା କଂଗ୍ରେସ ପ୍ରାର୍ଥୀ



ଭୁବନେଶ୍ୱର,୨୫ା୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଆସନ୍ତା ୨୧ତାରିଖରେ ଭୋଟ ଗ୍ରହଣ ହେବ। ବୁଧବାର କଂଗ୍ରେସ ନିଜ ପ୍ରାର୍ଥୀ ନାମ ଘୋଷଣା କରିଛି। ବରଗଡ଼ ଜିଲା କଂଗ୍ରେସ ଉପସଭାପତି ଦିଲୀପ କୁମାର ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କରିଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ମଞ୍ଜୁରୀକ୍ରମେ ଦିଲୀପଙ୍କୁ ବିଜେପୁର ପାଇଁ ପ୍ରାର୍ଥୀ କରାଯାଇଥିବା ସେଣ୍ଟ୍ରାଲ ଇଲେକ୍ସନ କମିଟି(ସିଇସି) ଇନଚାର୍ଜ ମୁକୁଲ ୱାସନିକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ପ୍ରାର୍ଥୀ କରିବାକୁ ଏଆଇସିସି ନିକଟକୁ ୫ଜଣଙ୍କ ନାମ ପଠାଇଥିଲା। ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠଙ୍କ ପୁଅଙ୍କୁ ପ୍ରାର୍ଥୀ କରାଯିବାର ଯଥେଷ୍ଟ ସମ୍ଭାବନା ଥିଲା। ମାତ୍ର ଦଳ ଶେଷରେ ଦିଲୀପଙ୍କୁ ପ୍ରାର୍ଥୀ କରିଛି। ଦିଲୀପ କହିଛନ୍ତି, ଦଳ ମୋ ଉପରେ ଭରସା କରିଥିବାରୁ ମୁଁ କୃତଜ୍ଞ। ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ନିରଞ୍ଜନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଉଛି। ଦଳର ସମସ୍ତଙ୍କୁ ଏକାଠି କରି ସଙ୍ଗଠନ ସଜାଡିବା ସହ କାମ କରିବି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ନିର୍ବାଚନମଣ୍ଡଳୀରୁ ବିଜୟୀ ହେବାପରେ ବିଜେପୁର ଆସନଟି ଛାଡି ଦେଇଥିଲେ। ତେଣୁ ବିଜେପୁରରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୩୦ ମଧ୍ୟରେ ପ୍ରାର୍ଥୀ ପତ୍ର ଦାଖଲର ଶେଷ ତାରିଖ ରହିଛି।

# ସଭାମଞ୍ଚରେ କର୍ମୀଙ୍କୁ ଏମ୍‌ପିଙ୍କ ଚାପୁଡ଼ା



■ ମୁଁ ଅନୁତପ୍ତ : ଚନ୍ଦ୍ରଶେଖର

■ ସୋସିଆଲ ମିଡିଆରେ ଭାଇରାଲ

■ ନବୀନ ନିବାସରୁ ଆସିଥିଲା ଡାକରା

■ ଚାପୁଡ଼ାକୁ କର୍ମୀଙ୍କ ଅସ୍ୱୀକାର

ଭୁବନେଶ୍ୱର/ପାରଳାଖେମୁଣ୍ଡି,୨୫ା୯(ସ୍ୱ.ପ୍ର.)

ବ୍ରହ୍ମପୁର ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ ଜଣେ କର୍ମୀଙ୍କୁ ମଞ୍ଚରେ ଚାପୁଡ଼ା ମାରିବା ଘଟଣା ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପାଇଁ ଆସିଥିବା ଜଣେ ଯୁବନେତାଙ୍କୁ ଚାପୁଡ଼ା ମାରିବା ଘଟଣାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚନ୍ଦ୍ରଶେଖରଙ୍କୁ ନବୀନ ନିବାସ ଡକାଇଥିଲେ। ନବୀନ ନିବାସରୁ ଫେରିବା ପରେ ଗଣମାଧ୍ୟମକୁ ଚନ୍ଦ୍ରଶେଖର କହିଛନ୍ତି ଯେ, ଦଳୀୟ ସଭାରେ ଘଟିଥିବା ଏହି ଘଟଣା ପାଇଁ ସେ ଅନୁତପ୍ତ। ଜାଣିଶୁଣି ସେ ହାତ ଉଠାଇ ନ ଥିଲେ। କର୍ମୀଜଣଙ୍କ ତାଙ୍କ ହାତରୁ ଉତ୍ତରୀୟ ପିନ୍ଧିବାକୁ ଚାହିଁଥିଲେ। ହେଲେ ସେଠାରେ ଅନ୍ୟ ନେତା ଉତ୍ତରୀୟ ଦେବା ସମୟରେ କର୍ମୀଜଣଙ୍କ ମନା କରିଥିଲେ। ଏହି ସମୟରେ ଠେଲିଦେବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଚନ୍ଦ୍ରଶେଖର କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ମଙ୍ଗଳବାର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ବ୍ରହ୍ମପୁର ଏମ୍‌ପି ସାହୁ, ଗଜପତି ଜିଲା ପ୍ରଭାରୀ

☞ପୃଷ୍ଠା-୪

# ଆଜି କ୍ୟାବିନେଟ୍ ବୈଠକ

■ ୧୦ ପ୍ରସ୍ତାବକୁ ମିଳିବ ମଞ୍ଜୁରୀ

ଭୁବନେଶ୍ୱର,୨୫ା୯(ବ୍ୟୁରୋ):ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନ ୧୧.୪୫ମିନିଟରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଏଥିରେ ପୂର୍ତ୍ତ ବିଭାଗର ସର୍ବାଧିକ ୪ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବାକୁ ଥିବାବେଳେ, ଆଇନ ବିଭାଗର ଗୋଟିଏ, ଅର୍ଥ ବିଭାଗର ୨ଟା, ଗୃହ ଓ ନଗର ଉନ୍ନୟନ ବିଭାଗର ୨ଟି ଏବଂ ରାଜସ୍ୱ ବିଭାଗର ଗୋଟିଏ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ଦୁଇଟି ମେଡିକାଲ କଲେଜର କୋଠା ନିର୍ମାଣ ଲାଗି ପ୍ରସ୍ତାବ ରହିଥିବାବେଳେ, ରାଜ୍ୟ ସରକାରଙ୍କ ଅବଢ଼ା ଯୋଜନା ସମ୍ପର୍କିତ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିବ ବୋଲି ଜଣାପଡିଛି।

**ଆଜିର ସମ୍ପାଦକୀୟ**

ସାଥୀ ଚୟନରେ ପୋଷା ପ୍ରାଣୀ

**ଆଜିର ମନ୍ତବ୍ୟ**

" ବିଚାରପତିଙ୍କ ବଦଳି ତାଙ୍କ ବିରୋଧରେ ଅଭିଯୋଗର ସମାଧାନ ନୁହେଁ।

-ଜଷ୍ଟିସ୍ ୱାଇ.ବି. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି


NECC NATIONAL EGG CO-ORDINATION COMMITTEE 25.09.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers


# ମହିନ୍ଦ୍ରାକୁ ସମ୍ପତ୍ତି ବିକି ଦେଶ ଛାଡ଼ିବ ଫୋର୍ଡ




ମାନ୍ଦାବସ୍ଥାର ପ୍ରଭାବ ଗୁରୁତର

ନୂଆଦିଲ୍ଲୀ,୨୫ା୯

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ତଥା ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନ ପାରିବା କାରଣରୁ ଫୋର୍ଡ ମୋଟର କମ୍ପାନୀ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଏହା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଆରମ୍ଭ ହେବାକୁ ଥିବା ଯୁଗ୍ମ କମ୍ପାନୀକୁ ନିଜର ସମସ୍ତ ସମ୍ପତ୍ତି ବିକ୍ରି କରିଦେବ। ଭାରତରେ ଏହା ଦୁଇ ଦଶନ୍ଧି ଧରି କାରବାର କରୁଥିଲେ ସୁଦ୍ଧା ଅଦ୍ୟାବଧି ନିଜର ଅସ୍ତିତ୍ୱ ବଜାୟ ରଖିବାକୁ ସଂଘର୍ଷ କରି ଆସୁଥିବାରୁ କମ୍ପାନୀ ଭାରତ ଛାଡ଼ିବାକୁ ଯାଉଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆକରି ଗଠନ ହେବାକୁ ଥିବା କମ୍ପାନୀରେ ମହିନ୍ଦ୍ରାର ୫୧% ଅଂଶଧନ ରହିବ। ତେବେ ନୂଆ କମ୍ପାନୀ ବୋର୍ଡରେ ଫୋର୍ଡର ଭୋଟ୍ ଦେବାର ଅଧିକାର ରହିବ ଏବଂ ବୋର୍ଡରେ ଏହାର ପ୍ରତିନିଧି ରହିବେ ବୋଲି ଜଣାପଡିଛି। ଆସନ୍ତା ସପ୍ତାହରେ ନୂଆ କମ୍ପାନୀ ଘୋଷଣା କରାଯିବ। ଫୋର୍ଡ ଗ୍ଲୋବାଲ ଭାରତରେ ଅଦ୍ୟାବଧି ୨ ବିଲିୟନ ଡଲାର ନିବେଶ କରି ବଜାର ଅଂଶର ପ୍ରାୟ ୩% ପର୍ଯ୍ୟନ୍ତ ହାସଲ କରିପାରିଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି, ଫୋର୍ଡର ସିଇଓ ଜିମ୍ ହ୍ୟାକେଟ୍ ସାରା ବିଶ୍ୱରେ ଥିବା କମ୍ପାନୀର ୧୧ ବିଲିୟନ ଡଲାର ସମ୍ପତ୍ତି ପୁନର୍ଗଠନ କରୁଛନ୍ତି। ସୂଚନାଥାଉ କି, ଦୀର୍ଘଦିନ ହେବ ଭାରତର ଅଟୋ ବଜାରରେ ସୁଜୁକି ମୋଟର କର୍ପ ସହ ଫୋର୍ଡ ମୋଟର ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରୁନାହିଁ। ଭାରତୀୟ ବଜାରରେ ଲୋକଙ୍କ ଚାହିଦା ସହ ତାଳ ଦେଇ ଚାଲି ନ ପାରିବା କାରଣରୁ ଜେନେରାଲ ମୋଟର୍ସ କମ୍ପାନୀ ଦୁଇବର୍ଷ ପୂର୍ବେ ଭାରତ ଛାଡ଼ି ଚାଲିଯାଇଛି। ଏହା ପୂର୍ବରୁ ସେଭ୍ରୋଲେ ମଡେଲ ବିକ୍ରି ବନ୍ଦ କରିଦେଇଥିଲା। ଅଟୋ ସେକ୍ଟରରେ ଗତ ୧୦ ମାସ ହେବ ମାନ୍ଦାବସ୍ଥାର ପ୍ରଭାବ ଅନୁଭବ ହେଉଥିବାରୁ ଗାଡ଼ି ବିକ୍ରି କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତରେ ଫୋର୍ଡର ଅଧିକାଂଶ ସମ୍ପତ୍ତି ନୂଆ କମ୍ପାନୀ ହାତରେ ରହିବ। ତନ୍ମଧ୍ୟରେ ଏହାର ଦୁଇଟି କାର୍ କାରଖାନା ରହିଛି। ୧୯୯୦ରେ ଅର୍ଥନୀତିର ଉଦାରୀକରଣ ଆରମ୍ଭ ହେବା ପରେ ଫୋର୍ଡ ପ୍ରଥମ ବିଦେଶୀ କାର୍ କମ୍ପାନୀ ଭାବେ ଭାରତରେ ପ୍ରବେଶ କରିଥିଲା। ପୂର୍ବରୁ ଏହା ଭାରତରେ ୧୯୨୬ରେ ପ୍ରବେଶ କରି ୧୯୫୦ରେ ଫେରି ଯାଇଥିଲା।




# ଜଣେ ରୋଗୀ ମୋତେ କନ୍ଦାଇ ଦେଇଥିଲେ


ଡା. ସମ୍ରାଟ କର

ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ ଯୁବ ବୟସରେ ବେଶ୍ ପ୍ରତିଷ୍ଠା ଲାଭ କରିଛନ୍ତି ଡା. ସମ୍ରାଟ କର। ଭାରତର ଆଗଧାଡ଼ିର ଡାକ୍ତରମାନଙ୍କ ମଧ୍ୟରେ ସେ ଅନ୍ୟତମ। କଟକ ନିବାସୀ ଡା. ସମ୍ରାଟ ମଧ ଜଣେ ସ୍ୱେଚ୍ଛାସେବୀ। ଏଥର ତାଙ୍କ ଅନୁଭୂତିରୁ କିଛି..

## ମୋ ଅନୁଭୂତି

ଅନେକ ମାନସିକ ରୋଗୀଙ୍କୁ ଚିକିତ୍ସା କରିଛି। ଯେଉଁମାନେ ଭଲ ହୋଇ ଯାଇ ପୂର୍ବ ଅବସ୍ଥାକୁ ଫେରି ଆସନ୍ତି ସେମାନଙ୍କୁ ଦେଖି ମୋତେ ଖୁସି ଲାଗେ। ହେଲେ ଏପରି ଜଣେ ରୋଗୀଙ୍କୁ ମୁଁ ଭଲ କରିଥିଲି, ଯାହା ପରବର୍ତ୍ତୀ ସମୟରେ ମୋତେ କନ୍ଦାଇ ଦେଇଥିଲା। ବେଳେବେଳେ ଅନୁତାପ ମଧ କରେ। ସେ ସୁସ୍ଥ ହୋଇଯିବା ଠିକ୍ ନା ଭୁଲ୍ ଥିଲା, ତାହାର ହିସାବ ମୋ ପାଖରେ ନାହିଁ। ଏବେ ମୋ ପାଖକୁ ଚିକିତ୍ସା ପାଇଁ ଆସୁଥିଲେ ମଧ ତାଙ୍କ ସହ ଜଣେ ଡାକ୍ତର ଭାବେ କଥା ହୋଇପାରେନା। ଡା. ସମ୍ରାଟ କହନ୍ତି, ରୋଗୀ ଜଣଙ୍କ ହେଉଛନ୍ତି କଟକ ଉପକଣ୍ଠରେ ରହୁଥିବା ଜଣେ ମହିଳା। ତାଙ୍କ ସ୍ୱାମୀ ଆର୍ମି ଅଫିସର ଥିଲେ। କିଛି ବର୍ଷ ପୂର୍ବେ ଏକ ଯୁଦ୍ଧରେ ତାଙ୍କ ସ୍ୱାମୀ ଶହୀଦ ହୋଇଥିଲେ। ଯେଉଁଦିନ ତାଙ୍କ ସ୍ୱାମୀଙ୍କ ମରଶରୀର ଆସିଲା ସେଦିନ ମହିଳା ଜଣଙ୍କ ବାରମ୍ବାର ଚେତା ହରାଉଥିଲେ। ସମଗ୍ର ଘଟଣାବଳୀ ସେ ଦେଖି ପାରି ନ ଥିଲେ। ସ୍ୱାଭାବିକ ପରିସ୍ଥିତିକୁ ଆସିବାକୁ ତାଙ୍କୁ ୨/୩ ଦିନ ସମୟ ଲାଗିଥିଲା। ହେଲେ ଏହାପରେ ସେ ଅଦ୍ଭୁତ ବ୍ୟବହାର କରିଥିଲେ। ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇନି ବୋଲି ସେ ଜିଦ୍ ଧରି ବସିଥିଲେ। ସଧବା ନାରୀ ଭଳି ସିନ୍ଦୂର, ଶଙ୍ଖା ପିନ୍ଧୁଥିଲେ। ମନରେ ଟିକେ ବି ଦୁଃଖ ନ ଥିଲା। ସ୍ୱାମୀଙ୍କର ମୃତ୍ୟୁ ହୋଇଛି ବୋଲି ବୁଝାଇଲେ ସୁଦ୍ଧା ସେ ବୁଝିବାକୁ ଆଦୌ ରାଜି ହେଉ ନ ଥିଲେ। କିଛି ମାସ ପରେ ମହିଳାଙ୍କ ପରିବାର ଲୋକ ମୋ ପାଖକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ପ୍ରାୟ ୬/୭ ମାସର ଚିକିତ୍ସା କରାଯିବା ପରେ ମହିଳା ଜଣଙ୍କ ମାନସିକ ଭାବେ ସୁସ୍ଥ ହୋଇଥିଲେ। ଯେଉଁଦିନ ସୁସ୍ଥ ହୋଇ ମହିଳା ଜଣଙ୍କ ମୋ ଚାମ୍ବରକୁ ଆସିଥିଲେ, ମୁଁ ଭାବି ନ ଥିଲି ଏପରି କିଛି ଘଟଣା ଘଟିବ ବୋଲି। ଚାମ୍ବରକୁ ଆସିବା ମାତ୍ରେ ସେ ଖୁବ୍ ଜୋରରେ କାନ୍ଦିଥିଲେ। ଏହାସହ ମନକୁ ଯାହା ଆସିଲା ତାକୁ ନେଇ ମୋତେ ଗାଳି ଦେଇଥିଲେ। ସେ ଏମିତି କିଛି କଥା କହିଲେ, ଯାହାର ଉତ୍ତର ମୋ ପାଖରେ ନ ଥିଲା। ମହିଳା ଜଣଙ୍କ କହିଥିଲେ ଯେ, ଆପଣଙ୍କ ଯୋଗୁ ଏବେ ମୁଁ ସାରା ଜୀବନ ଦୁଃଖରେ ରହିବି। ମୁଁ କିଛି ମାସ ହେବ ଖୁସିରେ ଥିଲି। ସ୍ୱାମୀ ମୋ ସାଥିରେ ସବୁବେଳେ ଅଛନ୍ତି ବୋଲି ମୋ ମନରେ ଥିଲା। 'ଆପଣଙ୍କ ଯୋଗୁଁ ଏବେ ମୋତେ ସବୁଦିନ କାନ୍ଦିବାକୁ ପଡୁଛି' ବୋଲି ମହିଳାଙ୍କ ଗାଳିମିଶା କିଛି ଅନ୍ତରର କଥା ମୋତେ କନ୍ଦାଇ ଦେଇଥିଲା। ଏହି ଦିନକୁ କେବେ ବି ଭୁଲି ପାରିବିନି।

– କୁମାରଶ୍ରୀ ସାହୁ

# ଆମ ବସ୍ତି ତଳିପଡ଼ା

ତଳିପଡ଼ା। ବରଗଡ଼ ସହର ଭିତରେ ଥିବା ଏହି ପୁରାତନ ବସ୍ତିରେ ଏବେ ବି ଗାଉଁଲି ପରିବେଶ ଭରି ରହିଛି । ପଡ଼ା ନିକଟରେ ବହିଯାଇଛି ଜିରାନଦୀ। ତଳିପଡ଼ା କେବେଠାରୁ ଗଢ଼ି ଉଠିଲା, ସେ ନେଇ କିଛି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। ତଥାପି ସହରର ସର୍ବପୁରାତନ ବସ୍ତି ବୋଲି ଜନଶ୍ରୁତି କହେ । ସହରର ତଳି ଅଞ୍ଚଳରେ ରହିଥିବା ଯୋଗୁ ଏହି ପଡ଼ାର ନାମ ତଳିପଡ଼ା। ଜନସଂଖ୍ୟା ୨୫ହଜାରରୁ ଊର୍ଦ୍ଧ୍ୱ ।

କଳା, ସଂସ୍କୃତି ଭଳି ନାନାଦି ବିଭବକୁ ନେଇ ଗଢ଼ି ଉଠିଥିବା ଏହି ପଡ଼ାରୁ ହିଁ ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପରିକଳ୍ପନା ଆରମ୍ଭ ହୋଇଥିବା ସ୍ଥାନୀୟ ଲୋକେ କୁହନ୍ତି। ଏହି ପଡ଼ାରେ ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ସମେତ ନୃସିଂହ ମନ୍ଦିର, ରାମଜୀ ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ଦୁର୍ଗା ମନ୍ଦିର, ବାବାମଠ, ଶିବ ମନ୍ଦିର ଏବଂ ସମଲେଶ୍ୱରୀଙ୍କ ପାର୍ଶ୍ୱଦେବୀ ଭାବେ ଘୋଡ଼ାଦାନୀ ଦେବୀଙ୍କ ମନ୍ଦିର ରହିଛି। ଏଠାକାର ରଥଯାତ୍ରା(ବାହୁଡ଼ା) ଏବଂ ଚୈତ୍ର ମାସ ମଙ୍ଗଳବାରରେ ମା'ସମଲେଶ୍ୱରୀ ଦେବୀଙ୍କ ସ୍ୱରୂପ ନିମ୍ବଡ଼ାଳର ସହର ପରିକ୍ରମା ଏକ ନିଆରା ପରମ୍ପରା । ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ସବୁଠି ମହାପ୍ରଭୁଙ୍କ ବାହୁଡ଼ା ସମ୍ପନ୍ନ ହୁଏ । କିନ୍ତୁ ତଳିପଡ଼ାରେ ଏକାଦଶୀ ତିଥିରେ ବାହୁଡ଼ା ଯାତ୍ରା ହେଉଥିବା ଯୋଗୁ ସାରା ସହରରେ ସେହିଦିନ ହିଁ ତାହା ସମ୍ପନ୍ନ ହୋଇଥାଏ। ଦଶମୀ ତିଥିରେ ଜଣେ ପୂର୍ବପୁରୁଷଙ୍କ ଦେହାନ୍ତ ହେବା ପରଠାରୁ ସେହି ପରମ୍ପରା ଆରମ୍ଭ ହୋଇଥିବା ସ୍ଥାନୀୟ ଲୋକେ କହନ୍ତି । ସେହିପରି ପ୍ରତିବର୍ଷ ଚୈତ୍ରମାସ ମଙ୍ଗଳବାରରେ ସମଲେଶ୍ୱରୀ ମନ୍ଦିରରୁ ଦେବୀଙ୍କ ସ୍ୱରୂପ ନିମ୍ବଡ଼ାଳକୁ ପୂଜାର୍ଚ୍ଚନା ପରେ ସହର ପରିକ୍ରମା କରାଯାଏ । ଘରେ ଘରେ ସେହି ଡାଳକୁ ପୂଜାର୍ଚ୍ଚନା କରାଯାଏ। ସେଭଳି କଲେ ବିଭିନ୍ନ ରୋଗବ୍ୟାଧିରୁ ମୁକ୍ତି ମିଳେ ବୋଲି ଲୋକଙ୍କ ବିଶ୍ୱାସ ରହିଛି ।

ତଳିପଡ଼ାରେ ଏକ ନାଟ ପାର୍ଟି ଥିଲା ଏବଂ ସେହି ନାଟ୍ୟାନୁଷ୍ଠାନର କଳାକାରଙ୍କ ମଞ୍ଚସ୍ଥ ନାଟକ 'ଦେଶ ଆମର, ଦୋଷ କାହାର' ସର୍ବଭାରତୀୟସ୍ତରରେ ପୁରସ୍କୃତ ହୋଇଥିଲା। ସହରର ପ୍ରଥମ କଳା ବିକାଶ କେନ୍ଦ୍ର ଏଠାରେ ରହିଥିଲା। ସମ୍ବଲପୁରୀ, ଓଡ଼ିଶୀ ଆଦି ନୃତ୍ୟ ପ୍ରଶିକ୍ଷଣ ନେଇ ସ୍ଥାନୀୟ କଳାକାରମାନେ ତଳିପଡ଼ା ଭଳି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ନିଜର କଳା ଦେଖାଇ ପାରୁଥିଲେ।

ସ୍ୱାଧୀନତା ସଂଗ୍ରାମରେ ମଧ୍ୟ ତଳିପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି । ତଳିପଡ଼ା ନିକଟ ବାଲିଟିକ୍ରାର ଫକୀର ବେହେରା ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଉଥିଲେ। ବାଲିଟିକ୍ରାକୁ ସ୍ୱାଧୀନତା ସଂଗ୍ରାମୀମାନେ ଆସି ରଣନୀତି ପ୍ରସ୍ତୁତ କରୁଥିଲେ ବୋଲି ସ୍ଥାନୀୟ ଅଞ୍ଚଳର ବର୍ଷିୟାନ ନାଗରିକମାନେ କୁହନ୍ତି । ହେଲେ ଦୁଃଖର କଥା ସ୍ୱାଧୀନତା ସଂଗ୍ରାମୀ ବେହେରାଙ୍କ ସ୍ମୃତି ରକ୍ଷା ପାଇଁ ଏ ପର୍ଯ୍ୟନ୍ତ ସ୍ମାରକୀଟିଏ ନିର୍ମାଣ ହୋଇପାରିନାହିଁ।

### ଆମ ପଡ଼ାରେ ଅଛି

କ୍ଲବ–ସମଲେଶ୍ୱରୀ ସଂଘ, ବୀର ବଜରଙ୍ଗବଲୀ କ୍ଲବ, ରାମଜୀ ମନ୍ଦିର ସାଂସ୍କୃତିକ ଅନୁଷ୍ଠାନ।

ଜଳାଶୟ–ନୀଳିବନ୍ଧ, ପୂର୍ଣ୍ଣବନ୍ଧ, ମଝଲି ବନ୍ଧ, ଦୋରାବନ୍ଧ, ବାହାବଲ ବନ୍ଧ।

ବିଦ୍ୟାଳୟ–ବସ୍ତି ଉଚ୍ଚ ପ୍ରାଥମିକ ସ୍କୁଲ, ସମଲେଶ୍ୱରୀ ଉଚ୍ଚ ପ୍ରାଥମିକ ସ୍କୁଲ, ଦାଶପଡ଼ା ଉଚ୍ଚ ପ୍ରାଥମିକ ସ୍କୁଲ, ବାଲିଟିକ୍ରା ଉଚ୍ଚ ପ୍ରାଥମିକ ସ୍କୁଲ, ଶିଶୁ ବିଦ୍ୟାମନ୍ଦିର ।

ରିପୋର୍ଟ–ପ୍ରେମାନନ୍ଦ ଖମାରୀ

## ଯେଉଁଠି ହୋଇଥିଲା ଧନୁଯାତ୍ରାର ପରିକଳ୍ପନା


ତଳିପଡ଼ାର ବାଲୁଙ୍କେଶ୍ୱର ମନ୍ଦିର

### ବସ୍ତି ବାସିନ୍ଦା ଯାହା କୁହନ୍ତି...


ଆମ ପଡ଼ା କଳା, ସଂସ୍କୃତିର ମୁଖ୍ୟସ୍ଥଳୀ କହିଲେ ଭୁଲ ହେବ ନାହିଁ । –ଜୟପ୍ରକାଶ ଦାଶ


ଏହି ପଡ଼ାରେ ମୋର ଜନ୍ମ । ପଡ଼ାବାସୀ ଏକଜୁଟ୍ ହୋଇ ସବୁକାମ କରନ୍ତି । ଭାଇଚାରା ଏହି ପଡାର ନିଦର୍ଶନ। –ସୁରୁ ସାହୁ


ଆମ ପଡ଼ାରେ ସେଭଳି କିଛି ଗଣ୍ଡଗୋଳ ଘଟେ ନାହିଁ । ଯଦିବା କେବେ ସେଭଳି ପରିସ୍ଥିତି ଉପୁଜିଲା, ଆମେ ପଡ଼ାବାସୀ ତା'ର ମୀମାଂସା କରିବାକୁ ଚେଷ୍ଟା କରିଥାଉ । –ପ୍ରଶାନ୍ତ ମହାପାତ୍ର


ପୂର୍ବରୁ ପଡ଼ାବାସୀ ଗୋଟିଏ ପରିବାର ଭଳି ଚଳୁଥିଲେ। ହେଲେ ଏବେ ତାହା ପୂର୍ବାପେକ୍ଷା ଲୋପ ପାଇବାକୁ ବସିଛି । –ଦେବତା ଦେବୀ ତ୍ରିପାଠୀ ଶର୍ମା

# ଦିନକୁ ତିନିଥର ଉଷୁମ ପାଣି ପିଏ

## ଫିଟ୍‌ନେସ୍


ଶୋଭନା ମିଶ୍ର

ଶୋଭନା ମିଶ୍ର। ଟେଲି ଜଗତରେ ଜଣେ ସୁପରିଚିତ ନାଁ। ଟେଲିଭିଜନରେ ପ୍ରସାରିତ ବିଭିନ୍ନ କାର୍ଯ୍ୟକ୍ରମରେ ଆଙ୍କରିଂ କରନ୍ତି। ନିଜ କଥାର ଯାଦୁରେ ସେ ଦୀର୍ଘ ସମୟ ଧରି ଦର୍ଶକଙ୍କୁ କାର୍ଯ୍ୟକ୍ରମ ଦେଖିବା ପାଇଁ ବାଧ କରିଥାନ୍ତି। ସେ ଦେଖିବାକୁ ଯେମିତି ଚୁଲବୁଲି ତାଙ୍କ ଉପସ୍ଥାପନା ମଧ ସେମିତି ରୋମାଞ୍ଚକର।

କମ୍ ବୟସରେ ଶୋଭନା ଆଙ୍କରିଂ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ତେବେ ବ୍ୟସ୍ତତା ଜୀବନରେ ସେ ନିଜର ସ୍ୱାସ୍ଥ୍ୟ ପ୍ରତି କେବେ ହେଲେ ଅବହେଳା କରନ୍ତି ନାହିଁ। ପ୍ରଥମେ ପ୍ରଥମେ ଯଦିଓ ଶୁଟିଂ କାମ ମଧ୍ୟରେ ନିଜ ଶରୀର ପ୍ରତି ଧ୍ୟାନ ଦେଇପାରୁନଥିଲେ। କିନ୍ତୁ ଏବେ ସେ କେମିତି ଫିଟ୍ ରହିବେ ସେଥିପାଇଁ ସବୁବେଳେ ପ୍ରୟାସ କରୁଛନ୍ତି। ପ୍ରତିଦିନ ସକାଳୁ ଉଠିଲେ ଏକ କପି ମଗ୍ ଉଷୁମ ପାଣି ପିଅନ୍ତି। ଏହାପରେ ବ୍ରେକ୍‌ଫାଷ୍ଟରେ କେକ୍ ଓ କିଛି ମିଠା ସହିତ ଲୁଣିଆ ଖାଦ୍ୟ ଖାଇଥାନ୍ତି। ଲଞ୍ଚରେ ଅଳ୍ପ ଭାତ ସହିତ ଅଧିକ ଗ୍ରିନ୍ ଭେଜିଟେବୁଲରେ ପ୍ରସ୍ତୁତ ତରକାରୀ ଅଧିକ ଖାଆନ୍ତି। ଏହା ସହିତ ସାଲାଡ୍ ଖାଇବାକୁ ସେ ଭୁଲନ୍ତି ନାହାନ୍ତି। ଖାଇବାର ଅଧଘଣ୍ଟା ପରେ ପୁଣି ଥରେ ଉଷୁମ ପାଣି ପିଅନ୍ତି। ସେହିପରି ଡିନର୍‌ରେ ଗୋଟିଏ ରୋଟି ସହିତ ଅଧିକ ତରକାରୀ ଖାଆନ୍ତି।

ଶୋଭନା ରାତିରେ ଶୋଇବାର ୧୫ମିନିଟ୍ ପୂର୍ବରୁ ଉଷୁମ ପାଣି ପିଅନ୍ତି। ଉଷୁମ ପାଣି ପିଇଲେ ସ୍କିନ୍ ଗ୍ଲୋଜ୍ କରିବା ସହିତ ମୋଟାପଣକୁ ଦୂରେଇ ରଖିଥାଏ। ତେଣୁ ସେ ଦିନକୁ ତିନିଥର ଉଷୁମ ପାଣି ପିଇଥାନ୍ତି ବୋଲି ଶୋଭନା କୁହନ୍ତି। ତାଙ୍କ ମତରେ ଉଷୁମ ପାଣି ପିଇଲେ ବ୍ରେନ୍ ସକ୍ରିୟ ରହିବ। ତେଲମସଲା ଖାଦ୍ୟଠାରୁ ସେ ଦୂରେଇ ରୁହନ୍ତି। ଆଉ ସବୁବେଳେ ଘରୋଇ ଖାଦ୍ୟକୁ ପସନ୍ଦ କରନ୍ତି। ଜଣେ ସେଲିବ୍ରିଟି ବୋଲି ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବାକୁ ହେଲେ ଫିଟ୍ ରହିବା ଜରୁରୀ। ବିଶେଷ କରି ମହିଳାମାନେ ନିଜେ ଫିଟ୍ ରହିବା ଆବଶ୍ୟକ ବୋଲି ଶୋଭନା କୁହନ୍ତି।

ଅସମାପିକା ସାହୁ

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


ସଲ୍‌ମା


ସ୍ୱାଗତ


ମିଠି


ପ୍ରଶାନ୍ତ


ପ୍ରଭାକର


ଦ୍ୱିଜରାମ



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



# ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ପୁରସ୍କାର, ଷ୍ଟାର ର୍ୟାଙ୍କିଙ୍ଗ୍

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଏଣିକି ସ୍ୱଚ୍ଛ ବିଦ୍ୟାଳୟକୁ ମିଳିବ ପୁରସ୍କାର। ପିଲାଙ୍କୁ ଛାତ୍ରଜୀବନରୁ ସ୍ୱଚ୍ଛତା ପାଇଁ ସଚେତନ କରାଇବା ଏବଂ ବିଦ୍ୟାଳୟରେ ସ୍ୱଚ୍ଛ ପରିବେଶ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ଏନେଇ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଦେବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ଏକ ଆପ୍ ଲୋକାର୍ପିତ କରିଛନ୍ତି।

ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ ଏଥିରେ ସାମିଲ ହେବେ। ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ହେବ। ଆପ୍ ମାଧମରେ ବିଦ୍ୟାଳୟଗୁଡ଼ିକ ସ୍ୱେଚ୍ଛାକୃତ ଭାବେ ପଞ୍ଜୀକୃତ କରିପାରିବେ। ସ୍ୱଚ୍ଛ ବିଦ୍ୟାଳୟଗୁଡ଼ିକ ପାଇଁ ପୁରସ୍କାର ରାଶି ସହ ତାରକା ମାର୍କିଂ ବ୍ୟବସ୍ଥା ମଧ୍ୟ ରହିଛି। ଅକ୍ଟୋବର ୧୪ ମଧ୍ୟରେ ସମସ୍ତ ବିଦ୍ୟାଳୟଗୁଡ଼ିକ ପୁରସ୍କାର ପାଇଁ ପଞ୍ଜୀକରଣ କରିପାରିବେ। ଅକ୍ଟୋବର ୧୫ରୁ ୩୧ତାରିଖ ପର୍ଯ୍ୟନ୍ତ ଆବେଦନ ପତ୍ର ଯାଞ୍ଚ ହେବ। ନଭେମ୍ବର ୧ରୁ ୧୦ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା କରାଯିବ। ବ୍ଲକସ୍ତରରେ ୧୨୫୬, ଜିଲାସ୍ତରରେ ୨୪୦, ରାଜ୍ୟସ୍ତରରେ ୪୦ ସ୍କୁଲକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ମିଳିବ। ସ୍ୱଚ୍ଛ ବିଦ୍ୟାଳୟଗୁଡ଼ିକୁ ବ୍ଲକସ୍ତରରେ ୨ହଜାର, ଜିଲାସ୍ତରରେ ୫ହଜାର ଏବଂ ରାଜ୍ୟସ୍ତରରେ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ।

ଅନ୍ୟପଟେ ୯୦ରୁ ୧୦୦% ସ୍ୱଚ୍ଛ ବିଦ୍ୟାଳୟଗୁଡ଼ିକୁ ୫ଷ୍ଟାର୍ ର୍ୟାଙ୍କିଙ୍ଗ୍ ମିଳିବ। ଅର୍ଥାତ୍ ଏହି ବିଦ୍ୟାଳୟଗୁଡ଼ିକ ଉତ୍କୃଷ୍ଟ ବୋଲି ବିବେଚନା କରାଯିବ। ୭୦ ରୁ ୮୯% ସ୍ୱଚ୍ଛ ଥିଲେ ବିଦ୍ୟାଳୟଗୁଡ଼ିକୁ ୪ଷ୍ଟାର୍ ମିଳିବ ଏବଂ ଏହି ବିଦ୍ୟାଳୟଗୁଡ଼ିକ ଭଲ ଏବଂ ଆହୁରି ସ୍ୱଚ୍ଛ କରାଯାଇପାରେ ବୋଲି କୁହାଯିବ। ଅନ୍ୟପଟେ ୫୧ରୁ ୬୯%କୁ ୩ଷ୍ଟାର୍ ର୍ୟାଙ୍କିଙ୍ଗ୍ କରାଯିବ। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟ ଭଲ ଅଛି, ଆଉ ଅଧିକ ଭଲ କରାଯାଇପାରିବ। ୩୫ରୁ ୫୦% ସ୍ୱଚ୍ଛ ବିଦ୍ୟାଳୟକୁ ୨ଷ୍ଟାର୍ ଦିଆଯିବ ଏବଂ ଏହି ବିଦ୍ୟାଳୟଗୁଡ଼ିକ ଅଧିକ ଉନ୍ନତି ଦରକାର। ୩୫%ରୁ କମ୍ ସ୍ୱଚ୍ଛତା ପାଇଁ ୧ଷ୍ଟାର୍ ବା ଖରାପ ବୋଲି ବିଚାର କରାଯିବ।

ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଓଡ଼ିଶା ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର-୨୦୧୯ ଅଭିଯାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଦାଶ କହିଲେ, ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନରେ ଯେଉଁ ବିଦ୍ୟାଳୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବେ ସେମାନଙ୍କୁ ସମ୍ମାନିତ କରିବା ଏହି ପୁରସ୍କାରର ଲକ୍ଷ୍ୟ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମୁଗମ୍, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ଓ ନିଲେସନ୍, ସ୍ୱଚ୍ଛ ବିଶେଷଜ୍ଞ ଆଇସିଓ ପ୍ରତିଭା ସିଂ ପ୍ରମୁଖ ଉକ୍ତ ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ଶୁଭାରମ୍ଭ ଅବସରରେ ଯୋଗଦେଇଥିଲେ।



ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନର ଶୁଭାରମ୍ଭ ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

- ଅକ୍ଟୋବର ୧୪ ମଧ୍ୟରେ ପଞ୍ଜୀକରଣ
- ୧୫ରୁ ୩୧ ପର୍ଯ୍ୟନ୍ତ ଆବେଦନ ପତ୍ର ଯାଞ୍ଚ
- ନଭେମ୍ବର ୧ରୁ ୧୦ ମଧ୍ୟରେ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା

## ■ ଛେନାଝିଲ୍ଲି ପାଇଁ ଜିଆଇ ଟ୍ୟାଗ୍
# ପ୍ରକ୍ରିୟା ଆରମ୍ଭ କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୫।୯(ବ୍ୟୁରୋ)



ଓଡ଼ିଶାର ରସଗୋଲାକୁ ଭୌଗୋଳିକ ସଙ୍କେତ ବା ଜିଓଗ୍ରାଫିକାଲ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମିଳିବା ପରେ ଏବେ ନିମାପଡ଼ା ପ୍ରସିଦ୍ଧ ଛେନାଝିଲ୍ଲିକୁ ଜିଆଇ ଟ୍ୟାଗ୍ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଆବେଦନ ପ୍ରକ୍ରିୟାରେ ବିଳମ୍ବ ଯୋଗୁ ଗତଥର ରସଗୋଲାର ଜିଆଇ ଟ୍ୟାଗ୍ ଓଡ଼ିଶା ହାତରୁ ପଶ୍ଚିମବଙ୍ଗ ହାତକୁ ଚାଲିଯାଇଥିବାରୁ ଏଥର ଆଉ ଆବେଦନ ପ୍ରକ୍ରିୟାରେ କୌଣସି ପ୍ରକାର ହେଳା ନ କରିବାକୁ ସ୍ଥିର ହୋଇଛି। ରାଜ୍ୟ ଏବଂ ରାଜ୍ୟ ବାହାରେ ନିମାପଡ଼ା ଛେନାଝିଲ୍ଲିର ବିଶେଷ ଲୋକପ୍ରିୟତା ରହିଥିବାରୁ ଓଡ଼ିଶା ଏମ୍ଏସ୍ଏମ୍ଇ ବିଭାଗ ଜିଆଇ ମାନ୍ୟତା ପାଇଁ ଆବେଦନ କରିବାକୁ ପ୍ରାରମ୍ଭିକ ସର୍ଭେ ଆରମ୍ଭ କରିଛି। ପୁରୀ ଜିଲାର ନିମାପଡ଼ାରୁ ଛେନାଝିଲ୍ଲି ସୃଷ୍ଟି ହୋଇଥିବାବେଳେ ସର୍ଭେ ପାଇଁ ଏଠାକୁ ଏକ ୩ଜଣିଆ ଟିମ୍ ପଠାଯାଇଛି। ମଙ୍ଗଳବାର ଏହି ଟିମ୍ ନିମାପଡ଼ାର ବିଭିନ୍ନ ଅଞ୍ଚଳ ବୁଲି ଛେନାଝିଲ୍ଲିର ଉତ୍ପତ୍ତିସ୍ଥଳ ଏବଂ ଇତିହାସ ସମ୍ପର୍କରେ ପଚାରି ବୁଝିଥିଲେ। ନିମାପଡ଼ା ବଜାରରେ ଥିବା ମିଠା ଦୋକାନୀଙ୍କ ସହ ଆଲୋଚନା କରିବାସହ ସେମାନଙ୍କଠାରୁ ଛେନାଝିଲ୍ଲୀର ମୂଳ ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଟିମ୍ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଦାଖଲ କରିବା ପରେ ଜିଆଇ ଟ୍ୟାଗ୍ ଆବେଦନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ମିଳିଛି।




# ୩୦ରୁ ବିଦ୍ୟୁତ୍ କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ବିଦ୍ୟୁତ୍ ବିଭାଗରେ ସଂସ୍କାର ପାଇଁ ଆମୁଳଚୁଳ ପରିବର୍ତ୍ତନ କରାଯିବାର ୨୪ ବର୍ଷ ପୂରିଲା। ହେଲେ କର୍ମଚାରୀଙ୍କ ପାଇଁ ସର୍ଭିସ ରେଗୁଲେଶନ ହୋଇପାରିଲା ନାହିଁ। ସର୍ଭିସ ରେଗୁଲେଶନ ନ ଥିବାରୁ କର୍ମଚାରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଇଟିଆଇ ତାଲିମପ୍ରାପ୍ତ ବିଦ୍ୟାର୍ଥୀ କୁଶଳୀ ଶ୍ରେଣୀରେ ଗଣା ଯାଉଥିବା ବେଳେ ଓପିଟିସିଏଲ୍‌ରେ ଆଇଟିଆଇ ତାଲିମପ୍ରାପ୍ତ କର୍ମଚାରୀମାନେ ଦୀର୍ଘ ସାତବର୍ଷ ହେବ ଅର୍ଦ୍ଧକୁଶଳୀ ଶ୍ରେଣୀରେ ବିନା ପଦୋନ୍ନତିରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ ୫ଟି ନୀତିକୁ ଓପିଟିସିଏଲ୍ କର୍ତ୍ତୃପକ୍ଷ ବାରମ୍ବାର ଉଲ୍ଲଂଘନ କରୁଛନ୍ତି। ପ୍ରତିବାଦରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ କର୍ମକର୍ତ୍ତା ଆସନ୍ତା ୩୦ ତାରିଖରୁ ଓପିଟିସିଏଲ୍ ମୁଖ୍ୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଗଣଧାରଣା ଦେବେ। ମହାସଂଘର କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ଭୋଇ ଏବଂ ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା ବୁଧବାର ଏକ ପ୍ରେସ୍ ବିବୃତ୍ତିରେ ଏହା ଜଣାଇଛନ୍ତି।




ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।





**Ex-showroom price – Odisha. Accessories shown in the ad may not be a part of the standard equipment. #Finance at the sole discretion of the financier and offers cannot be clubbed together. ^5 year warranty without any additional charges. *Based on Ex-Showroom prices & mileage data as per WMTC in scooter category. T&C apply.

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com: Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732 Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417.



ଆଜିର କର୍ତ୍ତବ୍ୟ ଯଦି ସମ୍ପାଦନ କର, କାଲିର କର୍ତ୍ତବ୍ୟ ତୁମ ଆଗରେ ସ୍ପଷ୍ଟ ହୋଇ ଉଠିବ।

-ଟମାସ କାର୍ଲାଇଲ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


କୌସ୍ତୁଭ
ପରିବାରବର୍ଗ


ପ୍ରଭଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚଳିତବର୍ଷ ୩୫ ହଜାର ବସ୍ତିବାସିନ୍ଦାଙ୍କୁ ମିଳିବ ଜମି ପଟ୍ଟା

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ରାଜ୍ୟ ସରକାର ଜାଗା ମିଶନ ଆରମ୍ଭ କରିଛନ୍ତି। ୨୦୧୭ ଅକ୍ଟୋବର ୧୬ ପୂର୍ବରୁ ଏନ୍‌ଏସି ଏବଂ ମ୍ୟୁନିସିପାଲିଟି ଗୁଡ଼ିକରେ ରହୁଥିବା ବସ୍ତି ଲୋକଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରାଯାଉଛି। ୧୦୯ଟି ପୌରାଞ୍ଚଳରେ ଜାଗା ମିଶନ କାର୍ଯ୍ୟକାରୀ ହେଉଛି। ମ୍ୟୁନିସିପାଲିଟିଗୁଡ଼ିକରେ ବସ୍ତି ଲୋକଙ୍କୁ ୪୮୯ ବର୍ଗଫୁଟ, ଏନ୍‌ଏସି ଅଞ୍ଚଳରେ ୬୪୬ ବର୍ଗଫୁଟର ସ୍ଥାୟୀ ଜମି ପଟ୍ଟା ଯୋଗାଇ ଦିଆଯାଉଛି। ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେଲେ ୩୨୩ ବର୍ଗଫୁଟ ଜାଗା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହି ମିଶନ ପ୍ରଥମେ ପୁରୀ ମ୍ୟୁନିସିପାଲିଟିରୁ ଆରମ୍ଭ ହୋଇଥିଲା। ୨୦୧୮ରେ ଜାଗା ମିଶନ ମାଧ୍ୟମରେ ୧୦୯ଟି ପୌରାଞ୍ଚଳର ୫୦ହଜାର ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଇଛି। ଚଳିତବର୍ଷ ୩୫ ହଜାର ଜମି ପଟ୍ଟା ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଏବଂ ରାଉରକେଲା ଆଦି ୫ ମହାନଗର ନିଗମକୁ ଛାଡ଼ି ସମସ୍ତ ପୌରାଞ୍ଚଳରେ ୨ ଲକ୍ଷ ଲୋକଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯିବ। ବସ୍ତି ଉନ୍ନୟନ ଏଜେନ୍ସି ଏବଂ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ନେଇ ଗଠନ କରାଯାଇଥିବା ୱାର୍ଡ କମିଟି ଜରିଆରେ ହିତାଧିକାରୀ ଚୟନ କରାଯାଇ ଜମି ଯୋଗାଇ ଦିଆଯାଉଛି। ସହରାଞ୍ଚଳରେ ବାସ କରୁଥିବା ୭୦ ଲକ୍ଷ ଲୋକଙ୍କ ମଧ୍ୟରୁ ୨୬ ପ୍ରତିଶତ ରାଜ୍ୟର ସହରାଞ୍ଚଳରେ ଥିବା ୩ ହଜାର ବସ୍ତିରେ ରହୁଛନ୍ତି। ଭୁବନେଶ୍ୱରରେ ୪୯୨ ବସ୍ତି ରହିଥିବାବେଳେ କଟକରେ ୨୧୧ଟି ବସ୍ତି ରହିଛି। ବସ୍ତି ଅଞ୍ଚଳର ପରିବେଶକୁ ସୁବ୍ୟବସ୍ଥିତ କରିବାକୁ ଖୋଲା ଜାଗା ପରିଚାଳନା (ଓପନ ସ୍ପେସ ମ୍ୟାନେଜମେଣ୍ଟ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନଗର ନିଗମର ଈଶାନେଶ୍ୱର ଏବଂ ସାଲିଆସାହି ବସ୍ତିରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ସମସ୍ତ ସହରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ କହିଛନ୍ତି।

## ବର୍ଷାରେ ସାରା ରାଜ୍ୟ ଜଳାର୍ଣ୍ଣବ

# ୬ ନଦୀରେ ଉଛୁଳୁଛି ବନ୍ୟାଜଳ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ସାରା ରାଜ୍ୟରେ ବର୍ଷା ଲାଗି ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ୧୦୦ ମିମିରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। କେତେବେଳେ ଝିପିଝିପି ତ ଆଉ କେତେବେଳେ ତୁହାକୁ ତୁହା ବର୍ଷୁଛି। ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇ ରହିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଦୋକାନ, ବଜାରରେ ବ୍ୟବସାୟ ମାନ୍ଦା ରହିଥିବାବେଳେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ଯୋଗୁ ବୁଧବାର ଗଞ୍ଜାମ ଓ ଗଜପତି ଜିଲାର ସମସ୍ତ ସ୍କୁଲ କଲେଜକୁ ଜିଲା ପ୍ରଶାସନ ଛୁଟି ଘୋଷଣା କରିଥିଲେ। ବିଳମ୍ବରେ ଖବର ମିଳିବାବେଳକୁ ପିଲାମାନେ ଓଦା ହୋଇ ସ୍କୁଲକୁ ଯାଉଥିବା ଦେଖାଯାଇଥିଲା। ମୁଷଳ ଧାରାରେ ବର୍ଷା ହେବା ଯୋଗୁ ସହରାଞ୍ଚଳର ବିଭିନ୍ନ ଖାଲୁଆ ସ୍ଥାନରେ ଦୀର୍ଘ ସମୟ ଧରି ପାଣି ରହିଥିଲା। ଜଳ ନିଷ୍କାସନ ହୋଇ ନ ପାରିବାରୁ କଟକ, ଭୁବନେଶ୍ୱର, ପୁରୀ ଆଦି ସହରର କିଛି ସ୍ଥାନରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁ ରାଜ୍ୟର ୫ ପ୍ରମୁଖ ନଦୀ ଫୁଲିବାରେ ଲାଗିଛି। ବନ୍ୟାଜଳ କ୍ରମଶଃ ଉଛୁଳୁଛି। ଜଳ ସମ୍ପଦ ବିଭାଗର ସୂଚନା ଅନୁଯାୟୀ, ବ୍ରାହ୍ମଣୀ ନଦୀର ଜେନାପୁର ଓ ପାନପୋଷଠାରେ ବନ୍ୟା ଜଳ ବୃଦ୍ଧି ପାଉଛି। ସେହିଭଳି ବୈତରଣୀର ଚମ୍ପୁଆ, ଆନନ୍ଦପୁର, ସୁବର୍ଣ୍ଣରେଖାର ଜାମଶୋଳା ଓ ରାଜଘାଟ, ବୁଢ଼ାବଳଙ୍ଗ, ବଂଶଧାରା ଓ ଋଷିକୁଲ୍ୟା ନଦୀରେ ମଧ୍ୟ ବନ୍ୟା ଜଳସ୍ତର ବୃଦ୍ଧି ପାଇଛି। ତେବେ ବର୍ଷା ପରିମାଣ କମୁଥିବାରୁ ସେପରି ବନ୍ୟା ଆଶଙ୍କା ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଭୋଗରାଇରେ ୧୫୨.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ବାଲେଶ୍ୱର ୧୦୩.୬, ରଣପୁର ୧୨୯.୨, ଛତ୍ରପୁର ୧୦୭.୨, କଟକ ୧୦୭, ଭୁବନେଶ୍ୱର ୧୨୬, ଟାଙ୍ଗୀ ୯୮.୨, ଚାନ୍ଦବାଲି ୪୨.୧, ପାରାଦୀପ ୬୬.୪, ଗୋପାଳପୁର ୯୦.୬, ପୁରୀ ୫୦.୧, ବାରିପଦା ୪୯, ଝାରସୁଗୁଡ଼ା ୫୦.୯, କେନ୍ଦୁଝର ୪୫, କେନ୍ଦ୍ରାପଡ଼ା ୬୨, ପଟ୍ଟାମୁଣ୍ଡାଇ ୮୫, ଭଞ୍ଜନଗର ୯୧, ଭୋଗରାଇ ୧୫୨.୩, ଯାଜପୁର ୭୦.୮, ସୋର ୫୩, ନିମାପଡ଼ା ୯୭.୨, ବାଣପୁର ୮୬, ବାଙ୍କୀରେ ୭୦.୩, ଖଣ୍ଡପଡ଼ା ୭୫.୬ ମିମି ବର୍ଷା ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ଓ କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ବରଗଡ଼, ବଲାଙ୍ଗୀର, କେନ୍ଦୁଝର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଗଞ୍ଜାମ, ଗଜପତି,ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ ଆଦି ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ଆସନ୍ତା ୨୯ ତାରିଖ ଯାଏ ଦକ୍ଷିଣ, ପଶ୍ଚିମ ଏବଂ ଉପକୂଳ ଓଡ଼ିଶାର ଅଧିକାଂଶ ଜିଲାରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

### ୨୯ ଯାଏ ହାଲ୍‌କା ବର୍ଷା

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଭାବ ଦୂର ପାଇଁ ବନ୍ଧୁଙ୍କୁ ସାହାଯ୍ୟ କରିବା ସକାଶେ ଅନୁରୋଧ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ। ବିବାଦୀୟ ଘଟଣାଠାରୁ ଦୂରେଇ ରହିବା ଭଲ ହେବ।

**ବୃଷ**
ପୂର୍ବ ସ୍ଥିରୀକୃତ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ**
ପରିବାର ସଦସ୍ୟଙ୍କୁ ସନ୍ଦେହ କରି ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ**
ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାର ସୂଚନା ରହିଛି। ପିଲାମାନଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖା ପାଇ ମନ ହାଲୁକା କରିବେ।

**ସିଂହ**
କୌଣସି ନୂତନ କାର୍ଯ୍ୟେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**କନ୍ୟା**
କର୍ମକ୍ଷେତ୍ରରେ ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା**
ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ପାରିବାରିକ ପ୍ରତିରୋଧ ଚେଷ୍ଟା କରୁଥିବା କାମକୁ ବିଶୃଙ୍ଖଳିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ପାଖପଡ଼ୋଶୀ ଦେଖେଇଶିଖେଇ ବିଭିନ୍ନ ପ୍ରକାର କଥା କହିପାରନ୍ତି।

**ଧନୁ**
ପରିବାରର ଆବଶ୍ୟକତାକୁ ଉପଲବ୍ଧିକରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡ଼ା,ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ସାମାନ୍ୟ ଅଗ୍ରଗତି ଘଟିବ । ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସି ରହିବ।

**ମକର**
ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ। ବିରକ୍ତିବଶତଃ ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ**
କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ଆପଙ୍କର କୌଣସି ଅସୁବିଧା ହେବ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ସାମାନ୍ୟ ଶାରୀରିକ ଅସ୍ୱସ୍ତି ଅନୁଭବ କରିବେ। ଅଟକି ରହିଥିବା କାମଟି ବହୁଳାଂଶରେ ସମ୍ପୂର୍ଣ୍ଣ ହୋଇଯିବ। ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟା ସମାଧାନରେ ସଫଳ ହେବେ। ସନ୍ତାନଙ୍କ ଗୌରବରେ ନିଜକୁ ଗୌରବାନ୍ୱିତ ମନେକରିବେ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ସେପ୍ଟେମ୍ବର ୨୬ ତାରିଖ, ରାଶିନକ୍ଷତ୍ର-ମଘା/ସିଂହ, ତ୍ରୟୋଦଶୀର ଶ୍ରାଦ୍ଧ, ଦିବା ଘ୬।୧୬ମି. ମଧ୍ୟେ ଘ୧।୩୮ମି. ଗତେ, ଘ୩।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୪୧ମି. ଗତେ, ଘ୧।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୦୭ମି. ଗତେ ଘ୨।୩୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




### SALE

12nos of Tata Magic, 8nos Mahindra Maximo, 8nos Tata Winger & 40 seater Mahindra School bus latest model in excellent condition with brand new tyres for immediate sale. Contact: 8249319806. D-68009

Vehicle for sale as is where is basis: Alfa Passenger-OR02BG7389, Ape Cargo D600 PV- LD BS- III- OD19E5029, Ape City Passenger-CNG- OD02AU6101, OD33T9527, OD33U2520, OD02AH2917, Ape Piaggio Diesel AR 3str 150CC- OD33G2549, OD19B0956, OD14E1850, OD14M2406, Atul Gem Cargo-OD13E8259, Atul Gem Cargo XL-OD107307, Atul Gem Cargo- OD25E4066, OD11K1349, Atul Gem MCL- OD33F1621, Atul Gem Paxx 395CC- OD33H7997, OD10C1289, OD33F9984, OD33A7401, Atul Gem Paxx 395CC-OD14K7889, Atul Gem Premium-OD14J7942, Atul Gemini DZ-OD19J6747, Bajaj Re Optima Diesel-OD21D6408, Mahindra Alfa Champ Passenger Diesel- OD13E3471, OD13D9949, Piaggio Ape AR Diesel- OD29C2998, Piaggio Ape Auto D3S Passenger BS IV- OD25G2889, OD29D5523, Piaggio Ape Xtra LD BS IV- OD33Q6167, OD09L0997, OD14P3036, Piaggio Auto Rickshaw BS-III- OD02AN0037, OD02AC0394, Piaggio Xtra LD Pickup Van BS-III- OD09F4372, Contact: Indusind Bank Ltd (CFD), Mob: 9078076923. D-14512




### SALE

8000 sqft house hold land can be utilised for commercial purpose infront of CIFA, Puri NH side for immediate sale @ 1800/- sqft. Contact-9090912012. D-68010

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

Land measuring 16,000sqft (single plot) at Satya vihar housing colony, Rasulgarh with complete boundary wall for immediate sale @ 2,000/- sqft. Contact-9090912012. D-68011

**Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal-9238902929, 7992736330.** D-66789

### PURCHASE

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist: 8480939300. D-66966

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D-67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970




India's No.1 Packers-Leo Packers & Movers since 1975, Nationwide Network-9438133699. D-14426




ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

### LOST

I, Smt. Jayashree Pattnaik would like to inform you the general public that I have misplaced my original sale deed document bearing No. 5772 registered at Bhubaneswar Sub Registrar, if anyone finds it, kindly contact me at 8093359442 within 15days from the date of issue of this Ad. D-14511

### AFFIDAVIT

ମୁଁ ଆଦିକନ୍ଦ ସିଂ, ଅଲାଞ୍ଜୁରୀ, କନ୍ଧମାଳ ଜଣାଏ କି, ମୋର ପୁତ୍ରଙ୍କ ଜନ୍ମ ତାରିଖରେ ତ୍ରୁଟି ଅଛି। ଅତଏବ ଆମ୍ଭେ ICSE Board କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଛି, ଉକ୍ତ ତ୍ରୁଟିକୁ ନିମ୍ନପ୍ରଦତ୍ତ ଜନ୍ମତାରିଖ ଅନୁଯାୟୀ ସଂଶୋଧନ କଲେ ଆମ୍ଭେ ଚିରଋଣୀ ରହିବୁ। ଏହି ଜନ୍ମ ତାରିଖ Court Affidavit ରେ ଉଲ୍ଲେଖ ଅଛି। Anurag Swabhiman Singh- 19.10.2000 (Wrong), 04.04.2002 (Right). D-56651

ମୁଁ ଆଦିକନ୍ଦ ସିଂ, ଅଲାଞ୍ଜୁରୀ, କନ୍ଧମାଳ ଜଣାଏ କି, ମୋର ପୁତ୍ରଙ୍କ ଜନ୍ମ ତାରିଖରେ ତ୍ରୁଟି ଅଛି। ଅତଏବ ଆମ୍ଭେ ICSE Board କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଛି, ଉକ୍ତ ତ୍ରୁଟିକୁ ନିମ୍ନପ୍ରଦତ୍ତ ଜନ୍ମତାରିଖ ଅନୁଯାୟୀ ସଂଶୋଧନ କଲେ ଆମ୍ଭେ ଚିରଋଣୀ ରହିବୁ। ଏହି ଜନ୍ମ ତାରିଖ Court Affidavit ରେ ଉଲ୍ଲେଖ ଅଛି। Abhinab Amritraj Singh- 29.09.1998 (Wrong), 08.04.2001 (Right). D-56655

By virtue of an affidavit before the Executive Magistrate, Kantapada, Cuttack, I Monalisa Behera W/o-Tulu Behera changed my name Monalisa to Swagatika. Henceforth I shall be known as Swagatika Behera for all purpose. D- 14568

### ଜନ୍ମଦିନ ଶୁଭେଚ୍ଛା



ଆୟୁଷ୍ମାନ ଅମ୍ରିତ (ଗୁଡ୍ଡୁ)

ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗରେ ନିବେଦନ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା ସହ

ବାବା, ମାମା, ଜେଜେ, ଜେଜେମା', ଅଜା, ବାପା, ନାନୀ, ମଉସା, କବିତା ଆଣ୍ଟି, ପପୁ ଅଙ୍କଲ, ସୋମାଦିଦି, ରିମାଦିଦି, ମାମୁ, ମାଈଁ ଓ ପରିବାରବର୍ଗ।

ଧ-୧୪୫୧୩

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



ଜଗତ୍ ଜ୍ୟୋତି ବେହେରା

ପଟିଆ

ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ କି ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ

ଜେଜୀ, ବଡବାପା, ବଡମା', ବାବା, ମାମା ଓ ପରିବାରବର୍ଗ ।

ଧ-୧୪୫୧୪

### ଜନ୍ମଦିନ ଶୁଭେଚ୍ଛା



ଗୁଡୁଲ୍ (ଶ୍ୱେତା)

Unit.IX, Road-3, Bhubaneswar

ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମା' ତୋତେ ପଣତ କାନି ତଳେ ଘଣ୍ଟ ଘୋଡେଇ ରଖନ୍ତୁ, ନାରୋଗ ରଖନ୍ତୁ। ବିଦ୍ୟା, ବୁଦ୍ଧି ଦିଅନ୍ତୁ ଓ ଭଲ ମଣିଷଟିଏ କରନ୍ତୁ।

ଶୁଭେଚ୍ଛା ସହ ତୋର:

ଅଜା (ଧନ୍ତୁ), ଆଈ (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁନ୍ତୁ), ଗେହ୍ଲୁ ସାନଭାଇ (ଆଶୁ)

ଧ-୧୪୪୯୧

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


## କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନରେ ଅନିୟମିତତା ମାମଲା

# ବିଧାୟକ ସାଲୁଜାଙ୍କୁ ଜବାବ ତଲବ

କଟକ ଅଫିସ, ୨୫।୯

୨୦୧୯ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନରେ ଅନିୟମିତତା ହେବା ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କରି ବୁଧବାର ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ପକ୍ଷଭୁକ୍ତ ହୋଇଥିବା ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ଜବାବ ତଲବ କରିଛନ୍ତି। ଏଥିସହିତ ଭାରତୀୟ ନିର୍ବାଚନ ଅଧିକାରୀ, ରାଜ୍ୟ ନିର୍ବାଚନ କମିଶନଙ୍କୁ ଆସନ୍ତା ଅକ୍ଟୋବର ୧୮ତାରିଖ ସୁଦ୍ଧା ଜବାବ ରଖିବାକୁ ନୋଟିସ ଜାରି କରିଛନ୍ତି। ଅଜୟ କୁମାର ଦାଶଙ୍କ ଅଭିଯୋଗକୁ ବିଚାରକୁ ନେଇ ଅଦାଲତ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ପାଇଁ ୧ ଲକ୍ଷ ୮୨ ହଜାର ୪୧୧ ଜଣ ଭୋଟର ମତଦାନ କରିଥିଲେ। ମାତ୍ର ଭୋଟ୍ ଗଣନା ଦିନ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ପୋଲିଂ ଏବଂ ଗଣତି ପରେ ଯେଉଁ ଭୋଟ୍ ପରିସଂଖ୍ୟାନ ଆସିଛି, ଏଥିରେ ୮୬୬୬ ଖଣ୍ଡ ଭୋଟ୍‌ର ବ୍ୟବଧାନ ରହିଥିଲା। ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ନିର୍ବାଚନ ଫଳାଫଳ ଉପରେ ପ୍ରଭାବ ପଡ଼ିଛି। ଏଭଳି ତ୍ରୁଟିକୁ ନେଇ ଆବେଦନକାରୀ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏହି ଫଳାଫଳକୁ ଅସିଦ୍ଧ ଘୋଷଣା କରିବା ଲାଗି ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସଭାମଞ୍ଚରେ କର୍ମୀଙ୍କୁ ...

ତଥା ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର କେତେଜଣ ନେତା ଓ କର୍ମୀ ମଧ୍ୟ ବିଜେଡିରେ ସାମିଲ୍ ହେବାର କାର୍ଯ୍ୟକ୍ରମ ଥିଲା। ଏଥିରେ ଜିଲା ପ୍ରଭାରୀ ସ୍ୱାଇଁ ଅନ୍ୟ ଦଳର ନେତା ଓ କର୍ମୀଙ୍କୁ ବିଜେଡି ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରୁଥିଲେ। ସେ ଅନ୍ୟ ଦଳର ଯୁବନେତା ସଂଗ୍ରାମ କେଶରୀ ସାହୁଙ୍କୁ ଉତ୍ତରୀୟ ଦେବା ସମୟରେ ସଂଗ୍ରାମ ତାହାକୁ ବାହାର କରି ଏମ୍‌ପି ସାହୁଙ୍କୁ ଦେଇଥିଲେ ଏବଂ ତାଙ୍କ ହାତରୁ ସେ ତାହା ଗ୍ରହଣ କରିବା ପାଇଁ ଚାହିଁଥିଲେ। ଏଥିରେ ଏମ୍‌ପି ସାହୁ ରାଗିଯାଇ ଯୁବନେତା ସଂଗ୍ରାମଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ। ଏ ସମ୍ପର୍କରେ ସଂଗ୍ରାମ ପ୍ରତିକ୍ରିୟାରେ କହିଛନ୍ତି ଯେ, 'ଏମ୍‌ପି ଚାପୁଡ଼ା ମାରି ନ ଥିଲେ ବରଂ ସେପଟକୁ ଯାଅ ବୋଲି ଇଙ୍ଗିତ କରି ଥାପୁଡ଼ାଇଥିଲେ'। ଅନ୍ୟପକ୍ଷରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଏହି ଭିଡିଓଟିକୁ ଟୁଇଟ୍ କରିବା ସହ ବିଜେଡିକୁ କଡ଼ା ସମାଲୋଚନା କରିଛନ୍ତି। ଭୃଗୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କଥାକୁ ତାଙ୍କ ନିଜ ଦଳ ଏମ୍‌ପି ମାନୁନାହାନ୍ତି। ଏହିପରି ଔଦ୍ଧତ୍ୟ ଗ୍ରହଣୀୟ ନୁହେଁ। ରାଜନୀତିରେ ଦ୍ୱିମତ ଥାଇପାରେ ହେଲେ ସର୍ବସାଧାରଣରେ ଏପରି ମାଡ ମାରିବା ଉଚିତ ନୁହେଁ। ମୁଖ୍ୟମନ୍ତ୍ରୀ ୫-ଟି କଥା କହୁଥିବାବେଳେ ତାଙ୍କ ଏମ୍‌ପି ଭୟର ବାତାବରଣ ସୃଷ୍ଟି କରୁଥିବା ଭୃଗୁ କହିଛନ୍ତି।



“ ବଡ଼ ମାଛ ଧରିବାକୁ ହେଲେ ବନ୍ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - ଶ୍ରୀ ରାମକୃଷ୍ଣ ପରମହଂସ



● ଗୋଟିଏ ହାତୀ ଫେବୃୟାରୀ ମାସ ଅପେକ୍ଷା ମାର୍ଚ୍ଚ ମାସରେ କାହିଁକି ଅଧିକ ପାଣି ପିଏ ?
● ଏମିତି କ'ଣ ଜିନିଷ, ଯାହା ଖରାରେ ଶୁଖେନି ?

ଏଭଳି ପ୍ରଶ୍ନର ଉତ୍ତର ପାଇଁ ଦେଖନ୍ତୁ 'ଫନ୍ ୱିଥ୍ ପବ୍ଲିକ'ର ଏପିସୋଡ୍-୧୪ ▼
YouTube /dharitrilive




# ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣାର ପର୍ଦ୍ଦାଫାଶ: ୮ ଗିରଫ

■ଆଜି ହେବେ କୋର୍ଟ ଚାଲାଣ
■ଜଣେ ନାବାଳକ ବି ସଂପୃକ୍ତ
■ଭାଇରାଲରେ ବ୍ୟବହୃତ ସାମଗ୍ରୀ ଜବତ

ଜୁନାଗଡ,୨୫।୯(ଡି.ଏନ.ଏ.)


ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ.ପି ବି.ଗଙ୍ଗାଧର ସୂଚନା ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଜଙ୍ଗଲରେ ଗଣବଳାତ୍କାର ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ୮ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ନାବାଳକ ଏଥିରେ ସଂପୃକ୍ତ ଥିବା ପୋଲିସ କହିଛି । ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଗଣବଳାତ୍କାର ଘଟଣାରେ ୬ଜଣ ସମ୍ପୃକ୍ତ ରହିଛନ୍ତି। ସେମାନେ ହେଲେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ଅମିତ ନାଏକ (୩୦), ପ୍ରକାଶ ନାଏକ ଓରଫ ଲୁକୁ (୨୨), ଶାନ୍ତ ନାଏକ (୨୪), ଲାବଣ୍ୟ ଛତ୍ରିଆ (୨୧), ଅନିରୁଦ୍ଧ ଛତ୍ରିଆ (୨୦) ଓ ଜଣେ ନାବାଳକ। ଭିଡିଓ ଭାଇରାଲ କରିଥିବା ଘଟଣାରେ ୩ ଜଣଙ୍କୁ ବି ପୋଲିସ ଗିରଫ କରିଛି । ସେମାନେ ହେଲେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ବିନୋଦ ନାଏକ ଓରଫ ଘାଟୁ (୩୨), ସ୍ୱୟମ୍ବର ବାଗ (୩୦) ଓ କୋକସରା ଥାନା ତେନ୍ତୁଲିପଡାର ଟିକମଣି ପୋଡ (୩୨)। ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ବୁଧବାର ଜୁନାଗଡ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର କହିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କଠାରୁ ଭାଇରାଲରେ ବ୍ୟବହୃତ ମୋବାଇଲ ଫୋନ୍ ଓ ଘଟଣାସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ଏସ୍‌ପି କହିଛନ୍ତି। ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ। ପୀଡିତାଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏ ନେଇ ଜୁନାଗଡ ଥାନାରେ ଆଇପିସି ଦଫା ୩୭୬ - ଡି/୨୧୨ (୨) ଏ /୫୦୦ /୫୦୯ / ୫୦୬ / ୩୪ ଆଇପିସି, ଆର /ଡବ୍ଲ୍ୟୁ ସେକ୍ସନ ୬୭/୬୭ (ଏ) ଆଇଟି ଆକ୍ଟରେ ଏକ ମାମଲା (ନଂ. ୨୨୪/୧୯) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧୪ ତାରିଖ ୧.୪୫ ମିନିଟ୍‌ରେ ଛାତ୍ରୀ ଜଣକ ଧର୍ମଗଡ ଥାନା ପର୍ଲା ଗ୍ରାମର ଲଳିନ୍ଦ୍ର ଶବରଙ୍କ ସହ ବାଇକ୍‌ରେ ଭବାନୀପାଟଣାରୁ ନିଜ ଗାଁକୁ ଆସୁଥିଲେ। ଏହି ସମୟରେ ଜୁନାଗଡ ଥାନା ବନମାଳୀପୁର ୨୬ ନଂ. ଜାତୀୟ ରାଜପଥରେ ୬ଜଣ ବ୍ୟକ୍ତି ମୁହଁରେ କପଡା ବାନ୍ଧି ସେମାନଙ୍କୁ ଅଟକାଇ ଥିଲେ। ପରେ ଛାତ୍ରୀଙ୍କୁ ନିକଟସ୍ଥ ଘନା ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ସେମାନେ ତାଙ୍କୁ ଛୁରି ଦେଖାଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତମାନେ ଧମକ ଦେଇଥିଲେ। ଏପରିକି ଜଣେ ବ୍ୟକ୍ତି ଏହି ଘଟଣାର ଭିଡିଓ ସୁଟିଂ କରିଥିଲେ। ବହୁ କଷ୍ଟରେ ଛାତ୍ରୀ ଜଣକ ସେମାନଙ୍କ କବଳରୁ ଆସି ରାସ୍ତାରେ ପହଞ୍ଚି ଥିଲେ। ଏହାର କିଛିଦିନ ପରେ ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ଭାଇରାଲ କରି ଦେଇଥିଲେ। ଏହା ଜଣାପଡିବା ପରେ ପୀଡିତା ଗତ ରବିବାର ବିଳମ୍ବିତ ରାତିରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ଗୋପୀନାଥ ମଣିପାତ୍ର, ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ୯ ନେତାଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୨୫।୯ (ବ୍ୟୁରୋ): ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ସବୁ ଦଳ ନିଜର ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ବୁଧବାର ଶାସକ ବିଜେଡି ଉପନିର୍ବାଚନ ଦାୟିତ୍ୱ ନେତାଙ୍କ ମଧ୍ୟରେ ବାଣ୍ଟିଥିବା ବେଳେ କଂଗ୍ରେସ ମଧ ନିଜ ରଣନୀତି ପ୍ରସ୍ତୁତ କରିଛି। ବିଜେପୁର ଉପନିର୍ବାଚନର ସୁପରିଚାଳନା କରିବା ନିମନ୍ତେ କଂଗ୍ରେସ ପକ୍ଷରୁ ବିଭିନ୍ନ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ୯ ନେତାଙ୍କ ମଧ୍ୟରେ ଦାୟିତ୍ୱ ବାଣ୍ଟିଛନ୍ତି। ଏହି ପରିପ୍ରେକ୍ଷୀରେ ଗାଇସିଲଟ ବ୍ଲକ ପାଇଁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଓ ୨୦୧୯ ସାଧାରଣ ନିର୍ବାଚନରେ ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ ହୋଇଥିବା ସମରେନ୍ଦ୍ର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ବିଜେପୁର ବ୍ଲକ ପାଇଁ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ବିଧାୟକ ରମେଶ ଜେନା ଓ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବିଧାୟକ ସନ୍ତୋଷ ସିଂ ସାଲୁଜା, ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ପ୍ରଦୀପ ଦେବତା ଓ ବରପାଲି ବ୍ଲକ ପାଇଁ ନୀହାର ମହାନନ୍ଦ ଏବଂ ସରୋଜ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷେ ଦଳ ପାଖରେ ବର୍ତ୍ତମାନ ଟଙ୍କା ନ ଥିବା ପିସିସି ସଭାପତି କହିଛନ୍ତି। ନିରଞ୍ଜନ କହିଛନ୍ତି, ନିକଟରେ ସାଧାରଣ ନିର୍ବାଚନ ହୋଇଥିବାରୁ ଦଳ ପାଖରେ ଟଙ୍କା ନାହିଁ। ଦଳର ବରିଷ୍ଠ ନେତା ଏବଂ ବଦାନ୍ୟ ବ୍ୟକ୍ତି ଅର୍ଥ ଦିଅନ୍ତୁ ବୋଲି ସେ କହିଛନ୍ତି।



ଜିଲା ଚିଠି
କନ୍ଧମାଳ

## ଏବେ ନୁହେଁ ତ କେବେ ?

କନ୍ଧମାଳ ଜିଲାରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ୨୦୦୮ ମସିହାରୁ ଆରମ୍ଭ ହୋଇଥିଲା। ପ୍ରଥମେ କୁଇ ସମାଜ ସମନ୍ୱୟ ସମିତି ପକ୍ଷରୁ ଏହି ଦାବି ଉପସ୍ଥାପନ କରାଯାଇଥିଲା। ଏବେ ଜିଲାର ବହୁ ସଙ୍ଗଠନ ମିଶି ମିଳିତ ନାଗରିକ କମିଟି ଗଠନ କରିଛନ୍ତି। ଏହି କମିଟି ଜିଲା ଏବଂ ବ୍ଲକସ୍ତରରେ କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ଜୋରଦାର୍ କରିଛି। ଏ ନେଇ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଗୋଟିଏ ସଙ୍ଗଠନ କରି ଆସୁଥିବା ଦାବିକୁ ଏବେ ସମସ୍ତେ ମିଳିମିଶି ଉପସ୍ଥାପନ କରୁଥିବାରୁ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଜିଲାବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। କନ୍ଧମାଳ ଜିଲା ଓଡ଼ିଶା ମାନଚିତ୍ରରେ କେନ୍ଦ୍ରସ୍ଥଳରେ ଅବସ୍ଥିତ। ଆଦିବାସୀ ଏବଂ ପଛୁଆ ବର୍ଗ ଅଞ୍ଚଳ ଭାବେ ପରିଚିତ ଏହି ଜିଲାରେ ସ୍ୱାସ୍ଥ୍ୟସେବା ଆଜି ବି ଅପହଞ୍ଚ। ଅନେକ ଗ୍ରାମ ରହିଛି ଯେଉଁଠି କି ଆଜି ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ହୋଇପାରିନାହିଁ। ଆମ୍ବୁଲାନ୍ସ ଯିବା ସେହି ଗାଁକୁ ଅସମ୍ଭବ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗରିବ ଆଦିବାସୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ବିଶେଷଜ୍ଞ ପଦବୀ ବି ଖାଲି ପଡିଛି। ଅଧିକାଂଶ ସମୟରେ ରୋଗୀମାନଙ୍କୁ ବ୍ରହ୍ମପୁର ମେଡିକାଲ ରେଫର କରାଯାଉଛି। ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫରାଲ ହସ୍ପିଟାଲ କୁହାଯାଉଛି। ଫୁଲବାଣୀରୁ ରୋଗୀଙ୍କୁ ୧୭୫ କିମି ଦୂର ବ୍ରହ୍ମପୁର ଓ ୨୫୦ କିମି ଦୂର କଟକ ବଡ ମେଡିକାଲକୁ ପଠାଯାଉଛି। ରୋଗୀ ସେଠାରେ ପହଞ୍ଚିବାକୁ ବହୁ ସମୟ ଲାଗୁଛି। ବାଟରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏଭଳି ସ୍ଥିତିରେ କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଜିଲାବାସୀଙ୍କ ନ୍ୟାଯ୍ୟ ଦାବି କହିଲେ ଭୁଲ ହେବ ନାହିଁ। କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲେ ପଡ଼ୋଶୀ ବୌଦ୍ଧ, ସୋନପୁର, ନୟାଗଡ଼ ଜିଲାର ଲୋକେ ମଧ ଉପକୃତ ହେବେ। କେନ୍ଦ୍ର ସରକାର କିଛିଦିନ ତଳେ ଆଉ ୭୫ଟି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି। ସେଥିମଧ୍ୟରୁ ଗୋଟିଏ କନ୍ଧମାଳ ଜିଲାରେ କରାଯିବାକୁ ମିଳିତ ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ମେଡିକାଲ କଲେଜ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଜିଲାରେ ଆନ୍ଦୋଳନ ଜାରି ରଖିବାକୁ କମିଟି ନିଷ୍ପତ୍ତି ଗ୍ରହଣ କରିଛି। ୨୦୦୮ରୁ କୁଇ ସମାଜ ସମନ୍ୱୟ ସମିତି ପକ୍ଷରୁ ଉପସ୍ଥାପନ କରାଯାଇ ଆସୁଥିବା ଦାବିକୁ ଇତିମଧ୍ୟରେ ୧୨ ବର୍ଷ ପୂରିବ। ଏବେ ସମସ୍ତ ସଙ୍ଗଠନ ଏକତ୍ରିତ ହୋଇ ଜିଲାର ନ୍ୟାଯ୍ୟ ଦାବି ହାସଲ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ ଉପରେ ସବୁ ନିର୍ଭର କରୁଛି। ସେଥିପାଇଁ ଏବେ ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ, ଯଦି ମେଡିକାଲ କଲେଜ ଏବେ ନୁହଁ ତ ଆଉ କେବେ।

-ରାକେଶ କୁମାର ରାଉତ

■ବିଜେପୁର ଉପନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି

# ପଶ୍ଚିମ ଓଡ଼ିଶା ନେତାଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

■ ଅରୁଣ, ରଣେନ୍ଦ୍ର, ସଞ୍ଜୟଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ
■ ପଞ୍ଚାୟତ ବୁଝିବେ ବିଧାୟକ
■ ୩୦ରେ ନାମାଙ୍କନ କରିବେ ବିଜେଡି ପ୍ରାର୍ଥୀ

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ନେଇ ବିଜେଡି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଆସନରେ ଗତ ଦୁଇଥର ଭଳି ବିଜୟଧାରା ବଜାୟ ରଖିବା ପାଇଁ ରଣକୌଶଳ ପ୍ରସ୍ତୁତ କରାଯାଇଛି। ସେହିକ୍ରମରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଦଳର ବରିଷ୍ଠ ନେତାମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପନିର୍ବାଚନରେ ବିଜୟୀ ହେବା ସହ ଭୋଟ ବ୍ୟବଧାନ ଯେପରି ଆଖିଦୃଶିଆ ରହିବ, ସେଥିପ୍ରତି ଆଲୋଚନା କରାଯାଇଛି।

ବୈଠକରୁ ମିଳିଥିବା ସୂଚନାନୁଯାୟୀ ଦଳ ପକ୍ଷରୁ ତ୍ରିସ୍ତରୀୟ (ଥ୍ରୀ-ଟାୟାର) ସାଙ୍ଗଠନିକ ଦାୟିତ୍ୱ ଦିଆଯାଇଛି। ତୃଣମୂଳର ଶୀର୍ଷସ୍ତରରେ ୪ ପଶ୍ଚିମ ଓଡ଼ିଶା ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏମାନେ ହେଉଛନ୍ତି-ସୁଶାନ୍ତ ସିଂ(ବିଜେପୁର ବ୍ଲକ), ଦେବେଶ ଆଚାର୍ଯ୍ୟ(ବିଜେପୁର ଏନ୍‌ଏସି), ନବ ଦାସ(ଗାଇସିଲଟ) ଏବଂ ନିରଞ୍ଜନ ପୂଜାରୀ(ବରପାଲି)। ଏହା ବ୍ୟତୀତ ଗାଇସିଲଟ ବ୍ଲକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସଞ୍ଜୟ ଦାସବର୍ମାଙ୍କୁ ବରପାଲି ବ୍ଲକର କେତେକ ପଞ୍ଚାୟତ ଦାୟିତ୍ୱ ମଧ ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଇଛି। ବିଜେପୁର ବ୍ଲକ/ଏନ୍‌ଏସି ଦାୟିତ୍ୱ ମନ୍ତ୍ରୀ ଅରୁଣ ସାହୁ, ଦିବ୍ୟଶଙ୍କର ମିଶ୍ର ଏବଂ କିଶୋର ମହାନ୍ତି ପ୍ରମୁଖଙ୍କୁ ଦିଆଯାଇଛି। ଉପରୋକ୍ତ ଦ୍ୱିସ୍ତରୀୟ ସାଙ୍ଗଠନିକ ଦାୟିତ୍ୱ ପରେ ପ୍ରତି ପଞ୍ଚାୟତରେ ଜଣେ ବିଧାୟକ ଏବଂ ଜଣେ ଦଳୀୟ ନେତାଙ୍କୁ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ନବୀନ ନିବାସରେ ହୋଇଥିବା ଏହି ବୈଠକରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ , ବଲାଙ୍ଗୀରର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଗଣମାଧ୍ୟମକୁ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ, ଚଳିତ ମାସ ୩୦ରେ ବିଜେଡିର ବିଜେପୁର ପ୍ରାର୍ଥୀ ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିବେ। ଦଳର ସମସ୍ତ କର୍ମୀ, ନେତା ଏବଂ ନିର୍ବାଚିତ ପ୍ରତିନିଧି ଶୃଙ୍ଖଳିତ ଢଙ୍ଗରେ ଦଳର ବିଜୟ ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। କାହା ନାମକୁ ବିଜେଡି ସଭାପତି ଚୂଡାନ୍ତ କରିଛନ୍ତି, ସେ ନେଇ ବୈଠକରେ ଥିବା କୌଣସି ନେତା ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲି ନ ଥିଲେ। ହେଲେ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ମୁଖ୍ୟତଃ ୩ଟି ନାଁ ଉପରେ ବିଚାରବିମର୍ଶ ସରିଛି। ଏମାନେ ହେଉଛନ୍ତି ପୂର୍ବତନ ବିଧାୟିକା ରୀତା ସାହୁ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ ଏବଂ ଏପିକଲ୍ ଅଧକ୍ଷ ପ୍ରଭାତଆଦିତ୍ୟ ମିଶ୍ର। ସମ୍ଭବତଃ ରୀତାଙ୍କ ନାଁରେ ଦଳୀୟ ମୋହର ବାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଗୁରୁବାର ସନ୍ଧ୍ୟା ସୁଦ୍ଧା ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ ବୋଲି ଜଣାପଡ଼ିଛି। ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲିକ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ସମ୍ପୂର୍ଣ୍ଣ ଉପନିର୍ବାଚନ ଦାୟିତ୍ୱରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡିଛି।


KOSHAL ANM & GNM TRAINING SCHOOL
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
ADMISSION OPEN
A.N.M. Duration 2 Years
Eligibility: +2 in any Stream or its equivalent
Age: 17 to 30 Years
G.N.M. Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414




## ପତ୍ରମୋଡ଼ା ଓ ନଳୀ ପୋକର ପରିଚାଳନା ନିମନ୍ତେ
## ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା

No. 56-L

ବର୍ତ୍ତମାନ ରାଜ୍ୟର କେତେକ ଜିଲ୍ଲାରେ ଖରିଫ୍ ଧାନ ଫସଲରେ ପତ୍ରମୋଡ଼ା ଓ ନଳୀ ପୋକର ପ୍ରାଦୁର୍ଭାବ ଦେଖାଦେଇଛି ।

ଅଧିକ ବର୍ଷା ହୋଇ ପାଣି ଜମି ରହିଲେ ନଳୀପୋକ ଆକ୍ରମଣ ଅଧିକ ହୋଇଥାଏ । ପାଣି ସୁଅରେ ନଳୀଗୁଡ଼ିକ ଭାସି ଖାଲୁଆ ବିଲରେ ଜମା ହୋଇଯାଆନ୍ତି । ତେଣୁ ଖାଲ ଜମିରେ ଏହି କୀଟର ପ୍ରାଦୁର୍ଭାବ ଅଧିକ ହୋଇଥାଏ । ଶୂକଗୁଡ଼ିକ ପତ୍ରରୁ ସବୁଜ କଣା କୋରି ଖାଇବା ଯୋଗୁଁ ପତ୍ର ଧଳା ଦେଖାଯାଏ । ଶୂକ ପତ୍ରକୁ କାଟି ନଳୀ କରି ତା ମଧ୍ୟରେ ରହେ । ଦୂରରୁ ଦେଖିଲେ ଧାନ ପତ୍ରକୁ କଇଁଚିରେ କାଟିବା ପରି ଦେଖାଯାଏ । ଏହାର ପ୍ରଜାପତି ଚିକ୍ ଚିକ୍ ଧଳା ଓ ଦିନ ବେଳେ ଉଡ଼ିବାର ଲକ୍ଷ୍ୟ କରାଯାଏ ।

ଉଷ୍ମ ଓ ଆର୍ଦ୍ର ପାଣିପାଗରେ ପତ୍ରମୋଡ଼ା ପୋକ ଅଧିକ ଆକ୍ରମଣ କରିଥାନ୍ତି । ଏହି କୀଟର ପ୍ରଜାପତି ବାଦାମୀ ରଙ୍ଗର ଓ ଡେଣାରେ କଳା ଗାର ସବୁ ଥାଏ । ଶୂକଗୁଡ଼ିକ ପତ୍ରଧାରକୁ ନିଜ ଲାଳ ଦ୍ୱାରା ଗୁଡ଼ାଇ ମୋଡ଼ି ଦିଅନ୍ତି ଓ ତା ମଧ୍ୟରେ ରହି ସବୁଜ ଅଂଶ କୋରି ଖାଆନ୍ତି । ପତ୍ର ଉପରେ ସମାନ୍ତରାଳ ଧଳା ଦାଗ ସବୁ ଦେଖାଯାଏ । ଥୋଡ଼ ପତ୍ର ବାହାରିବା ସମୟରେ ଏହି କୀଟର ଆକ୍ରମଣ ହେଲେ ଅମଳ ହ୍ରାସ ପାଇଥାଏ ।

**ପରିଚାଳନା**

୧) ପତ୍ରମୋଡ଼ା ଓ ନଳୀପୋକ ଆକ୍ରାନ୍ତ ବିଲରେ ଏକର ପ୍ରତି ୨୫ କି.ଗ୍ରା. ବାଲି ସହ ଏକ ଲିଟର କିରୋସିନ୍ ଭଲଭାବରେ ମିଶାଇ ବିଞ୍ଚି ଦିଅନ୍ତୁ । ଏହା ପରେ ଧାନଗଛ ଉପରେ ଦୁଇ ପଟୁ ଦୁଇ ଜଣ ଦଉଡ଼ି ଧରି ଚଳାଇ ଦିଅନ୍ତୁ । ଏହା ଦ୍ୱାରା ଗଛରେ ଲାଗିଥିବା ଶୂକଗୁଡ଼ିକ ପାଣିରେ ପଡ଼ି ମରିଯିବେ ।

୨) ଅଧିକ ଆକ୍ରାନ୍ତ ବିଲରେ ନିମ୍ନୋକ୍ତ କୀଟନାଶକରୁ ଯେକୌଣସି ଗୋଟିଏ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ ।

| ନଳୀ ପୋକ | | ପତ୍ରମୋଡ଼ା ପୋକ | |
|---|---|---|---|
| କୀଟନାଶକ | ଏକର ପ୍ରତି ମାତ୍ରା | କୀଟନାଶକ | ଏକର ପ୍ରତି ମାତ୍ରା |
| ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | କାର୍ଟାପ୍‌ହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. | ୪୦୦ ଗ୍ରାମ୍ |
| ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. | ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. |
| ପ୍ରୋଫେନୋଫସ୍ ୫୦% ଇ.ସି. | ୪୦୦ ମି.ଲି. | ଲାମଡାସାଇହାଲୋଥ୍ରିନ୍ ୨.୫% ଇ.ସି. | ୨୦୦ ମି.ଲି. |

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

01034/11/0020/1920

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

ଫୁଲବାଣୀ ୟୁନାଇଟେଡ୍ ବ୍ୟାଙ୍କ ଋଣ ଜାଲିଆତି

# ଗିରଫ ଶାଖା ପରିଚାଳିକା ନିଲମ୍ବିତ

**ଫୁଲବାଣୀ ଅଫିସ, ୨୫।୯:** ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ (କେସିସି) ଋଣ ପ୍ରଦାନରେ ଜାଲିଆତି ଘଟଣାରେ ୟୁନାଇଟେଡ୍ ବ୍ୟାଙ୍କ ଫୁଲବାଣୀ ଶାଖା ପରିଚାଳିକା ସାଗରିକା ନାୟକ ମଙ୍ଗଳବାର ଜେଲ ଯାଇଛନ୍ତି। ବୁଧବାର ବିଭାଗୀୟ ତଦନ୍ତ କରାଯାଇ ସାଗରିକାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ତାଙ୍କ ସ୍ଥାନରେ ଆଉ ଜଣଙ୍କୁ ବ୍ୟାଙ୍କ ଶାଖା ପରିଚାଳକ ଭାବେ ନିଯୁକ୍ତି ଦିଆଯାଇଛି । ସାଗରିକା ଗିରଫ ହୋଇ ଜେଲଯିବା ପରେ ୨ଦିନ ଧରି ବ୍ୟାଙ୍କର ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ସମ୍ବଲପୁର ଜୋନ ଆଞ୍ଚଳିକ ମୁଖ୍ୟ ମହାପ୍ରବନ୍ଧକ ଅଭିଯୋଗ ସମ୍ପର୍କରେ ବ୍ୟାଙ୍କ କର୍ମଚାରୀ, ଠକେଇର ଶୀକାର ହୋଇଥିବା କେତେଜଣ ହିତାଧିକାରୀଙ୍କୁ ପଚରାଉଚୁରା କରିଥିଲେ। ଏହାପରେ ନିଲମ୍ବନ ସମ୍ପର୍କିତ ଚିଠି ସାଗରିକାଙ୍କ ଟେବୁଲ ଉପରେ ରଖିବା ସହ ବ୍ୟାଙ୍କର ସୁପରିଚାଳନା ପାଇଁ ଅନ୍ୟ ଜଣଙ୍କୁ ଶାଖା ପରିଚାଳକ ଦାୟିତ୍ୱ ଦେଇଥିଲେ । ସୂଚନାଯୋଗ୍ୟ, ବ୍ୟାଙ୍କ ଶାଖା ପରିଚାଳିକା ସାଗରିକା ଟଙ୍କା ନେଇ ଚାଷୀଙ୍କ ଋଣ କରାଉଥିଲେ। ପ୍ରଥମ ପର୍ଯ୍ୟାୟରେ ଋଣ ଟଙ୍କା ଦେବା ପୂର୍ବରୁ ଗ୍ରାହକଙ୍କ ଏଟିଏମ୍ ମାଗି ନେଉଥିଲେ। ନିଜେ ଟଙ୍କା ଉଠାଇ ନେଇ ବାକି ଟଙ୍କା ଦିଆଯିବ ବୋଲି ଗ୍ରାହକଙ୍କୁ କହୁଥିଲେ ମଧ ପରେ ଦେଉ ନ ଥିଲେ। ଏ ନେଇ ଅସନ୍ତୁଷ୍ଟ ଚାଷୀମାନେ ଫୁଲବାଣୀ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାର ତଦନ୍ତ କରି ପୋଲିସ ସାଗରିକା ଏବଂ ତାଙ୍କ ସ୍ୱାମୀ ସୁଜିତ ଷଡ଼ଙ୍ଗୀଙ୍କୁ ଗିରଫ କରିଥିଲା । ଘଟଣାରେ ସଂଶ୍ଳିଷ୍ଟ ଜଣେ ମଧ୍ୟସ୍ଥଙ୍କୁ ପୋଲିସ ମୁଖ୍ୟ ସାକ୍ଷୀ କରିଥିବା ଜଣାପଡିଛି ।


ସାଗରିକା ନାୟକ।



ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ– ଯାହା ନ କହିବା ଉଚିତ ସେସବୁ କହିପକାଏ– ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ।
–ଶ୍ରୀମା





## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ସାଥୀ ଚୟନରେ ପୋଷା ପ୍ରାଣୀ

ଆମେ ଜାଣୁ ଯେ ଆମ ମାନସିକ ସ୍ୱାସ୍ଥ୍ୟ ପାଇଁ କୁକୁର ଉପଯୋଗୀ। ଅନେକ ଅନୁଧ୍ୟାନରୁ ବି ଏ ସତ୍ୟ ପ୍ରମାଣିତ ହୋଇଛି। ୟେଲ୍ ବିଶ୍ୱବିଦ୍ୟାଳୟର କାନାଇନ୍ କଗ୍ନିଶନ ସେଣ୍ଟରର ନିର୍ଦ୍ଦେଶକ ତଥା ମନସ୍ତତ୍ତ୍ୱ ବିଭାଗର ପ୍ରଫେସର ଡ. ଲୁରି ସାଣ୍ଟୋସ୍‌ଙ୍କ ଦ୍ୱାରା ପରିଚାଳିତ ଗବେଷଣାରୁ ଜଣାପଡ଼ିଛି ଯେ, କୁକୁର ସହିତ ଅଳ୍ପ ସମୟର ମିଳାମିଶା ଦ୍ୱାରା ମଧ୍ୟ ଆମର ଉଦ୍‌ବେଗ ଓ ଦୁଶ୍ଚିନ୍ତା ଦୂର ହୋଇଯାଏ ଏବଂ ମନୋଭାବ ବଦଳିଯାଏ। ଗବେଷଣାରୁ ଜଣାପଡ଼ିଛି ଯେ, କୁକୁର ପାଳିବାର ଓ କୁକୁର ସହ ମିଳାମିଶା କରିବାର ଅନୁକୂଳ ପ୍ରଭାବ ତା'ର ମାଲିକ ବା ଅଭିଭାବକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ, ଯେପରି ରକ୍ତଚାପ କମିବା, ଏକଲାପଣ ଦୂରହେବା, ଶାରୀରିକ କ୍ରିୟାକଳାପ ବଢ଼ିବା ଏବଂ ସାମଗ୍ରିକଭାବେ ନିଜେ ଭଲରେ ଅଛି ବା ସୁଖରେ ଅଛି ବୋଲି ଭାବ ସୃଷ୍ଟି ହେବା।

ପୋଷା ପ୍ରାଣୀ, ବିଶେଷତଃ କୁକୁରକୁ ଆଜିକାଲି ଅଧିକରୁ ଅଧିକ ଲୋକ ନିଜ ପରିବାର ସଦସ୍ୟ ବୋଲି ବିଚାର କଲେଣି। ଅଧିକାଂଶ ଆମେରିକୀୟ ଓ ଇସ୍ରାଏଲୀ ବୟସ୍କମାନେ କୁକୁର ଓ ବିରାଡ଼ିଙ୍କୁ ତାଙ୍କ ପରିବାର ସଦସ୍ୟ ବୋଲି ବିଚାର କରୁଥିବା ଗବେଷଣାରୁ ଜଣାପଡ଼ିଛି। କୁକୁର ଓ ବିରାଡ଼ିଙ୍କୁ ପରିବାର ସଦସ୍ୟଭାବେ ବିଚାର କରାଯାଉଥିବାରୁ ମଣିଷଙ୍କ ପ୍ରେମ ଓ ସାଥୀ ଚୟନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ପ୍ରଭାବ ରହିଥାଏ।

ଗୋଟିଏ ଝିଅ ଏକ ଡେଟ୍ ବା ସମ୍ଭାବ୍ୟ ସାଥୀ ବାଛିବା ବେଳେ ପୋଷା କୁକୁରର ମତାମତ କିପରି ଭୂମିକା ନିର୍ବାହ କରିଥାଏ ? ପୁରୁଷମାନେ କୁକୁରଙ୍କୁ ତାଙ୍କ ସାଥୀ ଓ ବନ୍ଧୁ ଭାବୁଥିବା ବେଳେ ମହିଳାମାନେ ତାଙ୍କୁ ନିଜର ବନ୍ଧୁ ଛଡ଼ା ସନ୍ତାନ ଦୃଷ୍ଟିରେ ମଧ୍ୟ ଦେଖିଥାନ୍ତି। ତେଣୁ ସାଥୀ ଚୟନ ବେଳେ ମହିଳାମାନେ ଚିନ୍ତା କରିଥାନ୍ତି, ତାଙ୍କର ନୂତନ ସାଥୀ ପୋଷା କୁକୁର ପ୍ରତି କିପରି ବ୍ୟବହାର କରିବ। ସାଇକୋଲୋଜି ଟୁଡେରେ ପ୍ରକାଶିତ ନେଭାଡା ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିତ୍ ପିଟର ଗ୍ରେଙ୍କ ଗବେଷଣା ଅନୁସାରେ କୁକୁର ସହିତ ଜଣେ ପୁରୁଷର ଭାବବିନିମୟକୁ ଦେଖି ଜଣେ ମହିଳା ଉକ୍ତ ପୁରୁଷ ସହ ତାଙ୍କର ସମ୍ପର୍କ ଓ ଡେଟ୍ କିପରି ହେବ ତାହା ବିଚାର କରିଥାନ୍ତି। ଯଦି ଉକ୍ତ ପୁରୁଷ ବି କୁକୁର ପାଳିଥାନ୍ତି, ବିଶେଷତଃ ଏକ ଉଦ୍ଧାର କରାଯାଇଥିବା କୁକୁର ଓ ତା'ର ଯତ୍ନ ନେଉଥାନ୍ତି, ତେବେ ସେ ତାଙ୍କର ଓ ପରିବାରର ଯତ୍ନ ନେଇପାରିବେ ଏବଂ ସେ ଜଣେ ସହୃଦୟ ସ୍ନେହୀ ମଣିଷ ବୋଲି ମହିଳାଙ୍କର ବୁଝିବାକୁ ବାକି ରହେ ନାହିଁ।

ସାଥୀ ଚୟନରେ ପୋଷା ପ୍ରାଣୀଙ୍କ ଭୂମିକା ବିଷୟରେ ଜାଣିବା ପାଇଁ ଅନ୍‌ଲାଇନ ଡେଟିଂ ସାଇଟ୍ Match.comରେ ନାମ ପଞ୍ଜୀକରଣ କରିଥିବା ଦଳେ ଅବିବାହିତଙ୍କ ଉପରେ ଏକ ସର୍ଭେ କରାଯାଇଥିଲା। ଏହାର ଫଳାଫଳରୁ ଜଣାପଡ଼ିଲା ଯେ, ସମ୍ଭାବ୍ୟ ସାଥୀଟି ପୋଷା ପ୍ରାଣୀଙ୍କ ପ୍ରତି କିପରି ବ୍ୟବହାର କରୁଛି ତାହାକୁ ମହିଳାମାନେ ଦେଖିଥାନ୍ତି। ସେଥିରୁ ସେମାନେ ଉକ୍ତ ପୁରୁଷଟି ଭବିଷ୍ୟତରେ ଜଣେ ଭଲ ଜୀବନସାଥୀ ହୋଇପାରିବ କି ନାହିଁ ତାହା ଆକଳନ କରିଥାନ୍ତି। ପୋଷା ପ୍ରାଣୀ ପ୍ରତି ପୁରୁଷଟିର ବ୍ୟବହାରକୁ ଦେଖି ତାଙ୍କ ସହ ଡେଟ୍‌ରେ ଯିବା ଉଚିତ ହେବ କି ନାହିଁ ତାହା ମଧ୍ୟ ମହିଳାମାନେ ସ୍ଥିର କରିଥାନ୍ତି। ଏପରି ପୁରୁଷକୁ ବିବାହ କଲେ ପରେ ସେ ନିଜ ପିଲାଛୁଆଙ୍କର ଯତ୍ନ କିପରି ନେବେ ତାହା ମଧ୍ୟ ପୋଷା ପ୍ରାଣୀ ପ୍ରତି ତାଙ୍କ ବ୍ୟବହାରରୁ ଜଣାପଡ଼ିଥାଏ। ଅପରପକ୍ଷେ ଉକ୍ତ ପୁରୁଷ ବା ସମ୍ଭାବ୍ୟ ସାଥୀ ପ୍ରତି କୁକୁରର ପ୍ରତିକ୍ରିୟା ବା ବ୍ୟବହାର ମଧ୍ୟ ସାଥୀ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ସର୍ବେକ୍ଷଣରୁ ଜଣାପଡ଼ିଲା ଯେ, ଯେତେବେଳେ ପୋଷା ପ୍ରାଣୀ ପ୍ରତି ଉକ୍ତ ପୁରୁଷ ଓ ମହିଳା ଉଭୟଙ୍କର ବ୍ୟବହାର ସମାନ ହୋଇଥାଏ, ସେତେବେଳେ ଉଭୟେ ପରସ୍ପରକୁ ସାଥୀ ଭାବେ ପାଇ ଖୁସି ହୋଇଥାନ୍ତି ଏବଂ ବିବାହ ପରେ ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଥାଏ।

ଡେଟିଂ ୱାର୍ଲଡରେ ବିରାଡ଼ିଙ୍କ ଅପେକ୍ଷା କୁକୁରମାନେ ଅଧିକ ସାମାଜିକ ମାର୍ଗଦର୍ଶକ ଭାବେ ଭୂମିକା ତୁଲାଇଥାନ୍ତି। ବିରାଡ଼ିମାନେ କୁକୁରଙ୍କ ଅପେକ୍ଷା କମ୍ ସାମାଜିକ ଓ ମାଲିକଙ୍କ ଜୀବନ ସହିତ କମ୍ ସଂହତ ହୋଇଥିବାରୁ ସାଥୀ ଚୟନରେ କମ୍ ସାହାଯ୍ୟ କରିପାରନ୍ତି। ଅନୁଧ୍ୟାନ ବେଳେ ଅଧିକାଂଶ ଅବିବାହିତ କହିଲେ ଯେ, ଯଦି ସମ୍ଭାବ୍ୟ ସାଥୀଟିର ଏକ କୁକୁର ଥାଏ, ତେବେ ଭାବର ଆଦାନପ୍ରଦାନରେ ସୁବିଧା ହୋଇଥାଏ, କାରଣ କୁକୁରମାନେ ସହଜ ବାର୍ତ୍ତାଳାପ ଆରମ୍ଭକାରୀ ହୋଇଥାନ୍ତି।

ପୁରୁଷମାନେ ବି ଏକଥା ହୃଦୟଙ୍ଗମ କରିଛନ୍ତି। ଯେତେବେଳେ ସେମାନଙ୍କୁ ପଚରାଗଲା ଯେ ସମ୍ଭାବ୍ୟ ଡେଟ୍ ଧାର୍ଯ୍ୟ କରିବାରେ ସେମାନେ କେବେ ଏକ ପୋଷା ପ୍ରାଣୀକୁ ବ୍ୟବହାର କରିଛନ୍ତି କି, ସେତେବେଳେ ଅଧିକାଂଶ ପୁରୁଷ ହଁ ବୋଲି ଉତ୍ତର ଦେଇଥିଲେ। ଏଥିରୁ ଜଣାପଡୁଛି ଯେ ବାଞ୍ଛିତ ସାଥୀଙ୍କୁ ମନେଇବାରେ ପୋଷା ପ୍ରାଣୀମାନେ ସାହାଯ୍ୟ କରନ୍ତି ବୋଲି ସେମାନେ ଜାଣିଛନ୍ତି। ଟିଫରେଟ ଓ ଅନ୍ୟମାନଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନ ରିପୋର୍ଟ ଇଭଲ୍ୟୁଶନାରୀ ସାଇକୋଲୋଜିରେ ପ୍ରକାଶ ପାଇଛି ଯେ, ମହିଳାଙ୍କ ପାଖରେ ପୋଷା କୁକୁର ରଖିଥିବା ପୁରୁଷମାନେ ଅଧିକ ଆକର୍ଷଣୀୟ ହୋଇଥାନ୍ତି। ପୋଷା ପ୍ରାଣୀଙ୍କ ପସନ୍ଦ କରୁ ନ ଥିବା ପୁରୁଷମାନେ ମହିଳାଙ୍କ ପାଖରେ କମ୍ ଗ୍ରହଣୀୟ ହୋଇଥାନ୍ତି।

ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ମୁଖ୍ୟ ଗବେଷକ କାଜୁଓ ଫୁଜିଟା ୧୮ଟି କୁକୁରଙ୍କ ଉପରେ ପରୀକ୍ଷା କରିଥିଲେ। ଏହି ପରୀକ୍ଷାରେ କୁକୁରଙ୍କ ଉପସ୍ଥିତିରେ ତାଙ୍କ ମାଲିକମାନେ ଏକ ବାକ୍ସ ଖୋଲିବାରେ ସାହାଯ୍ୟ କରିବା ପାଇଁ ଅପରିଚିତ ଲୋକମାନଙ୍କୁ ଡାକିଲେ। କିଛି ଅପରିଚିତ ଲୋକ ସାହାଯ୍ୟ କରିବାକୁ ମନା କରିଦେଲେ ଓ କିଛି ଲୋକ ସାହାଯ୍ୟ କଲେ। ଆଉ କିଛି ଲୋକ ସାହାଯ୍ୟ କରିବାକୁ ମନା କଲେନି କି ସାହାଯ୍ୟ କଲେନି। ତା'ପରେ ଉକ୍ତ ଅପରିଚିତ ଲୋକମାନେ କୁକୁରଙ୍କୁ ଖାଇବାକୁ ଯାଚିଲେ। ସେତେବେଳେ ଉକ୍ତ କୁକୁରମାନେ ସାହାଯ୍ୟ କରିବାକୁ ମନା କରିଥିବା ଲୋକଙ୍କ ହାତରୁ କିଛି ଖାଇଲେ ନାହିଁ, କେବଳ ସାହାଯ୍ୟ କରିଥିବା ବା ସାହାଯ୍ୟ କରି ନ ଥିଲେ ବି ସାହାଯ୍ୟ କରିବାକୁ ମନା କରି ନ ଥିବା ଲୋକଙ୍କ ହାତରୁ ଖାଦ୍ୟ ଖାଇଲେ।

ପୋଷା ରଖିବା ଭିତରଦେଇ ମଣିଷ–କୁକୁରଙ୍କ ସମ୍ପର୍କ ଦୃଢ଼ୀଭୂତ ହୋଇଛି। ମାଲିକମାନଙ୍କ ବ୍ୟବହାରକୁ କୁକୁରମାନେ ଅନୁଧ୍ୟାନ କରିଆସିଛନ୍ତି। ସେମାନେ ଆମର ପ୍ରତ୍ୟେକ କାର୍ଯ୍ୟକଳାପକୁ ନିରୀକ୍ଷଣ କରିଥାନ୍ତି ଓ ଆମେ କେମିତିକା ମଣିଷ ତାହା ଅନୁମାନ କରିନେଇଥାନ୍ତି। ବୁଲିଯିବାର ସମୟ ହେଲା ବା ଭୋଜନ ସମୟ ହେଲା ବା ଆପଣ କୁଆଡ଼େ ଯିବାକୁ ବାହାରିଛନ୍ତି ତାହା କୁକୁରମାନେ ବୁଝିପାରନ୍ତି। ସେମାନେ ମଣିଷର ଶାରୀରିକ ଚଳନ ଓ କଥିତ ଭାଷା ବୁଝିବାର କ୍ଷମତା ଅର୍ଜନ କରିଥାନ୍ତି ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେଣୁ ତାଙ୍କ ମାଲିକାଣୀ ଚାହୁଁଥିବା ପୁରୁଷଟି ଭଲ ମଣିଷ କି ନା ଏବଂ ତାଙ୍କ ସହ ସମ୍ବନ୍ଧ ବାନ୍ଧିବା ଭବିଷ୍ୟତ ପାଇଁ ଭଲ ହେବ କି ନା ସେ ସମ୍ପର୍କରେ କୁକୁରମାନେ ନିଜ ବ୍ୟବହାର ମାଧ୍ୟମରେ ସ୍ପଷ୍ଟ ମତାମତ ଜଣାଇଦେଇ ପାରନ୍ତି। ସେମାନେ ଉପରଠାଉରିଆ ଭାବେ ଆକର୍ଷିତ ହେଉ ନ ଥିବାରୁ ଏବଂ ବ୍ୟବହାରକୁ ବିଶ୍ଳେଷଣ କରିବାରେ ସମୟ ଦେଇଥିବାରୁ ସେମାନଙ୍କ ବିଚାର ଉପରେ ନିର୍ଭର କରାଯାଇପାରେ। ଏହାଦ୍ୱାରା ଆପଣଙ୍କ ଜୀବନ ନଷ୍ଟ ହେବାରୁ ରକ୍ଷା ପାଇପାରିବ।

ଆପଣଙ୍କ କୁକୁର ଆପଣଙ୍କ ସମ୍ଭାବ୍ୟ ସାଥୀକୁ ନାପସନ୍ଦ କରୁଛି କିନା ତାହା ତା'ର ନିମ୍ନଲେଖ୍ୟ ବ୍ୟବହାରରୁ ଜାଣିପାରିବେ: * ପଛ ଦୁଇ ଗୋଡ଼ ମଝିରେ ଲାଞ୍ଜ ସ୍ଥିର ଥାଇ କାନ ଦୁଇଟା ପିଠିକୁ ଲାଗିଯାଇଥିବ। * ଗର୍ଜନ କରିବା ବା ରାଗରେ ଗର ଗର ହେବା। * ଊରୁ ସନ୍ଧିକୁ ନମ୍ର ଭାବରେ ଶୁଙ୍ଘିବା ହେଉଛି ଅନୁମୋଦନର ଲକ୍ଷଣ। କିନ୍ତୁ ଊରୁ ସନ୍ଧିକୁ କାମୁଡ଼ିବା ଏହାର ବିପରୀତ ଲକ୍ଷଣ। * ତୃତୀୟ ଡେଟ୍‌ରେ ଯଦି ଆପଣଙ୍କ କୁକୁର ଆପଣଙ୍କ ପୁରୁଷ ସାଥୀକୁ ଚାଟୁଛି, ତେବେ ସବୁ ଠିକ୍ ଅଛି। ପ୍ରଥମ ଡେଟ୍‌ରୁ ଯଦି ଉକ୍ତ ଚାଟିବା ଦେଖାଯାଏ, ତେବେ ଉକ୍ତ ସାଥୀକୁ ଆପଣ ସନ୍ଦେହ ଭିତରେ ରଖିପାରନ୍ତି। * ଯଦି ଆପଣଙ୍କ ଡେଟ୍ ଦିନ ଏକ ବାଡ଼ିକୁ ଫୋପାଡ଼ି ଦିଆଯାଏ ଏବଂ ସବୁ ଜିନିଷକୁ ଗୋଟେଇ ଆଣୁଥିବା କୁକୁର ଯଦି ଉକ୍ତ ବାଡ଼ିକୁ ଆଣିବାକୁ ନ ଯାଏ, ତେବେ ସେ ପୁରୁଷ ସାଥୀ ଆପଣଙ୍କ ପାଇଁ ଠିକ୍ ନୁହେଁ। * କୁକୁର ଯଦି ଉକ୍ତ ଲୋକକୁ ସ୍ୱାଗତ ନ କରେ। * ଉକ୍ତ ସାଥୀ ସହ ଆପଣଙ୍କୁ ଏକୁଟିଆ ଛାଡ଼ି କୁକୁର ଯଦି କୁଆଡ଼େ ଯିବାକୁ ନ ଚାହେଁ। * କୁକୁର ସହ ଆପଣଙ୍କ ସାଥୀ ଗଲାବେଳେ କୁକୁର ଯଦି ତାଙ୍କୁ ଆଗରେ ଯିବାକୁ ନ ଦିଏ। ଅର୍ଥାତ୍ କୁକୁର ଯଦି ନିଜେ ଆଗରେ ଯାଏ, ତେବେ ପୁରୁଷ ଲୋକଟି ପ୍ରତି ତା'ର ସମ୍ମାନ ନ ଥିବା ବୁଝାପଡ଼ିବ। ଏହିସବୁ ଲକ୍ଷଣରୁ ଆପଣ ବୁଝିପାରିବେ ଉକ୍ତ ସାଥୀ ଆପଣଙ୍କ ପାଇଁ ଉପଯୁକ୍ତ କି ନା।

Email: gandhim@nic.in

# ବିଦ୍ୟାସାଗରଙ୍କ ବିଚାର

**ଭାଲଚନ୍ଦ୍ର ଷଡ଼ଙ୍ଗୀ**

ଊନବିଂଶ ଶତାବ୍ଦୀରେ ଦେଶର ସାମାଜିକ ଜୀବନକୁ ବହୁଳ ଭାବେ ପ୍ରଭାବିତ କରିଥିବା ସମାଜ ସଂସ୍କାରକମାନଙ୍କ ମଧ୍ୟରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପ୍ରମୁଖ ଥିଲେ। ମହାଦେବ ଗୋବିନ୍ଦ ରାନାଡ଼େ, ରାଜା ରାମମୋହନ ରାୟ, ମହାତ୍ମା ଜ୍ୟୋତିବା ଫୁଲେଙ୍କ ଭଳି ଯଦିଓ ତାଙ୍କର କାର୍ଯ୍ୟ ପରିସର ଦେଶର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହିଁ ସୀମିତ ଥିଲା କିନ୍ତୁ ତାଙ୍କର ବିଚାରଧାରା ଓ ଆନ୍ଦୋଳନର ପ୍ରଭାବ ସମଗ୍ର ଦେଶରେ ଅନୁଭୂତ ହୋଇଥିଲା। ଧାର୍ମିକ ରକ୍ଷଣଶୀଳତା, କୁସଂସ୍କାର, ବାଲ୍ୟ ବିବାହ, ବିଧବା ବିବାହ, ନାରୀ ଶିକ୍ଷା, ଜାତି ବିଦ୍ୱେଷ ଭଳି ସେ ଉଠାଇଥିବା ପ୍ରସଙ୍ଗଗୁଡ଼ିକ ଦେଶବାସୀଙ୍କୁ ଆନ୍ଦୋଳିତ କରିଥିଲା।

ଆଜକୁ ଦୁଇଶହ ବର୍ଷ ତଳେ ୨୬ ସେପ୍ଟେମ୍ବର ୧୮୨୦ ମସିହାରେ ବଙ୍ଗଳାର ଅବିଭକ୍ତ ମେଦିନୀପୁର ଜିଲାର ବୀରସିଂ ଗ୍ରାମରେ ଏକ ଗରିବ ପରିବାରରେ ଈଶ୍ୱରଚନ୍ଦ୍ରଙ୍କ ଜନ୍ମ। ପିଲାବେଳରୁ ଜ୍ଞାନଲାଭ ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ଅଭାବ ସତ୍ତ୍ୱେ ସେ ନିଜର ପ୍ରାଥମିକ ଶିକ୍ଷା ନିଜ ଗ୍ରାମରେ ସଂସ୍କୃତ ଭାଷାରେ ଶେଷ କରିବା ପରେ ଉଚ୍ଚଶିକ୍ଷା ପାଇଁ କଲିକତାରେ ଏକ ସମ୍ପର୍କୀୟଙ୍କ ଘରେ ରହି ପଢ଼ିଥିଲେ। ସେଠାରେ ସଂସ୍କୃତ କଲେଜରେ ପଢ଼ିବା ସମୟରେ ସେ ବେଦାନ୍ତ, ବ୍ୟାକରଣ, ସାହିତ୍ୟ, ଦର୍ଶନ ଆଦି ଅନେକ ବିଷୟରେ ପଢ଼ିବାର ସୁଯୋଗ ପାଇଥିଲେ। ସଂସ୍କୃତ ତଥା ଅନ୍ୟାନ୍ୟ ବିଷୟରେ ତାଙ୍କର ଅଗାଧ ଜ୍ଞାନ ପାଇଁ ୧୮୩୯ ମସିହାରେ କଲେଜ ପକ୍ଷରୁ ତାଙ୍କୁ ବିଦ୍ୟାସାଗର ଉପାଧି ପ୍ରଦାନ କରାଯାଇଥିଲା। ୧୮୪୧ ମସିହାରେ ଆଇନରେ ସ୍ନାତକ ଡିଗ୍ରୀ ହାସଲ ପରେ ସେ ଫୋର୍ଟୱିଲିୟମ୍ କଲେଜରେ ସଂସ୍କୃତ ବିଭାଗର ମୁଖ୍ୟ ରୂପେ ଅଧ୍ୟାପନାରେ ଯୋଗ ଦେଇଥିଲେ।

ସେତେବେଳେ ଶିକ୍ଷା କହିଲେ ମୂଳତଃ ଗୁରୁକୁଳ ଆଧାରିତ ଥିଲା, ଯେଉଁଥିରେ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କୁ ହିଁ ପଢ଼ିବାର ସୁଯୋଗ ମିଳୁଥିଲା। ଏପରିକି ଉଚ୍ଚଜାତିର ମହିଳାମାନେ ବି ଶିକ୍ଷାଲାଭରୁ ବଞ୍ଚିତ ରହୁଥିଲେ। ବିଦ୍ୟାସାଗର ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷାର ସୁଯୋଗ ପାଇଁ ଉଦ୍ୟମ କରିଥିଲେ। ସେ ଅଧ୍ୟାପକ ଥିବା କଲେଜରେ ସର୍ବପ୍ରଥମେ ଅନ୍ୟ ଜାତିର ପିଲାଙ୍କୁ ପଢ଼ିବାର ସୁଯୋଗ ଦେଇଥିଲେ।

ଅଧିକରୁ ଅଧିକ ସାଧାରଣ ଲୋକଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସେ ନିଜର ମାତୃଭାଷାକୁ ଅଧିକ



ଜନ୍ମ–ଦ୍ୱିଶତବାର୍ଷିକୀ ଉପଲକ୍ଷେ

ସହଜ ଓ ବୋଧଗମ୍ୟ କରିବାକୁ ବଙ୍ଗଳାରେ 'ବର୍ଣ୍ଣ ପରିଚୟ' ନାମକ ପୁସ୍ତକ ରଚନା କରିଥିଲେ, ଯାହାକୁ ଆଜି ବି ପିଲା ପଢୁଛନ୍ତି। ନାରୀମାନଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟରେ ସେ ନିଜର ସହଯୋଗୀ ରାମଗୋପାଳ ଘୋଷ ଏବଂ ମଦନମୋହନଙ୍କ ସହ ମିଶି ଅନେକ ବାଳିକା ବିଦ୍ୟାଳୟ ଆରମ୍ଭ କରିଥିଲେ।

ବିଦ୍ୟାସାଗର ତତ୍କାଳୀନ ସମାଜରେ ଚାଲିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ସ୍ୱର ଉତ୍ତୋଳନ କରିବା ସହିତ ତାକୁ ଏକ ସାମାଜିକ ଆନ୍ଦୋଳନର ରୂପ ପ୍ରଦାନ କରିଥିଲେ। ସେତେବେଳେ ସମାଜରେ ବାଲ୍ୟବିବାହ ଏକ ସାଧାରଣ କଥା ଥିଲା। ବାଲ୍ୟାବସ୍ଥାରେ ନିଜର ଅଜାଣତରେ ବିବାହ କରୁଥିବା ଅନେକ ବାଳିକା ପରବର୍ତ୍ତୀ ଅବସ୍ଥାରେ ବିଧବା ହୋଇ ସାରା ଜୀବନ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଜୀବନ ଅତିବାହିତ କରୁଥିଲେ। ବିଦ୍ୟାସାଗର ବାଲ୍ୟବିବାହ ଓ ବିଧବା ପ୍ରଥା ବିରୋଧରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିବା ସହିତ ବିଧବାମାନଙ୍କ ପୁନର୍ବିବାହ ପାଇଁ ସଚେତନତା ସୃଷ୍ଟି କରୁଥିଲେ ଏବଂ ନିଜ ଉଦ୍ୟମରେ ଶହ ଶହ ବିଧବାଙ୍କ ପୁନର୍ବିବାହର ବ୍ୟବସ୍ଥା କରିଥିଲେ।

ବିଦ୍ୟାସାଗର ତତ୍କାଳୀନ ସମାଜରେ ଆରମ୍ଭ ହୋଇଥିବା ନବଜାଗରଣ ଆନ୍ଦୋଳନର ଅନ୍ୟତମ ବିଦ୍ଧାଣୀ ଥିଲେ। ତାଙ୍କର ପୂର୍ବସୂରୀ ରାଜା ରାମମୋହନ ରାୟ (୧୭୭୨–୧୮୩୦), ମହାରାଷ୍ଟ୍ରର ମହାଦେବ ଗୋବିନ୍ଦ ରାନାଡେ (୧୮୪୮–୧୯୦୧) ପ୍ରମୁଖ ସମାଜ ସଂସ୍କାରକ ଆରମ୍ଭ କରିଥିବା ଏହି ଆନ୍ଦୋଳନକୁ ସେ ଆଗକୁ ନେଇଥିଲେ। ରାଜା ରାମମୋହନଙ୍କ ଅଭିଯାନର ଫଳସ୍ୱରୂପ ବ୍ରିଟିଶ ସରକାର ୧୮୨୯ ମସିହାରେ ସତୀଦାହ ପ୍ରଥାକୁ ନିଷିଦ୍ଧ କରିଥିବା ବେଳେ ବିଦ୍ୟାସାଗରଙ୍କ ସଂଗ୍ରାମର ଚାପରେ ୧୮୫୬ ମସିହାରେ ବିଧବା ପୁନର୍ବିବାହ ଆଇନ ପ୍ରଣୟନ ହୋଇଥିଲା। ୧୮୭୦ ମସିହାରେ କନ୍ୟାଭ୍ରୂଣ ହତ୍ୟା ନିଷିଦ୍ଧ ହୋଇଥିବା ବେଳେ ୧୮୯୧ ମସିହାରେ ବିବାହ ପାଇଁ ମହିଳାଙ୍କ ସମ୍ମତିର ବୟସକୁ ସରକାର ୧୦ରୁ ୧୨ ବର୍ଷକୁ ବୃଦ୍ଧି କରିଥିଲେ, ଯାହାକି ପରେ ୧୯୨୯ ମସିହାରେ ଏହା ୧୪ ବର୍ଷକୁ ବୃଦ୍ଧି କରାଯାଇଥିଲା। ବିଦ୍ୟାସାଗର ଧାର୍ମିକ ରକ୍ଷଣଶୀଳତା, କୁସଂସ୍କାର ଓ ସାମାଜିକ ଭେଦଭାବ ବିରୋଧରେ ସଂଗ୍ରାମ କରୁଥିବାରୁ ତାଙ୍କୁ ସମାଜର ରୁଢ଼ିବାଦୀ ଶକ୍ତିମାନଙ୍କ ବିରୋଧର ଶିକାର ହେବାକୁ ପଡୁଥିଲା।

ମୋ– ୯୪୩୭୧୬୭୩୯୧,
bhalachandra.odisha@gmail.com

## ଏଇ ଭାରତରେ

ଏଡ୍‌ସ ଏକ ମାରାତ୍ମକ ରୋଗ ହେଲେ ମଧ୍ୟ ଏଥିରେ ପୀଡିତ ବ୍ୟକ୍ତି ସମାଜରେ ଅଛୁଆଁ ନୁହନ୍ତି। ସାଧାରଣ ଜୀବନଶୈଳୀରେ ବଞ୍ଚିବା ସହ ସମାଜର ସବୁ କାର୍ଯ୍ୟରେ ଏମାନଙ୍କ ଯୋଗଦାନ ରହିଛି ବୋଲି ବାର୍ତ୍ତା ଦେଇଛି କୋଲକାତାର ଏକ ଦୁର୍ଗାପୂଜା ମଣ୍ଡପ। ୧୦ ଜଣ ଏଡ୍‌ସ ପୀଡିତ ମହିଳା ଦୁର୍ଗାପୂଜା ମଣ୍ଡପ ନିର୍ମାଣ କରିଛନ୍ତି। ପୂର୍ବ କୋଲକାତାର କମରଟାଙ୍ଗା ସାଧାରଣ ଦୁର୍ଗୋତ୍ସବ ସମିତି ସହିତ ପରାଧୀନ ଭାରତର ଇତିହାସ ଯୋଡି ହୋଇ ରହିଛି। ଟେଙ୍ଗରାର ପାଣ୍ଡରୀ ରୋଡସ୍ଥିତ ଦୁର୍ଗା ମଇଦାନରେ ଏହି ପୂଜା ପ୍ରଥମେ ଆରମ୍ଭ ହୋଇ ଏଥର ଶହେବର୍ଷରେ ପଦାର୍ପଣ କରିଛି। ପୂଜା ମଣ୍ଡପକୁ ଏଡ୍‌ସ ପୀଡିତ ମହିଳାମାନେ 'ଅପରୂପ ବଙ୍ଗଳା' ଥିମ୍‌ରେ ନିର୍ମାଣ କରିଛନ୍ତି। ମଣ୍ଡପରେ ବଙ୍ଗଳାର ସଭ୍ୟତା, ସଂସ୍କୃତି ଓ ସୌନ୍ଦର୍ଯ୍ୟକୁ ପ୍ରଦର୍ଶନ କରାଯାଇଛି। ସମସ୍ତ ଏଡ୍‌ସ ପୀଡିତା ଉତ୍ତର ୨୪ ପ୍ରଗଣାରେ ରହନ୍ତି। ମଣ୍ଡପରେ ୧୧୦ କିଲୋ ରୁପାରେ ନିର୍ମିତ ମା' ଦୁର୍ଗାଙ୍କ ୧୫ ଫୁଟ ଉଚ୍ଚା ମୂର୍ତ୍ତି ପୂଜା ପାଇବ। ମା'ଙ୍କ ମୂର୍ତ୍ତିକୁ ଉତ୍ତର ୨୪ ପ୍ରଗଣା ଜିଲା ହାଓଡାସ୍ଥିତ ବାଣୀପୁରରେ ପ୍ରାୟ ୬ ମାସ ହେବ ୧୦ ଜଣ କାରିଗର ନିର୍ମାଣ କରୁଛନ୍ତି। ଏଥିରେ ୬୦ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏଥର ମା' ଦୁର୍ଗା ହାତରେ ଅସ୍ତ୍ରଶସ୍ତ୍ର ନ ଧରି ପ୍ରଜ୍ୱଳିତ ଦୀପ ଧରିବେ। ଏହା ଶାନ୍ତିର ପ୍ରତୀକ ବୋଲି କୁହାଯାଉଛି।

## ଚିରନ୍ତନୀ

ଯେଉଁ ଶୂନ୍ୟତାକୁ ଭେଦି
ରବିରଶ୍ମି ନ ପାରଇ ପଶି
କରିବ ଉଜ୍ଜ୍ୱଳ ତାହା ପରେ
ସଦା ଝରି ମୋର ମସୀ।
ଲୁହାର କପାଟ ସମ
କାଟି ଦେଇ ବିଶ୍ୱର ବିଷାଦ
ଜଣାଇବି ଆଜି କୋଟି
ଶତାବ୍ଦୀ ସଞ୍ଚିତ ପ୍ରତିବାଦ।

(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 1 | 6 | | | | | 9 | | | 7 | | | |
| | | | | | | E | C | D | | | | 5 | B | |
| | 8 | E | 9 | D | | | | 7 | | | | A | 0 | |
| | | A | | 1 | C | 8 | 2 | 0 | E | 6 | 9 | | | |
| | | 3 | A | | | | B | | | | | | | |
| | | | 8 | | 6 | | | 2 | 0 | | | | | |
| | | | | | | B | | | | | A | | | |
| | | | | | | | | | | 8 | E | | 3 | C |
| 3 | 6 | D | | | 7 | | | | B | | | | | 8 |
| 9 | 4 | | | | 1 | D | 0 | 6 | | 2 | | | | E |
| 0 | | C | | 3 | 8 | | | | A | 7 | | | | |
| 2 | | | 7 | | 9 | | 1 | 5 | D | | | 4 | A | |
| | D | | 4 | | | | E | C | | | B | | | 7 |
| | | 5 | | | | 3 | | | | 4 | | | 9 | |
| | | 9 | 1 | | 5 | | D | | C | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | B | C | 0 | 1 | 3 | 7 | E | 4 | A | 9 | 8 | 6 | 5 | D |
| 5 | 4 | 3 | E | D | 2 | 8 | 6 | 9 | C | 1 | 7 | 0 | A | B |
| A | 7 | D | 9 | C | 6 | 0 | 1 | B | 5 | 2 | 4 | E | 8 | 3 |
| 1 | 0 | 9 | A | 8 | B | 2 | 3 | 5 | D | E | 6 | C | 4 | 7 |
| E | 8 | 6 | 5 | 4 | 7 | D | A | C | 0 | B | 3 | 1 | 9 | 2 |
| C | 1 | 4 | D | 6 | 8 | A | 2 | 0 | E | 3 | 9 | B | 7 | 5 |
| 3 | 5 | 2 | 1 | 9 | A | 4 | B | E | 7 | 0 | D | 8 | 6 | C |
| B | A | E | 7 | 0 | C | 5 | 8 | D | 2 | 6 | 1 | 4 | 3 | 9 |
| 0 | 6 | 8 | 4 | 3 | 5 | 9 | 7 | 1 | B | C | A | 2 | D | E |
| D | 9 | 7 | B | 2 | E | 6 | C | 3 | 8 | 4 | 5 | A | 0 | 1 |
| 7 | 2 | 0 | 8 | B | 1 | 3 | 4 | A | 9 | D | E | 5 | C | 6 |
| 8 | E | 1 | 3 | 7 | D | C | 5 | 6 | 4 | A | B | 9 | 2 | 0 |
| 9 | C | B | 6 | 5 | 4 | 1 | D | 2 | 3 | 8 | 0 | 7 | E | A |
| 6 | 3 | 5 | 2 | A | 9 | E | 0 | 8 | 1 | 7 | C | D | B | 4 |
| 4 | D | A | C | E | 0 | B | 9 | 7 | 6 | 5 | 2 | 3 | 1 | 8 |

ଗତକାଲିର ଉତ୍ତର

# ମାନ୍ଦାବସ୍ଥାର ମହୌଷଧି



**ବିଚିତ୍ର ବିଶ୍ୱାଳ**

ଚାଷୀର ଫସଲ ଅମଳ ସମୟରେ ତଥା ବଜାରରେ ଚାହିଦା ନ ଥିବା ବେଳେ ଚାଷୀ ଯେମିତି ତା' ତିରିଶ ଟଙ୍କା କିଲୋ ପିଆଜକୁ ମାତ୍ର ପାଞ୍ଚ ଟଙ୍କାରେ ବିକିବାକୁ ବାଧ୍ୟ ହୋଇଥାଏ, ସେମିତି ବଜାରରେ ମାନ୍ଦାବସ୍ଥା ବେଳେ ଅଟୋମୋବାଇଲ୍ କମ୍ପାନୀମାନେ ତାଙ୍କ ପନ୍ଦର ଲକ୍ଷ ଟଙ୍କା ଗାଡ଼ିକୁ ଦୁଇ ତିନି ଲକ୍ଷ ଟଙ୍କାରେ ବିକ୍ରି କରିବେ କି! ଗତ କିଛି ଦିନ ତଳର ଏହିଭଳି ଏକ ଫେସ୍‌ବୁକ୍ ପୋଷ୍ଟକୁ ବହୁତ ଲୋକ ପସନ୍ଦ କରୁଥିବାର ଦେଖାଯାଉଛି। ଯଦିଓ ଏହି କଥାଟି ମଜାଳିଆ ଢଙ୍ଗରେ କୁହାଯାଇଛି, କିନ୍ତୁ ଏହାର ଗମ୍ଭୀରତାକୁ ବି ଏଡ଼ାଇ ଦେଇହେବ ନାହିଁ। ଏହା ସତ୍ୟ ଯେ, ଚାଷୀମାନେ ଚାଷରେ ବର୍ଷ ବର୍ଷ ଧରି ମାନ୍ଦାବସ୍ଥାର ଶିକାର ହୋଇ ଆସୁଛନ୍ତି। ପ୍ରତିବର୍ଷ ଆମ ଦେଶର ଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟର ନ୍ୟାୟପୂର୍ଣ୍ଣ ମୂଲ୍ୟ ପାଉନାହାନ୍ତି। ଚାଷରେ ଯେତିକି ସେମାନେ ଖର୍ଚ୍ଚ କରୁଛନ୍ତି, ଉତ୍ପାଦିତ ଦ୍ରବ୍ୟକୁ ବିକିଲେ ସେମାନଙ୍କ ଖର୍ଚ୍ଚ ବି ଉଠୁନାହିଁ। ସରକାର ଘୋଷଣା କରୁଥିବା ସର୍ବନିମ୍ନ ସହାୟକ ମୂଲ୍ୟ ବି ଚାଷୀମାନଙ୍କ ପ୍ରତି ଉପହାସ ଭଳି। ଅନେକ କ୍ଷେତ୍ରରେ ଚାଷୀମାନେ ତାଙ୍କ ଉତ୍ପାଦନକୁ ଅମଳ କରି ବଜାରକୁ ଆଣିବା ଅପେକ୍ଷା ଜମିରେ ଗୋରୁ ଛାଡ଼ିଦେବାକୁ ପସନ୍ଦ କରୁଛନ୍ତି। ଏହା କହିବା ବାହୁଲ୍ୟ ଯେ, କ୍ରମାଗତ ଭାବେ ଚାଷୀମାନେ କ୍ଷତି ସହି ସହି ତାଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲାଣି।

ଅଟୋମୋବାଇଲ୍ ଶିଳ୍ପ, କପଡ଼ା ଶିଳ୍ପ, ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ର ପରି ଚାଷ ମଧ୍ୟ ଆମ ଦେଶ ଅର୍ଥନୀତିର ଏକ ଅଂଶ। ଚାଷରେ ମାନ୍ଦାବସ୍ଥା ଆସିଲେ ଅର୍ଥନୀତି ଉପରେ ମଧ୍ୟ ମାନ୍ଦାବସ୍ଥା ଆସିବ। କାରଣ ଆମ ଦେଶର ପ୍ରାୟ ପଚାଶ ପ୍ରତିଶତରୁ ଅଧିକ ଲୋକ ଚାଷକରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। କାର୍ ବିକ୍ରି କମିଯିବା ଯୋଗୁ ହେଉ ବା ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଧିମାପଣ ଆସିଥିବା ଯୋଗୁ ଯେମିତି ଅର୍ଥନୈତିକ ପରିସ୍ଥିତିରେ ମାନ୍ଦାବସ୍ଥା ଉପୁଜୁଛି, ସେମିତି ଆମ ଦେଶର ଚାଷୀମାନେ ଯେତେବେଳେ ତାଙ୍କ ଉତ୍ପାଦିତ ଦ୍ରବ୍ୟକୁ ଅତ୍ୟନ୍ତ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ଓ ପ୍ରଚୁର ପରିମାଣରେ କ୍ଷତି ସହୁଛନ୍ତି, ସେତେବେଳେ ଏହାର ନକାରାତ୍ମକ ପ୍ରଭାବ କ'ଣ ଅର୍ଥନୀତି ଉପରେ ପଡୁନାହିଁ? ଚାଷୀମାନେ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପାଉ ନ ଥିବାରୁ ସେମାନଙ୍କ କ୍ରୟଶକ୍ତି ହ୍ରାସ ପାଉଛି। ଅନେକ ପ୍ରକାର ଖାଉଟି ସାମଗ୍ରୀ କିଣିବାକୁ ସେମାନଙ୍କର ଶକ୍ତି ପାଉନି। ଦେଶର ଗୋଟେ ବଡ଼ ଭାଗ ଜନସଂଖ୍ୟାର କ୍ରୟଶକ୍ତି ହ୍ରାସ ପାଇଲେ ଏହାର ପ୍ରଭାବ ଅର୍ଥନୀତି ଉପରେ ନିଶ୍ଚୟ ପଡ଼ିବ ଓ ପଡୁଛି ମଧ୍ୟ। କିନ୍ତୁ ସେତେବେଳେ ସରକାର ଚାଷୀମାନଙ୍କ ପାଇଁ ଅଧିକ କିଛି କରୁଥିବାର କୌଣସି ବି ନଜିର ନାହିଁ। ଦେବାଳିଆ ହୋଇଗଲେ, ଅଧିକ ଋଣଭାରରେ ବୁଡ଼ିଗଲେ ବା ବିକ୍ରିବଟାରେ ମାନ୍ଦାବସ୍ଥା ଆସିଲେ, ସରକାର ଯେମିତି ବ୍ୟାଙ୍କ ଓ ବଡ଼ ବଡ଼ କମ୍ପାନୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଦେଉଛନ୍ତି, ଚାଷୀମାନଙ୍କ କ୍ଷେତ୍ରରେ ସେମିତି କିଛି କରିବାର ସରକାରଙ୍କ ତରଫରୁ ଦେଖାଯାଇ ନାହିଁ। ଏଥିରୁ ସରକାରଙ୍କର ଚାଷୀମାନଙ୍କ ପ୍ରତି ଥିବା ଗରମ ମନୋଭାବ ଓ କମ୍ପାନୀଗୁଡ଼ିକ ପ୍ରତି ଥିବା ନରମ ମନୋଭାବର ସ୍ପଷ୍ଟ ପରିଚୟ ମିଳୁଛି।

ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁ ଗତ କିଛି ଦିନ ହେବ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସବୁଠାରୁ ଅଧିକ ସମାଲୋଚନା କରାଯାଉଥିଲା। କିନ୍ତୁ ଗତ ଚାରି ପାଞ୍ଚ ଦିନ ହେବ ହଠାତ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସବୁଠାରୁ ଅଧିକ ସାହସୀ ଓ ଆଇରନ୍ ଲେଡି ଭାବେ ଉପସ୍ଥାପନ କରାଯାଉଛି। ଏଇ ଚାରି ପାଞ୍ଚ ଦିନ ଭିତରେ କ'ଣ ଏମିତି ହଠାତ୍ ବଦଳିଗଲା ଯେ, ସବୁଠାରୁ ଦୁର୍ବଳ ଭାବେ ଗଣନା କରାଯାଉଥିବା ବ୍ୟକ୍ତିଙ୍କୁ ସବୁଠାରୁ ସାହସୀ ବ୍ୟକ୍ତି ଭାବେ ପ୍ରଚାର କରାଯାଉଛି! କାରଣ ଗତ ସେପ୍ଟେମ୍ବର ୨୦ ତାରିଖରେ ଅର୍ଥମନ୍ତ୍ରୀ ମାନ୍ଦାବସ୍ଥା ପରିସ୍ଥିତିରୁ ଦେଶକୁ ଉଦ୍ଧାର କରିବା ପାଇଁ କମ୍ପାନୀଗୁଡ଼ିକ ଉପରେ ବସୁଥିବା କର୍ପୋରେଟ୍ ଟିକସକୁ ୩୦%ରୁ କମ୍ କରି ୨୨% କରିଦେଇଛନ୍ତି ଓ ନୂଆ ଉତ୍ପାଦନଭିତ୍ତିକ କମ୍ପାନୀଗୁଡ଼ିକ ପାଇଁ ଟିକସକୁ ୨୫%ରୁ କମ୍ କରି ୧୫% କରିଛନ୍ତି। ସିଧା କଥାରେ କହିଲେ ଅର୍ଥମନ୍ତ୍ରୀ କମ୍ପାନୀଗୁଡ଼ିକ ପାଇଁ ପ୍ରାୟ ୮ରୁ ୧୦% ଟିକସ ରିହାତି ଘୋଷଣା କରିଛନ୍ତି। ସୀତାରାମନ୍‌ଙ୍କ ଏହି ପଦକ୍ଷେପ ପାଇଁ ତାଙ୍କୁ ଭୂରି ଭୂରି ପ୍ରଶଂସା କରାଯାଉଛି। କର୍ପୋରେଟ୍ କଥାରେ ନାଚୁଥିବା ମିଡ଼ିଆହାଉସ୍ ଓ ଅର୍ଥନୀତି ବିଶାରଦମାନେ ନିର୍ମଳା ସୀତାରାମନ୍‌ଙ୍କ ପ୍ରଶଂସାରୁ ବିରତ ହେଉନାହାନ୍ତି ଓ ଏହାଦ୍ୱାରା ଆମ ଅର୍ଥନୀତିରେ ତୀବ୍ରତା ଆସିବ ବୋଲି କୁହାଯାଉଛି। କିନ୍ତୁ ଗୋଟିଏ କଥା ବୁଝିହେଉ ନାହିଁ ଯେ, ଯେତେବେଳେ କୁହାଯାଉଛି, ଘରୋଇ ଚାହିଦା କମ୍ ହେଉଥିବାରୁ ଅର୍ଥାତ୍ ଲୋକଙ୍କର କ୍ରୟଶକ୍ତି ହ୍ରାସ ପାଇଥିବାରୁ ଅର୍ଥନୀତିରେ ମାନ୍ଦାବସ୍ଥା ଆସିଛି, ସେତେବେଳେ କର୍ପୋରେଟ୍ ଟିକସ କମ୍ କରିଦେଲେ ଘରୋଇ ଚାହିଦା କିପରି ବଢ଼ିବ ଓ ଏହା କିପରି ଭାବେ ଅର୍ଥନୀତିରେ ଉନ୍ନତି ଆଣିବ! ଅବଶ୍ୟ ବଡ଼ ଲୋକଙ୍କୁ ଉତ୍ତର ଦେବ କିଏ! ଆମ ଦେଶର ନୀତି ଓ ଆଇନକାନୁନ୍ ମୁଖ୍ୟତଃ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ହିଁ ପରିଚାଳିତ ହେଉଛି ବୋଲି ଆଉ ବୁଝିବାରେ ବାକି ନାହିଁ। ତେଣୁ ସୀତାରାମନ୍‌ଙ୍କ ଏହି ପଦକ୍ଷେପରେ ବେଶି କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। ତଥ୍ୟ ଅନୁସାରେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦନର ଉଚିତ ମୂଲ୍ୟ ମିଳୁ ନ ଥିବା ଯୋଗୁ ୨୦୦୭ରୁ ୨୦୧୭ ମଧ୍ୟରେ ଆମ ଦେଶର ଚାଷୀମାନେ ପ୍ରାୟ ୪୫ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ଠିକ୍ ଏହି ସମୟରେ କର୍ପୋରେଟ୍‌ମାନଙ୍କୁ ବିଭିନ୍ନ ପ୍ରକାର ଟିକସ ରିହାତି ମାଧ୍ୟମରେ ବର୍ଷକୁ ପ୍ରାୟ ୧.୪୫ ଲକ୍ଷ କୋଟି ଟଙ୍କା ରିହାତି ପ୍ରଦାନ କରାଯାଉଛି। ଏବେ ପୁଣି କର୍ପୋରେଟ୍ ଟିକସକୁ କମ୍ କରାଯାଇଛି। ଏହାଦ୍ୱାରା କର୍ପୋରେଟ୍‌ମାନଙ୍କର ପୁଞ୍ଜି ସିନା ବଢ଼ିବ କିନ୍ତୁ ଆମ ଦେଶର ଅର୍ଥନୀତି ତା'ର ଈପ୍ସିତ ଲକ୍ଷ୍ୟ ହାସଲ କରିପାରିବ ନାହିଁ।

ସମ୍ପ୍ରତି ଆମ ଦେଶରେ ଦେଖାଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥାରେ ଉନ୍ନତି ଆଣିବାକୁ ହେଲେ ଘରୋଇ ଚାହିଦା ବଢ଼ାଇବାକୁ ହେବ, ଅର୍ଥାତ୍ ଲୋକଙ୍କ କ୍ରୟଶକ୍ତି ବଢ଼ାଇବାକୁ ହେବ। ଫଳସ୍ୱରୂପ ସେମାନେ ଜଣେ ଜଣେ ଦକ୍ଷ ଖାଉଟି ହୋଇପାରିବେ ଓ ପ୍ରକାରାନ୍ତରେ ତାହା ହିଁ ଅର୍ଥନୈତିକ ମାନ୍ଦାବସ୍ଥାରେ ସୁଧାର ଆଣିବ। ଘରୋଇ ଚାହିଦା ବଢ଼ାଇବା ପାଇଁ ସବୁଠାରୁ ବଡ଼ କାମ ହେବ ଆମ ଦେଶର ପଚାଶ ପ୍ରତିଶତ ଚାଷୀଙ୍କ ଅବସ୍ଥାରେ ଉନ୍ନତି ଆଣି ତାଙ୍କ କ୍ରୟଶକ୍ତି ବଢ଼ାଇବା। ନଚେତ୍ କର୍ପୋରେଟ୍ ଟିକସ କମ୍ କଲେ ଏହା କିଛିଦିନ ପାଇଁ ବଜାରରେ ହଲ୍‌ଚଲ୍ ତିଆରି କରିବ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ସମାଧାନ ଆସିବ ନାହିଁ। ଅସଲରେ ଚାଷୀଙ୍କ ଉନ୍ନତି ହିଁ ଅର୍ଥନୈତିକ ମାନ୍ଦାବସ୍ଥାର ସବୁଠାରୁ ଅମୂଲ୍ୟ ମହୌଷଧି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ଅପଚୟରୁ କ୍ଷାନ୍ତ ରୁହନ୍ତୁ

ମହାଶୟ,

ଧରିତ୍ରୀ ସମ୍ପାଦକୀୟ ପୃଷ୍ଠାରେ ସ୍ଥାନିତ ପ୍ରକାଶ ତ୍ରିପାଠୀଙ୍କ 'ଅଧା ଗ୍ଲାସ୍ ପାଣି' ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ରାଜସ୍ଥାନ ମରୁଅଞ୍ଚଳ। ସେଠାରେ କମ୍ ପରିମାଣରେ ବର୍ଷା ହୋଇଥାଏ। ଜଳାଭାବରୁ ଲୋକ ମାଇଲ ମାଇଲ ଦୂର ଯାଇ ଜଳ ଆଣି ଶୋଷ ମେଣ୍ଟାଇଥାନ୍ତି। ସୁତରାଂ ଅଧା ଗ୍ଲାସ୍ ପାଣିରେ ଯଦି ଶୋଷ ମେଣ୍ଟିପାଉଛି, ତେବେ ପୂରା ଗ୍ଲାସ୍ ମାଗିବା କାହିଁକି ? ଜଳ ହିଁ ଜୀବନ। ଆମ ଦେଶରେ ଦୈନିକ ୩୦୦ କୋଟି ଲିଟର ପାଣି ନଷ୍ଟ ହେଉଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର 'ମନ୍‌କୀ ବାତ୍'ରେ ଜଳ ସଂରକ୍ଷଣ ସାଙ୍ଗକୁ ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସୁତରାଂ ଜଳ ଯେପରି ଅପଚୟ ନ ହୁଏ, ସେ ଦିଗରେ ସମସ୍ତେ ସତର୍କ ହେବା ଉଚିତ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ନୀତି ଓ ନୈତିକତାର ଶିକ୍ଷା

ଏବେର ଶିକ୍ଷା ବ୍ୟବସ୍ଥାରେ ନୀତି ଓ ନୈତିକତାର ଶିକ୍ଷା ବ୍ୟବସ୍ଥା ନ ଥିବାରୁ ବିଦ୍ୟାର୍ଥୀମାନେ କେବଳ ଚାକିରିସର୍ବସ୍ୱ ହେଉଛନ୍ତି। ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚରିତ୍ର ଗଠନ ଓ ଯୋଗ୍ୟତା ଅର୍ଜନ। ପାଠ୍ୟପୁସ୍ତକ ଜନିତ ବିଦ୍ୟାର୍ଜନ ପ୍ରତି କେବଳ ଗୁରୁତ୍ୱ ଦିଆଯାଇ ଚରିତ୍ରଗଠନକୁ ଉପେକ୍ଷା କରାଯାଉଛି। ଏହା ଫଳରେ ସମାଜରେ ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର, ହିଂସା, ଦ୍ୱେଷ ଓ ପରଶ୍ରୀକାତରତା ପରି ଦୁର୍ଗୁଣ ବୃଦ୍ଧିପାଉଛି। ଭୌତିକ ଅଗ୍ରଗତି ଯେତିକି ହେଉଛି ନୈତିକ ଓ ମାନବିକ ମୂଲ୍ୟବୋଧର ସେତିକି ଅବକ୍ଷୟ ହେଉଛି। ଜାପାନରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହୁଏ ନାହିଁ। କେବଳ ଉତ୍ତମ ଆଚାର ଓ ବ୍ୟବହାରର ଶିକ୍ଷା ଦିଆଯାଏ। ବସ୍ତାନି ବୋଝ ନ ଥାଏ। ଆମ ଶିକ୍ଷା ବ୍ୟବସ୍ଥାରେ ନୀତି ଓ ନୈତିକତାର ଶିକ୍ଷା ଦିଆ ନ ଯିବା ପର୍ଯ୍ୟନ୍ତ ଏହିପରି ଦୁର୍ଗତି ଲାଗି ରହିଥିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୬ ସେପ୍ଟେମ୍ବର ୧୯୯୪

- ଶକ୍ତି କ୍ଷେତ୍ର ପାଇଁ ଆମେରିକା ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ।
- ବିଳମ୍ବରେ ହେଲେ ମଧ୍ୟ ଭାରତ–ବାଂଲାଦେଶ ସୀମାନ୍ତରେ କଣ୍ଟାବାଡ଼ ବସାଇବା କାର୍ଯ୍ୟ ଆରମ୍ଭ ହେଲା।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ

# ପୋଲିସ ଲୋକଙ୍କ ଆକ୍ରୋଶର ଶିକାର

## ପିଲାଚୋର ଅଭିଯୋଗରେ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କୁ ଉଦ୍ଧାର କରିବାକୁ ଯାଇଥିଲା ହାତୀବାରି ଥାନା ପୋଲିସ

**ନୂଆଗାଁ, ୨୫।୯ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲା ହାତୀବାରି ଥାନା ପୋଲିସଙ୍କୁ ବୁଧବାର ରାତିରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି। ପିଲାଚୋର ଅଭିଯୋଗରେ ଲୋକଙ୍କ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କୁ ଉଦ୍ଧାର କରିବାକୁ ଯାଇଥିବାବେଳେ ପୋଲିସକୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଛି। ଲୋକେ ପୋଲିସ ଗାଡ଼ି ଘେରିଯାଇଥିଲେ। ପୋଲିସକୁ ଠେଲାପେଲା କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ପୋଲିସ ଗାଡ଼ିକୁ ଅଟକ ରଖିଥିବା ଜଣାପଡ଼ିଛି। ନୂଆଗାଁ ବ୍ଲକ କୋକେରମା ପଞ୍ଚାୟତ ଅନ୍ତର୍ଗତ ରଘୁଡିପା ଗ୍ରାମର ଜଣେ ୩ବର୍ଷର ବାଳକ ଘର ଅଗଣାରେ ଖେଳୁଥିବାବେଳେ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ଯୁବକ ବାଳକର ହାତଟାଣି ନେଉଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସମ୍ପୃକ୍ତ ଯୁବକଙ୍କୁ ପିଲାଚୋର ଭାବି ନିସ୍ତୁକ ମାଡ ମାରିଥିଲେ। ଖବରପାଇ ହାତୀବାରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କୁ ଉଦ୍ଧାର କରି ପୋଲିସ ଭ୍ୟାନରେ ନେଉଥିଲେ। ଉତ୍ୟକ୍ତ ଲୋକେ ପୋଲିସ ଭ୍ୟାନକୁ ଘେରିଯାଇ ପିଲା ଚୋରଙ୍କୁ ତାଙ୍କୁ ହସ୍ତାନ୍ତର କରାଯାଉ ବୋଲି ଅଡି ବସିଥିଲେ। ଏପରିକି ସେହି ସମୟରେ ପୋଲିସଙ୍କୁ ଠେଲାପେଲା ମଧ୍ୟ କରିଥିବା ଖବର ମିଳିଛି। ପିଲା ଚୋର ଅଭିଯୋଗରେ ଯେଉଁ ଯୁବକଙ୍କୁ ଗାଁ ଲୋକେ ମାଡ ମାରିଛନ୍ତି, ସେ ଝାଡଖଣ୍ଡର ପରନା ଗ୍ରାମର ଯୁବକ ଓ ତାଙ୍କର ମାନସିକ ବିକୃତି ଥିବା ଜଣାପଡିବା ପରେ ମଧ୍ୟ ଗାଁ ଲୋକେ ପୋଲିସକୁ ଘେରାଉ କରି ରଖିଛନ୍ତି।



କୋକେରମା ପଞ୍ଚାୟତରେ ଲୋକେ ପୋଲିସକୁ ଘେରାଉ କରି ରଖିଛନ୍ତି।

## ସଂକ୍ଷେପରେ

### ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ଅମରପାଲି, ୨୫।୯ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ଅନ୍ତର୍ଗତ ଖଣ୍ଡହତାସ୍ଥିତ ସମାଜସେବୀ ସଂଗଠନ ପ୍ରୟାସ ସମବାୟ ସମିତି ସଭାପତି ପ୍ରଦୀପ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁର ତଦନ୍ତ ପାଇଁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଣ୍ଡହତା ପଞ୍ଚାୟତର ପୁଇପାଣୀ ଗ୍ରାମର ପ୍ରଦୀପ ଗତ ୧୯ ତାରିଖ ରାତି ପ୍ରାୟ ୯ଟାରୁ ୧୦ଟା ମଧରେ ଖଣ୍ଡହତାସ୍ଥିତ ନିଜ ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଘରକୁ ଫେରିବାରୁ ବିଳମ୍ବ ହେବାରୁ ଘରଲୋକେ ତାଙ୍କୁ ଖୋଜିବାକୁ ଆସିଥିଲେ। ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ତାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ଜଣାପଡିନାହିଁ। ବୁଧବାର ପ୍ରୟାସର ସଭାପତି ରାଧେଶ୍ୟାମ ମିଶ୍ର, ବ୍ରଜାନନ୍ଦ ସାହୁ, ଭରତ ନନ୍ଦ, ଲଡୁଗୋପାଳ ଉର୍ମି ପ୍ରମୁଖ ଥାନାରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ବିଶେଷଜ୍ଞ କମିଟିର ବୀରମହାରାଜପୁର, ସୋନପୁର ଉପକାରାଗାର ପରିଦର୍ଶନ

**ସୋନପୁର,୨୫।୯(ନି.ପ୍ର.)**

ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ପକ୍ଷରୁ ମନୋନିତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି(ଶିଶୁ ସୁରକ୍ଷା) ବୁଧବାର ବୀରମହାରାଜପୁର ଉପ କାରାଗାରକୁ ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟି ସଦସ୍ୟ ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ, ଅବକାଶ ମିଶ୍ର ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ବୀରମହାରାଜପୁର ଉପକାରାଗାର ପରିଦର୍ଶନ କରିଥିଲେ। ସେମାନେ କାରାଗାର ଅଧିକ୍ଷକ ପନିରାମ ବାଗଙ୍କ ସହିତ ଅନ୍ତେବାସୀଙ୍କ ବିଷୟରେ ଆଲୋଚନା କରିଥିଲେ। କମିଟି ପକ୍ଷରୁ ଉକ୍ତ କାରାଗାରରେ ଆଇନ ସହ ଜଡିତ ଥିବା ଶିଶୁ ରହିଛନ୍ତି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରିଥିଲେ। ତେବେ ଏହି ଯାଞ୍ଚ ସମୟରେ ଆଇନ ସହିତ ଜଡିତ ଥିବା ଶିଶୁ ନ ଥିବା ଜଣା ପଡିଥିଲା। ତେବେ କମିଟି ପରିଦର୍ଶନ ସମୟରେ ଦୀର୍ଘଦିନ ହେଲା ଉପକାରାଗାରର ସିସି ଟିଭି କ୍ୟାମେରା ଅଚଳ ଥିବା ଜାଣିବାକୁପାଇଥିଲେ। ଅନ୍ତେବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ମରାମତି କରିବାକୁ ବିଶେଷଜ୍ଞ କମିଟି କାରାଗାର ଅଧିକ୍ଷକଙ୍କୁ ପରାମର୍ଶ ଦେଇଛି। ଏହି କମିଟି ମଙ୍ଗଳବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲା।



ବୀରମହାରାଜପୁର ଉପ କାରାଗାର ସମ୍ମୁଖରେ ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟି।

## ଫଟୋରେ ଖବର



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଧୁମାଗଡ଼ା ଗ୍ରାମର ଯୁବକମାନେ ବୁଧବାର ବୃକ୍ଷଚାରା ରୋପଣ କରିବାକୁ ଯାଉଛନ୍ତି।

# ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

**ସୋନପୁର,୨୫।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ବୁଧବାର ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଡିସିସନ ସପୋର୍ଟ ସିଷ୍ଟମ(ଡିଏସଏସ) ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ମୋନିଷା ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଶିବିରରେ ଯୋଗଦେଇ ଜିଲାରେ ଚଳିତ ବର୍ଷର ବନ୍ୟା ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଜିଲାର ସମସ୍ତ ବ୍ଲକ, ତହସିଲର କାର୍ଯ୍ୟରତ କର୍ମଚାରୀ ଓ ସମସ୍ତ ବିଭାଗର ଅଧିକାରୀ ଏବଂ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ଧନ୍ୟବାଦ ଦେଇଥିଲେ। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କିଶୋର ସାହୁ ଓ ଶୁଭ୍ରଜିତ ପୃଷ୍ଟି ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ବରିଷ୍ଠ ରାଜସ୍ୱ ସହାୟକ ଦିନେଶ ରଞ୍ଜନ ମିଶ୍ର, କନିଷ୍ଠ ରାଜସ୍ୱ ସହାୟକ ଆଲୋକ କୁମାର ଦାସ ଏବଂ ପ୍ରଶାନ୍ତ କୁମାର କବି ଶତପଥୀ ସହଯୋଗ କରିଥିଲେ।




ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଆବାସ ଯୋଜନାରେ ୨୨୧୭ ଜଣଙ୍କୁ କାର୍ଯ୍ୟାଦେଶ

**ସୋନପୁର,୨୫।୯(ନି.ପ୍ର.)**

ସୋନପୁର ପଞ୍ଚାୟତ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ ମେଳା ବୁଧବାର ଖଲିଆପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୪ଟି ପଞ୍ଚାୟତର ୨୨୧୭ ହିତାଧିକାରୀଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷର ପିଏମ୍‌ଏୱାଇ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ସମସ୍ତ ଗରିବଙ୍କୁ ପର୍ଯ୍ୟାୟକ୍ରମେ ପକ୍କା ଘର ମିଳିବ। ଆଉ କିଛି ବର୍ଷ ପରେ କଚ୍ଚା ଘରର ଚିହ୍ନବର୍ଣ୍ଣ ମିଳିବ ନାହିଁ ବୋଲି କହିଥିଲେ। ହିତାଧିକାରୀମାନେ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ୪ ମାସ ମଧରେ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ସରକାରଙ୍କ ପକ୍ଷରୁ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ସମସ୍ତେ ଯେପରି ଏହି ଟଙ୍କା ପାଇବେ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ କହିଥିଲେ।

# ନୂଆ ମୋଟରଯାନ ଆଇନ ଲୋକଙ୍କ ଗଳାରେ ଫାନ୍ଦ ପାଲଟିଛି

**ରାଉରକେଲା ଅଫିସ,୨୫।୯**

ମୋଟରଯାନ ଆଇନକୁ ନେଇ ସାରା ଦେଶରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ଘରେ ଗାଡି ରଖିଥିବା ଲୋକେ ଶାନ୍ତିରେ ଶୋଇପାରୁ ନାହାନ୍ତି। ରାସ୍ତାକୁ ବାହାରିଲେ ଧରପଗଡ ଭୟ ଘାରୁଛି। ସରକାରୀ ତଥା ବିଭାଗୀୟ ଅବହେଳା ଯୋଗୁ ଲୋକେ ଠିକ୍ ସମୟରେ ଗାଡି କାଗଜ ପତ୍ର ପ୍ରସ୍ତୁତ କରିବାକୁ ସଚେତନ ହେଉ ନ ଥିଲେ। ଏପରି ଅବସ୍ଥାରେ ରାତି ଅଧିଆ ଫତୁଆ ଜାରି କରି ଗାଡି ଚାଳକ ତଥା ମାଲିକଙ୍କ ଉପରେ ଏକ ପ୍ରକାର ଜୁଲମ ଆରମ୍ଭ କରାଯାଇଛି। ବିଭିନ୍ନ ମହଲରେ ପ୍ରତିକ୍ରିୟା ସତ୍ତ୍ୱେ ସହରରେ ଗାଡି ତନଖି ଜାରି ରହିଛି ଓ ଜରିମାନା ବି ଆଦାୟ କରାଯାଉଛି, ଯାହାକୁ ପୈଠ କରିବା ଜଣେ ସାଧାରଣ ଗାଡି ଚାଳକ ପକ୍ଷେ ସମ୍ଭବ ହେଉ ନାହିଁ। ଏମିତି ଅବସ୍ଥାରେ କେନ୍ଦ୍ର ସରକାରଙ୍କ ଚାଲବାଜି ଧରା ପଡିଯାଇଛି ବୋଲି ରାଉରକେଲା ଯୁବ କଂଗ୍ରେସ ଅଭିଯୋଗ କରିଛି। ଦେଶର ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ବିଭିନ୍ନ ଜନ ବିରୋଧୀ ପଦକ୍ଷେପ ନେଇ ମୋଦି ସରକାରଙ୍କ ଉପରେ ଜନ ଅସନ୍ତୋଷ ଦେଖା ଦେଇଛି। ଏଥିରୁ ବର୍ତ୍ତିବାକୁ ସରକାର ନୂଆ ମୋଟରଯାନ ଆଇନକୁ ଲୋକଙ୍କ ଗଳାରେ ଫାନ୍ଦ କରି ଛାଡିଛନ୍ତି। ଏଥିରେ ଯୁଝି ହେଉଥିବା ଲୋକେ ଆଉ ସରକାରଙ୍କ ଅପାରଗତା ନେଇ ପ୍ରଶ୍ନ ଉଠାଇବାକୁ ବେଳ ପାଇବେ ନାହିଁ। ଏମିତି ଚିନ୍ତା କରିଛି ମୋଦି ସରକାର। ଏଣୁ ଦେଶବାସୀଙ୍କୁ ଏହି ଆଇନ ବଳରେ ଭଲରେ ଘାଣ୍ଟି ହେବ ବୋଲି କଳ୍ପନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଗାଡି ସଂଖ୍ୟା ତୁଳନାରେ ଷ୍ଟିଲ୍‌ସିଟିରେ ଏବେ ଆବଶ୍ୟକ ଗାଡି ଗାଗଜପତ୍ର ପ୍ରସ୍ତୁତ କରିବାକୁ କର୍ମଚରୀ ଅଭାବ ମୁଖ୍ୟ ସମସ୍ୟା ପାଲଟିଛି। ଆରଟିଓରେ ଭିଡ ପରିଲକ୍ଷିତ ହେଉଛି। ଲୋକେ କାମ ଧନ୍ଦା ଛାଡି ଦିନମାନ ଏହି କାମରେ ନିୟୋଜିତ ରହୁଛନ୍ତି। ଏହା ସତ୍ତ୍ୱେ ଅନେକଙ୍କ କାମ ହୋଇ ପାରୁନି। ଭିତ୍ତିଭୂମି ନ ଥିବା ରାଉରକେଲା ପରିବହନ ବିଭାଗରେ ଏଭଳି ଦୃଶ୍ୟ ସ୍ପଷ୍ଟ କରୁଛି ବୋଲି କହିଛନ୍ତି ଯୁବ କଂଗ୍ରେସ ନେତୃମଣ୍ଡଳୀ। ଅତିରିକ୍ତ କାଉଣ୍ଟର ଖୋଲା ଯାଉନି। ଏଣୁ ଲୋକଙ୍କୁ ମାନସିକ ଓ ଶାରୀରିକ ଭାବେ ଦଣ୍ଡ ଭୋଗିବାକୁ ପଡୁଛି। ମହିଳାଙ୍କ କଥା ନ କହିବା ଭଲ। ଘରୁ ସକାଳୁ ବାହାରି ସଂଧ୍ୟାକୁ ଫେରୁଥିଲେ ବି ଲୋକଙ୍କୁ ଗାଡି କାଗଜ ପତ୍ର ପ୍ରସ୍ତୁତ କରିବାରେ ସହଯୋଗ ମିଳୁନି। ନୂଆ ଲାଇସେନ୍ସ, ଡିଏଲ ଓ କାଗଜ ପତ୍ର ନେଇ ବିଭାଗ ସୁବିଧା କରୁ। ଫଟୋ ଉଠା ନେଇ ରହିଥିବା ସମସ୍ୟା ଦୂର କରାଯାଉ। ଜନ ସାଧାରଣଙ୍କ ମୂଲ୍ୟବାନ ସମୟକୁ ବିଭାଗ ଗୁରୁତ୍ୱ ଦେଉ। ସାଧାରଣ ଗରିବଙ୍କ ପାଇଁ ସରକାର ଜରିମାନ ବା ଫି ଉପରେ ପୁନଃ ବିଚାର କରନ୍ତୁ। ପ୍ରଦୂଷଣ ପ୍ରମାଣପତ୍ର ନେଇ ଯେଉଁ ସସସ୍ୟା ରହିଛି ସେ ଦିଗରେ ବିଭାଗ ଉଚିତ ପଦକ୍ଷେପ ନେଉ। ମନ ଇଚ୍ଛା ଧରପଗଡ ବନ୍ଦ କରାଯାଉ। ଯେତେ ଦିନ ପର୍ଯ୍ୟନ୍ତ ବିଭାଗ ନିଜ ଦାୟିତ୍ୱ ସମ୍ପନ୍ନ କରି ନ ପାରିଛି ସେତେ ଦିନ ପର୍ଯ୍ୟନ୍ତ ଚାଳକ ଓ ମାଲିକଙ୍କୁ ସମୟ ଦିଆଯାଉ। ଏ ଦିଗରେ ସପୂର୍ଣ୍ଣ ଭାବେ ଗଣମାଧ୍ୟମ ଓ ସ୍ୱେଚ୍ଛାସେବୀଙ୍କ ସହାୟତ ନିଆଗଲେ ଲକ୍ଷ୍ୟ ସାଧନ ହୋଇ ପାରିବ ବୋଲି କୁହାଯାଇଛି। ଏହି ମର୍ମରେ ବୁଧବାର ଜିଲା ପରିବହନ ଅଧିକାରୀ ଦାୟିତ୍ୱରେ ରହିଥିବା ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ବୁଧବାର ଜିଲା ପରିବହନ ଅଧିକାରୀ ଦାୟିତ୍ୱରେ ରହିଥିବା ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ କଂଗ୍ରେସ କର୍ମକର୍ତ୍ତା ଭେଟି ଆଲୋଚନା କରୁଛନ୍ତି।

SCHOOL OF EDUCATION
BERHAMPUR UNIVERSITY
BHANJA BIHAR
BERHAMPUR-760007, (GANJAM) ODISHA
No.197 /SOF/BU/2019 Date: 25.09.2019
**ADMISSION NOTIFICATION 2019-2021**
Applications are invited for admission into B. Ed. two years course (Regular on Self Financing Mode) under ***SCHOOL OF EDUCATION*** of ***BERHAMPUR UNIVERSITY*** for the session 2019-2021.
The candidates are required to download the prospectus and application form from Berhampur University Website (www.buodisha.edu.in) which contains the detailed information relating to the eligibility criteria, application procedure. selection procedure, Fee structure etc. from dated 27.9.2019 (Friday) till the last date mentioned below.
**NO PRINTED FORMS WILL BE SOLD BY THE SCHOOL OF EDUCATION, BERHAMPUR UNIVERSITY**
COURSE **B. Ed. 2 years course (Regular on Self Financing Mode).**
DATES TO REMEMBER

| | |
|---|---|
| Last date of receipt of duly filled-in-application form alongwith processing- cum- application fee | 15.10.2019 (Tuesday) |

For details visit the Berhampur University Website (www.buodisha.edu.in) from **27.9.2019** onwards.
Sd./- (Dr. S.R. Das)
Coordinator
School of Education
Berhampur University

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ
ବିଜ୍ଞପ୍ତି ନଂ 1196 (ଗୋପନୀୟ ବିଭାଗ) ତା 24.9.19 ରିଖ
୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ରାଜ୍ୟର ସମସ୍ତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ On-Line Enrolment ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ ନିମନ୍ତେ କାର୍ଯ୍ୟସୂଚୀ
ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ/ ବିଦ୍ୟାଳୟମୁଖ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତମାନ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ତଥା ୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ନାମ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପଞ୍ଜୀକୃତ ହେବ ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ କରିବା ପାଇଁ ସୁଯୋଗ ମିଳିବ। ଏହି ପଞ୍ଜୀକରଣ ପ୍ରକ୍ରିୟା ଗତ ବର୍ଷ ପରି ON-LINE ମାଧ୍ୟମରେ ହେଉଥିବାରୁ ସମସ୍ତ ବିଦ୍ୟାଳୟ ମୁଖ୍ୟ, ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଶେଷ କରିବାକୁ ହେବ।
୧. ପଞ୍ଜୀକରଣ କରିବାର ତାରିଖ ଓ ସମୟ - ପଞ୍ଜୀକରଣ (Deposit of Fee, Final Submission ଏବଂ ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ) ତା୨୬/୦୯/୨୦୧୯ରିଖ ଠାରୁ ଆରମ୍ଭ ହୋଇ ତା୨୨/୧୦/୨୦୧୯ରିଖ ରାତ୍ର ଘ.୧୧.୪୫ମି. ସୁଧା ସମ୍ପନ୍ନ ହେବ। ଏହି ଦିବସ ମାନଙ୍କରେ ଉକ୍ତ ପ୍ରକ୍ରିୟା ଅନବରତ (24 × 7) ଚାଲୁରହିବ। ତା୨୨/୧୦/୨୦୧୯ରିଖ ମଧରେ Fees Deposit ହୋଇଥିଲେ ତା୨୩/୧୦/୨୦୧୯ରିଖ ମଧରାତ୍ର ପର୍ଯ୍ୟନ୍ତ ଫର୍ମ ପୂରଣ କରି Final Submission କରାଯାଇପାରିବ।
୨. ଫିସ୍ ଦାଖଲ - ପ୍ରତ୍ୟେକ ପିଲା ପାଇଁ ଟ୧୦୦.୦୦ଙ୍କା ହିସାବରେ ପଞ୍ଜୀକରଣ ଫିସ୍ Axis Bank Easy Pay ଜରିଆରେ ଉଭୟ Online ଓ Offline ମାଧ୍ୟମରେ କରାଯାଇପାରିବ। ସ୍କୁଲର Regular ଛାତ୍ରଛାତ୍ରୀଙ୍କ ସହିତ Quasi Regular ଛାତ୍ରଛାତ୍ରୀଙ୍କର ମଧ ପଞ୍ଜୀକରଣ ପ୍ରକ୍ରିୟା ଏହି ସମୟ ମଧରେ ଅନୁଷ୍ଠିତ ହେବ। ଶିକ୍ଷକମାନଙ୍କର ପଞ୍ଜୀକରଣ ବା ତଥ୍ୟ ସଂଶୋଧନ ନିମନ୍ତେ କୌଣସି ଶୁଳ୍କ ଲାଗିବ ନାହିଁ। Govt. ଏବଂ Govt. Aided ସ୍କୁଲମାନଙ୍କରେ SC/ ST ବର୍ଗର Regular ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ନିମନ୍ତେ ମଧ କୌଣସି ଶୁଳ୍କ ଲାଗିବ ନାହିଁ।
୩. ପଞ୍ଜୀକରଣ ସମ୍ପର୍କିତ Application Format & Step By Step Instruction ମାଧ୍ୟମିକ ଶିକ୍ଷା ପରିଷଦର ନିଜସ୍ୱ website i.e. "www.bseodisha.ac.in" ରେ ଉପଲବ୍ଧ ହେବ। ଏହି ନିର୍ଦ୍ଦେଶାବଳୀ ମଧ Online Enrolment ସମୟରେ download କରି ସଂଗ୍ରହ କରାଯାଇପାରିବ। ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢିସାରି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବେ। ପଞ୍ଜୀକରଣ କରିସାରିଲା ପରେ ଉଭୟ Descriptive Roll Sheet ଏବଂ Registered Teacher Listକୁ download କରିବେ। Registered Teacher Listକୁ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର Countersignature କରି ଉଭୟ Listକୁ ସମ୍ପୃକ୍ତ ବୋର୍ଡର ଶାଖା କାର୍ଯ୍ୟାଳୟରେ ତା୨୫/୧୦/୨୦୧୯ରିଖ ସୁଦ୍ଧା ଦାଖଲ କରିବାକୁ ହେବ।
୪. ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଧିଷ୍ଟ ସମୟ ମଧରେ ନାମ ପଞ୍ଜୀକୃତ କରିପାରିନଥିବେ ସେମାନେ School Regular ବା Quasi Regular ହିସାବରେ ୨୦୨୧ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇପାରିବେ ନାହିଁ। ଏହି କ୍ଷେତ୍ରରେ ସେମାନେ ପରିଷଦ ଦ୍ୱାରା ପରିଚାଳିତ Correspondence Courseରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହେବେ।
୫. ଯେଉଁ ବିଦ୍ୟାଳୟଗୁଡିକ Quasi Regular ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ, ସେମାନଙ୍କୁ ବୋର୍ଡ ଶାଖା କାର୍ଯ୍ୟାଳୟର ଉପ ସମ୍ପାଦକ ମାନେ, ନିକଟବର୍ତୀ ଏକ Recognised ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ଲିଖିତ ନିର୍ଦ୍ଦେଶ ଦେବେ।
୬. ନାମ ପଞ୍ଜୀକରଣ ପାଇଁ Link "www.bseodisha.ac.in" ରେ ଉପଲବ୍ଧ ହେବ।
ସ୍ୱା/-ସମ୍ପାଦକ

■ଫସଲ ବୀମା ଇନ୍‌ପୁଟ୍ ସବ୍‌ସିଡି ଦାବି

# ପ୍ରଶାସନକୁ ଭେଟିବାକୁ ୨୨ କି.ମି. ଚାଲିଲେ ଚାଷୀ

**ସମ୍ବଲପୁର, ୨୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ପଡିଆବାହାଲ ଜୟଦୁର୍ଗା କୃଷକ ସଂଗଠନ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି ନେଇ ଚାଷୀମାନେ ଅଭିନବ ଉପାୟରେ ଦାବି ଜଣାଇଛନ୍ତି। ନିଜକୁ କଷ୍ଟ ଦେଇ ଚାଷୀମାନେ ପଡିଆବାହାଲ ଛକରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨୨ କି.ମି. ପଦଯାତ୍ରା କରିଛନ୍ତି। ଏହି ପଦଯାତ୍ରା ଜୟନ୍ତପୁର, ସିନ୍ଦୂରପଙ୍କ, ଧନୁପାଲି, କଚେରୀ ଛକ ଦେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପାଖରେ ଚାଷୀ ପ୍ରତିନିଧି ଦଳ ୧୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବାଟରେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଚାଷୀଙ୍କ ଏଭଳି ଢଙ୍ଗରେ ଦାବି ଉପସ୍ଥାପନକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ହେଉଛି। ୨୦୧୮ଖରିଫ ଋତୁରେ ଫସଲ ନଷ୍ଟ ହୋଇଯାଇଛି। ରୋଗ ପୋକ ଓ ଅଦିନିଆ ବର୍ଷାରେ ଚାଷୀ ଆଉ ଫସଲ ଉପାର୍ଜନ କରି ପାରି ନ ଥିଲା। ଏଥିପାଇଁ ରାଜ୍ୟ ସରକାର ଇନପୁଟ ସବସିଡି ଦେବାକୁ ଘୋଷଣା କରିଥିଲେ। ସେହିପରି ପରିସଂଖ୍ୟାନ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଥିଲା। କ୍ଷତିପୂରଣ ବୀମାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ହେଲେ ପ୍ରାୟ ଏକ ବର୍ଷେ ହେବ ବୀମା ଟଙ୍କା ମିଳି ନାହିଁ କି ଇନପୁଟ ସବ୍‌ସିଡି ସରକାର ଦେଇ ନାହାନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବୋନସ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବା, ଦୁଗ୍ଧ ଲିଟର ପ୍ରତି ମୂଲ୍ୟ ବୃଦ୍ଧି କରିବା, ମାଛ ଚାଷୀଙ୍କୁ ସଚେତନ କରି ସରକାରୀ ସାହାଯ୍ୟ ଯୋଗାଇ ଦେବା, ଝୁମ୍ପୁରା ବ୍ଲକରେ ଶତପ୍ରତିଶତ ଜଳସେଚନ ବ୍ୟବସ୍ଥା କରିବା, ବନ୍ୟପ୍ରାଣୀ ତଥା ଭାଲୁ, ବାର୍‌ହା, ହାତୀଙ୍କଠାରୁ ଫସଲକୁ ରକ୍ଷା କରିବା, ଚାଷୀ ପଞ୍ଜୀକରଣ ସମୟସୀମା ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା, ଏହା ସହ ବୁର୍ଲା ଭିମସାରରେ ଆଇସିୟୁରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଭଳି ଦାବି ରହିଛି। ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନ, ଜ୍ୟୋତିଷ କୁମାର ମିଶ୍ର, ମିତ୍ରଭାନୁ ପ୍ରଧାନ, ସଚ୍ଚିଦାନନ୍ଦ ନାୟକ, ଚିତ୍ତରଞ୍ଜନ ନାୟକ, ଶିବପ୍ରସାଦ ମେହେର, ଅବିନାଶ ଚନ୍ଦ୍ର ଶର୍ମା, ସଞ୍ଜୟ କୁମାର ନାୟକ, ଅଶ୍ୱିନୀ ନାୟକଙ୍କ ସମେତ ଟାମ୍ପରଗଡ, ବାହାମ, ଜୟନ୍ତପୁର, କବରାପାଲି, ଡଙ୍ଗରପଡା ପଞ୍ଚାୟତର ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।



ବୁଧବାର ସମ୍ବଲପୁର ଝୁମ୍ପୁରା ବ୍ଲକ ଜୟଦୁର୍ଗା କୃଷକ ସଂଗଠନ ଚାଷୀମାନେ ପଦଯାତ୍ରା କରି ଜିଲାପାଳଙ୍କ ଅଫିସକୁ ଯାଉଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଆଁଲଗା ଜର ଆସୁଛି**
**ଧାନକୁଟା ବେଳକୁ,**
**ନିଆଁଲଗା ଜର ଛାଡୁଛି**
**ଭାତ ଫୁଟା ବେଳକୁ।**

ଖାଇବାକୁ ଆଗୁସାର ଅଥଚ କଷ୍ଟକରି କାମ କରିବାକୁ ବିମୁଖ। ନିଜର କାମ ହାସଲ ପାଇଁ ତତ୍ପର, ସୁବିଧା ହାସଲ ପାଇଁ ଧୁରନ୍ଧର। ସାମାନ୍ୟ ପରିଶ୍ରମ ପଡ଼ିଲେ କୌଣସି ନା କୌଣସି କାରଣ ବା ବାହାନା ଦେଖାଇ କାମ ନ କରିବା କିଛି ସ୍ୱାର୍ଥୀ ବ୍ୟକ୍ତିଙ୍କ ମନ୍ଦପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନ ଗଲା ଜୀବନ ହଟହଟା**
**ଚାକୁଣ୍ଡା ଶାଗରେ ମେଥି ଜରଜର**
**ତହିଁରେ ମରିଚ ଗୋଟା ଗୋଟା।**

ଗରିବ ହେଲେ ଅନେକ ଦୁଃଖକଷ୍ଟ ସହ୍ୟ କରିବାକୁ ପଡ଼ିଥାଏ। ଜୀବନ ଜିଇଁବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। ଅର୍ଥାଭାବରୁ ଭଲରେ ଦି'ମୁଠା ଖାଇପାରୁ ନ ଥିବା ବ୍ୟକ୍ତି ଯାହିତାହି କରି ଜୀବନ ବିତାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କଳାହାଣ୍ଡି: ସବୁ ପୌରାଞ୍ଚଳରେ ସ୍ମାର୍ଟ ପାର୍କ, ଶ୍ମଶାନ ନିର୍ମାଣ ହେବ

## -ଡ୍ରେନେଜ ଉନ୍ନତୀକରଣ କରିବ ଜଳସମ୍ପଦ ବିଭାଗ

**ଭୁବନେଶ୍ୱର,୨୫।୯(ବ୍ୟୁରୋ)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କଳାହାଣ୍ଡି ଜିଲା ଭବାନୀପାଟଣା ପୌରପରିଷଦ ସମେତ କେସିଙ୍ଗା, ଧର୍ମଗଡ଼ ଓ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର କାର୍ଯ୍ୟକାରିତା ସମ୍ବନ୍ଧରେ ସମୀକ୍ଷା କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଉପରୋକ୍ତ ପ୍ରତ୍ୟେକ ପୌରାଞ୍ଚଳକୁ ଗୋଟିଏ କରି ସ୍ମାର୍ଟ ପାର୍କ ବାବଦରେ ଏକ କୋଟି ଓ ଶ୍ମଶାନ ପାଇଁ ଏକ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରି ତୁରନ୍ତ ପ୍ରଦାନ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ସମସ୍ତ ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଜଳସମ୍ପଦ ବିଭାଗ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବା ଏବଂ ବଜେଟ ବ୍ୟବସ୍ଥା କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କହିଥିଲେ। ଧର୍ମଗଡ଼ରେ ବସଷ୍ଟାଣ୍ଡ ଓ ଭେଣ୍ଡିଂ ଜୋନ୍ ପ୍ରତିଷ୍ଠା ପାଇଁ ଆକଳନ ପ୍ରସ୍ତୁତି କରିବାକୁ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଧର୍ମଗଡ଼ ଏନ୍‌ଏସିରେ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ଓ ଏମ୍‌ଆର୍‌ଏଫ୍ (ମ୍ୟାଟେରିଆଲ୍ ରିକଭରି ଫାସିଲିଟି)ପାଇଁ ଟେଣ୍ଡର ସରିଥିବା ବୈଠକରୁ ଜଣାପଡ଼ିଛି। ସେହିପରି ଜୁନାଗଡ଼ରେ ଟାଉନ୍ ହଲ୍ ନିର୍ମାଣ ପାଇଁ ଅଧିକ ଏକ କୋଟି ଟଙ୍କା ଆବଶ୍ୟକ ଥିବାରୁ ଏହାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପଞ୍ଚାୟତ ପାର୍କକୁ ସ୍ମାର୍ଟ ପାର୍କ, ବସଷ୍ଟାଣ୍ଡର ନବୀକରଣ, ଭେଣ୍ଡିଂ ଜୋନ୍, ସହରାଞ୍ଚଳ ଆଶ୍ରୟସ୍ଥଳୀର ଏଷ୍ଟିମେଟ୍ ଖୁବ୍ ଶୀଘ୍ର ନଗର ଉନ୍ନୟନ ବିଭାଗକୁ ପ୍ରଦାନ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭବାନୀପାଟଣା ଟାଉନ୍ ହଲ୍ ନିର୍ମାଣ ପାଇଁ ୪ କୋଟି ଟଙ୍କାର ଆବଶ୍ୟକତା, ବରିଷ୍ଠ ନାଗରିକଙ୍କ ପାଇଁ ପାର୍କ, ରାସ୍ତା ଆଲୋକୀକରଣ, ରାସ୍ତା ସଫେଇ ପାଇଁ ସୁଇପିଂ ମେଶିନ୍, ପୌର ପରିଷଦ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଓ ମୁଖ୍ୟ ମାର୍କେଟର ନବୀକରଣ ଆଦି ପାଇଁ ଆବଶ୍ୟକ ଅର୍ଥ ଯୋଗାଇବାକୁ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ସେହିପରି କେସିଙ୍ଗା ଏନ୍‌ଏସିର ଟ୍ରକ୍ ଟର୍ମିନାଲ୍, ଭେଣ୍ଡିଂ ଜୋନ୍, ସହରାଞ୍ଚଳ ଆଶ୍ରୟସ୍ଥଳୀ ନିର୍ମାଣ ସମ୍ବନ୍ଧରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଜିଲାର ୪ ସହରାଞ୍ଚଳରେ ପାନୀୟ ଜଳ ଯୋଗାଇବା ପାଇଁ ପ୍ରତ୍ୟେକ ଘରକୁ ପାଇପ ଯୋଗେ ସଂଯୋଗ ଓ ପାଇପ ବିଛାଇବା ନିମନ୍ତେ ଆବଶ୍ୟକ ଅବଶିଷ୍ଟ ଅର୍ଥ ତୁରନ୍ତ ପ୍ରଦାନ ପାଇଁ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପି.କେ. ଝାଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

# ଧରିତ୍ରୀ ଧମା ଖବରଦାତାଙ୍କ ପିତୃ ବିୟୋଗ

**ସମ୍ବଲପୁର,୨୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ଧମା ଧରିତ୍ରୀ ପ୍ରତିନିଧି ରୂପାଞ୍ଜୟ ଚୌଧୁରୀଙ୍କ ବାପା ତଥା ଧମା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ରାଧେଶ୍ୟାମ ଚୌଧୁରୀଙ୍କ ବୁଧବାର ସକାଳ ୬ଟାରେ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଅସୁସ୍ଥତା ଯୋଗୁ ସମ୍ବଲପୁରର ଏକ ଘରୋଇ ମେଡିକାଲରେ ତାଙ୍କୁ ମଙ୍ଗଳବାର ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ ସମ୍ପନ୍ନ ହୋଇଛି। ବଡ଼ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାରବେଳେ ପୁଅ ଜୟ, ବିଜୟ, ଅଜୟ, ରୂପାଞ୍ଜୟଙ୍କ ସହ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁପରିଜନ, ଗ୍ରାମବାସୀ ଉପସ୍ଥିତ ଥିଲେ। ଆଖପାଖ ଗ୍ରାମର ଶତାଧିକ ଲୋକ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଶାନ୍ତ୍ୱନା ଦେଇଛନ୍ତି। ତେବେ ରାଧେଶ୍ୟାମ ଧମା ଓ ଆଖପାଖ ଗ୍ରାମରେ ଅନେକ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ।


ରାଧେଶ୍ୟାମ ଚୌଧୁରୀ (ଫାଇଲ୍ ଫଟୋ)।

■ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ସର୍ବଶିକ୍ଷା ଅଭିଯାନ କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭବାନୀପାଟଣା,୨୫।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ସର୍ବଶିକ୍ଷା ଅଭିଯାନର ଟେକନିକାଲ କନସଲଟେନ୍ସି କନିଷ୍ଠ ଯନ୍ତ୍ରୀ ଅଭୟ କୁମାର ପତି ଭିଜିଲାନ୍ସ ଜାଲରେ ପଡିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଭବାନୀପାଟଣା ସମେତ ପୁରୀ, ଭୁବନେଶ୍ୱର, ଢେଙ୍କାନାଳ ଏବଂ ଖୋର୍ଦ୍ଧା ଆଦି ସ୍ଥାନରେ ଥିବା ଅଫିସ, ଭଡା ଘର, ପୈତୃକ ଘର ଏବଂ ନିଜସ୍ୱ ଘରେ ଏକ ସଙ୍ଗେ ଚଢ଼ାଉ କରାଯାଇଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଉପରୋକ୍ତ ସ୍ଥାନରେ ଚଢାଉ ଜାରି ରହିଥିବା ଭିଜିଲାନ୍ସ ବିଭାଗର ଜଣେ ଅଧିକାରୀ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କନିଷ୍ଠ ଯନ୍ତ୍ରୀ ପତି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର କନିଷ୍ଠ ଯନ୍ତ୍ରୀ ପତିଙ୍କ ଭବାନୀପାଟଣାସ୍ଥିତ ସମଗ୍ର ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟ, ଭବାନୀପାଟଣା ବ୍ୟାଙ୍କ କଲୋନୀସ୍ଥିତ ଭଡା ଘର, ଢେଙ୍କାନାଳର ପୈତୃକ ଘର, ଭୁବନେଶ୍ୱର, ପୁରୀ ଏବଂ ଖୋର୍ଦ୍ଧାରେ ଥିବା ତାଙ୍କର ନିଜସ୍ୱ ଘର ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉରେ ପ୍ରାଥମିକ ଭାବେ ଢେଙ୍କାନାଳ, ପୁରୀ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ପତିଙ୍କ ବହୁତଳ ବିଶିଷ୍ଟ କୋଠା ଥିବା ଜଣାପଡିଛି। ଉପରୋକ୍ତ ସ୍ଥାନରେ ଚଢାଉ ସରିବା ପରେ କନିଷ୍ଠ ଯନ୍ତ୍ରୀ ପତି କେତେ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି ତାହା ଜଣାପଡିବ ବୋଲି ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ଏହି ଚଢାଉରେ ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଶିଶିର କୁମାର ସାହୁ, ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ, ଭୁବନେଶ୍ୱରରୁ ଭିଜିଲାନ୍ସ ଇନ୍ସପେକ୍ଟର ଫଣିତା ରାୟ ପ୍ରମୁଖ ସାମିଲ ହୋଇଛନ୍ତି।


ଭିଜିଲାନ୍ସ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଅଭୟ କୁମାର ପତିଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରାଯାଉଛି।

# ଚୋରି ଅଭିଯୋଗରେ ଶ୍ୟାମ୍ ମେଟାଲିକ୍ସର ୨ କର୍ମଚାରୀ ଗିରଫ


ଜବତ ତମ୍ବା ତାର ଏବଂ ପ୍ଲାଷ୍ଟିକ କେବୁଲ କଭର ସହ ଗିରଫ ଦୁଇ ଅଭିଯୁକ୍ତ।

**ରେଙ୍ଗାଲି,୨୫।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନାରୁ ତମ୍ବା ତାର ଏବଂ ପ୍ଲାଷ୍ଟିକ କେବୁଲ କଭର ଚୋରି କରି ଦୁଇ ଜଣ କର୍ମଚାରୀ ଗିରଫ ହୋଇଛନ୍ତି। ଏହି ଦୁଇ ଜଣ କର୍ମଚାରୀ ହେଲେ ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ଡାଏଟ କଲୋନୀର ଜିତେନ ବାଗ (୨୪) ଏବଂ ରେଙ୍ଗାଲି ଥାନା ଅନ୍ତର୍ଗତ ରାମଚନ୍ଦ୍ରନଗର ଗ୍ରାମର କୁବେର ମେହେର (୨୪)। ଏ ଦୁହିଁଙ୍କ ପାଖରୁ ପ୍ରାୟ ୧୫୦ କେଜି ଓଜନର ତମ୍ବା ତାର ଏବଂ ୧୫୦ ମିଟର ଲମ୍ବର ପ୍ଲାଷ୍ଟିକ କେବୁଲ କଭର ପୋଲିସ ଜବତ କରିଛି। ଜବତ ତମ୍ବା ତାରର ମୂଲ୍ୟ ପ୍ରାୟ ୧ଲକ୍ଷ ୫୦ ହଜାର ଟଙ୍କା ହେବ। ଗତ ୨୩ ତାରିଖ କାରଖାନାର ସିକ୍ୟୁରିଟି ଡେପୁଟି ମ୍ୟାନେଜର ସୁଶାନ୍ତ କୁମାର ରାଉତଙ୍କ ଅଭିଯୋଗ ଆଧାରରେ ଏମାନେ ଗିରଫ ହୋଇଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ସ୍କୁଲସ୍ତରୀୟ ବିଜ୍ଞାନ ମେଳା, ଝାଡୁଆପଡା ବିଶ୍ୱମ୍ଭ ବିଦ୍ୟାଳୟ, ସକାଳ ୮ଟା।

**ଦେବଗଡ**

■ବିଷୟଭିତ୍ତିକ ଶିକ୍ଷକ ତାଲିମ ଶିବିର, ଟାଉନ ହାଇସ୍କୁଲ, ପୁରୁଣାଗଡ, ପୂର୍ବାହ୍ନ ୧୦ଟା।

**ସିନାପାଲି**

■ବ୍ଲକ ସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସିନାପାଲି ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୦ଟା।

**ଲୋଇସିଂହା**

■ଯୁବଗୋଷ୍ଠୀଙ୍କ ତରଫରୁ ଗ୍ରାମ ସଫେଇ, ବୁର୍ଡା, ସକାଳ ୭ଟା।

**କର୍ଲାମୁଣ୍ଡା**

■ବ୍ଲକ ସ୍ତରୀୟ ଲେବର ବଜେଟ ପ୍ରଶିକ୍ଷଣ ଶିବିର, ବ୍ଲକ ପରିସରସ୍ଥ ରାଜୀବ ସେବାକେନ୍ଦ୍ର , ପୂର୍ବାହ୍ନ ୧୦ଟା।

**ବରଗଡ଼**

■ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସମଲେଶ୍ୱରୀ କ୍ଲବ, ଝାଙ୍କରପାଲି(ଚକରକେନ୍ଦ), ପୂର୍ବାହ୍ନ ୯ଟା।

■ପାୱାର ଅଫ୍ ଦିବ୍ୟାଙ୍ଗ ଅନୁଷ୍ଠାନର ନୂଆଁଖାଇ ଭେଟ୍‌ଘାଟ୍, ସ୍ୱୟଂସିଦ୍ଧା ଭବନ, ବରଗଡ଼, ପୂର୍ବାହ୍ନ ସାଢେ ୧୦ଟା।

■ତ୍ରିରଙ୍ଗା କପ୍ ଫୁଟବଲ ପ୍ରତିଯୋଗିତା (ମ୍ୟାଚ: ଖଲିଆପାଲି ବନାମ୍ ସୋହେଲା, ଜୁଲଟ୍ ବନାମ୍ ବରଗାଁ), ଖୁଣ୍ଟପାଲି ପଡ଼ିଆ, ଅପରାହ୍ନ ୨ଟା।

**ବୌଦ୍ଧ**

■ନିର୍ମାଣ ଶ୍ରମିକ ସମନ୍ୱୟ ସମିତି ପକ୍ଷରୁ ଘେରାଉ, ଜିଲା ଶ୍ରମ ଅଧିକାରୀଙ୍କ ଅଫିସ୍ ବୌଦ୍ଧ, ପୂର୍ବାହ୍ନ ୧୧ଟା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ। ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka-Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ଭଣ୍ଡାରୀମାଲରେ ଶାନ୍ତି ଫେରୁଛି

#### ୧ ପ୍ଲାଟୁନ ପୋଲିସ ମୁତୟନ

ସମ୍ବଲପୁର,୨୪ ।୯(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନ ଭଣ୍ଡାରୀମାଲ ଗ୍ରାମରେ ସୋମବାର ରାତିରେ ଡବଲ ମର୍ଡର ଘଟଣାରେ ବୁଧବାର ଆଉ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ମଙ୍ଗଳବାରଠାରୁ ଅଟକ ଥିବା ସୁରେନ୍ଦ୍ର ଭୋଇ। ସୁରେନ୍ଦ୍ର ମଧ ଗୋଷ୍ଠୀ ସଂଘର୍ଷରେ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଗୋଟିଏ ପରିବାରର ୩ ଭାଇ ବିଦ୍ୟାଧର ଭୋଇ, ସୌଦାଗର ଭୋଇ, ବୀରେନ୍ଦ୍ର ଭୋଇ ଓ ପଡୋଶୀ କ୍ଷୀରୋଦ ଭୋଇଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟପକ୍ଷେ ବିଦ୍ୟାଧରଙ୍କ ପରିବାର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ମହିଳାମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଅପରପକ୍ଷ ତଥା ମୃତକଙ୍କ ପକ୍ଷ ବିରୋଧରେ ଆଉ ଏକ ମାମଲା ରୁଜୁ ହୋଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର କହିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ଡିଲେଶ୍ୱର ଭୋଇଙ୍କୁ ମଧ ଅଟକ ରଖି ପଚରା ଉଚୁରା କରାଯାଉଛି। ତେବେ ଗ୍ରାମରେ ଶାନ୍ତି ଫେରୁଛି । ପରିସ୍ଥିତି ସ୍ୱାଭାବିକ ହୋଇଛି । ତଥାପି ୧ ପ୍ଲାଟୁନ ପୋଲିସ ଫୋର୍ସ ଗାଁରେ ମୁତୟନ ଅଛନ୍ତି।

# ଶସ୍ୟବୀମା ରାଶି ବ୍ୟାଙ୍କଖାତାରେ ଦିଅ

## ସାଲେଭଟା ଅଟଳ କୃଷକ ସଂଘ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ରେଢାଖୋଲ,୨୫।୯(ଡି.ଏନ.ଏ.)

ଶସ୍ୟବୀମା ରାଶି ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଜମା ଖାତାରେ ଦିଆଯାଉ । ଏଭଳି ଦାବି ନେଇ ବୁଧବାର ନାକ୍ଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ଅଟଳ କୃଷକ ସଂଗଠନର ବହୁ ଚାଷୀ ରେଢାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ୭ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ବିଶିକେସନ ଦେହୁରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ନାକଟିଦେଉଳ ବ୍ଲକ ସାଲେଭଟା ପଞ୍ଚାୟତ ଅଟଳ କୃଷକ ସଂଗଠନର ଚାଷୀ ରେଢାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ।

ଚାଷୀ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସାଲେଭଟା ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକ ଚାଷୀଙ୍କଠାରୁ ଖୋଲା ଚେକ୍‌ରେ ଦସ୍ତଖତ ନେଇ ଚାଷୀଙ୍କ ଋଣପାସ୍ ବହିରେ ଋଣ ମଞ୍ଜୁର କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିଲେ । ଚାଷୀମାନେ ଏ ସମ୍ପର୍କରେ ସମବାୟ ନିର୍ଦ୍ଦେଶକଙ୍କଠାରେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ହେବା ସହ ଭିଜିଲାନ୍ସ ତଦନ୍ତ ହୋଇଥିଲା । ଭିଜିଲାନ୍ସ ଚଢାଉ ବେଳେ ସମ୍ପୃକ୍ତ ସମ୍ପାଦକଙ୍କ ଅଫିସ ଓ ବାସଭବନରୁ ଚାଷୀମାନଙ୍କ ୮୭୨ଟି ଋଣ ପାସ୍ ବହି ସହିତ ବିପୁଳ ପରିମାଣର ସମ୍ପତ୍ତି ଜବତ କରାଯାଇଥିଲା । ହେଲେ ଚାଷୀମାନଙ୍କ ନାମରେ ମଞ୍ଜୁର ହୋଇଥିବା ମିଛ ଋଣ ବୃଦ୍ଧି ପାଇବାରେ ଲାଗିଥିଲା । ଚାଷୀମାନେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ତଦନ୍ତ କରା ନ ଯିବା ଯୋଗୁ ଚାଷୀଙ୍କ ନାମରେ ଲକ୍ଷାଧିକ ଟଙ୍କାର ଋଣ ବୃଦ୍ଧି ପାଇବାରେ ଲାଗିଲା । ୨୦୧୮ ଖରିଫ ଋତୁରେ ସାଲେଭଟା ପଞ୍ଚାୟତରେ ମରୁଡି ପରିସ୍ଥିତି ଯୋଗୁ ବୀମାଭୁକ୍ତ ଚାଷୀଙ୍କୁ ମିଳିଥିବା ବୀମା ରାଶିକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ନ କରି ଚାଷୀମାନଙ୍କ ବିନା ସହମତିରେ ଋଣ ପରିଶୋଧ ବାବଦକୁ କାଟି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଚାଷୀମାନେ ଋଣ ନେଇ ନ ଥିବା ବେଳେ ବୀମାରାଶି ଅର୍ଥରୁ ଋଣ ପରିଶୋଧ କିପରି କରାଯିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ଏଥିଯୋଗୁ ଚାଷୀଙ୍କ ବୀମାରାଶିକୁ ସିଧାସଳଖ ବ୍ୟାଙ୍କ ଜମା ଖାତାରେ ଦିଆଯିବାକୁ ଦାବି କରିଛନ୍ତି । ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଗତ ୧୨ ତାରିଖ ଚାଷୀମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଇ ୨୫ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଅନ୍ୟଥା ଧାରଣା ଦେବାକୁ ଚେତାବନୀ ଦିଆଯାଇଥିଲା । ଏଣୁ ପୁଣି ଥରେ ବୁଧବାର ସାଲେଭଟା ଅଟଳ କୃଷକ ସଂଗଠନର ଦିବାକର ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, କିଶୋର ବିଶ୍ୱାଳ, ଘନଶ୍ୟାମ ବେହେରା, ପବିତ୍ର ସାହୁ, ହୃଷୀକେଶ ଧଳଙ୍କ ସମେତ ବହୁ ଚାଷୀ ଧାରଣାରେ ବସିଥିଲେ ।

## ବାମରାରେ ଗୋବିନ୍ଦପୁର ପୋଲିସର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

# ନିୟମ ପାଳନକାରୀଙ୍କୁ ଫୁଲ, ଚକୋଲେଟ୍

- ଛାତ୍ରୀଛାତ୍ର, ସାଧାରଣ ଲୋକେ ସାମିଲ ହେଲେ
- ନିୟମ ଉଲ୍ଲଂଘନକାରୀଙ୍କୁ ବୁଝାଇଲେ
- ମାଗଣାରେ ହେଲ୍‌ମେଟ ପାଇ ମନ ଖୁସି

ବାମରା, ୨୫।୯ (ଡି.ଏନ.ଏ.)
ବାମରା ଅଞ୍ଚଳରେ ଗୋବିନ୍ଦପୁର ପୋଲିସ ବୁଧବାର ନୂଆ ଟ୍ରାଫିକ ଆଇନ ନେଇ ଲୋକଙ୍କୁ ସଚେତନ କରିଛି। ନିୟମ ଉଲ୍ଲଂଘନ କରି ଯାତାୟାତ କରୁଥିବା ଲୋକଙ୍କୁ ବୁଝାଯାଇଛି। ହେଲେ ନିୟମ ମାନି ଗାଡି ଚଳାଉଥିବା ଚାଳକଙ୍କୁ ଫୁଲ ଓ ଚକୋଲେଟ ଦିଆଯାଇଛି। ହେଲ୍‌ମେଟ ପିନ୍ଧି ନ ଥିବା ବାଇକ୍ ଆରୋହୀଙ୍କୁ ମାଗଣାରେ ହେଲ୍‌ମେଟ ଦିଆଯାଇଥିଲା । ଏମାନଙ୍କ ଖୁସି କହିଲେ ନ ସରେ। ମାଗଣାରେ ହେଲ୍‌ମେଟ ପାଇଥିବାରୁ ଖୁସିରେ ଗଦ୍ ଗଦ୍ ହୋଇପଡିଥିଲେ। ହେଲେ ଏହି ହେଲ୍‌ମେଟକୁ ଘରେ ସାଇତି ନ ରଖି ଓ ବେପରୁଆ ନ ହୋଇ ଗାଡି ଚଢିବା ଆଗରୁ ପିନ୍ଧିବାକୁ ପୋଲିସ ପରାମର୍ଶ ଦେବା ସହ ତାଗିଦ ବି କରିଛି। ବିଜୁ ପଟ୍ଟନାୟକ ଛକରୁ ଟ୍ରଷ୍ଟ ଫଣ୍ଡ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ବସଷ୍ଟାଣ୍ଡ ଛକ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଆମ ପୋଲିସ ସମିତି, ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଓ ସଚେତନ ନାଗରିକ ଯୋଗ ଦେଇଥିଲେ। ବସଷ୍ଟାଣ୍ଡ ଛକଠାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର ଯୋଗଦେଇ ନୂଆ ଟ୍ରାଫିକ ନିୟମ ଉପରେ ଆଲୋକପାତ କରିଥିଲେ। ଜରିମାନା ଆଦାୟ କରିବା ପୋଲିସର ଉଦ୍ଦେଶ୍ୟ ନୁହେଁ ବରଂ ଲୋକଙ୍କ ଜୀବନ ବଞ୍ଚାଇବା ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ହେଲ୍‌ମେଟ ପିନ୍ଧିବା, ସିଟ ବେଲ୍ଟ ବାନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବାକୁ ଆଇଆଇସି ପ୍ରତାପ ରଣା ଉପସ୍ଥିତ ଛାତ୍ରୀଛାତ୍ର ଓ ଲୋକଙ୍କୁ ବୁଝାଇଥିଲେ। ଏସଆଇ ଥୋମାସ କେର୍କେଟା, ଶର୍ମିଷ୍ଠା ସୁନା, ପି. କିସାନ, ଶାନ୍ତି କଂସଲ, ନିର୍ମଳା କଶ୍ୟପ, ପ୍ରିୟଙ୍କା ମିଶ୍ର, ଅନୁଭବ ଲାଠ, ଦୀପକ ଖଣ୍ଡେଲୱାଲ, ବିଷ୍ଣୁ ଅଗ୍ରୱାଲ, ସଞ୍ଜୟ ଖଣ୍ଡେଲୱାଲ, ପ୍ରଶାନ୍ତ ଶତପଥୀ, ଜଗନ୍ନାଥ ପ୍ରସାଦ ଚୌଧୁରୀ, ଦିଲୀପ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବାମରାରେ ନୂଆ ଟ୍ରାଫିକ ଆଇନ ନେଇ ଗାଡି ଚାଳକଙ୍କୁ ସଚେତନ କରାଯାଉଛି।

# ଶୌଚାଳୟ ବ୍ୟବହାର ପାଇଁ ସଚେତନ କଲା ଆଇଓସିଏଲ୍

ବାମରା,୨୫।୯(ଡି.ଏନ.ଏ)

ବାମରା ନିକଟସ୍ଥ ଲେଡିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୌଚାଳୟ ବ୍ୟବହାର ଓ ଏହାର ଉପକାରିତା ନେଇ ଆଇଓସିଏଲ୍ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଏଥିରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଲିମିଟେଡ୍‌ର ସଂଚାଳନ ପ୍ରବନ୍ଧକ ପ୍ରବୀଣ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୌଚାଳୟ ବ୍ୟବହାରର ଉପକାରିତା, ବାହ୍ୟ ମଳତ୍ୟାଗ ଦ୍ୱାରା ହେଉଥିବା ରୋଗ, ପ୍ଲାଷ୍ଟିକ ଜିନିଷ ବର୍ଜନ, ସ୍ୱଚ୍ଛତାରେ ଛାତ୍ରୀଛାତ୍ରଙ୍କ ଭୂମିକା ଆଦି ଦିଗରେ ଉଦ୍‌ବୋଧନ ଦେବା ସହ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ସେହିପରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ ସାହୁ ଖାଇବା ପୂର୍ବରୁ ଓ ଶୌଚ ପରେ ହାତ ଧୋଇବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଆଇଓସିଏଲ ପକ୍ଷରୁ ବିଦ୍ୟାଳୟ ପରିସରରେ ଝିଅ ଓ ପୁଅଙ୍କ ପାଇଁ ନିର୍ମିତ ୨ଟି ଶୌଚାଳୟ ଉଦ୍‌ଘାଟନ କରାଯାଇଛି। ସ୍କୁଲକୁ ୧୦ଟି ଡଷ୍ଟବିନ ଦିଆଯାଇଛି। ପ୍ଲାଷ୍ଟିକ ବର୍ଜନ ସଚେତନା ପାଇଁ କପଡା ନିର୍ମିତ ବ୍ୟାଗ ମଧ ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ରଞ୍ଜିତା ନାଏକ ଓ ଅଶୋକ କୁମାର ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।




ବାମରା ନିକଟସ୍ଥ ଲେଡିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶୌଚାଳୟ ବ୍ୟବହାର ଓ ଏହାର ଉପକାରିତା ନେଇ ଆଇଓସିଏଲ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

## ଗଣ୍ଡା ସମାଜ କଲ୍ୟାଣ ପରିଷଦର ନୂଆଁଖାଇ ଭେଟଘାଟ

ଚିପିଲିମା, ୨୫।୯ (ଡି.ଏନ.ଏ.)-ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଢିପାପଡାସ୍ଥିତ କାର୍ଯ୍ୟାଳୟ ପରିସରରେ ନୂଆଁଖାଇ ଭେଟଘାଟ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଜୟ ଲୁହା ଅଧକ୍ଷତା କରିଥିଲେ। ଉଦୟ ସୁନା, ମହାବୀର ଦୀପ, ବାବୁଲୁ ଛୁରିଆ, କୃଷ୍ଣଚନ୍ଦ୍ର ବାଗ, ଚନ୍ଦ୍ରମଣି ବାଗ, ନାରାୟଣ ସୁନା, ରାଜୁ କୁମ୍ଭାର, ସୁନାରାମ ସୁନା, ସୁଧାଂଶୁ ନାଏକ, ସାଧିଆ ସୁନା, ସୋରେନ ସୁନା ପ୍ରମୁଖ ଯୋଗ ଦେଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସରକାର ଅବହେଳା କରୁଛନ୍ତି



ବୁଧବାର କୁଟାରୀମାଲସ୍ଥିତ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ବାମରା,୨୫।୯(ଡି.ଏନ.ଏ.)

ନିର୍ମାଣ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଓ ସହାୟତା ପ୍ରଦାନ ଦାବିରେ ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନର ବାମରା ବ୍ଲକ ସମ୍ମିଳନୀ ବୁଧବାର କୁଟାରୀମାଲସ୍ଥିତ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଦେଶର ଶ୍ରମିକ ଶ୍ରେଣୀ ଓ ଗରିବ ଚାଷୀ ମୂଲିଆମାନଙ୍କ ଉପରେ ନଇଁ ଆସିଥିବା ନାନାବିଧ ଆକ୍ରମଣ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ନିର୍ମାଣ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଓ ସହାୟତା ପ୍ରଦାନରେ ଚରମ ଅବହେଳା ନେଇ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଦେଶର ସାମଗ୍ରିକ ଅଭିବୃଦ୍ଧିରେ ନିର୍ମାଣ ଶ୍ରମିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାବେଳେ ସେମାନଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ବକ୍ତାମାନେ କହିଥିଲେ । କେନ୍ଦ୍ରର ଭାଜପା ସରକାର ମାଲିକମାନଙ୍କ ସ୍ୱାର୍ଥରେ ଶ୍ରମ ଆଇନର ପରିବର୍ତ୍ତନ କରି ଶ୍ରମିକମାନଙ୍କର ଗଣତାନ୍ତ୍ରିକ ଓ ଆଇନଗତ ଅଧିକାରକୁ ଛଡାଇନେବା ପାଇଁ ଯୋଜନା କରୁଛନ୍ତି। ତାହା ବିରୋଧରେ ଦେଶବ୍ୟାପୀ ଶ୍ରମିକ ଆନ୍ଦୋଳନ ଚାଲିଛି। ଦେଶର ଅର୍ଥନୈତିକ ଓ ରାଜନୈତିକ ପରିସ୍ଥିତି ଓ ଶ୍ରମିକ କର୍ମଚାରୀଙ୍କ ସମସ୍ୟା ଉପରେ ଏକ ପ୍ରସ୍ତାବ ସମ୍ମିଳନୀରେ ଆଗତ କରାଯାଇଥିଲା । ପ୍ରସ୍ତାବ ଉପରେ ବିଭିନ୍ନ ମତାମତ ଗ୍ରହଣ କରି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ନିର୍ମାଣ ଶ୍ରମିକ ନେତା ହରିହର ଟପ୍ପୋ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସମ୍ମିଳନୀରେ ଏଆଇୟୁଟିୟୁସି ରାଜ୍ୟ କମିଟି ସମ୍ପାଦକ ଜୟସେନ ମେହେର ମୁଖ୍ୟଅତିଥି ଏବଂ ଏଆଇୟୁଟିୟୁସି ରାଜ୍ୟ ସହ ସମ୍ପାଦକ ତଥା ସୁନ୍ଦରଗଡ ଜିଲା ସମ୍ପାଦକ ଅଜିତ ନାଏକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ୟୁନିୟନର ପତାକା ଉତ୍ତୋଳନ କରିବା ସହିତ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ କୁଟାରୀମାଲ ପଞ୍ଚାୟତ ସରପଞ୍ଚ ପୁଷ୍ପଲତା ନାଏକ, ଚାଷୀନେତା, ପୂର୍ବ ସରପଞ୍ଚ ଲକ୍ଷ୍ମୀନାରାୟଣ ଛତ୍ରିଆ ଓ ଅଜିତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିନୋଦ କାହାଲି, ହିମାଂଶୁ ନାଏକ, ଖଗେଶ୍ୱର ବିଶ୍ୱାଳ, ସୁବାସ ମେହେର ପ୍ରମୁଖ ସମ୍ମିଳନୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ହରିହର ଟପ୍ପୋଙ୍କୁ ସଭାପତି ଓ ବିଷ୍ଣୁ ପଣ୍ଡାଙ୍କୁ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି। ଏକ ୩୦ ଜଣିଆ ବାମରା ବ୍ଲକ ନିର୍ମାଣ ଶ୍ରମିକ ସଂଗଠନ ଘୋଷଣା କରାଯାଇଛି।

## ଆଜିଠୁ ଅତାବିରାରେ ସରକାରୀ ଅଫିସ, ବ୍ୟାଙ୍କ ବନ୍ଦ

ବରଗଡ଼ ଅଫିସ୍,୨୫।୯
ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ ତେଜିବାରେ ଲାଗିଛି । ଏହି କ୍ରମରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି)ର ନିଷ୍ପତ୍ତି କ୍ରମେ ଆସନ୍ତା ୨୬, ୨୭ ଏବଂ ୩୦ତାରିଖ ଅତାବିରାର ସମସ୍ତ ସରକାରୀ ରାଜସ୍ୱ ଅଫିସ୍, ବ୍ୟାଙ୍କ ବନ୍ଦ ପାଳନ କରିବା ପାଇଁ ଅତାବିରା ଓକିଲ ସଂଘ ନିଷ୍ପତ୍ତି ନେଇଛି । ଏହି ବନ୍ଦ ଆନ୍ଦୋଳନ ନେଇ ମଙ୍ଗଳବାର ସଂଘ ପକ୍ଷରୁ ଅତାବିରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ରାକେଶ ପାଢ଼ୀ, ବିରେନ୍ଦ୍ର ବାଙ୍କା, ରାଜା ପାଣ୍ଡେ, ଉନ୍ନି ନାୟାର, ବଲ୍ଲଭ ଭୋଇ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଲାଭଖୋର କମ୍ପାନୀକୁ ଫସଲବୀମାରୁ ବାଦ୍ ଦିଆଯାଉ

ସମ୍ବଲପୁର,୨୫।୯ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଫସଲବୀମାରେ ଲାଭଖୋର ବୀମା କମ୍ପାନୀକୁ ସରକାର ଚୟନ କରୁଛନ୍ତି । ସେମାନେ ପ୍ରିମିୟମ ନେଉଛନ୍ତି। ହେଲେ ବୀମା ଟଙ୍କା ଦେବା ସମୟରେ ଅନେକ ବାହାନା କରୁଛନ୍ତି। ଚଳିତ ବର୍ଷ ମଧ ଫସଲ କ୍ଷୟକ୍ଷତି ଆକଳନ କରାଯାଇ ନିୟମ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯାଉ। ଜିଲା ପ୍ରଶାସନ ପାଖରେ ବୁଧବାର ରେଙ୍ଗାଲି ବ୍ଲକ୍ ତବଡାବାହାଲ, ଝାଙ୍କରପାଲି, ଗଡପଟିଏନ ଗ୍ରାମର ଚାଷୀମାନେ ଏହି ଅଭିଯୋଗ ଆଣିଛନ୍ତି। ପୂର୍ବରୁ ମଧ ଫସଲବୀମା ନେଇ ଏହି ଚାଷୀମାନେ ଆନ୍ଦୋଳନ କରିଛନ୍ତି । ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି। ଜିଲାପାଳଙ୍କୁ ବି ଦେଇଛନ୍ତି। ହେଲେ ୨୦୧୮ ଖରିଫ ଋତୁରୁ ଫସଲବୀମା ଟଙ୍କା ଏଯାଏ ମିଳି ନାହିଁ । ଯଦି ୭ ଦିନ ଭିତରେ ସମସ୍ୟା ସମାଧାନ ନ ହେବ ତେବେ ରାସ୍ତା ଅବରୋଧ କରବେ ବୋଲି ଏମାନେ ଚେତାବନୀ ଦେଇଛନ୍ତି । ହୃଦାନନ୍ଦ ପଣ୍ଡ, ଲକ୍ଷ୍ମଣ କୁମାର ଖମାରୀଙ୍କ ସମେତ ଶତାଧିକ ଚାଷୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।



ସମ୍ବଲପୁର ଜିଲାପାଳଙ୍କ ଅଫିସକୁ ଆସିଥିବା ରେଙ୍ଗାଲି ବ୍ଲକ ଚାଷୀମାନେ ।



ଜିଲାପାଳ ଶୁଭମ ସକ୍‌ସେନାଙ୍କ ସହିତ ଶେଷଦେବ କିଷାନ ଆଲୋଚନା କରୁଛନ୍ତି ।

# ଜିଲାପାଳଙ୍କୁ ଭେଟିଲେ ଯୁବ ବୈଜ୍ଞାନିକ ଶେଷ କିଷାନ

## ଗାଁ, ପଞ୍ଚାୟତର ସାମୂହିକ ସମସ୍ୟା ସମ୍ପର୍କରେ ଆଲୋଚନା

ସମ୍ବଲପୁର,୨୫।୯(ବ୍ୟୁରୋ)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ପଞ୍ଚାତର ଯୁବ ବୈଜ୍ଞାନିକ ଶେଷଦେବ କିଷାନ ବୁଧବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟିଛନ୍ତି। ନିଜ ଗାଁ ଓ ପଞ୍ଚାୟତର ବିଜୁଳି, ପାଣି, ରାସ୍ତା ଓ ଶିକ୍ଷା ସମସ୍ୟା ଉପରେ ସେ ଜିଲାପାଳଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ଦାବି କରିଛନ୍ତି। ଜିଲାପାଳ ସକ୍‌ସେନା ମଧ ସମାଧାନ କରିବାକୁ ଶେଷଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏଡିଏମ୍‌ଓ ଲିଙ୍ଗରାଜ ପଣ୍ଡା, ତ୍ରିବିକ୍ରମ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଜୟଦୁର୍ଗା କୃଷକ କ୍ଲବ ଚାଷୀମାନେ ବିକ୍ଷୋଭ କରୁଛନ୍ତି ।



ବୁଧବାର ସମ୍ବଲପୁର ଅତିରିକ୍ତ ଜିଲାପାଳଙ୍କ ସହ ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତା ଓ ସଭ୍ୟମାନେ ଷ୍ଟ୍ରିଟ୍ ଲାଇଟ ମରାମତି, ନୂତନ ସଂଯୋଗ ରାସ୍ତା ମରାମତି ବିଷୟରେ ଆଲୋଚନା କରୁଛନ୍ତି ।



ଜେସିଆଇ ସମ୍ବଲପୁର ଗ୍ଲୋବାଲ୍ ପକ୍ଷରୁ ଆୟୋଜିତ ୱାକାଥନ୍



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହ୍ରିତିକ ରୋଶନ୍, ବଲିଉଡ୍ ଅଭିନେତା

# ଆଜିର ଆହ୍ୱାନ ଜନସଂଖ୍ୟା ନିୟନ୍ତ୍ରଣ

ଭାରତ ସମେତ ବିଶ୍ୱର ଅନେକ ଦେଶରେ ଗର୍ଭନିରୋଧ ପ୍ରତି ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ପାଳନ କରାଯାଉଛି ଗର୍ଭ ନିରୋଧକ ଦିବସ। ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ଏହି ଦିବସ ପାଳନ କରାଯାଉଛି। ଯୁବପିଢ଼ିଙ୍କୁ ଗର୍ଭ ନିରୋଧ ସମ୍ପର୍କରେ ଉଚିତ ସୂଚନା ଦେବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଜନସଂଖ୍ୟା



## ବିଶ୍ୱ ଗର୍ଭ ନିରୋଧକ ଦିବସ

ନିୟନ୍ତ୍ରଣ କରିବା ବି ଏହାର ଆଉ ଏକ ଲକ୍ଷ୍ୟ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏହି ଦିବସ ଉପଲକ୍ଷେ ଏକ ସ୍ଲୋଗାନ ଦେଇଛି ‘ଆପଣଙ୍କ ଭିବଷ୍ୟତ- ଆପଣଙ୍କ ପସନ୍ଦ, ଆପଣଙ୍କ ଗର୍ଭନିରୋଧକ ଉପାୟ’ । ଭାରତରେ ଲୋକମାନଙ୍କୁ ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ଯୌନ ସଚେତନତା ବୃଦ୍ଧି କରିବା ତଥା ଅବାଞ୍ଛିତ ଗର୍ଭଧାରଣରୁ ରକ୍ଷା ପାଇବା ପାଇଁ ଥିବା ଉପାୟ ସମ୍ବନ୍ଧରେ ଏହି ଦିବସରେ ଅବଗତ କରାଯାଇଥାଏ। ଭାରତରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ(ଡବ୍ଲ୍ୟୁସିଡି) ଏହା ଲାଗି କାର୍ଯ୍ୟ କରୁଛି। ଯୌନସ୍ୱାସ୍ଥ୍ୟ କ୍ଷେତ୍ରରେ କେତେକ ଏନଜିଓ ଓ ହସ୍ପିଟାଲ ସହାୟତାରେ ଏହା କାର୍ଯ୍ୟ କରୁଛି। କେବଳ ସହର ନୁହେଁ ଗାଁଯାଏ ଲୋକଙ୍କୁ ବି ଏହା ସମ୍ପର୍କରେ ଜଣାଇ ଦିଆଯାଉଛି।

ଡବ୍ଲ୍ୟୁସିଡି ରିପୋର୍ଟ ମୁତାବକ ଭାରତରେ ୨୧ଟି ରାଜ୍ୟର ୯୪.୫ ପ୍ରତିଶତ ବିବାହିତ ମହିଳା ଗର୍ଭ ନିରୋଧକ ଉପାୟ ଓ ଏହାର ଉପଯୋଗ ସମ୍ପର୍କରେ ଜାଣିଥିଲେ ବି ୫୦ ପ୍ରତିଶତ ମହିଳା ଏହା ପାଳନ କରନ୍ତି। ଏହା ବ୍ୟତୀତ ୪୪ ପ୍ରତିଶତ ବିବାହିତ ମହିଳା ଏହା ବିଷୟରେ ଜାଣିଥିଲେ ମଧ୍ୟ ଏହି ଉପାୟ ଆପଣାଇନଥାନ୍ତି। ଏକ ସର୍ଭେରୁ ଜଣାପଡିଛି ଯେ,ପଶ୍ଚିମବଙ୍ଗ ଓ ଜମ୍ମୁ-କଶ୍ମୀରରେ ଯଥାକ୍ରମେ ୯୫ ଓ ୮୩ ପ୍ରତିଶତ ମହିଳାଙ୍କର ଗର୍ଭ ନିରୋଧକ ଉପାୟ ଉପରେ ଧାରଣା ରହିଛି। କିନ୍ତୁ ପଶ୍ଚିମବଙ୍ଗରେ ୬୭ ପ୍ରତିଶତ ଓ ଜମ୍ମୁ-କଶ୍ମୀରରେ ୨୭ ପ୍ରତିଶତ ଏହାକୁ ଉପଯୋଗ କରନ୍ତି ନାହିଁ। ଭାରତରେ ଜମ୍ମୁ-କଶ୍ମୀରରେ ସବୁଠାରୁ କମ୍ ଗର୍ଭ ନିରୋଧକ ଉପାୟ ଆପଣାଇଥାନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ଲାଗି ଲୋକମାନଙ୍କୁ ଗର୍ଭ ନିରୋଧକ ଉପାୟ ସମ୍ପର୍କରେ ସୂଚନା ଦେବା ଓ ପ୍ରଚାର ପ୍ରସାର ମାଧ୍ୟମରେ ସଚେତନ କରିବା,ପରିବାର ନିୟୋଜନ ଉପାୟରେ କିପରି ଜନସଂଖ୍ୟା ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ ଜଣାଇବା ଦ୍ୱାରା ଯଥେଷ୍ଟ ଲାଭ ମିଳି ପାରିବ। କେତେକ ରାଜ୍ୟରେ ନବବିବାହିତଙ୍କୁ କଣ୍ଡୋମ କିଟ୍ , ଗର୍ଭନିରୋଧକ ବଟିକା ଇତ୍ୟାଦି ଯୋଗାଇ ଦେବାର ଯୋଜନା କରାଯିବା ସହ ଯୌନ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନ କରାଯାଉଛି। ଜନସଂଖ୍ୟା ନିୟନ୍ତ୍ରଣ ଓ ବିଭିନ୍ନ ଯୌନ ରୋଗ ସଂକ୍ରମଣରୁ ରକ୍ଷା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । କେବଳ ଗର୍ଭ ନିରୋଧକ ଦିବସ ନୁହେଁ,କୌଣସି ଦିନ ବି ପରିବାର ନିୟୋଜନ ବିଷୟରେ ଏକ ସମୟ ସୀମା ମଧ୍ୟରେ ଏବଂ ସହଜ ତରିକା ସମ୍ପର୍କରେ ନିକଟସ୍ଥ ଡିସ୍ପେନ୍ସାରି ଓ ହସ୍ପିଟାଲ୍‌ରୁ ଜାଣିପାରିବେ ।

# ଇଦ୍‌ରେ ଆସିବ ‘ରାଧେ’

## ସଲମାନ୍ ଖାନ୍



**ମୁମ୍ବାଇ:** ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ଅପ୍‌କମିଂ ଫିଲ୍ମ ‘ରାଧେ’ ୨୦୨୦ ଇଦ୍‌ରେ ମୁକ୍ତିଲାଭ କରିବ ବୋଲି କୁହାଯାଉଛି। ଏନେଇ ସଲମାନ୍‌ଙ୍କ ଫ୍ୟାନ୍‌ମାନେ ସୋସିଆଲ ମିଡ଼ିଆରେ ପ୍ରଚାର କରିବା ଆରମ୍ଭ କରିଦେଲେଣି। ସଲମାନ୍‌ଙ୍କ ଫିଲ୍ମ ଦେଖିବା ଲାଗି ସେମାନଙ୍କ ମନରେ ଉତ୍କଣ୍ଠା ଭରି ରହଛି। ପୂର୍ବରୁ ସଲମାନ୍ ନିଶ୍ଚିତ ଭାବେ ଇଦ୍‌ରେ ତାଙ୍କର ଏକ ଫିଲ୍ମ ରିଲିଜ୍ ହେବ ବୋଲି କହିଥିଲେ। ତେବେ କେଉଁ ଫିଲ୍ମଟି ତାଙ୍କର ଇଦ୍‌ରେ ମୁକ୍ତିଲାଭ କରିବ, ସେ ନେଇ କିଛି କୁହାଯାଇନାହିଁ। ଏହାକୁ ନେଇ ଫ୍ୟାନ୍‌ଙ୍କ ମଧ୍ୟରେ ସସ୍‌ପେନ୍ସ ଲାଗିରହିଛି। ଖୁବ୍‌ଶୀଘ୍ର ଏନେଇ ଅଫିସିଆଲ ଆନାଉନ୍ସମେଣ୍ଟ କରାଯିବ ବୋଲି ଜଣାପଡ଼ିଛି। ‘ଦବଙ୍ଗ-୩’ ପରେ ସଲମାନ୍‌ଙ୍କ ପରବର୍ତ୍ତୀ ଫିଲ୍ମ ହେଉଛି ‘ରାଧେ’। ପ୍ରଭୁଦେବାଙ୍କ ନିର୍ଦ୍ଦେଶନାରେ ଏହା ପ୍ରସ୍ତୁତ କରାଯାଉଛି। ଏହା ସମ୍ଭବତଃ ୨୦୨୦ ଇଦ୍‌ରେ ମୁକ୍ତିଲାଭ କରିବ। ଏହାକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି।



# ଧାନବାଦକୁ ଘାରିଛି କୁକୁର ଭୟ

**ଧାନବାଦ:** ରାସ୍ତା ସମସ୍ୟା କି ପରିମଳ ସମସ୍ୟାକୁ ନେଇ କୌଣସି ନଗର ନିଗମ ଚିନ୍ତିତ ହେଉଥିବାବେଳେ କୁକୁରଙ୍କୁ ନେଇ ଅସୁବିଧାରେ ପଡିଯାଇଛି ଝାଡଖଣ୍ଡର ଧାନବାଦ ସହର। ଆତଙ୍କବାଦୀଙ୍କ ଭୟ ସହରକୁ ଯେତିକି ନାହିଁ ତା’ଠାରୁ କୁକୁର ଭୟ ବେଶି ଘାରିଛି। ସହରରେ ପ୍ରତିଦିନ ୧୦୦ରୁ ୧୫୦ ଜଣ କୁକୁର କାମୁଡାରେ ଆକ୍ରାନ୍ତ ହେଉଛନ୍ତି। ବର୍ଷକୁ ୪୨,୦୦୦ ଲୋକ କୁକୁର କାମୁଡାର ଶିକାର ହୋଇ ଆଣ୍ଟି ରାବିସ ଇଞ୍ଜେକଶନ ନେଉଛନ୍ତି। ସକାଳ ହେବା କ୍ଷଣି କୁକୁରଙ୍କ ଆତଙ୍କ ଆରମ୍ଭ ହୋଇଯାଉଛି। ବୁଲାକୁକୁରଙ୍କ ବଂଶବୃଦ୍ଧି ରୋକିବାକୁ ୨୦୧୬ରେ ହୋଇଥିବା ଯୋଜନା ଫାଇଲରେ ରହିଯାଇଛି। ଷ୍ଟ୍ରିଟ୍ ଡଗ୍ ବାର୍ଥ କଣ୍ଟ୍ରୋଲ ସୋସାଇଟି ଗଠନ ବି କରାଯାଇ ସୋସାଇଟି ଆକ୍ଟରେ ପଞ୍ଜୀକରଣ କରାଯାଇଥିଲା। କିନ୍ତୁ ତିନିବର୍ଷ ପରେ ତାହାକୁ ନବୀକରଣ କରାଯାଇପାରନି। ୯ ସଦସ୍ୟ ବିଶିଷ୍ଟ ଏହି କମିଟିରେ ତିନି ବର୍ଷ ମଧ୍ୟରେ ଥରେ ବୈଠକ ହୋଇଛି। ୬ଥର ସୋସାଇଟି ରେଜିଷ୍ଟ୍ରେଶନ ଲାଗି ଚିଠି ଲେଖାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ। ନଗର ନିଗମର ଅବହେଳା ଯୋଗୁ ଗତ ଏକବର୍ଷ ମଧ୍ୟରେ କୁକୁର ୯୦୦ ଶିଶୁଙ୍କୁ କାମୁଡି ସାରିଲେଣି।

# ମାରିଟାଇମ ଜଗତରେ ମହିଳା ସଶକ୍ତୀକରଣ



**ଜାତିସଂଘ:** ୨୦୧୯ ସେପ୍ଟେମ୍ବର ୨୬, ଗୁରୁବାର ପାଳନ କରାଯାଉଛି ବିଶ୍ୱ ମାରିଟାଇମ ଦିବସ। ‘ସାମୁଦ୍ରିକ ଜଗତ ସମ୍ପର୍କରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା’ ସ୍ଲୋଗାନ ନେଇ ଏହି ଦିବସ ପାଳନ କରାଯାଉଛି। ଏହା ଜାତିସଂଘ ଦ୍ୱାରା ଇଣ୍ଟରନ୍ୟାଶ୍‌ନାଲ ମାରିଟାଇମ ଅର୍ଗାନାଇଜେଶନ(ଆଇଏମ୍‌ଓ) ବା ଆନ୍ତର୍ଜାତିକ ସାମୁଦ୍ରିକ ସଂଘ ମାଧ୍ୟମରେ ପାଳନ କରାଯାଉଛି। ୧୯୭୮ ମାର୍ଚ୍ଚ ୧୭ରେ ପ୍ରଥମେ ବିଶ୍ୱ ମାରିଟାଇମ୍ ଦିବସ ପାଳନ କରାଯାଇଥିଲା। ସେ ସମୟରେ ଆଇଏମ୍‌ଓର ସଦସ୍ୟ ସଂଖ୍ୟା ଥିଲା୨୧ ଏବଂ ଏବେ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇ ପହଞ୍ଚିଛି ୧୬୭ରେ। ସାମାଦ୍ରିକ ଶିଳ୍ପରେ ମହିଳାମାନଙ୍କ ଯୋଗଦାନକୁ ଲୋକଲୋଚନକୁ ଆଣିବା ଏଥର ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ୩୦ ବର୍ଷୀୟା କ୍ୟାପ୍ଟେନ ସେରେନା ମେଲାନିଙ୍କ ଉଦ୍ୟମକୁ ବି ପ୍ରଶଂସା କରାଯାଇପାରେ। ମେଲାନି କ୍ରୁସି ଇଣ୍ଡଷ୍ଟ୍ରିରେ ବିଶ୍ୱରେ ପ୍ରଥମ ମହିଳା କ୍ୟାପ୍ଟେନ ନୂଆ କରି ନିର୍ମାଣକରାଯାଇଥିବା

## ବିଶ୍ୱ ମାରିଟାଇମ ଦିବସ

ଏକ କ୍ରୁସି ସେଭେନ ସି ସ୍ପ୍ଲେଣ୍ଡରକୁ ୨୦୨୦ରେ ଚଳାଇବାକୁ ନେଇ ରିଜେଣ୍ଟ ସେଭେନ ସି କ୍ରୁସି କମ୍ପାନୀ ବେଶ୍ ଖୁସି ରହିଛି। ଏଣୁ ସାମୁଦ୍ରିକ ଶିଳ୍ପରେ ମହିଳାଙ୍କ ଯୋଗଦାନକୁ ଏହା ଉତ୍ସାହିତ କରିବ ।

ଆନ୍ତର୍ଜାତିକ ସ୍ତରରେ ଅର୍ଥନୀତି ବିଶେଷକରି ଶିପିଂ କ୍ଷେତ୍ରରେ ମାରିଟାଇମ ଇଣ୍ଡଷ୍ଟ୍ରିର ଯୋଗଦାନକୁ ମନେପକାଇବା ପାଇଁ ବିଶ୍ୱ ମାରିଟାଇମ ଦିବସ ପାଳନ କରାଯାଉଛି। କିନ୍ତୁ ପ୍ରତିବର୍ଷ ସେପ୍ଟେମ୍ବର ଶେଷ ସପ୍ତାହର ଗୁରୁବାରରେ ଭିନ୍ନ ଭିନ୍ନ ପାଳନ ତାରିଖରେ ପାଳନ କରାଯାଉଛି। ଚଳିତ ବର୍ଷ ସେପ୍ଟେମ୍ବର ୨୬ରେ ଏହି ଦିବସ ପାଳନ କରାଯାଉଥିବା ବେଳେ ଆସନ୍ତା ବର୍ଷ ଏହା ସେପ୍ଟେମ୍ବର ୨୪ରେ ପାଳନ କରାଯିବ। ଏହି ଦିବସ ଶିପିଂ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଏ। ସାମୁଦ୍ରିକ ପରିବେଶ ଓ ସୁରକ୍ଷାକୁ ସୁନିଶ୍ଚିତ କରେ। ବିଭିନ୍ନ ଦେଶରେ ଥିବା ବିଭିନ୍ନ ମାରିଟାଇମ ଅର୍ଗାନାଇଜେଶନ ଏହି ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି।

# ଗୀତ ଗାଉଛନ୍ତି ପକ୍ଷୀ

**ବ୍ୟାଙ୍କକ୍:** ଥାଇଲାଣ୍ଡ। ସାରା ଦୁନିଆର ଖ୍ୟାତିସମ୍ପନ୍ନ ଟୁରିଜମ୍ ଡେଷ୍ଟିନେଶନ ମଧ୍ୟରୁ ଗୋଟିଏ। ବୌଦ୍ଧଧର୍ମ, ପ୍ରାଚୀନ କିମ୍ବଦନ୍ତୀ, ଐତିହ୍ୟକୁ ସାଥୀରେ ନେଇ ଚାଲୁଥିବା ‘ଥାଇ’ଙ୍କ ଆତିଥ୍ୟ ବି କିଛି କମ୍ ନୁହେଁ। ଖାସ୍ ଏଇଥିପାଇଁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଛୁଟି ଆସନ୍ତି ଏଠାକୁ। ହେଲେ ଅନେକେ ହୁଏତ ଜାଣି ନ ଥିବେ ଥାଇଲାଣ୍ଡର ଦକ୍ଷିଣ ପ୍ରାନ୍ତରେ ଅବସ୍ଥିତ ନରାଥିୱତ ପ୍ରଦେଶ ଅନ୍ତର୍ଗତ ରୁଏସ୍କୋ ଜିଲାରେ ପକ୍ଷୀଙ୍କୁ ନେଇ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି ‘ଥାଇଲାଣ୍ଡ ବାର୍ଡ ସିଙ୍ଗିଙ୍ଗ୍ କମ୍ପିଟିଶନ’। କଥାକୁହା ପକ୍ଷୀଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏପରି ଭିନ୍ନ ଧରଣର ପ୍ରତିଯୋଗିତାକୁ ମନଭରି ଉପଭୋଗ କରିଥାନ୍ତି ହଜାର ହଜାର ପକ୍ଷୀପ୍ରେମୀ।

## ଥାଇଲାଣ୍ଡ ବାର୍ଡ ସିଙ୍ଗିଙ୍ଗ୍ କମ୍ପିଟିଶନ

ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଥାଇଲାଣ୍ଡ, ସିଙ୍ଗାପୁର, ମାଲେସିଆ ଆଦି ସ୍ଥାନରୁ ୧୮୦୦ ପକ୍ଷୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବୁଲବୁଲ୍, ଶୁଆ, ପାରା ଭଳି ପକ୍ଷୀ। ପ୍ରତିଯୋଗିତା ନିର୍ଦ୍ଦିଷ୍ଟ କେତେକ ନିୟମ ଉପରେ ଆଧାରିତ। ୧୫ଫୁଟ ଉଚ୍ଚତା ବିଶିଷ୍ଟ ଖମ୍ବରେ ଟଙ୍ଗାଯାଇଥିବା ବାଉଁଶ ନିର୍ମିତ ପଞ୍ଜୁରିରେ ପକ୍ଷୀଙ୍କୁ ଝୁଲାଇ ରଖାଯାଇଥାଏ। ସେମାନଙ୍କୁ ପର୍ଯ୍ୟାୟକ୍ରମେ ତଳକୁ ଅଣାଯାଏ। ଏହାପରେ ସେମାନେ ଗୀତ ଗାଇଥାନ୍ତି। ୪ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ପକ୍ଷୀଙ୍କ ଗାଇବା ଶୈଳୀକୁ ନେଇ ମାର୍କ ମିଳିଥାଏ। ପକ୍ଷୀଙ୍କୁ ହାରାହାରି ୨୫ ସେକେଣ୍ଡ ମଧ୍ୟରେ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ପଡ଼େ। ୧୮୦୦ ପକ୍ଷୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀ ବାଛିବା ଏତେ ସହଜ କଥା ନୁହେଁ। ଏଥିପାଇଁ ବେଶ୍ କସରତ କରନ୍ତି ଆୟୋଜକ ଏବଂ ବିଚାରକ। ସେମାନଙ୍କୁ ଅତି ସତର୍କତାର ସହ ପକ୍ଷୀଙ୍କ ଗୀତ ଶୁଣିବାକୁ ପଡ଼େ। ଏଠାରେ ଗୀତର ଗୁଣବତ୍ତା ଦେଖାଯାଏ ନାହିଁ। କମ୍ ସମୟ ମଧ୍ୟରେ ଅଧିକ ଗୀତ ଗାଉଥିବା ପକ୍ଷୀଙ୍କୁ ବିଜେତା ଭାବେ ଘୋଷଣା କରାଯାଇଥାଏ। ସବୁଠାରୁ ରୋଚକ କଥା, ପ୍ରତିଯୋଗିତାରେ ଭାଗ ନେଉଥିବା ପକ୍ଷୀ ମାଲିକଙ୍କୁ ୪ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିବାକୁ ପଡ଼ିଯାଏ। ସେମାନେ ନିୟମିତ ପକ୍ଷୀଙ୍କୁ ତାଲିମ ଦେଇଥାନ୍ତି। ଗତବର୍ଷ ପ୍ରତିଯୋଗିତାର ପୁରସ୍କାର ରାଶି ଥିଲା ୭୦ ହଜାର ଟଙ୍କା। ହେଲେ ପ୍ରତିଯୋଗିତାର କଳେବର ବଢ଼ାଇବା ଏବଂ ପକ୍ଷୀ ମାଲିକଙ୍କୁ ଅଧିକ ଉତ୍ସାହିତ କରାଇବାକୁ ଚଳିତବର୍ଷ ପୁରସ୍କାର ରାଶି ଦେଢ଼ ଲକ୍ଷକୁ ବୃଦ୍ଧି କରାଯାଇଛି।

**ନୂଆଦିଲ୍ଲୀ:** ଗୁପ୍‌ଚୁପ୍ ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମରେ ପରିଚିତ। ଏହା ପୁଚ୍‌କା, ପାନିପୁରୀ, ବତାଶେ ଭଳି ନାମରେ ଲୋକପ୍ରିୟତା ହାସଲ କରିଛି। ଗୁପ୍‌ଚୁପ୍ ମହାଭାରତ ସମୟରେ ପ୍ରଥମେ ପ୍ରସ୍ତୁତ କରାଯାଇଥିଲା ବୋଲି କେତେକ କୁହନ୍ତି। ମଗଧ ସାମ୍ରାଜ୍ୟରେ ମଧ୍ୟ ଏହା ଲୋକପ୍ରିୟତା ହାସଲ କରିଥିଲା। କୁହାଯାଏ ଯେ, ପାଞ୍ଚ ପାଣ୍ଡବଙ୍କୁ ବିବାହ କରିବା ପରେ ଦ୍ରୌପଦୀଙ୍କ ପରୀକ୍ଷା ନେବାକୁ ମାତା

# ମହାଭାରତ ସମୟରେ ପ୍ରସ୍ତୁତ ହୋଇଥିଲା ଗୁପ୍‌ଚୁପ୍



କୁନ୍ତୀ ଚିନ୍ତା କରିଥିଲେ। ସେ ଦ୍ରୌପଦୀଙ୍କୁ କିଛି ପନିପରିବା ସହିତ ଅଳ୍ପ ପରିମାଣର ଅଟା ଦେଇ ଖାଦ୍ୟ ପ୍ରସ୍ତୁତ କରିବାକୁ କହିଥିଲେ। ପାଞ୍ଚାଳି ଅଟାକୁ ଛୋଟ ଛୋଟ ଗୁଳା କରି ତା’ ଭିତରେ ପନିପରିବାକୁ ପୂର ଭଳି ପୂରାଇ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଯାହାକି ଗୁପ୍‌ଚୁପ୍‌ର ପ୍ରଥମ ରୂପ ବୋଲି କେତେକ କହିଥାନ୍ତି। ସେହିପରି ମଗଧ ସାମ୍ରାଜ୍ୟରେ ଛୋଟ ଅଟା ଗୁଳା ମଧ୍ୟରେ ପନିପରିବା ଦେଇ ପ୍ରସ୍ତୁତ ହେଉଥିଲା ସ୍ୱାଦିଷ୍ଟ ଖାଦ୍ୟ। ଏହାକୁ ଲୋକେ ଅଧିକ ପସନ୍ଦ କରୁଥିଲେ। ଏହାକୁ ଖାଇବା ପାଇଁ ଗାଁରୁ ଲୋକେ ସହରକୁ ଆସୁଥିଲେ ବୋଲି ଇତିହାସରେ ଉଲ୍ଲେଖ ରହିଛି।

# ରାଜସ୍ଥାନ ଝିଅଙ୍କୁ ଚେଞ୍ଜ୍ ମେକର୍ ଆୱାର୍ଡ

**ନୂଆଦିଲ୍ଲୀ:** ବିଲ୍ ଆଣ୍ଡ୍ ମିଲିନ୍ଦା ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନୁହେଁ ଆଉ ଜଣେ ଭାରତୀୟଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ସ୍ୱଚ୍ଛ ଭାରତ ମିଶନ୍ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଗ୍ଲୋବାଲ୍ ଗୋଲ୍‌କିପର୍ସ ଆୱାର୍ଡ ଦେଇ ସମ୍ମାନିତ କରିଛି ଫାଉଣ୍ଡେଶନ। ସେହିପରି ସମାଜରେ ପରିବର୍ତ୍ତନ ଆଣି ଅନ୍ୟମାନଙ୍କ ପ୍ରେରଣା ପାଲଟିଥିବା ରାଜସ୍ଥାନର ଝିଅ ପାୟଲ ଜାଙ୍ଗିଦ୍‌ଙ୍କୁ ଚେଞ୍ଜମେକର ଆୱାର୍ଡରେ ସମ୍ମାନିତ କରାଯାଇଛି। ପାୟଲ ନିଜ ପରିବାରରୁ ହିଁ ପ୍ରଥମେ ପରିବର୍ତ୍ତନର ଲଢ଼େଇ ଆରମ୍ଭ କରିଥିଲେ। ତାଙ୍କ ପରିବାର ଲୋକେ ଅତି କମ୍ ବୟସରେ ତାଙ୍କୁ ବିବାହ କରିବାକୁ ବାଧ୍ୟ କରିଥିଲେ। କିନ୍ତୁ ଏହାର ବିରୋଧ କରି ଏତେ କମ୍ ବୟସରେ ବିବାହ କରିବେ ନାହିଁ ବୋଲି ସେ ମନା କରିଦେଇଥିଲେ। ଏହାସହ ସେ ବାଲ୍ୟ ଅଧିକାରରୁ ବଞ୍ଚିତ ଶିଶୁମାନଙ୍କ ପାଇଁ ଲଢ଼େଇ ଆରମ୍ଭ କରିଦେଇଥିଲେ। ବିଭିନ୍ନ ରାଲି, ପୋଷ୍ଟର ଓ ଘରକୁ ଘର ଯାଇ ମାଆ-ବାପାଙ୍କୁ ବାଲ୍ୟ ଅଧିକାର ବିଷୟରେ ସଚେତନ କରନ୍ତି ପାୟଲ। ପ୍ରତ୍ୟେକ ପିଲାଙ୍କୁ ତାଙ୍କ ଶିକ୍ଷା ଅଧିକାରରୁ ବଞ୍ଚିତ ନ କରି ଗୋଟିଏ ସୁଯୋଗ ଦେବାକୁ ସେ ଅଭିଭାବକଙ୍କୁ ସଚେତନ କରାଇଥାନ୍ତି। ପାୟଲଙ୍କ ଲକ୍ଷ୍ୟ, ବିଶ୍ୱର ସମସ୍ତ ଶିଶୁଙ୍କୁ ଶିକ୍ଷାର ସୁଯୋଗ ମିଳୁ ଓ ସମସ୍ତେ ପଢ଼ନ୍ତୁ। ପାୟଲଙ୍କ ବାପା ପପ୍ପୁରାମ ଜାଙ୍ଗିଦ୍‌ଙ୍କ କହିବା ଅନୁସାରେ, ପାୟଲଙ୍କ ଏହି ଅଭିଯାନ ପରେ ତାଙ୍କ ଗ୍ରାମରେ ପ୍ରାୟ ସମସ୍ତ ପିଲା ସ୍କୁଲ ଯାଇ ପାଠ ପଢୁଛନ୍ତି ଏବଂ ବାଲ୍ୟ ବିବାହ ଏବେ ଦେଖିବାକୁ ମିଳୁନି। ତେବେ ଏଭଳି ମହତ୍ ଉଦ୍ଦେଶ୍ୟ ଦିଗରେ କାମ କରି ସାମାଜିକ ପରିବର୍ତ୍ତନ ଆଣିପାରିଥିବାରୁ ପାୟଲ ଜାଙ୍ଗିଦଙ୍କୁ ବିଲ୍ ଆଣ୍ଡ୍ ମିଲିନ୍ଦା ଗେଟ୍ସ ଫାଉଣ୍ଡେଶନ ଚେଞ୍ଜ ମେକର ଆୱାର୍ଡ ଦେଇ ସମ୍ମାନିତ କରିଛି।



## ସାମାଜିକ ପରିବର୍ତ୍ତନ ପାଇଁ ପାୟଲଙ୍କୁ ସମ୍ମାନ

# ୭୦ ବର୍ଷୀୟ ୟୁନିଭର୍ସିଟି ଟପ୍ପର୍

**ରାଞ୍ଚି:** ଜୀବନର ଅପରାହ୍ନରେ ଯେତେବେଳେ ଶରୀର ସାଥିରେ ମନ ରହିବାକୁ ଚାହେଁନି ଠିକ୍ ସେତିକିବେଳେ ୭୦ ବର୍ଷୀୟ ଜଣେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଠାକୁର ୟୁନିଭର୍ସିଟି ଟପ୍ପର ହୋଇଛନ୍ତି। ୧୯୫୦ରେ ଜନ୍ମିତ ଠାକୁର ଲେଖାପଢା ଓ ଶିଖିବାରେ କୌଣସି ବୟସ ନ ଥାଏ ବୋଲି ପ୍ରମାଣ କରିଛନ୍ତି। ରାଞ୍ଚି ୟୁନିଭର୍ସିଟିରୁ ଏବେ ସେ କେବଳ ମାଷ୍ଟର୍ସ ଡିଗ୍ରୀ ହାସଲ କରିନାହାନ୍ତି ବରଂ ୨୦୧୭-୧୯ ବ୍ୟାଚ୍‌ରେ ୟୁନିଭର୍ସିଟି ଟପ୍ପର୍ ହୋଇଛନ୍ତି। ପରୀକ୍ଷାରେ ସେ ୮୩ ପ୍ରତିଶତ ନମ୍ବର ରଖିଛନ୍ତି। ୩୦ ସେପ୍ଟେମ୍ବରରେ ହେବାକୁ ଥିବା ୟୁନିଭର୍ସିଟିର ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିବେ। ବିହାରର ଖଗଡିଆରେ ରହୁଥିବା ଠାକୁର ୧୯୭୭ରେ ଘାଘରା ସରକାରୀ



ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇ ୨୦୧୦ରେ ସରକାରୀ ହାଇସ୍କୁଲରୁ ଅବସର ନେଇଛନ୍ତି।



“ ଦିଲ୍ଲୀରେ ଏନ୍‌ଆର୍‌ସି ଲାଗୁ ହେଲେ ଭାଜପା ନେତା ମନୋଜ ତିୱାରୀଙ୍କୁ ପ୍ରଥମେ ରାଜଧାନୀ ଛାଡ଼ିବାକୁ ପଡ଼ିବ।

-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ

# ବିଫଳତା ସ୍ୱୀକାର କଲେ ଇମ୍ରାନ୍

ନ୍ୟୁୟର୍କ,୨୫।୯



କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତିକୀକରଣ କରାଇବାରେ ପାକିସ୍ତାନ ବିଫଳ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସ୍ୱୀକାର କରିଛନ୍ତି। ଏଥିପାଇଁ ଅନ୍ତର୍ଜାତୀୟ ସମୁଦାୟ ପାଖରେ ସେ ଦୁଃଖିତ ବୋଲି ଇମ୍ରାନ୍ କହିଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଲାଗି ଭାରତର ନିଷ୍ପତ୍ତିକୁ ଅଧିକାଂଶ ଦେଶ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ଏହାକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କରିବାକୁ ଉଦ୍ୟମ କରି ପାକିସ୍ତାନ ବିଭିନ୍ନ ଫୋରମ୍‌ରେ ଅପଦସ୍ଥ ହୋଇଛି।

କଶ୍ମୀର ପ୍ରସଙ୍ଗରେ ଇମ୍ରାନ୍ କହିଛନ୍ତି, ଅବରୋଧ ହଟାଇବା ପାଇଁ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ପକାଯାଇନାହିଁ। ସେଠାରେ ୯ ଲକ୍ଷ ଯବାନ କ’ଣ କରୁଛନ୍ତି ବୋଲି ଇମ୍ରାନ ପ୍ରଶ୍ନ କରିବା ସହ କର୍ଫ୍ୟୁ ଉଠିଲେ ସେଠାରେ ପରିସ୍ଥିତି କ’ଣ ହେବ ତାହା ଆଲ୍ଲା ଜାଣନ୍ତି ବୋଲି ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେଠାରେ ପାକ୍ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଏବଂ ଜାତିସଂଘରେ ପାକିସ୍ତାନ ପ୍ରତିନିଧି ମଲିହା ଲୋଧି ଉପସ୍ଥିତ ଥିଲେ।

କଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ଅଭିଯୋଗକୁ ଅଣଦେଖା କରାଯିବାର କାରଣ ଭାରତର ଆର୍ଥିକ ସ୍ଥିତି ଏବଂ ଅନ୍ତର୍ଜାତୀୟ ସ୍ତରରେ ଏହାର ପ୍ରାଧାନ୍ୟ ବୋଲି ଇମ୍ରାନ୍ ସ୍ୱୀକାର କରିଛନ୍ତି। ଲୋକେ ଭାରତର ୧୨୦ କୋଟି ଜନସଂଖ୍ୟାବିଶିଷ୍ଟ ବଜାରକୁ ଦେଖୁଛନ୍ତି ବୋଲି ପାକ୍ ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତାରୁ ନିଜକୁ ଦୂରେଇ ରଖିଛନ୍ତି। ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକ୍ ପ୍ରତିପକ୍ଷ ଇମ୍ରାନ୍ କଶ୍ମୀର ପାଇଁ ଏକାଠି କିଛି କରନ୍ତି, ତେବେ ତାହା ବହୁତ ବଡ଼କଥା ହେବ ବୋଲି ମଙ୍ଗଳବାର ଟ୍ରମ୍ପ୍ କହିଥିଲେ। ଉଭୟ ନେତା ପରସ୍ପର ସହ ଆଲୋଚନା କଲେ ବହୁତ ଭଲ ହେବ ବୋଲି ଏକାଧିକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଟ୍ରମ୍ପ୍ ଗଣମାଧ୍ୟମକୁ କହିଥିଲେ। ଆତଙ୍କବାଦ ପାକିସ୍ତାନ ମାଟିରୁ ସୃଷ୍ଟ ଓ ଏଥିରେ ପାକ୍ ସେନାର ସମ୍ପୃକ୍ତି ରହିଥିବା ନେଇ ଖବରଦାତା ପ୍ରଶ୍ନ କରିବାରୁ ଏହାର ସମାଧାନ ପ୍ରଧାନମନ୍ତ୍ରୀ ମୋଦି କରିପାରିବେ ବୋଲି ଟ୍ରମ୍ପ୍ ମତ ଦେଇଥିଲେ। ସୋମବାର ଇମ୍ରାନ୍‌ଙ୍କୁ ଭେଟିବା ପରେ ମଧ୍ୟସ୍ଥତା ପାଇଁ ଆଗ୍ରହ ପ୍ରକାଶ କରିଥିବା ଟ୍ରମ୍ପ୍ ପରେ ମତ ବଦଳାଇଥିଲେ।

## ମୋଦିଙ୍କୁ ‘ଗ୍ଲୋବାଲ୍ ଗୋଲ୍‌କିପର’ ପୁରସ୍କାର

ନ୍ୟୁୟର୍କ,୨୫।୯(ପି.ଟି.)



ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମର୍ଯ୍ୟାଦାଜନକ ‘ଗ୍ଲୋବାଲ୍ ଗୋଲ୍‌କିପର’ ପୁରସ୍କାରରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ମୋଦିଙ୍କୁ ଏହି ପୁରସ୍କାର ପ୍ରଦାନ କରିଛି। ଜାତିସଂଘର ଲକ୍ଷ୍ୟ ହାସଲରେ ଏହି ସ୍ୱଚ୍ଛତା ଅଭିଯାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଫାଉଣ୍ଡେଶନ୍ ପକ୍ଷରୁ କୁହାଯାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ଏଭଳି ପୁରସ୍କାର ମିଳିବା ତାଙ୍କ ପାଇଁ ବ୍ୟକ୍ତିଗତ ଭାବେ ମହତ୍ତ୍ୱପୂର୍ଣ୍ଣ। ୧୩୦ କୋଟି ଜନସାଧାରଣ ପ୍ରତିଜ୍ଞା କଲେ ଯେକୌଣସି ଚ୍ୟାଲେଞ୍ଜର ସମାଧାନ କରାଯାଇପାରିବ ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ। ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଶ୍ରେୟ ଦେବା ସହ ଏହି ସମ୍ମାନ ସେମାନଙ୍କର ବୋଲି କହିଛନ୍ତି।

## ଆଇନ ଛାତ୍ରୀଙ୍କୁ ଗିରଫ କଲା ଏସ୍‌ଆଇଟି

ଶାହଜାହାନପୁର,୨୫।୯(ପି.ଟି.)



ଚିନ୍ମୟାନନ୍ଦ ମାମଲା

ଭାଜପା ନେତା ଚିନ୍ମୟାନନ୍ଦଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ଆଇନ ଛାତ୍ରୀଙ୍କୁ ଏସ୍‌ଆଇଟି(ସ୍ୱତନ୍ତ୍ର ତଦନ୍ତକରରୀ ଦଳ) ବୁଧବାର ତାଙ୍କ ଘରୁ ଗିରଫ କରିଛି। ସେ ଚିନ୍ମୟାନନ୍ଦଙ୍କଠାରୁ ଅର୍ଥ ଦାବି କରିବା ନେଇ ଅଭିଯୋଗ ହେବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ୩ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ପରେ ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ସିଜେଏମ୍ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ଛାତ୍ରୀଜଣକ ଆଗୁଆ ଜାମିନ ଆବେଦନ କରିଥିବାବେଳେ ଶୁଣାଣି ୨୬କୁ ରହିଛି। ପ୍ରକାଶଥାଉ କି, ଛାତ୍ରୀଙ୍କ ଅଭିଯୋଗ କ୍ରମେ ଚିନ୍ମୟାନନ୍ଦଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ଦୀର୍ଘ ଏକବର୍ଷ ଧରି ଚିନ୍ମୟାନନ୍ଦ ତାଙ୍କୁ ବଳାତ୍କାର ଓ ଶାରୀରିକ ଶୋଷଣ କରିଆସୁଥିବା ସେ ଅଭିଯୋଗ କରିଥିଲେ।

## ଆଲୋଚନା ପୂର୍ବରୁ ପାକ୍ କଠୋର ପଦକ୍ଷେପ ନେଉ

### ଟ୍ରମ୍ପ୍‌ଙ୍କୁ ଜଣାଇଲେ ମୋଦି

ଜାତିସଂଘ,୨୫।୯(ପି.ଟି.)

ପାକିସ୍ତାନ ସହ ଆଲୋଚନା ଆରମ୍ଭ କରିବାକୁ ହେଲେ ତାହା ପୂର୍ବରୁ ଇସ୍‌ଲାମାବାଦକୁ କେତେକ କଠୋର ପଦକ୍ଷେପ ନେବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟି କହିଛନ୍ତି। କଶ୍ମୀର ପ୍ରସଙ୍ଗରେ ଉଭୟ ରାଷ୍ଟ୍ର ଏକତ୍ର କିଛି କରିବାକୁ ଟ୍ରମ୍ପ୍ ପ୍ରସ୍ତାବ ଦେବା ପରେ ମୋଦି ଉପରୋକ୍ତ ମତ ଦେଇଥିଲେ। ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ମଙ୍ଗଳବାର ମୋଦି ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ୪୦ ମିନିଟ ଧରି ଆଲୋଚନା ହୋଇଥିଲା। ଏଥିରେ ମୁଖ୍ୟତଃ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପାକିସ୍ତାନର ଆତଙ୍କବାଦ ସୃଷ୍ଟି ପ୍ରସଙ୍ଗ ସ୍ଥାନ ପାଇଥିଲା। ଭାରତ ସମ୍ମୁଖୀନ ହେଉଥିବା ଆତଙ୍କବାଦ ସମସ୍ୟା ନେଇ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୩୦ ବର୍ଷରେ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପରେ ୪୨ ହଜାର ଲୋକଙ୍କ ଜୀବନ ଯାଇଛି। ଆତଙ୍କବାଦ ସମଗ୍ର ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଥିବାବେଳେ ଏହା ବିରୋଧରେ ଲଢ଼େଇ ପାଇଁ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ଲୋଡିଥିଲେ ମୋଦି।

ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଖବରଦାତାମାନଙ୍କୁ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ୨୦୧୪ରେ କ୍ଷମତାକୁ ଆସିବା ପରେ ୨୦୧୫ ଡିସେମ୍ବରରେ ନ୍ୟୂନତମ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଚାନକ ଲାହୋର ଗସ୍ତ କରିଥିଲେ। କିନ୍ତୁ ପାକିସ୍ତାନ ବନ୍ଧୁତ୍ୱର ହାତ ବଢ଼ାଇବା ପରିବର୍ତ୍ତେ ପଠାନକୋଟ ଏୟାରବେସ୍ ଉପରେ ଆତଙ୍କବାଦୀ ଆକ୍ରମଣ କରାଇଥିଲା। ପାକିସ୍ତାନ ସହ ଆଲୋଚନା କରିବାରେ ଆମର ପଛଘୁଞ୍ଚା ଦେବାର କୌଣସି କାରଣ ନାହିଁ। ତେବେ ଏଥିପାଇଁ ପାକିସ୍ତାନକୁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ହେବ। ତେବେ ଇସ୍‌ଲାମାବାଦ ସେ ଦିଗରେ ଏପର୍ଯ୍ୟନ୍ତ କୌଣସି ଉଦ୍ୟମ କରିଥିବା ଦେଖାଯାଇନାହିଁ ବୋଲି ଗୋଖ୍‌ଲେ କହିଛନ୍ତି।

## ଜାତିସଂଘକୁ ଭାରତର ସୋଲାର ପାର୍କ ଉପହାର

ନ୍ୟୁୟର୍କ,୨୫।୯(ପି.ଟି.)




ଜାତିସଂଘ ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାନ୍ଧୀ ସୋଲାର ପାର୍କ ଏବଂ ଗାନ୍ଧୀ ଶାନ୍ତି ଉଦ୍ୟାନକୁ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଜାତିସଂଘ ଦ୍ୱାରା ଜାରି ସ୍ମାରକୀ ଷ୍ଟାମ୍ପକୁ ପ୍ରଧାନମନ୍ତ୍ରୀ ଅନ୍ୟ ନେତାମାନଙ୍କ ଗହଣରେ ଉନ୍ମୋଚନ କରିଥିଲେ। ଅକ୍ଷୟ ଶକ୍ତି ପାଇଁ ଭାରତର ଉଦ୍ୟମ ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ସେ ଗାନ୍ଧୀ ଚିନ୍ତାଧାରା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସମସାମୟିକ ବିଶ୍ୱରେ ଗାନ୍ଧିଜୀଙ୍କ ପ୍ରଭାବ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ, ଗାନ୍ଧୀ ଭାରତର କିନ୍ତୁ କେବଳ ଭାରତରେ ସୀମିତ ନୁହନ୍ତି। ଏପରିକି ଗାନ୍ଧିଜୀଙ୍କୁ ଆଦୌ ଭେଟି ନ ଥିବା ବ୍ୟକ୍ତି ମଧ ତାଙ୍କ ଜୀବନୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ। ମାର୍ଟିନ ଲୁଥର କିଙ୍ଗ ଜୁନିୟର ଏବଂ ନେଲସନ ମଣ୍ଡେଲାଙ୍କ ପ୍ରତିଷ୍ଠାର ମୂଳ ଆଧାର ଗାନ୍ଧିଜୀ ଓ ତାଙ୍କ ଦୂରଦୃଷ୍ଟି ଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏବେ ଗଣତନ୍ତ୍ର କହିଲେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରକାର ଏବଂ ସେମାନଙ୍କ ଆଶା ଆକାଂକ୍ଷାକୁ ନେଇ କାର୍ଯ୍ୟ କରୁଥିବା ସରକାରକୁ ବୁଝାଉଛି। କିନ୍ତୁ ଗାନ୍ଧିଜୀ ଗଣତନ୍ତ୍ରର ପ୍ରକୃତ ଶକ୍ତି ଉପରେ ଗୁରୁତ୍ୱ ଦେଉଥିଲେ। ସେ ଲୋକଙ୍କୁ ସରକାରଙ୍କ ଉପରେ ନିର୍ଭରଶୀଳ ନ ହୋଇ ଆତ୍ମନିର୍ଭରଶୀଳ ହେବାକୁ ଶିକ୍ଷା ଦେଉଥିଲେ ବୋଲି ଜାତିସଂଘରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି। ଗାନ୍ଧିଜୀ ନିଜ ଜୀବନଶୈଳୀ ମାଧ୍ୟମରେ ପ୍ରଭାବ ସୃଷ୍ଟି କରିବାକୁ କେବେ ଚାହିଁ ନ ଥିଲେ, ବରଂ ତାଙ୍କ ଜୀବନୀ ଅନ୍ୟମାନଙ୍କ ଲାଗି ସ୍ୱତଃ ପ୍ରେରଣାଦାୟକ ହୋଇଯାଇଥିଲା। ଜଳବାୟୁ ପରିବର୍ତ୍ତନ ହେଉ, କି ଆତଙ୍କବାଦ, ଦୁର୍ନୀତି ହେଉ କିମ୍ବା ସାଧାରଣ ଜୀବନରେ ସ୍ୱାର୍ଥପରତା ହେଉ, ଗାନ୍ଧିଜୀଙ୍କ ଚିନ୍ତାଧାରା ଆମକୁ ମାର୍ଗଦର୍ଶନ ଦେଇଆସିଛି। ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗ ଆମକୁ ଏକ ଉତ୍ତମ ବିଶ୍ୱ ଆଡ଼କୁ ଆଗେଇନେବ ବୋଲି ମୋଦି ବିଶ୍ୱାସ ପ୍ରକଟ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟୟ ସେରିଙ୍ଗ, ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଇନ୍, ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ ଲୁଙ୍ଗ୍ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଦଳିତ ଶିଶୁଙ୍କୁ ପିଟି ମାରିଦେଲେ

ଶିବପୁରୀ,୨୫।୯(ପି.ଟି.)

ମଧ୍ୟପ୍ରଦେଶର ଶିବପୁରୀ ଜିଲାରେ ବୁଧବାର ୨ ଦଳିତ ଶିଶୁଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସେମାନେ ପଞ୍ଚାୟତ ବିଲ୍ଡିଂ ସମ୍ମୁଖରେ ସୌଚ କରୁଥିବାର ଦେଖି କେତେକ ଲୋକ ସେମାନଙ୍କୁ ମାଡ଼ ମାରିଥିଲେ। ଘଟଣାଟି ଭବକେଡି ଗାଁରେ ଘଟିଥିବାବେଳେ ପୋଲିସ ଏବେ ଏହାର ତଦନ୍ତ ଆରମ୍ଭ କରିଛି। ଲୋକଙ୍କ ମାଡ଼ରେ ପ୍ରାଣ ହରାଇଥିବା ୨ ଦଳିତ ଶିଶୁ ହେଲେ ରୋଶନୀ(୧୨) ଓ ଅବିନାଶ(୧୦)। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ଇତିହାସର ଆଇନାରେ — ସେପ୍ଟେମ୍ବର ୨୬ର ପ୍ରମୁଖ ଘଟଣା

୧୯୯୭ ସେପ୍ଟେମ୍ବର ୨୬ରେ ଇଣ୍ଡୋନେସିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୩୪ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ବିମାନଟି ସୋଏକାମୋରୁ ପୋଲୋନିଆ ଯାଉଥିବାବେଳେ ଏକ ପର୍ବତରେ ଧକ୍କା ଖାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

୨୦୦୨ ସେପ୍ଟେମ୍ବର ୨୬ରେ ସେନେଗାଲର ଏକ ଯାତ୍ରୀବାହୀ ‘ଲେ ଜୁଲା’ ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ିଯିବାରୁ ଏଥିରେ ଥିବା ୧,୮୬୩ ଯାତ୍ରୀ ପ୍ରାଣ ହରାଇଥିଲେ। ଆବଶ୍ୟକଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବା ଡଙ୍ଗାଟି କାସାମାନ୍ସରୁ ଡକାର ଅଭିମୁଖେ ଯାଉଥିଲା।

# ବିଶ୍ୱକୁ ବାଟ ଦେଖାଇଲେ ଗ୍ରେଟା

ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ନେଇ ବିଶ୍ୱବ୍ୟାପୀ ନାନା ଆଶଙ୍କା ଲାଗିରହିଥିବାବେଳେ ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ମିଳନୀରେ ଭାବଗର୍ଭକ ଭାଷଣ ଦେଇ ସମସ୍ତଙ୍କୁ ବିସ୍ମିତ କରିଦେଇଛନ୍ତି ଗ୍ରେଟା ଥନ୍‌ବର୍ଗ। ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ରେ ଜନ୍ମିତ ଏହି ୧୬ ବର୍ଷୀୟା ପରିବେଶ କର୍ମୀଙ୍କୁ ଏହାର ଦୁଇଦିନ ପରେ ମିଳିଛି ‘ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ’। ବୈଜ୍ଞାନିକ ଉପାୟରେ ଜଳବାୟୁ ପରିବର୍ତ୍ତନଜନିତ ଭୟବହତାରୁ ବିଶ୍ୱକୁ ରକ୍ଷା କରିବା ପାଇଁ ରାଜନୈତିକ ଦାବିକୁ ଜୋରଦାର କରିବାରେ ସକ୍ଷମ ହୋଇଥିବାରୁ ତାଙ୍କୁ ଦିଆଯାଇଛି ‘ଅଲଟର୍‌ନେଟିଭ୍ ନୋବେଲ’ ନାମରେ ପରିଚିତ ସ୍ୱିଡେନର ଏହି ବାର୍ଷିକ ଅନ୍ତର୍ଜାତୀୟ ପୁରସ୍କାର। ତୁମେ ମୋର ସ୍ୱପ୍ନ ଓ ପିଲାଦିନ ଚୋରି କରିନେଇଛ। ଏଥିଲାଗି ତୁମେ କିପରି ସାହସ କଲ ବୋଲି ବିଶ୍ୱନେତାଙ୍କୁ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ ଗ୍ରେଟା ପ୍ରଶ୍ନ କରିଥିଲେ। ତାଙ୍କର ଏହି ପ୍ରଶ୍ନ ପରିବେଶ ସୁରକ୍ଷା ନେଇ ଚିନ୍ତା କରିବା ପାଇଁ ସମସ୍ତଙ୍କୁ ବାଧ୍ୟ କରିଛି।

ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରିବା ସକାଶେ ନୋବେଲ ଫାଉଣ୍ଡେଶନକୁ ଏକ ପ୍ରସ୍ତାବ ଦିଆଯାଇଥିଲା। ୧୯୮୦ରେ ଫାଉଣ୍ଡେଶନ ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ‘ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ’ ଆରମ୍ଭ କରାଯାଇଥିଲା। ପୂର୍ବରୁ ଏଡ୍‌ୱାର୍ଡ ସ୍ନୋଡେନ୍, ୱାଙ୍ଗରି ମାଥାଇ ଏବଂ ଅଲାନ୍ ରୁସ୍‌ବ୍ରିଜରଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ମିଳିସାରିଛି। ଷ୍ଟକ୍‌ହୋମରେ ୨୦୧୯ ରାଇଟ୍ ଲିଭ୍‌ଲିହୁଡ୍ ଆୱାର୍ଡ ପ୍ରଦାନ ପରିପ୍ରେକ୍ଷୀରେ ରାଇଟ୍ ଲିଭ୍‌ଲିହୁଡ୍ ଫାଉଣ୍ଡେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓଲେ ଭୋନ୍ ଉକ୍ସକୁଲ୍ କହିଛନ୍ତି, କୋଟି କୋଟି ଲୋକଙ୍କୁ ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ସଶକ୍ତ କରିଥିବା ୪ ବିଜେତାଙ୍କ ଦୂରଦର୍ଶୀ ନେତୃତ୍ୱକୁ ଆମେ ସମ୍ମାନ ଜଣାଉଛୁ। ଏହି ଅବସରରେ ଗ୍ରେଟା କହିଛନ୍ତି, ଏହି ମହାନ୍ ପୁରସ୍କାରର ଅନ୍ୟତମ ବିଜେତା ହୋଇଥିବାରୁ ସେ କୃତଜ୍ଞ। ତେବେ ସେ ବିଜେତା ନୁହନ୍ତି, ବରଂ ଏହି ବିଶ୍ୱସ୍ତରୀୟ ଆନ୍ଦୋଳନର ଏକ ଅଂଶ, ଯାହାକୁ ସ୍କୁଲ ଛାତ୍ରୀଛାତ୍ର, ଯୁବପିଢ଼ି ଓ ସର୍ବୋପରି ସବୁ ବୟସର ବ୍ୟକ୍ତି ଆଗକୁ ବଢ଼ାଇଆସିଛନ୍ତି। ଆମ ଜୀବନ୍ତ ବିଶ୍ୱର ସୁରକ୍ଷା ପାଇଁ କାର୍ଯ୍ୟ କରିବା ସକାଶେ ସେମାନେ ହିଁ ନିଷ୍ପତ୍ତି ନେଇଥିଲେ ଓ ପ୍ରେରଣା ଯୋଗାଇଥିଲେ। ଏହି ପୁରସ୍କାର ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି। ଅନ୍ୟ ୩ ବିଜେତା ହେଲେ ୱେଷ୍ଟର୍ନ ସାହାରାର ମାନବାଧିକାର କର୍ମୀ ଆମିନାଟୋଉ ହାଇଦର, ଚାଇନାରେ ମହିଳାଙ୍କ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ଆଇନଜୀବୀ ଗୁଓ ଜିଆନ୍‌ମେଇ ଏବଂ ବ୍ରାଜିଲର ଆଦିବାସୀଙ୍କ ଅଧିକାର ଓ ଜଙ୍ଗଲ ସଂରକ୍ଷଣ ପାଇଁ ଲଢ଼େଇ କରୁଥିବା ଡାଭି କୋପେନାୱା। ଏହି ବିଜେତାମାନଙ୍କୁ ପୁରସ୍କାର ବାବଦକୁ ୧ ନିୟୁତ ସ୍ୱିଡିଶ୍ କ୍ରୋନା (୮୩,୦୦୦ ପାଉଣ୍ଡ) ଲେଖାଏ ଦିଆଯିବ। ଏହି ପୁରସ୍କାର ରାଶିରେ ସେମାନେ ଦୀର୍ଘକାଳୀନ ଭିତ୍ତିରେ ନିଜ ଅଭିଯାନକୁ ଆଗେଇ ନେବେ। ଯେଉଁମାନଙ୍କ ଜୀବନ ଓ ସ୍ୱାଧୀନତା ବିପଦରେ ରହିଛି, ସେମାନଙ୍କୁ ସାହାଯ୍ୟ କରି ସୁରକ୍ଷା ଦେବା ଭଳି କାର୍ଯ୍ୟରେ ନିୟୋଜିତ ରହିବେ।




### ଜଳବାୟୁ ପରିବର୍ତ୍ତନ ଆନ୍ଦୋଳନର ବାର୍ତ୍ତାବହଙ୍କୁ ଅଲଟର୍‌ନେଟିଭ୍ ନୋବେଲ

## ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ



ସ୍ୱିଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କ ଜନ୍ମ ୨୦୦୩ ଜାନୁୟାରୀ ୩ରେ। ୨୦୧୮ ଅଗଷ୍ଟରେ ତାଙ୍କୁ ୧୫ ବର୍ଷ ହୋଇଥିବାବେଳେ ସେ ସ୍କୁଲ୍‌ରୁ ସମୟ ବାହାର କରି ସ୍ୱିଡେନ ପାର୍ଲାମେଣ୍ଟ ବାହାରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଉଦ୍ୟମକ୍ରମେ ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସେମାନେ ମିଶି ଜଳବାୟୁ ପରିବର୍ତ୍ତନ ବିରୋଧରେ ‘ଫ୍ରାଇଡେଜ୍ ଫର୍ ଫ୍ୟୁଚର’ ନାମରେ ସ୍କୁଲ ଜଳବାୟୁ ଆନ୍ଦୋଳନର ଆୟୋଜନ କରିଥିଲେ। ୨୦୧୮ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଗ୍ରେଟାଙ୍କ ଉଦ୍‌ବୋଧନ ପରେ ବିଶ୍ୱର ବିଭିନ୍ନ ସ୍ଥାନରେ ପ୍ରତି ସପ୍ତାହରେ ଛାତ୍ର ଧର୍ମଘଟ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବିଭିନ୍ନ ସହରରେ ଆୟୋଜିତ ଦୁଇଟି ବିକ୍ଷୋଭରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଜାତିସଂଘ ଜଳବାୟୁ ସମିଟ୍‌ରେ ଗ୍ରେଟାଙ୍କ ଉଦ୍‌ବୋଧନ

## ମୋ ସ୍ୱପ୍ନ ଓ ଶୈଶବକୁ ଚୋରାଇନେଇଛ

ଗତ ସୋମବାର ଜାତିସଂଘରେ ଅନୁଷ୍ଠିତ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମିଟ୍‌ରେ ସ୍ୱିଡେନ୍‌ର ୧୬ ବର୍ଷୀୟା ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ ଆବେଗଭରା ଉଦ୍‌ବୋଧନ ଦେଇଥିଲେ, ଯାହା ବିଶ୍ୱ ନେତାମାନଙ୍କୁ ପ୍ରଭାବିତ କରିଥିଲା। ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ବନ୍ଦ କରିବାର ଜରୁରୀ ଆବଶ୍ୟକତା ସମ୍ପର୍କରେ ସେ ରାଷ୍ଟ୍ରନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ, ଆପଣମାନେ ଯୁବପିଢ଼ିଙ୍କ ଲାଗି ଆଶା ନେଇ ଆସିଛନ୍ତି। ଆପଣମାନେ ଫାଙ୍କା ଶବ୍ଦ ମାଧ୍ୟମରେ ମୋର ସ୍ୱପ୍ନ ଓ ଶୈଶବକୁ ଚୋରି କରିନେଇଛନ୍ତି। ଏହା କରିବାକୁ ଆପଣମାନେ କିପରି ସାହସ କଲେ ବୋଲି ଗ୍ରେଟା ପ୍ରଶ୍ନ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଲକ୍ଷଲକ୍ଷ ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ସମଗ୍ର ପରିବେଶ ଭୁଶୁଡ଼ି ପଡିଛି କହିଲାବେଳେ ଗ୍ରେଟାଙ୍କ ଆଖିରେ ଲୁହ ଭରିଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ରୋକିବା ଦିଗରେ ବିଶ୍ୱର ନେତାମାନେ କୌଣସି ପଦକ୍ଷେପ ନେଉ ନ ଥିବା ସେ ଅଭିଯୋଗ କରିଥିଲେ।

### ଗ୍ରେଟାଙ୍କୁ ବିରୋଧ କଲେ ମାକ୍ରଁ

ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ବିରୋଧ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ନେଇ ଫ୍ରାନ୍ସ, ଜର୍ମାନୀ, ଆର୍ଜେଣ୍ଟିନା, ବ୍ରାଜିଲ ଓ ତୁର୍କୀ ପଦକ୍ଷେପ ନେଉ ନ ଥିବା ଦର୍ଶାଇ ଗ୍ରେଟା ଓ ଅନ୍ୟ ୧୫ କର୍ମୀ ଜାତିସଂଘରେ ଏକ ଲିଗାଲ୍ ପିଟିଶନ ଦାଏର କରିଛନ୍ତି। ସେମାନଙ୍କ ନିଷ୍କ୍ରିୟତା ଶିଶୁ ଅଧିକାର ନେଇ ଜାତିସଂଘର ଚୁକ୍ତିକୁ ଉଲ୍ଲଂଘନ କରୁଥିବା ଗ୍ରେଟା ଅଭିଯୋଗ ଆଣିଥିବାବେଳେ ମାକ୍ରଁ ବିଶ୍ୱନେତାମାନଙ୍କୁ କହିଛନ୍ତି, ସେମାନେ ପୋଲାଣ୍ଡକୁ ଯାଆନ୍ତୁ। ସେମାନଙ୍କର ଏହି କାର୍ଯ୍ୟ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ସେତେଟା ପ୍ରଭାବଶାଳୀ ନୁହେଁ, ବରଂ ସମାଜରେ ଶତ୍ରୁତା ସୃଷ୍ଟି କରିବ।





"ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା
- ଭଲ୍‌ଟାୟାର



## ସଂକ୍ଷେପରେ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

### କଳା, ସଂସ୍କୃତିର ବିକାଶ ଅନୁଷ୍ଠାନର ଲକ୍ଷ୍ୟ

ଦେବଗଡ,୨୫।୯(ଡି.ଏନ.ଏ.): ଋମୁକୁ ଝୁମା ସାଂସ୍କୃତିକ ଅନୁଷ୍ଠାନ ଦେବଗଡ ଶାଖା ପକ୍ଷରୁ ପୁରୁଣାଗଡ଼ସ୍ଥିତ ଶାଖା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅନୁଷ୍ଠାନର ଓଡ଼ିଶା ସଭାନେତ୍ରୀ ନିବେଦିତା ନାୟକ ଉପସ୍ଥିତ ରହି ଦେବଗଡ଼ ଜିଲାରେ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ଏବଂ ପ୍ରଚାର ପ୍ରସାର ସମେତ କଳାକାରମାନଙ୍କୁ ପ୍ରୋତ୍ସାହନ ପ୍ରଦାନ ଅନୁଷ୍ଠାନର ଲକ୍ଷ୍ୟ ବୋଲି ଗଣମାଧ୍ୟମର ପ୍ରତିନିଧିଙ୍କୁ ପ୍ରକାଶ କରିଥିଲେ। ସମ୍ମିଳନୀରେ ଋମୁକୁ ଝୁମା ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଭୂୟାଁ, ଦେବଗଡ଼ ଜିଲା ଶାଖା ସଭାପତି ମୀନାକ୍ଷୀ ମିଶ୍ର ଉପସ୍ଥିତ ଥିଲେ।

■ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ପ୍ରତିଯୋଗିତା

# ପ୍ରତିଭା, ଦକ୍ଷତା ଦେଖାଇ ପୁରସ୍କୃତ ହେଲେ କୃତୀ ଛାତ୍ରୀଛାତ୍ର

ନାକଟିଦେଉଳ,୨୫।୯(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବୁଧବାର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପ୍ରତିଯୋଗିତା ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମାଧ୍ୟମିକସ୍ତରରେ ୩୯ଜଣ ଏବଂ ହାଇସ୍କୁଲସ୍ତରରେ ୩୯ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ଏଥିରେ ସିନିୟର ଏବଂ ଜୁନିୟର ବିଭାଗରେ ତର୍କ, ସାଧାରଣ ଜ୍ଞାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସିନିୟର ବିଭାଗର ତର୍କରେ ଡଙ୍ଗଚା ବାପୁଜୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ନିବେଦିତା ପ୍ରଧାନ ପ୍ରଧାନ ପ୍ରଥମ, ସରାପାଲି ନୋଡ଼ାଲ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଯୋଗେଶ୍ୱର ବିଶ୍ୱାଳ ଦ୍ୱିତୀୟ, ପବିତ୍ର ମୋହନ ନୋଡ଼ାଲ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ସୁମନ୍ତ କଲ୍ୟାଣ ମାଝି ୩ୟ ସ୍ଥାନ ଅଧିକାର କରିଥିଲେ । ସାଧାରଣ ଜ୍ଞାନରେ ଗୋଗୁଆ ହାଇସ୍କୁଲର ୯ମଶ୍ରେଣୀ ଛାତ୍ର ଓମ୍ ପ୍ରସାଦ ସାହୁ ୧ମ, ସରାପାଲି ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଚନ୍ଦନି ସାହୁ ୨ୟ ଏବଂ କିସିଣ୍ଡା ହାଇସ୍କୁଲର ୯ମଶ୍ରେଣୀ ଛାତ୍ରୀ ହିମାରାଣି ମାଝି ୩ୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ବଳମ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ଝୁନୁ ଦେହୁରି ପ୍ରଥମ, ଗିରିଶ୍ଚନ୍ଦ୍ରପୁର ସରକାରୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ରୀ ଶିବାନୀ ମରେଇ ଦ୍ୱିତୀୟ ଏବଂ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ୧୦ମଶ୍ରେଣୀ ଛାତ୍ର ଶ୍ରୀତମ ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ । ଜୁନିୟର ବିଭାଗର ତର୍କରେ ଶିମିଳିପାଳ ୟୁଜିୟୁପିଏସର ୭ମ ଶ୍ରେଣୀ ଛାତ୍ରୀ ରୂପାଲି ମାଟିଆରୀ ପ୍ରଥମ, ବାଟଗାଁର ସୁଶ୍ରୀତା ରାଉଳ ୨ୟ, ସରାପାଲିର ନିରୁପମା ବେହେରା ୩ୟ ସ୍ଥାନ ଅଧିକାର କରିଥିଲେ । ସାଧାରଣ ଜ୍ଞାନରେ ତଣ୍ଡାବିରା ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଲିପସିକା ବେହେରା ପ୍ରଥମ, ଅଙ୍ଗାବିରା ସ୍କୁଲର ୮ମ ଶ୍ରେଣୀ ଛାତ୍ର ସମ୍ବିତ ଦେହୁରୀ ୨ୟ, ପବିତ୍ର ମୋହନ ନୋଡ଼ାଲ ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର ଉସମାନ ପ୍ରଧାନ ୩ୟ ସ୍ଥାନ ଅଧିକାର କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ପବିତ୍ର ମୋହନ ନୋଡ଼ାଲ ସ୍କୁଲର ୮ମ ଶ୍ରେଣୀ ଛାତ୍ର ଦିଲୀପ କୁମାର ବେହେରା ପ୍ରଥମ, ଡଙ୍ଗଚାର ୭ମ ଶ୍ରେଣୀ ଛାତ୍ର ଆଦିଲ କେର୍କେଟା ଦ୍ୱିତୀୟ ଏବଂ ବାଟଗାଁ ୟୁପି ସ୍କୁଲର ୮ ମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ଦେହୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ପିଏମ ହାଇସ୍କୁର ପ୍ରଧାନ ଶିକ୍ଷକ ହିରାଲାଲ ଧଳ, ମୁଖ୍ୟବକ୍ତା ଭାବେ ନାକଟିଦେଉଳ କଲେଜରର ଶିକ୍ଷାବିଭାଗ ଅଧ୍ୟାପକ ଡ଼. ପ୍ରଶାନ୍ତ କୁମାର ଦାଶ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ଏବଂ ଆଦର୍ଶ ଉପରେ ଆଲୋଚନା କରିବା ସହ କୃତି ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଡଙ୍ଗଚା ହାଇସ୍କୁଲର ସହକାରୀ ଶିକ୍ଷକ ଘନେନ୍ଦ୍ର କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ବଳମ ସିଆରସିସି ବ୍ରଜଚନ୍ଦ୍ର ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ନାକଟିଦେଉଳ ସିଆରସିସି ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସିମାନେ ସହଯୋଗ କରିଥିଲେ।



ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ବୁଧବାର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଛନ୍ତି।

### ହାତୀ ଉପଦ୍ରବ: ଧାନ ଫସଲ ନଷ୍ଟ



ବାରକୋଟ,୨୫।୯(ଡି.ଏନ.ଏ.) ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ପଞ୍ଚାୟତ ଅଧୀନ ପବିତ୍ରପୁର ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ରାତିରେ ଏକ ହାତୀପଲ ପବିତ୍ରପୁର ଗ୍ରାମରେ ପଶିଥିଲା। ହାତୀପଲ ଗ୍ରାମର ଶୁକ୍ରୁ ବେହେରା, ମିଲୁ ବେହେରା, ଜଳଧର ସାହୁ, ଗଣ ଲୁହୁରା, ହୃଦାନନ୍ଦ ଆଦିଙ୍କ ଚାଷ ଜମିରେ ପଶି ଧାନ ଫସଲକୁ ମାଡି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଏନେଇ ଦନ୍ତାରିବାହାଲ ଫରେଷ୍ଟର ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରି ଅଞ୍ଚଳରେ ୧୩ଟି ହାତୀ ବୁଲାବୁଲି କରୁଥିବା କହିଥିଲେ। ହାତୀ ଘଉଡ଼ାଇବା ଲାଗି ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା କରିଥିଲେ। ଅନ୍ୟପକ୍ଷେ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଏନ୍‌ୱାଇକେ ପକ୍ଷରୁ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ




ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଅତିଥିମାନେ।

ନାକଟିଦେଉଳ,୨୫।୯(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଙ୍ଗଚା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବୁଧବାର ସମ୍ବଲପୁର ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ଟି ଯୁବକ ସଂଘର ପ୍ରତିନିଧି ଯୋଗ ଦେଇଥିଲେ। ସୁଶାନ୍ତ କୁମାର ଭୁତିଆ ସଭାପତିତ୍ୱ କରିଥିଲେ। ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ମାରିନିଜୁସ ବିଲୁଙ୍ଗ, ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ଅଧିକାରୀ ସନ୍ତୋଷ ବିଶ୍ୱାଳ, ରେଢାଖୋଲ ଥାନାର ସୌମ୍ୟରଞ୍ଜନ ମହାଲିଙ୍ଗ, ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ଦୀପେନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ, ପ୍ଲାଷ୍ଟିକ ମୁକ୍ତ ଭାରତ ଏବଂ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ୧୦୩ତମ ଜୟନ୍ତୀ ସମ୍ପର୍କରରେ ଆଲୋଚନା ହୋଇଥିଲା। ଭୀମସେନ ତିର୍କୀ, ପତିତପାବନ ୟୁଥ କ୍ଲବର ସଭାପତି ପରମେଶ୍ୱର ରାଉଳ, ସମ୍ପାଦକ ଆଲଫା ପ୍ରଧାନ, ସୌଭାଗ୍ୟ ପ୍ରଧାନ, ଶ୍ରବଣ କୁମାର ପ୍ରଧାନ, ସୁମନ୍ତ କୁମାର ସାହୁ, ଅଶ୍ୱନୀ ଧଳ, ଜିତେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱଜିତ ଦେହୁରୀ, ବିଶ୍ୱାମିତ୍ର ସାହୁ, ସୁମନ୍ତ ଦେହୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଭୂତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ ମେଗା ନିଯୁକ୍ତି ମେଳା




ବୁଧବାର ସମ୍ବଲପୁର ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ପରିସରରେ ମେଗା ନିଯୁକ୍ତି ମେଳାରେ ଅତିଥି ଓ କର୍ମକର୍ତ୍ତା ।

ସମ୍ବଲପୁର, ୨୫।୯ (ବ୍ୟୁରୋ)

ସମ୍ବଲପୁର ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ପରିସରରେ ବୁଧବାର ମେଗା ନିଯୁକ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ବଦ୍ରିପ୍ରସାଦ ଡିଗ୍ରୀ କଲେଜ, ବଦ୍ରିପ୍ରସାଦ କଲେଜ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସୁଇଟ୍, ବରଗଡ ବିକାଶ ଡିଗ୍ରୀ କଲେଜ, ବିକାଶ ବିଜିନେସ ସ୍କୁଲ, ଇମ୍ପେରିଆଲ୍ କଲେଜ, ସିଲିକନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସମେତ ବିଭିନ୍ନ କଲେଜର ବିଏସସି, ବି-କମ୍, ବିଏ, ବିସିଏ, ବିବିଏ, ଏମସିଏ, ଏମବିଏ ଓ ବି-ଟେକ୍ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏହି ମେଗା ନିଯୁକ୍ତି ମେଳାରେ ଭାଗ ନେଇଥିବା ୨୧୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୩ ଜଣଙ୍କୁ ଚୟନ କରାଯାଇଛି । ସେମାନେ ଜାରୋ ଏଜୁକେସନ୍ କମ୍ପାନୀରେ କାର୍ଯ୍ୟ କରିବେ। ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ଜୟପ୍ରକାଶ ଅଗ୍ରୱାଲ, ସମ୍ପାଦକ ସଞ୍ଜୀବ ଅଗ୍ରୱାଲ, ଇନଷ୍ଟିଚ୍ୟୁଟ ଅଧକ୍ଷ ଡ. ଉମେଶ କୁମାର ରାଉତ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ଇଂ. ରାଜଶେଖର ସିହ୍ନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖ ଦିଲ୍ଲୀସ୍ଥିତ ଷ୍ଟେରଲିଂ ଟୁଲ୍ସ କମ୍ପାନୀ ଡିପ୍ଲୋମା ଇଞ୍ଜିନିୟରିଂ ପାଠ ପଢୁଥିବା ବଦ୍ରିପ୍ରସାଦର ୭ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେଇଛି। ସେମାନେ ବାଙ୍ଗାଲୋରସ୍ଥିତ କମ୍ପାନୀର ପ୍ଲାଣ୍ଟରେ ଯୋଗ ଦେବେ ।

## ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ଜୟନ୍ତୀ




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଦେବଗଡ,୨୫।୯(ଡି.ଏନ.ଏ.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଦେବଗଡ ସ୍ଥିତ ନେହେରୁ ଯୁବକେନ୍ଦ୍ର ଓ ୟୁଥ ରେଡ୍‌କ୍ରସ୍‌ର ମିଳିତ ସହଯୋଗରେ ବାରକୋଟ ବ୍ଲକ ଅଧୀନ କଲା ପଞ୍ଚାୟତ କନିଷ୍ଠ ମହାବିଦ୍ୟାଳୟଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଅଧାପକ ସୁକାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ମହେଶ୍ୱର ମହନ୍ତ, ଫକିରମୋହନ ଦଲବେହେରା, ଅଧ୍ୟାପିକା ଡ଼. ଜ୍ୟୋତ୍ସ୍ନା ପ୍ରଧାନ, ଦୀପ୍ତିରାଣୀ କର, ଅଧାପକ ସଦାଶିବ ମିଶ୍ର, ପ୍ରଭାସ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପଣ୍ଡିତ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ତର୍କ, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଚନ୍ଦ୍ରକାନ୍ତି ଭୋଇ, ତରୁଣ ସାମଲ, ଦୀପକ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

ବଡସିଙ୍ଗାରୀ ସ୍କୁଲରେ ଅବ୍ୟବସ୍ଥା

## ତାଲା ପକାଇଦେଲେ ଅସନ୍ତୁଷ୍ଟ ଗ୍ରାମବାସୀ

ସମ୍ବଲପୁର,୨୫।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ୧ ନମ୍ବର ୱାର୍ଡ ବଡସିଙ୍ଗାରୀ ଗ୍ରାମର ଉଚ୍ଚ ପ୍ରାଥମିକ ସ୍କୁଲରେ ବିଭିନ୍ନ ସମସ୍ୟା ରହିଛି। ଏହାକୁ ନେଇ ଗ୍ରାମବାସୀ ବୁଧବାର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ର ସ୍କୁଲ ବାହାରେ ବସି ରହିଥିଲେ । ଶତାଧିକ ମହିଳା ପୁରୁଷ ଜମା ହୋହାଲ୍ଲା କରିଥିଲେ। ଧନକଉଡା ବ୍ଲକ୍ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଯେ, ଶିକ୍ଷକ ଶିକ୍ଷୟିତ୍ରୀ ଠିକ ସମୟରେ ସ୍କୁଲ ଆସୁ ନାହାନ୍ତି । ପିଲାମାନେ ଅପରାହ୍ନ ୧୧ଟା ପର୍ଯ୍ୟନ୍ତ ବାହାରେ ଛିଡା ହୋଇ ରହୁଛନ୍ତି। ମଧାହ୍ନ ଭୋଜନରେ ଅନିୟମିତତା କରାଯାଉଛି । ଛାତ୍ରୀଛାତ୍ରଙ୍କୁ ଡ୍ରେସ୍ ଓ ଜୋତା ପ୍ରଦାନ କରାଯାଉ ନାହିଁ । ତେଣୁ ଏହି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉ। ତେବେ ୭ ଦିନ ଭିତରେ ଏହାର ବ୍ୟବସ୍ଥା କରାଯିବ ବୋଲି ଉଚ୍ଚ କର୍ତ୍ତୃପକ୍ଷ କହିବା ପରେ ୧୨ଟା ବେଳକୁ ଗେଟ୍ ଖୋଲା ଯାଇଥିଲା।



ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନା କରୁଛନ୍ତି ।

ଆନ୍ତର୍ଜାତିକ ପ୍ରବାସୀ ଓଡ଼ିଆ ସମାବେଶ

### କବି ପ୍ରଦୀପ ଜେନା ସମ୍ବର୍ଦ୍ଧିତ

ଦେବଗଡ଼,୨୫।୯(ଡି.ଏନ୍.ଏ)

ସଙ୍ଗମ ନେପାଳ-୨୦୧୯ ବିଶ୍ୱ ଓଡ଼ିଶା ଆନୁକୂଲ୍ୟରେ ନେପାଳର କାଠମାଣ୍ଡୁଠାରେ ପ୍ରଥମ ଆନ୍ତର୍ଜାତିକ ପ୍ରବାସୀ ଓଡ଼ିଆ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି କବି ବାହାଦୁର ପାଟସାହାଣୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ନେପାଳ ସାଂସଦ ବେଲିମୈୟା ଘଲେ, ନେପାଳ ଶ୍ରମିକ ସଂଗଠନର ବରିଷ୍ଠ ନେତା ନରନାଥ ଲଇଟେଲ, ଓଡ଼ିଆ ଶ୍ରମିକ ସଙ୍ଗଠନର ସୁଦର୍ଶନ ଜେନା ପ୍ରମୁଖ ଯୋଗଦେଇ ସମାବେଶର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଘଲେ ନେପାଳରେ କାର୍ଯ୍ୟକରୁଥିବା ଓଡ଼ିଆ ଶ୍ରମିକମାନଙ୍କ କାର୍ଯ୍ୟଦକ୍ଷତା ଏବଂ ନିଷ୍ଠାକୁ ପ୍ରଶଂସା କରିଥିଲେ। ସମାବେଶ ମାଧ୍ୟମରେ ଶ୍ରମିକମାନଙ୍କ ମଧ୍ୟରେ ଏକତା ବୃଦ୍ଧି ପାଇବ ବୋଲି ପ୍ରକାଶ କରିଥିଲେ । ଶ୍ରମିକ ନେତା ଶଶିକାନ୍ତ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ସୁବାସ ଚନ୍ଦ୍ର ନାୟକ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଓଡ଼ିଶା ଶ୍ରମ ମନ୍ତ୍ରୀଙ୍କ ବାର୍ତ୍ତା ସମ୍ମିଳନୀରେ ପାଠ କରାଯାଇଥିଲା। ଅନ୍ୟପକ୍ଷେ ସାଂସ୍କୃତିକ, ସାହିତ୍ୟ, ପ୍ରବାସୀ ଓଡ଼ିଆ ମିଳନୀ, ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ସମ୍ବର୍ଦ୍ଧନା ପର୍ବ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିନିଧି ରଶ୍ମିତା ରାଉତ, ଅନିତା ପାଢ଼ୀ, ନନ୍ଦକେଶ୍ୱରୀ ନାଥ, ବିଭୂତି ଭୂଷଣ ପାଣି, ବିଭୂତି ଭୂଷଣ ସାହୁ, ପ୍ରତାପ କୁମାର ନାୟକଙ୍କ ସହ ଦେବଗଡ଼ ଜିଲାରୁ ପ୍ରତିନିଧି ଭାବରେ ଯାଇଥିବା ଆଶୁକବି ପ୍ରଦୀପ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଶୁକବି ପ୍ରଦୀପ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କମିଟି କର୍ମକର୍ତ୍ତା ଏବଂ ଅତିଥିବୃନ୍ଦ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ପ୍ରତିନିଧିମାନଙ୍କୁ ରୁଦ୍ରାକ୍ଷମାଳା, ନେପାଳୀ ମୁଦ୍ରା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

ବାଘଛାଲ ଜବତ ଘଟଣା

## ଗିରଫ ୬ଜଣଙ୍କୁ ଜେଲ ପଠାଗଲା

ଦେବଗଡ଼,୨୫।୯(ଡି.ଏନ.ଏ.)

ବାଘଛାଲ ଚୋରା ଚାଲାଣ ବେଳେ ଦେବଗଡ଼ ବନ ବିଭାଗ ଚଢାଉ କରି ୬ ଜଣଙ୍କୁ ଗିରଫ କରିଥିଲା। ଗିରଫ ଯୁବକମାନଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ବଣାଇ ଅଞ୍ଚଳର ସତ୍ୟରଞ୍ଜନ କିଷାନ(୧୯), ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ଶନାତନ ଲୁହୁରା(୧୯), ତିଲେଇବଣି ବ୍ଲକ ଅଧୀନ ପାଳକୁଦର ଗ୍ରାମର ଦେବେନ୍ଦ୍ର ରଣଚୁଳିଆ(୨୭), ଦେବଗଡ ଥାନା ପଳସାକୁଦର ଗ୍ରାମର ବିମ୍ବାଧର ଉଦାବର(୪୦), ରାଜେଶ ବେହେରା(୩୦), ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡା ସାହିର ନୀତେଶ ଇନ୍ଦୁଆର(୨୭)।

ସୂଚନା ଯୋଗ୍ୟ, ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅଞ୍ଚଳରୁ ଏକ ବୋଲେରୋ ଗାଡି ଯୋଗେ ଏକ କଲରାପତରିଆ ବାଘ ଛାଲ ସମ୍ବଲପୁର ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ବନ ବିଭାଗକୁ ଖବର ମିଳିଥିଲା। ଏନେଇ ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଦେବଗଡ଼ ଥାନା ଅଧୀନ ଚଟିବରଘାଟ ନିକଟସ୍ଥ ରାଜପଥରେ ଛକି ରହିଥିଲେ। ବୋଲେରୋ ଗାଡିଟି ଚଟିବରଘାଟ ନିକଟରେ ପହଞ୍ଚିବା ପରେ ବନ କର୍ମଚାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କର୍ମଚାରୀମାନେ ଗାଡିରୁ ୧.୦୫ ମିଟର ଲମ୍ବର ଏକ କଲରାପତରିଆ ବାଘଛାଲ ଜବତ କରି ୬ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ। ଘଟଣାରେ ବନ ବିଭାଗ ଏକ ବାଇକ୍ ଏବଂ ମୋବାଇଲ ଫୋନ ଜବତ କରିଥିବା ଜଣାପଡିଛି। ଜବତ ବାଘଛାଲର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଉଛି।

ଦୁର୍ଗାପୂଜା ଶାନ୍ତି କମିଟି ବୈଠକ

## ମହାନଦୀ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ହେବ

ସମ୍ବଲପୁର, ୨୫।୯ (ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଦୁର୍ଗାପୂଜା ଓ ଦୀପାବଳୀ ଶାନ୍ତି କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା ସଭାରେ ଅଧକ୍ଷତା କରିଥିଲେ । ମହାନଗର ନିଗମ ଅଞ୍ଚଳରେ ୫୫ଟି ସ୍ଥାନରେ ଦୁର୍ଗାପୂଜା ହେଉଛି । ମୁଖ୍ୟତଃ ଧନୁପାଲି ଥାନା ଅଞ୍ଚଳରେ ୧୨ଟି ଓ ଟାଉନ ଥାନା ଅଞ୍ଚଳରେ ୨୩ଟି ସ୍ଥାନରେ ଦୁର୍ଗାପୂଜା ମଣ୍ଡପ ହୋଇଛି । ତେଣୁ ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳା ସହ ଦେବୀଙ୍କ ଦର୍ଶନ କରିପାରିବେ ସେ ନେଇ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଏଥିରେ ଆଲୋଚନା କରାଯାଇଛି। ସେହିପରି ମହାନଦୀରେ ଅସ୍ଥାୟୀ ପୋଖରୀ ନିର୍ମାଣ ହେବ । ସେଠାରେ ମୂର୍ତ୍ତି ବିସର୍ଜନ କରିବାକୁ ସବୁ କମିଟିକୁ ଅନୁରୋଧ କରି ପରାମର୍ଶ ଦିଆ ଯାଇଛି, ଏହା ଫଳରେ ମହାନଦୀ ପ୍ରଦୂଷିତ ହେବ ନାହିଁ ବୋଲି କୁହାଯାଇଛି। ଏଥିସହ ବିଦ୍ୟୁତ, ଜନସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ, ଅବକାରୀ, ଅଗ୍ନିଶମ ବିଭାଗ ଓ ମହାନଗର ନିଗମ କର୍ତ୍ତୃପକ୍ଷ ବିଦ୍ୟୁତ ସରବରାହ, ଅଧିକ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା, ରାସ୍ତାଘାଟ ମରାମତି ପ୍ରଭୃତି କାମ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ସଭ୍ୟମାନେ ସମସ୍ୟା ଉପରେ କହିଥିଲେ । ଏସ୍‌ପି କନୱର ବିଶାଲ ସିଂ, ଏଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ସଦର ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପଞ୍ଚାନନ ନାୟକ, ମହାନଗର ନିଗମ ଡେପୁଟି କମିଶନର ଦେବେନ୍ଦ୍ର ନନ୍ଦ, ଡେପୁଟି କଲେକ୍ଟର୍ ବିନୋଦ ଦାଶ ଆଲୋଚନାରେ ଭାଗ ନେଇଥିଲେ ।



ବୁଧବାର ଜିଲାପାଳ ସମ୍ମିଳନୀ କକ୍ଷରେ ଆୟୋଜିତ ଶାନ୍ତି କମିଟି ବୈଠକରେ ଏସପି କନୱର ବିଶାଳ ସିଂ ସୂଚନା ଦେଉଛନ୍ତି (ବାମ)। ଯୋଗ ଦେଇଥିବା ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀମାନେ ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଆଦିତ୍ୟ କୁମାର



ପଦ୍ମାବତୀ ମିଶ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ

# ତଦନ୍ତରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାରକୁ ଗୁରୁତ୍ୱ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିଯୋଗୀ।

**କଟକ ଅଫିସ, ୨୫।୯**

ଅପରାଧ ଅନୁସନ୍ଧାନ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ହେଲେ ପାରମ୍ପରିକ ପଦ୍ଧତିରେ ଅନୁସନ୍ଧାନ ଏବେ ଗୁରୁତ୍ୱ ହରାଇଛି। ସମୟର ପରିବର୍ତ୍ତନ ସଙ୍ଗେ ପୋଲିସ ପାଇଁ ନୂତନ ସମସ୍ୟା ଓ ଆହ୍ୱାନ ଦେଖାଦେଇଛି। ଏହି କ୍ଷେତ୍ରରେ ପୋଲିସକୁ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ଆଣିବାକୁ ପଡିବ ବୋଲି ଡିଜିପି ବିଜୟ କୁମାର ଶର୍ମା କହିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ସ୍ଥାନୀୟ ରାମକୃଷ୍ଣ ପାଢୀ ସ୍ମୃତିକକ୍ଷରେ ବୁଧବାର ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଡିଜିପି ଶର୍ମା ଏହା କହିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୭ ପୋଲିସ ଜିଲା ଓ ପ୍ରତିଷ୍ଠାନରୁ ୨୧୨ଜଣ ପ୍ରତିଯୋଗୀ ଏବଂ ୨୨ଟି ପୋଲିସ ଶ୍ୱାନ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୪୫ଜଣ ଇନ୍ସପେକ୍ଟର, ୫୨ ସବ୍‌ଇନ୍ସପେକ୍ଟର, ୪୯ ଏଏସ୍‌ଆଇ ଓ ୬୬ଜଣ କନଷ୍ଟେବଳ ରହିଛନ୍ତି। ତିନିଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଫଟୋଗ୍ରାଫି, ଡିଏନ୍‌ଏ ଫିଙ୍ଗର ପ୍ରିଣ୍ଟିଙ୍ଗ, ସାଇଣ୍ଟିଫିକ ଇନ୍‌ଭେଷ୍ଟିଗେଶନ, କମ୍ପ୍ୟୁଟର ଜ୍ଞାନକୌଶଳ, ସାଇବର କ୍ରାଇମ୍, ଟେକ୍ନିକାଲ ସର୍ଭେଲାନ୍ସ, ପୋଲିସ ଆଇନ କାନୁନ୍, ପୋଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ହେବ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସର୍ବଭାରତୀୟ ପୋଲିସ ବୃତ୍ତି ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିବେ। କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜିପି ସନ୍ତୋଷ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଓ କ୍ରାଇମବ୍ରାଞ୍ଚ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ରାଇସୁଆଁ ଓଭରବ୍ରିଜ୍‌ରେ ଦୁର୍ଘଟଣା

# ଜଣେ ପୋଲିସ କର୍ମଚାରୀ ମୃତ, ୨ ଗୁରୁତର

**କେନ୍ଦୁଝର/ରାଇସୁଆଁ, ୨୫।୯ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନଂ.ଜାତୀୟ ରାଜପଥର ରାଇସୁଆଁଓଭରବ୍ରିଜରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ପୋଲିସ କନ୍‌ଷ୍ଟେବଳଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଓଡି୦୯-ଏନ୍-୭୯୮୩ ନମ୍ବର ବିଶିଷ୍ଟ ଏକ ସ୍କୁଟିରେ ସଦାନନ୍ଦ ନାଏକ, ଜ୍ଞାନରଞ୍ଜନ ଜେନା ଓ ଦେବାନନ୍ଦ ବିଶ୍ୱାଳ ନାମକ ୩ ପୋଲିସ କର୍ମଚାରୀ କେନ୍ଦୁଝରପଟ୍ଟ ପଦ୍ମପୁରକୁ ଯାଉଥିଲେ। କୌଣସି କାରଣରୁ ରାଇସୁଆଁ ଓଭରବ୍ରିଜରେ ତାଙ୍କ ସ୍କୁଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସେମାନେ ରାସ୍ତା ଉପରେ ଛିଟିକି ପଡିଥିଲେ। ରାସ୍ତାକଡରେ ଲାଗିଥିବା ବାରିକେଡରେ ପିଟି ହୋଇ ସମସ୍ତେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କେନ୍ଦୁଝର ଠାକୁରପାଟଣାର ସଦାନନ୍ଦ (୪୫)ଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଆନନ୍ଦପୁରର ଜ୍ଞାନରଞ୍ଜନ ଜେନା ଓ ସୁନ୍ଦରଗଡ଼ର ଦେବାନନ୍ଦ ବିଶ୍ୱାଳଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବୁଧବାର ପୋଲିସ ହାବିଲଦାର କନ୍‌ଷ୍ଟେବଳ ସଂଘର ନିର୍ବାଚନ ପାଇଁ କେନ୍ଦୁଝରରେ ନାମାଙ୍କନ ପତ୍ର ଦାଖଲ କରାଯାଉଥିଲା। ଏବାବଦରେ ଆଲୋଚନା ପାଇଁ ଉପରୋକ୍ତ ୩ କନ୍‌ଷ୍ଟେବଳ କେନ୍ଦୁଝରକୁ ଆସୁଥିଲେ। ଏ ନେଇ ସଦର ପୋଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ସଦର ଡିଏସ୍‌ପି ପ୍ରକାଶ ଜେମସ ଟପୋ କହିଛନ୍ତି ଯେ, ସେମାନେ କୁଆଡେ ଯାଉଥିଲେ ଜଣାପଡିନାହିଁ। ତେବେ ଆହତ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

# ବଡସିଙ୍ଗାରୀରେ ୨ପିଲାଙ୍କୁ ଜଣ୍ଡିସ

**ସମ୍ବଲପୁର,୨୫।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୧ ନମ୍ବର ୱାର୍ଡ ଅଧୀନ ବଡସିଙ୍ଗାରୀ ଗ୍ରାମରେ ଦୁଇ ଜଣ ପିଲା ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସ୍ୱୀକାର କରିଛି। ଏହି ଗାଁର ୯ ଜଣ ଜଣ୍ଡିସରେ ଆକ୍ରାନ୍ତ ଥିବା ନେଇ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଏଡିଏମ୍‌ଓ ପଞ୍ଚାନନ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଗାଁକୁ ପରିଦର୍ଶନରେ ଯାଇ ରକ୍ତ ନମୁନା ସଂଗ୍ରହ କରିଥିଲେ, ଯେଉଁମାନଙ୍କର ବୟସ କି ୬ରୁ ୧୨ ବର୍ଷ ଭିତରେ। ଏଥିରୁ ୨ ଜଣଙ୍କ ପାଖେ ଜଣ୍ଡିସ ଲକ୍ଷଣ ଦେଖା ଦେଇଛି । ହେଲେ ଏହା ୧.୮ ଓ ୧.୯ ପ୍ରତିଶତ ରହିଛି ବୋଲି ଏଡିଏମ୍‌ଓ ନାଏକ କହିଛନ୍ତି। ତେବେ ଏହା ପାଣି ପାଇଁ ନୁହେଁ ବରଂ ଖାଦ୍ୟରେ ସଂକ୍ରମଣ ଯୋଗୁ ହୋଇଥିବା ସନ୍ଦେହ କରାଯାଉଛି । ଗୁପଚୁପ କିମ୍ବା ଆଲୁମୁଢି ଖାଇଥିବାରୁ ଏଭଳି ହୋଇଛି । ତେଣୁ ଏ ଦିଗରେ ଲୋକଙ୍କୁ ସଚେତନ କରାଯିବ। ୨ ପିଲାଙ୍କ ଚିକିତ୍ସା କରାଯାଉଛି ବୋଲି ଏଡିଏମ୍‌ଓ କହିଛନ୍ତି।


**ଘୋଷଣାନାମା**

ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବାସୁଦେବପୁର
ରାଜଶ୍ରୀ ବିଶ୍ୱାଳ, ପିତା: ଅକ୍ଷୟ ବିଶ୍ୱାଳ, ସା/ପୋଷ୍ଟ: ଅରଣ୍ଡୁଆ, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ (ଅଙ୍ଗନବାଡ଼ି କର୍ମୀ ଅରଣ୍ଡୁଆ ବିଶ୍ୱାଳ ସାହି)
ତୁମ୍ଭେ ଗତ ୨୫।୧୦।୨୦୧୭ରିଖ ଠାରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଅନୁପସ୍ଥିତ ରହିଛ। କାର୍ଯ୍ୟରେ ଯୋଗଦାନ କରିବା ପାଇଁ ପତ୍ର ସଂଖ୍ୟା ୬୬୨, ତା୩୦।୧୦।୨୦୧୮ ଓ ୭୮୭, ତା୨୭।୧୨।୨୦୧୮ରିଖରେ ନିର୍ଦ୍ଦେଶ ଥିଲେ ମଧ୍ୟ ତୁମ୍ଭେ ଅଙ୍ଗନବାଡ଼ିକୁ ଆସୁନାହଁ। ଉକ୍ତ ଘୋଷଣା ପ୍ରକାଶନର ସାତ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦାନ ନ କଲେ ତୁମ୍ଭକୁ କାର୍ଯ୍ୟରୁ ବହିଷ୍କାର କରାଯିବ।
ସ୍ୱା./- ଶିଶୁ ବିକାଶ ଯୋଜନା ପ୍ରକଳ୍ପ ଅଧିକାରିଣୀ, ବାସୁଦେବପୁର

**FOOD CORPORATION OF INDIA**
**REGIONAL OFFICE, BHUBANESWAR-7**

Cont. 13 (196)/2019/HKD-ATB Date : 25.09.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of regular **(i) H&TC for handling of food grains at RH, Hirakud and transportation from RH, Hirakud to FSD. Attabira and vice-versa and (ii) Handling Contractor for handling of food grains at FSD, Nabarangpur for a period of two years.** The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website **www.fci.gov.in.**


# ଆନ୍ଦୋଳନ ବେଳେ ୮୩ ଗିରଫ

## ତାଳଚେରରେ ଖଣି କାର୍ଯ୍ୟ ସ୍ୱାଭାବିକ

**ତାଳଚେର,୨୫।୯(ନି.ପ୍ର.)**



ପୋଲିସ ଦ୍ୱାରା ଗିରଫ ଆନ୍ଦୋଳନକାରୀ।

କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ)କୁ ବିରୋଧ କରାଯିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର ଦାବିରେ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ବୁଧବାର ୩ୟ ଦିନ ପାଇଁ ତାଳଚେର କୋଲ୍ ଫିଲ୍‌ଡସରେ ଖଣି ବନ୍ଦ ଆନ୍ଦୋଳନ କରାଯାଇଥିଲା। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ, କଣିହାଁ ସମେତ ୯ ଗୋଟି ଖଣିରୁ କୋଇଲା ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଥିଲା। ତେବେ ଏମ୍‌ସିଏଲ୍ ପକ୍ଷରୁ ଏହି ଆନ୍ଦୋଳନକୁ ବେଆଇନ ଘୋଷଣା କରାଯାଇଥିବାରୁ ପୂର୍ବାହ୍ନରେ ପୋଲିସ ୮୩ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶ୍ରମ ସଙ୍ଗଠନର ଏହି ଆନ୍ଦୋଳନ ଯୋଗୁ ୩ ଦିନ ହେଲା ତାଳଚେର କୋଲ୍ ଫିଲଡ୍‌ସରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଖଣି କାର୍ଯ୍ୟ ବନ୍ଦ ରହିଥିବାରୁ ରାଜ୍ୟ ତଥା ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଥିଲା। ତେବେ ପୋଲିସ ତାଳଚେର କୋଲ୍ ଫିଲଡ୍‌ସରୁ ୬୬ ଜଣ ଓ କଣିହାଁ ଓପନକାଷ୍ଟରୁ ୧୭ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ବନ୍ଦ ରହିଥିବା ଖଣି କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଗିରଫ ହୋଇଥିବା ୮୩ ଜଣଙ୍କୁ ପୋଲିସ ପିଆର୍ ବଣ୍ଡରେ ଛାଡି ଦେଇଥିବା ଜଣାପଡ଼ିଛି।

## ବୌଦ୍ଧ ବିଧାନସଭା ନିର୍ବାଚନ ମାମଲା

# ଅନ୍ୟ କୋର୍ଟରେ ଶୁଣାଣି ପାଇଁ ନିର୍ଦ୍ଦେଶ

**କଟକ ଅଫିସ, ୨୫।୯**

ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳିରେ ଅନିୟମିତତା ନେଇ ହାଇକୋର୍ଟରେ ହୋଇଥିବା ମାମଲାର ଶୁଣାଣି କରିବାକୁ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ମନା କରି ଦେଇଛନ୍ତି। ଫଳରେ ଏହି ମାମଲା ମୁଖ୍ୟ ବିଚାରପତିଙ୍କ ଅଦାଲତକୁ ଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉକ୍ତ ମାମଲାର ଶୁଣାଣି ଅନ୍ୟ ଅଦାଲତରେ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବିଧାନସଭା ନିର୍ବାଚନରେ ଅନିୟମିତତା ନେଇ ଆବେଦନକାରୀ ସୁଶାନ୍ତ କୁମାର ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ବିଧାନସଭା ନିର୍ବାଚନରେ ବୌଦ୍ଧରୁ ଭାଜପା ପ୍ରାର୍ଥୀ ଭାବେ ପ୍ରଧାନ ଲଢ଼ି ପରାଜିତ ହୋଇଥିଲେ। ତାଙ୍କ ବିପକ୍ଷ ପ୍ରାର୍ଥୀ ବିଜେଡିର ପ୍ରଦୀପ କୁମାର ଅମାତ ଏହି ନିର୍ବାଚନରେ ବିଜୟୀ ହୋଇଥିଲେ। ନିର୍ବାଚନ ପରିଚାଳନାରେ ତ୍ରୁଟି ପାଇଁ ଫଳାଫଳ ଫରକ ଆସିଥିବା ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ମାମଲା ରୁଜୁ କରିବା ସହ ବିଧାୟକ ପଦବୀ ରଦ୍ଦ ପାଇଁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ସମ୍ବଲପୁରରେ ଆଜି ୭ ଘଣ୍ଟା ବିଦ୍ୟୁତ ସରବରାହ ବନ୍ଦ ରହିବ

**ସମ୍ବଲପୁର, ୨୫।୯ (ବ୍ୟୁରୋ)**

ଦୁର୍ଗାପୂଜା ଓ ଦୀପାବଳୀକୁ ଦୃଷ୍ଟିରେ ରଖି ସମ୍ବଲପୁରର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ମରାମତି କାର୍ଯ୍ୟ କରାଯାଉଛି। ଏଣୁ ଗୁରୁବାର ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧନୁପାଲି, ମାନେଶ୍ୱର, ସାକ୍ଷୀପଡା, ଗୋଲବଜାର, ଭୁତାପଡା, ବ୍ରୁକ୍ସହିଲ୍ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ। ଏହି ସବୁ ଅଞ୍ଚଳରେ ମରାମତି ପାଇଁ ବିଦ୍ୟୁତ୍ କାଟ୍ କରିବାକୁ ହେବ। ଏଣୁ ଜନସାଧାରଣ ଏହି ସମୟରେ ୱେସ୍କୋକୁ ସହଯୋଗ କରିବାକୁ ବୁଧବାର ୱେସ୍କୋ ୟୁଟିଲିଟି କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ବିଭୁତିଭୂଷଣ ଶତପଥୀ ଅନୁରୋଧ କରିଛନ୍ତି।


**Government of Odisha**
**General Administration & Public Grievance Department**
**QUOTATION CALL NOTICE** 68-T

Sealed quotations are invited in the prescribed format from Travel agencies /tour operators / individual vehicle owners having valid uptodate PAN / GST Registration Number for providing following nos. of vehicles as detailed below for engagement in G.A. & P.G. Department on monthly rent basis.

| Sl. No. | Type of vehicle | Nos. of vehicle required | Maximum hire charges per month | Mileage per litre |
|---|---|---|---|---|
| 1. | TUV300 / Bolero / Sumo Gold / Ertiga | 1 (one) | Rs. 31,000/- | 10 |
| 2. | Indigo / Tiago / Bolt / Celerio or equivalent Class | 2 (two) | Rs. 20,000/- | 17 |

The details of the terms and conditions of the above service along with the tender document can be downloaded from State Government website **www.odisha.gov.in**. Last date for submission of quotation is **30.09.2019 at 02:00 PM.**

Sd/-
09001/11/0019/1920 OSD-cum-Deputy Secretary to Government

**ODISHA LIFT IRRIGATION CORPORATION LTD**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER, L.I. DIVISION, KORAPUT**
e-Mail: exengerolickpt@gmail.com Tel. 06852-251328
**Tender Call Notice No. 04 /2019-20 Dt.23.9.19**

**No. CAD-424:** Sealed Tenders in the prescribed tender schedule are invited from the reputed Manufactures /Distributors /authorised dealers for supply of Control Panel suitable for submersible Pump sets as mentioned below . The tender papers and detailed schedules will be sold in the office of the undersigned from dt. **09.10.2019 to 16.10.2019** (11.00AM to 5.00 PM) on payment of the cost of tender paper (non-refundable) as mentioned below in shape of Bank Draft drawn in favour of Executive Engineer, Lift Irrigation Division, Koraput from any nationalised bank **payable at Koraput & GST 5% should be deposited in OLIC GST Regd. no 21AAACO5986G1ZF** (CGST 2.5% & SGST 2.5%) The tender paper will be sold on receipt of written request along with Paper Cost & GST Challan. The tender paper will be received by Hand or by Post on or before **2.00 PM on 17.10.2019** and will be opened on **Dt.17.10.2019** at **3.30 PM** in L.I. Division office, Koraput in presence of the bidder or their authorised representatives if any. The EMD to be deposited @ 1% of the bid value in shape of FDR/TDR/KVP/NSC/Small Saving Certificate duly pledged in favour of Executive Engineer, L.I. Division, Koraput along with self attested copies of GST, PAN, Dealership certificate of company if any in absence of which the tender will be summarily rejected.

| Sl. No. | Package No. | Brief Description of the item | Quantity in Nos. | Estimated cost in (Rs) | EMD | T.P.Cost (in Rs.) | GST of T.P.Cost |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | 1 | Control panel with DOL starter suitable up to 3.0 HP submersible Pump sets. | 236 | 8,02,400/- | 8,024/- | 4,000/- | 200/- |
| 2 | 2 | Control panel with DOL starter suitable up to 5.0 HP submersible Pump sets. | 147 | 5,08,032/- | 5,080/- | 4,000/- | 200/- |

The undersigned reserves the right to increase or decrease the quantity, may be accept or reject any or all the tenders without assigning any reasons thereof .
32173/11/0002/1920 Executive Engineer, L.I.Division, Koraput

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921, Fax: 0674-2541543, Email: ophwc.od@nic.in,
Website: www.ophwc.nic.in e-procurement notice No.- 17/OPHWC/2019-20
No. CAD-419

**INVITATION FOR BIDS (IFB)**

| | | | |
|---|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites **Percentage rate** bid in **Double Cover** system in **ONLINE MODE** only, for the work as detailed below: | | |
| 2. | Nature of work | : | Building works |
| 3. | No. of Work | : | 05 Nos. |
| 4. | Bid Cost | : | Rs.11,800/- Each No. (To be paid online) |
| 5. | Value of Tender | : | Rs.1,75,53,999.00 to Rs.1,86,55,146.00 |
| 6. | Class of Contractor | : | 'B' Class to 'A' Class |
| 7. | Availability of Bid Documents in the website | : | Dt.27.09.2019 to Dt.15.10.2019 |
| 8. | Last date /time of Receipt of Bids in the Portal | : | Dt.15.10.2019 up to 5:00 P.M |
| 9. | Date of Opening Bid | : | Dt.16.10.2019 at 11:30 A.M |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd/-
12025/11/0028/1920 Chief Engineer (OSPH&WC), Odisha

N.B. - The quoted rate should be all inclusive but excluding G.S.T.as applicable Under works contract.

**OFFICE OF MUNICIPAL COUNCIL, SUNABEDA**
**E-PROCUREMENT NOTICE**

No.: 5861 Date: 21.09.2019
**Bid Identification No. M.C.-SBD-03/2019-20**
No.:212-C

| | | |
|---|---|---|
| Total No. of Works | : | 02 Nos. |
| Tender Value | : | Rs.58,85,287/- to Rs.58,85,287/- |
| Bid Security | : | Rs.58,900/- |
| Available Period | : | Dt.25.09.2019 at 11.00 A.M. to 11.10.2019 at 5.00 P.M. |
| Tender Opening Date | : | 16.10.2019 at 11.00 A.M. |

Bidders are requested to participate in advance with their Class - B and Class - A, Class - D and Class - C DSC before the closing date.
Further details please visiti: **https://www.tendersorissa.gov.in**.
**Sd./- Executive Officer**
13076/11/0005/1920 **Sunabeda Municipality**

**OFFICE OF THE NOTIFIED AREA COUNCIL, SURADA, GANJAM**

No.780/NAC Dt: 21.09.2019
**e-Procurement Notice**
**Tender Call Notice No.- SURADA/NAC/2019-20/01**
**TENDER ID-2019_ORULB_56412**

1. Name of the work : Construction of 5TPD capacity Micro Composting Center at Surada NAC., 2. No. of works put to tender : One No. of work., 3. Estimated cost : Rs.5561843/-, 4. Period of Completion : 120 days., 5. Date & time of availability of bid documents in the portal : From 10.00 hours of dtd: 22.09.2019 to 17.30 hours of dtd: 09.10.2019., 6. Last Date / time for receipt of bids in the portal : 17.30 hours of 09.10.2019., 7. Date to required documents to be submitted : 10.10.2019., 8. Date and time of opening of bid : 11.00 hours of 11.10.2019., 9. Name and address of the officer : Executive Officer, Officer Inviting Bid : Surada NAC, Surada
Further details can be seen from the e-procurement portal **https://tendersorissa.gov.in**

**Sd./- Executive Officer**
**NAC, Surada, Ganjam**

**GOVERNMENT OF ODISHA**
**DAM REHABILITATION AND IMPROVEMENT PROJECT**
**AGREEMENT NO. OR 10HH003**
**NATIONAL COMPETITIVE BIDDING** 254-A
Bid No. NCB 01 /ORDRIP(HDP)-01 / 2019-20

| Package No. | ORDRIP(HDP)-01 |
|---|---|
| Name of work | Development of Proposed Resettlement Colony in village Jamada of Additional Spillway Project of Hirakud Dam (phase-2). |
| Approximate value of Work (in INR.) | Rs. 213.37 Lakhs |
| Bid Security ( in INR) | Rs. 4,27,000.00 |
| Bid submission fee. | Rs. 10000/-. |
| Period of completion | 04 Calendar Months including Rainy & Festival |
| Classification of Bidders | Registered with State or Central Govt. or their Public Sector Undertakings |
| Tender documents named HDP-01, HDP-02 | Can be downloaded from website (http://www.odisha.gov.in) & (http:/tendersodisha.gov.in) |
| Document download starting date | 01.10.2019 16.00 Hrs.(IST) |
| Bid Clarification start date | 04.10.2019 11.30 Hrs.(IST) |
| Bid Clarification closing date | 15.10.2019 12.30 Hrs.(IST) |
| Online bid submission closing date and | 30.10.2019 16.00 Hrs.(IST) |
| Date, Time and Venue of opening of bid in e-method. | 04.11.2019 11.30 Hrs. (IST) Superintending Engineer, Hirakud Dam Circle, Burla, Dist- Sambalpur, Pin- 768017( Odisha) |

Sd/-
Superintending Engineer
Hirakud Dam Circle, Burla
Dist: Sambalpur (Odisha) Pin-768017

32044/11/0002/1920



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ।
ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ନିଛାଟିଆ ସ୍ଥାନରେ ଶବ ପଡ଼ିଥିବା ଗୁଜବ

ବେଲପାହାଡ଼,୨୫।୯ (ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଯୁରାବଗା ଗାଁ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଶବ ପଡ଼ି ଦୁର୍ଗନ୍ଧ ହେଉଥିବା ଗୁଜବ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ସୂଚନା ପାଇ ବୁଧବାର ସକାଳେ ପୋଲିସ ଘଟଣାସ୍ଥଳକୁ ଯାଇଥିଲା। ଗାଁ ଲୋକଙ୍କ ସହାୟତାରେ ଘଟଣାର ତଦନ୍ତ କରିଥିଲା। ହେଲେ ସେଠାରେ କୌଣସି ଶବ ପଡ଼ିଥିବା ଦେଖିବାକୁ ମିଳି ନ ଥିବାବେଳେ କିଛି ବଡ଼ ଆକାରର ହାଡ଼ ଓ ଦାନ୍ତ ଦେଖିବାକୁ ମିଳିଥିଲା। ପରେ ଗାଁ ଲୋକଙ୍କ ସନ୍ଦେହ ଦୂରୀଭୂତ ହୋଇଥିଲା। କୌଣସି ଏକ ଜନ୍ତୁ ମରିଗଲା ପରେ ତାର ମାଂସ ପଚି ଦୁର୍ଗନ୍ଧ ସୃଷ୍ଟି କରୁଥିଲା ବୋଲି ଘଟଣାଟି ସ୍ପଷ୍ଟ ହୋଇଥିଲା। ଏ ସମ୍ପର୍କରେ ବେଲପାହାଡ଼ ଥାନା ଏଏସ୍ଆଇ ସନ୍ତୋଷ ବେହେରାଙ୍କୁ ପଚାରିବାରୁ ଘଟଣାସ୍ଥଳରେ ପଡ଼ିଥିବା ଦାନ୍ତ ଓ ହାଡ଼ ମଣିଷର ନୁହେଁ, କୌଣସି ଏକ ଜନ୍ତୁର ବୋଲି ସେ କହିଥିଲେ। ସୂଚନାନୁସାରେ ଗତ କିଛିଦିନ ପୂର୍ବରୁ ଯୁରାବଗା ଗାଁର ଜଣେ ବୟସ୍କ ବ୍ୟକ୍ତି ନିଖୋଜ ଅଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳିପାରି ନ ଥିବାରୁ ବିଭିନ୍ନ ସମୟରେ ଏହିପରି ଗୁଜବ ସୃଷ୍ଟି ହେଉଥିବା ଜଣାଯାଇଛି।

### ବିଦ୍ୟୁତ୍ ଖୁଣ୍ଟରୁ ତାର ଚୋରେଇ ନେଲେ ଦୁର୍ବୃତ୍ତ

କିର୍ମିରା, ୨୫।୯ (ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲାରେ ବିଜୁଳି ବଣ୍ଟନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ବିଭିନ୍ନ ସ୍ଥାନରେ ସବ୍‌ଗ୍ରୀଡ ଷ୍ଟେଶନ ତିଆରି କରାଯାଉଛି। ଏଠାରୁ ପଞ୍ଚାୟତସ୍ତରରେ ବିଭିନ୍ନ ଗ୍ରାମକୁ ବିଜୁଳି ସଂଯୋଗ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ବିଳମ୍ବପୂର୍ଣ୍ଣ କାର୍ଯ୍ୟ ଓ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସ୍ଥାନରୁ ତାର ଚୋରି ହେଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଅର୍ଡ଼ା ଗ୍ରୀଡରୁ ଭଡଁରା ଗ୍ରାମକୁ ଟଣାଯାଇଥିବା ୧୧ କେଭି ଲାଇନରେ। ସୁଲାହି ଗ୍ରାମରୁ ଭଡଁରା ରାସ୍ତା ପାର୍ଶ୍ୱରେ ୧୫ଟି ବିଦ୍ୟୁତ୍ ଖମ୍ବରୁ ଦୁର୍ବୃତ୍ତମାନେ ତାର ଚୋରିକରି ନେଇଯାଇଛନ୍ତି। ଏହି ରାସ୍ତାରେ ଅନେକ ଦିନରୁ ତାର ଟଣାଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇ ନ ଥିବାରୁ ଦୁର୍ବୃତ୍ତମାନେ ସହଜରେ ତାର ଚୋରିକରି ନେଇଥିବା ଚର୍ଚ୍ଚା ହେଉଛି।

### ଗୋଲ୍ ଛକରେ ଦୁର୍ଘଟଣା: ଡ୍ରାଇଭର ଫେରାର

ବ୍ରଜରାଜନଗର, ୨୫।୯ (ଡି.ଏନ୍.ଏ.)- ବ୍ରଜରାଜନଗର ସହରର ଗୋଲ୍ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଲାଗି ରହିଥିବା ପାଚେରିକୁ ଏକ ଟାଟା ମ୍ୟାଜିକ୍ ଗାଡ଼ି ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଏକ ବଳଦ ବୋଝେଇ ଟାଟା ମ୍ୟାଜିକ୍ ନଂ. ଓଡି ୧୬- ୮୫୪୭ ଖୁବ ଯୋରରେ ଆସି ପାଚେରିକୁ ଧକ୍କା ଦେଇଥିଲା। ଫଳରେ ପାଚେରି ଭାଙ୍ଗିଯିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିର ଅନେକାଂଶ ଭାଙ୍ଗିରୁଜି ଯାଇଛି। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଟାଟା ମ୍ୟାଜିକରେ ବଳଦ ଥିବା ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବଳଦକୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ନିଜ ହେପାଜତକୁ ନେଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ ବଳଦକୁ ମାରିବା ଉଦ୍ଦେଶ୍ୟରେ ନିଆଯାଉଥିବା ଜଣାଯାଇଛି।

କୋଲ୍ ଇଣ୍ଡିଆରେ ବିଦେଶୀ ପୁଞ୍ଜିନିବେଶକୁ ବିରୋଧ ପ୍ରସଙ୍ଗ

# ଆନ୍ଦୋଳନକାରୀ ଗିରଫ: ସ୍ୱାଭାବିକ ହେଲା ଖଣି କାର୍ଯ୍ୟ

ଲଖନପୁର,୨୫।୯ (ଡି.ଏନ୍.ଏ.)



ବିଏମ୍ଏସ୍ ୟୁନିୟନର ଆନ୍ଦୋଳନକାରୀଙ୍କୁ ଖଣି ଅଞ୍ଚଳରୁ ପୋଲିସ ଗିରଫ କରୁଛି।

- ୩୨ ଆନ୍ଦୋଳନକାରୀଙ୍କ ନାମରେ ମାମଲା ରୁଜୁ
- ବିଏମ୍ଏସ୍ ସହ କେନ୍ଦ୍ର ସରକାରଙ୍କ ଆଲୋଚନା, ଆନ୍ଦୋଳନ ପ୍ରତ୍ୟାହୃତ

ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆରେ କେନ୍ଦ୍ର ସରକାର ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶକୁ ବିରୋଧକରି ଟ୍ରେଡ୍ ୟୁନିୟନଗୁଡ଼ିକ ମଙ୍ଗଳବାର ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ସେଥି ମଧ୍ୟରୁ ଭାରତୀୟ ମଜ୍‌ଦୁର ସଂଘ (ବିଏମ୍ଏସ୍) ୫ ଦିନିଆ ବନ୍ଦ ଡାକରା ଦେଇଥିଲା। ଗତ ସୋମବାରରୁ ବିଏମ୍ଏସ୍ କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଞ୍ଚିଥିଲା। ବନ୍ଦ ପ୍ରଭାବରେ ସିଧାସଳଖ ବେଲପାହାଡ଼ ଓ ଲଖନପୁର ଖୋଲାମୁହଁ କୋଇଲାଖଣି ଉପରେ ପଡିଥିଲା। ଫଳରେ କୋଇଲା ଉତ୍ପାଦନ ଓ ପରିବହନ ବାଧାପ୍ରାପ୍ତ ହୋଇ କମ୍ପାନୀର କୋଟି କୋଟି ଟଙ୍କା କ୍ଷତି ହୋଇଥିଲା।

ଏହାକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ଏସ୍‌ଡିପିଓ ଏନ୍.ସି. ଦଣ୍ଡସେନା, ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା, ଲଖନପୁର ଥାନା ଆଇଆଇସି ବି.ବି. ସେଠ୍, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, ପ୍ରକାଶ ପରିଡ଼ା ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ଶେଷରେ ପୋଲିସ ବାଧ୍ୟ ହୋଇ ବୁଧବାର ସକାଳ ସାଢ଼େ ୮ଟାରେ ଖଣି ପରିସରରୁ ବିଏମ୍ଏସ୍ ୟୁନିୟନର ୩୨ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ସନ୍ଧ୍ୟାରେ ପୁଣି ବ୍ୟକ୍ତିଗତ ମୁଚାଲିକାରେ ଛାଡିଦେଇଛି। ଗିରଫ ଶ୍ରମିକମାନଙ୍କ ମଧ୍ୟରେ ଶ୍ରମିକ ନେତା ଅଜୟ ବିଶ୍ୱାଳ, ସୁଜିତ ଝା, ମହେଶ୍ୱର ମହନ୍ତ, ନବୀନ କୁମାର ପଟେଲ, ମୃତ୍ୟୁଞ୍ଜୟ ମୁଦୁଲି, ପ୍ରଦୀପ କରାଳୀ, ନୃସିଂହ ଚରଣ ବେହେରା, ସନ୍ତୋଷ କୁମାର ପଣ୍ଡା, ପଙ୍କଜ ଚୌଧୁରୀ, ସୁକାନ୍ତ ପାଣିଗ୍ରାହୀ, ଆକୁଳ ସ୍ୱାଇଁ ପ୍ରମୁଖ ରହିଛନ୍ତି। ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କଲାପରେ ସକାଳ ୯ଟାରୁ ପୁଣି କୋଇଲା ଉତ୍ପାଦନ ଓ ପରିବହନ ସ୍ୱାଭାବିକ ହୋଇଥିଲା। ଏନେଇ ଦିଲ୍ଲୀରେ ବିଏମ୍ଏସ୍ ୟୁନିୟନ କର୍ମକର୍ତ୍ତାଙ୍କ ସହିତ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ ଆଲୋଚନା କରିବାପରେ ସାରାଦେଶରେ ଚାଲିଥିବା ଆନ୍ଦୋଳନ ବୁଧବାର ଅପରାହ୍ନ ୫ଟାରେ ପ୍ରତ୍ୟାହୃତ ହୋଇଥିଲା।

# ପୋଷଣ ଦିବସ ପାଳିତ

ଲଖନପୁର,୨୫।୯(ଡି.ଏନ୍.ଏ.)

**ବନ୍ଧବାହାଲ କ୍ଲଷ୍ଟର**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ରାଜୀବ ଭବନରେ ଗତ ମଙ୍ଗଳବାର ଆଇସିଡିଏସ୍ ତରଫରୁ ଅପପୁଷ୍ଟି ନିରାକରଣ ପାଇଁ ପୋଷଣ ଦିବସ ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାହୁ, ସରଣ୍ଡାମାଲ ନାଏବ ସରପଞ୍ଚ ନିର୍ମଳା ପ୍ରଧାନ, ୱାର୍ଡସଭ୍ୟା ଲକ୍ଷ୍ମୀ ବେହେରା, ହୃଷୀକେଶ ପୂଜାରୀ, ଆଇସିଡିଏସ୍ ସୁପରଭାଇଜର ଭେଲେରିଆ ତିର୍କୀ, ଜିଆର୍ଏସ୍ ଜଗଦୀଶ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଅଙ୍ଗନୱାଡି କର୍ମୀ ପ୍ରଭାସିନୀ ନାୟକ ମଞ୍ଚ ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଧବାହାଲ, ସରଣ୍ଡାମାଲ ଓ ତେଲେନପାଲି ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ମହିଳା ଓ କିଶୋରୀ ବାଳିକା ଉପସ୍ଥିତ ଥିଲେ। ସୁପରଭାଇଜର ତିର୍କୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅପପୁଷ୍ଟିର ନିରାକରଣ ପାଇଁ ସରକାର ପୂର୍ବରୁ ପୁଷ୍ଟିକର ଦିବସ ପାଳନ କରୁଥିଲେ। ଏବେ ଏହାକୁ ପୋଷଣ ଦିବସ ଭାବେ ପାଳନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହି ଅବସରରେ ସଶକ୍ତ ଭାରତ ଗଠନ ପାଇଁ ନିଜ ଅଞ୍ଚଳରେ ମିଳୁଥିବା ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଏହାବାଦ ସରକାରଙ୍କର ଆଉ ଏକ ନୂଆ ଯୋଜନା ସାଦ ଦିବସ କରାଯାଉଛି। ଏହି ଦିବସରେ ପ୍ରତ୍ୟେକ ମାସ ୧ ତାରିଖରେ ଛତୁଆ ବଣ୍ଟନ ସାଙ୍ଗକୁ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟେକ ଶିଶୁଙ୍କୁ ଓଜନ କରିବା। ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧ରୁ ୩୦ ତାରିଖ ପର୍ଯ୍ୟନ୍ତ ପୋଷଣ ଦିବସ ଭାବେ ପାଳନ କରିବା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ଅବସରରେ ମହିଳାମାନେ ନିଜନିଜ ଘରେ ବିଭିନ୍ନ ପୁଷ୍ଟିକର ସୁସ୍ୱାଦୁ ଖାଦ୍ୟ ପିଠା, ଗଜାମୁଗ, ଗଜାବୁଟ ଆଦି ପ୍ରସ୍ତୁତ କରି କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବାଲି ବ୍ୟବସାୟୀଙ୍କ ପୋଲିସକୁ ଖୋଲା ଚ୍ୟାଲେଞ୍ଜ

ଝାରସୁଗୁଡା ଅଫିସ୍/ଲଖନପୁର, ୨୫।୯ (ଡି.ଏନ୍.ଏ.)

- ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ:ଏସ୍‌ପି

ଝାରସୁଗୁଡ଼ା ଜିଲା ଓ ପୋଲିସ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ଅସାଧୁ ବ୍ୟବସାୟୀମାନେ ଲଘୁଜାତ ଖଣିଜ ସମ୍ପଦ ବାଲି, ପଥର, ମୋରମ୍ ଆଦି ଲୁଟିବାରେ ଲାଗିଛନ୍ତି। ଏନେଇ କେତେ ଜଣ ବିଭାଗୀୟ ଅଧିକାରୀଙ୍କ ସହିତ ବ୍ୟବସାୟୀମାନେ ସଲାସୁତରା କରି ବ୍ୟବସାୟ ଚଳାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱହାନି ଘଟୁଛି। ଜଣେ ଅସାଧୁ ବାଲି ବ୍ୟବସାୟୀ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ଜଣେ ପୋଲିସ କର୍ମଚାରୀଙ୍କୁ ଟଙ୍କା ଅଫର ଦେଉଛନ୍ତି। ଏହିପରି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଫଳରେ ଜିଲା ପୋଲିସ ପ୍ରଶାସନ ସ୍ୱଚ୍ଛତା ଉପରେ ଦାଗ ଲାଗିଛି। ଏନେଇ ବୁଧବାର ଜିଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କୁ ଭେଟି ଭିଡିଓ ଭାଇରାଲ ସମ୍ପର୍କରେ ପଚାରିଥିଲେ। ଏସ୍‌ପି ମହାନ୍ତି ଘଟଣାର ତଦନ୍ତ କରି ଅସାଧୁ ବାଲି ବ୍ୟବାସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି।

ଘଟଣାର ତଦନ୍ତ ପାଇଁ ଏସ୍‌ପି ଝାରସୁଗୁଡ଼ା ଥାନା ଅଧିକାରୀ ସାବିତ୍ରୀ ବଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସେହିପରି ଝାରସୁଗୁଡ଼ା ତହସିଲଦାର ଦିଲୀପ କୁମାର ପ୍ରଧାନ ଭିଡିଓ ଭାଇରାଲକୁ ନେଇ ପ୍ରକୃତରେ ବାଲି କେଉଁଠୁ ଆସୁଛି, କିଏ ନେଉଛି ଏହାର ତଦନ୍ତ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଦେଖାଯାଉ ଆଗାମୀ ଦିନରେ ପ୍ରଶାସନ କିଭଳି ତଦନ୍ତ କରି ଅସାଧୁ ବ୍ୟବସାୟୀଙ୍କ ପ୍ରତି କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି। ସୂଚନା ଥାଉକି ଗତ ମଙ୍ଗଳବାର ରାତିରେ ଝାରସୁଗୁଡ଼ା ବଢ଼େଇମୁଣ୍ଡା ଛକରେ ଜଣେ କନଷ୍ଟେବଳ ଓ ଏକ ଘରେଇ କମ୍ପାନୀର ୨ଜଣ ସୁରକ୍ଷାକର୍ମୀ ମିଳିତ ଭାବେ ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ। ଏହି ସମୟରେ ଏକ ବାଲିବୋଝେଇ ଟ୍ରକ୍ ରାସ୍ତାରେ ଆସିଥିଲା। ଏହାକୁ ପୋଲିସ କାର୍ଯ୍ୟରତ କନଷ୍ଟେବଳ ଅଟକାଇଥିଲେ। ପରେ ଟ୍ରକ୍ ଚାଳକ ମାଲିକଙ୍କୁ ଫୋନ୍ କରିଥିଲେ। କିଛି ସମୟ ପରେ ବାଲି ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚି କେତେ ଟଙ୍କା ନେବୁ ବୋଲି କନଷ୍ଟେବଳଙ୍କୁ ବାରମ୍ବାର ପଚାରିଥିଲେ। ଯଦି ମୋର ବାଲି ଟ୍ରକ୍ ଧରିବ ତାହାଲେ ତୁମର ଏସ୍‌ପି, ଆଇଆଇସି ଓ ଅନ୍ୟ ପୋଲିସଙ୍କୁ ଦେଖିନେବି ବୋଲି ଧମକ ଦେଇ ଗାଳିଗୁଲଜ କରିଥିଲେ। ଏହାକୁ ନିଜେ ବାଲି ବ୍ୟବସାୟୀ ଜଣକ ନିଜ ମୋବାଇଲ ଫୋନ୍‌ରେ ଭିଡିଓ ରେକର୍ଡିଂ କରି ଭାଇରାଲ କରିଥିଲେ।

ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା

# ପ୍ରଥମ ସ୍ଥାନରେ ଜବାହର ନବୋଦୟ ବିଦ୍ୟାଳୟ

ଝାରସୁଗୁଡା ଅଫିସ୍/ଲଖନପୁର, ୨୫।୯(ଡି.ଏନ୍.ଏ.)

ଝାରସୁଗୁଡ଼ା ସୁନାରୀମୁଣ୍ଡା ଡିଏଭି ସ୍କୁଲରେ ଭାରତ ବିକାଶ ପରିଷଦ ଆନୁକୂଲ୍ୟରେ ଏକ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନମୋହନ ସ୍କୁଲ, ଜବାହର ନବୋଦୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡିଏଭି ପବ୍ଲିକ୍ ସ୍କୁଲ ଆଦି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଭାରତ ବିକାଶ ପରିଷଦ ଝାରସୁଗୁଡ଼ା ଶାଖାର ଅଧ୍ୟକ୍ଷ ଡ.ସରୋଜ କୁଅଁର ଉଦ୍‌ଘାଟନ କରିଥିଲେ। ଆବାହକ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପ୍ରତିଯୋଗିତାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାରତ ବିକାଶ ପରିଷଦ ଜିଲା ଶାଖାର ସମ୍ପାଦକ ତଥା ଡିଏଭି ସ୍କୁଲ୍ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ପ୍ରତିଯୋଗିତାରେ ବିବନ କୁମାର ପଣ୍ଡା, ସ୍ମୃତିରଞ୍ଜନ ଦାସ, ମଳୟ ବିହାରୀ ନାୟକ ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଯୋଗଦେଇଥିଲେ। ଏହାକୁ ଦିଲୀପ ଶତପଥୀ, ବଂଶୀଧର ସାହୁ, ମନ୍ଦାକିନୀ ମେହେର, ସୋନୁ ସୁନାନୀ, ଜ୍ୟୋତ୍ସ୍ନାରାଣୀ ସୂତାର, ମମତା ଜେନା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଜବାହର ନବୋଦୟ ସ୍କୁଲ ପ୍ରଥମ, ଡିଏଭି ପବ୍ଲିକ୍ ସ୍କୁଲ୍ ଦ୍ୱିତୀୟ ଓ ମଙ୍ଗଳବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜବାହର ନବୋଦୟ ସ୍କୁଲ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରଠାରେ ହେବାକୁଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। ଡିଏଭି ସ୍କୁଲ ଶିକ୍ଷକ ସୁବାସଚନ୍ଦ୍ର ମିଶ୍ର, ଅକ୍ଷୟ କୁମାର ପାଣି, ବିଜୟ କୁମାର ଦାସ, ପଦ୍ମଲୋଚନ କର, ରାହାସ ବିହାରୀ ଦାସ, ଚନ୍ଦ୍ରକାନ୍ତ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।



ମଞ୍ଚରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି।

# ଅର୍ଡ଼ା ସ୍କୁଲରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ

କିର୍ମିରା, ୨୫।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ଅର୍ଡ଼ା ଗ୍ରାମସ୍ଥିତ ଆଦିବାସୀ ହରିଜନ ଆବାସିକ ବିଦ୍ୟାଳୟରେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ତରଫରୁ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଆସି ପ୍ରଦର୍ଶନୀ ଦେଖିଥିଲେ। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଟେକ୍‌ନିସିଆନ୍ ସଞ୍ଜୟ ସାହୁ ଓ ଅତିରିକ୍ତ ବିଜ୍ଞାନ ପ୍ରଶିକ୍ଷକ ପବିତ୍ର ସାହୁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଓ ସନ୍ଦେହମୋଚନ କରିଥିଲେ। ଅର୍ଡ଼ା ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇ, ଶିକ୍ଷକ ସଞ୍ଜୀବ ତ୍ରିପାଠୀ, ରଞ୍ଜିତ ପାଣ୍ଡେଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

କୋମାରେ ପୌରାଞ୍ଚଳର ସଫେଇ କାର୍ଯ୍ୟ

# ଚାରିଆଡ଼େ କୁଢ଼ କୁଢ଼ ମଇଳା

ବ୍ରଜରାଜନଗର, ୨୫।୯ (ଡି.ଏନ୍.ଏ.)



ସୁପର ମାର୍କେଟରେ ଜମା ହୋଇଥିବା ଆବର୍ଜନା।

ବ୍ରଜରାଜନଗର ପୌରାଞ୍ଚଳର ସଫେଇ କାର୍ଯ୍ୟ ଦିନକୁ ଦିନ କୋମା ଅବସ୍ଥାକୁ ଚାଲିଯାଉଛି। ସଫେଇ କାର୍ଯ୍ୟ ନିୟମିତ ଓ ଠିକ୍‌ରେ ନ ହେବା ଦ୍ୱାରା ସହରର ଚାରିଆଡେ କୁଢ଼ କୁଢ଼ ମଇଳା ପଡ଼ି ରହିଛି। ବ୍ରଜରାଜନଗର ମୁଖ୍ୟ ବଜାରଠାରୁ ଆରମ୍ଭ କରି ଗାନ୍ଧୀଛକ ଅଞ୍ଚଳରେ ମଧ୍ୟ ସଫେଇ କାର୍ଯ୍ୟ ଠିକ୍ ହେଉ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏଠାରେ ସୂଚନାଯୋଗ୍ୟ ଯେ, ପୌର ପ୍ରଶାସନ ଦ୍ୱାରା ନିର୍ମିତ ସୁପର ମାର୍କେଟର ମଧ୍ୟଭାଗରେ କୁଢ଼ କୁଢ଼ ମଇଳା ଗଦା ହୋଇ ପଡି ରହୁଛି। ପୌର କର୍ମଚାରୀ ମାର୍କେଟର ଦୋକାନୀମାନଙ୍କ ଠାରୁ ପ୍ରତ୍ୟେକ ମାସ ଭଡ଼ା ଆଦାୟ କରୁଛନ୍ତି। ହେଲେ ସଫେଇକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଦିନ ଦିନ ଧରି ମଇଳା ଗଦା ହୋଇ ରହିବା ଦ୍ୱାରା ବିଭିନ୍ନ ଜୀବଜନ୍ତୁ ତା'ଉପରେ ମଳତ୍ୟାଗ କରୁଛନ୍ତି। ଫଳରେ ଚାରିଆଡ଼ ଦୁର୍ଗନ୍ଧରେ ନାକ ଫାଟିପଡୁଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି। ପୌର କର୍ମଚାରୀଙ୍କୁ ସଫେଇ ପାଇଁ କହିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ସେହିପରି ଗାନ୍ଧୀଛକ ତ୍ରିନାଥ ମଣ୍ଡପ ପାର୍ଶ୍ୱରେ ମଧ୍ୟ ମଇଳା ଗଦା ହୋଇ ରହିଛି। ପୌର କର୍ମଚାରୀ ଗଦା ହୋଇଥିବା ମଇଳାକୁ ୭ ଦିନରେ ଥରେ ସଫା କରୁଥିବା ପ୍ରକାଶ କରିଛନ୍ତି। ଏବେ କୌଣସି ୱାର୍ଡରେ କାଉନସିଲର ନ ଥିବା ଯୋଗୁଁ ପୌର କର୍ମଚାରୀ ମନଇଚ୍ଛା କାମ କରୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏନେଇ ନିର୍ବାହୀ ଅଧିକାରୀ ଦିଲୀପ ପଟେଲଙ୍କୁ ପଚାରିବାରୁ ଗୁରୁବାର ସକାଳୁ ସମସ୍ତ ଅଞ୍ଚଳ ବୁଲି ଦେଖିବେ ବୋଲି ସେ କହିଥିଲେ।

# ଲଇକେରାରେ ଜିଲା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଲଇକେରା, ୨୫।୯ (ଡି.ଏନ୍.ଏ.)

ଲଇକେରା ମିନି ଷ୍ଟାଡିୟମରେ ବୁଧବାର ଝାରସୁଗୁଡ଼ା ଜିଲା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସ୍ଥାନୀୟ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ନାଗୁପତ୍ରା ଓ କୁହିଆମାଲ ମଧ୍ୟରେ ଅନୁଷ୍ଠିତ ହୋଇଥବାବେଳେ ୨-୦ ଗୋଲ୍‌ରେ ନାଗୁପତ୍ରା ବିଜୟୀ ହୋଇଥିଲା। ଲିଗ୍ ଟୁର୍ନାମେଣ୍ଟରେ ମୋଟ ୧୩ଟି ଫୁଟ୍‌ବଲ ଦଳ ଭାଗନେଇ ଖେଳ ପ୍ରଦର୍ଶନ କରିବେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜାଲିନ ପଟେଲ, ଜିଲା କ୍ରୀଡ଼ା ସମ୍ପାଦକ ତାପସ ରାୟ ଚୌଧୁରୀ, ଫୁଟ୍‌ବଲ ସମ୍ପାଦକ ସୁଶାନ୍ତ ମହାନ୍ତି, ମ୍ୟାଚ୍ କମିଶନର ପ୍ରଦୀପ ବେହେରା, ଶଙ୍କରଲାଲ ଅଗ୍ରୱାଲ, ଏସ.ଜି.ଡି ଖାନ, କଲିମ ଖାନ, ନରେନ୍ଦ୍ର ମାହାଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌କୁ ରେଫରି ରାଜେଶ ପଟେଲ, କୌଶିକ ଭୋଇ, ରାଜକୁମାର ମଣ୍ଡଳ ଏବଂ ଚନ୍ଦ୍ର କିଷାନ ପରିଚାଳନା କରିଥିଲେ। ଆରମ୍ଭ ହୋଇଥିବା ଏହି ଲିଗ୍ ଫୁଟ୍‌ବଲର ଫାଇନାଲ ମ୍ୟାଚ୍ ଆସନ୍ତା ଅକ୍ଟୋବର ୫ ତାରିଖରେ ଅନୁଷ୍ଠିତ ହେବ। ସୂଚନାଥାଉ କି ଲଇକେରା ଏବଂ ବେଲପାହାଡ଼ରେ ଲିଗ୍ ମ୍ୟାଚ୍ ଚାଲିଥିବାବେଳେ ଉଭୟ ଜୋନରୁ ମନୋନୀତ ଦଳ ଜିଲାର ସୁପର ଲିଗ୍‌ରେ ଯୋଗ ଦେଇ ଜିଲାସ୍ତରୀୟ ସାହାଣୀ କପ୍ ଫୁଟବଲ ପାଇଁ ବଛାହେବେ ବୋଲି ଜଣାପଡିଛି।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାଗ ନେଇଥିବା ଦୁଇ ଫୁଟ୍‌ବଲ ଦଳ ଓ ଅତିଥିମାନେ।

## ଡାକ୍ତରଖାନାରେ ଦଲାଲରାଜ ନେଇ ମୁଖ୍ୟମନ୍ତ୍ରୀ ଖପ୍ପା

# ‘୧୫ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟସ୍ଥ ମୁକ୍ତ କର’

**ଭୁବନେଶ୍ୱର, ୨୫।୯(ବ୍ୟୁରୋ)**



ଭିଡିଓ କନ୍‌ଫରେନ୍‌ସିଂରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

- **ଭଲ କାମ କଲେ ଡାକ୍ତରଙ୍କୁ ଶୀଘ୍ର ପଦୋନ୍ନତି**
- **ଦାୟିତ୍ୱରୁ ଓହରିଲେ ଦଣ୍ଡିତ ହେବେ**
- **ଅକ୍ଟୋବର ୨ ପରେ ରୋଗୀଙ୍କୁ ପଚାରି ବୁଝିବେ**

ସରକାରୀ ହସ୍ପିଟାଲରେ ଦଲାଲ ଏବଂ ମଧ୍ୟସ୍ଥଙ୍କ ପାଦୁର୍ଭାବ ବୃଦ୍ଧିକୁ ନେଇ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟସ୍ଥଙ୍କ କବଳରୁ ମୁକ୍ତ ରଖିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାର ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨ରେ ରାଜ୍ୟ ସରକାର ‘ମୋ ସରକାର’ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏଥିପୂର୍ବରୁ ବୁଧବାର ମୁଖ୍ୟମନ୍ତ୍ରୀ ଜିଲାପାଳ, ଏସ୍‌ପି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଡାକ୍ତରମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ୧୫ଦିନ ମଧ୍ୟରେ ହସ୍ପିଟାଲଗୁଡ଼ିକୁ ମଧ୍ୟସ୍ଥ ମୁକ୍ତ କରି ଜଣାଇବାକୁ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୦୦ ମସିହାରେ ରାଜ୍ୟର ସ୍ୱାସ୍ଥ୍ୟ ବଜେଟ ୫୧୪ କୋଟି ଟଙ୍କା ଥିଲା। ଏହା ଏବେ ଏହା ୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ସେହିପରି ସରକାରୀ ମେଡିକାଲ କଲେଜ ସଂଖ୍ୟା ୩ରୁ ବୃଦ୍ଧି ପାଇ ୭ ହେଲାଣି। ଖୁବ୍‌ଶୀଘ୍ର ଆହୁରି ୧୨ଟି ମେଡିକାଲ କଲେଜ ସ୍ଥାପନ କରାଯିବ। ଜନସାଧାରଣ ହେଉଛନ୍ତି ଡାକ୍ତରଖାନାର ପ୍ରକୃତ ମାଲିକ। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଡାକ୍ତରଙ୍କ ଦାୟିତ୍ୱ। ସ୍ୱାସ୍ଥ୍ୟ ସେବା ହେଉଛି ରାଜ୍ୟ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଲୋକଙ୍କ ଟଙ୍କାରେ ସ୍ୱାସ୍ଥ୍ୟକ୍ଷେତ୍ରର ସମ୍ପୂର୍ଣ୍ଣ ଭିତ୍ତିଭୂମି, ବଜେଟ, ମେଡିକାଲ କଲେଜ ଏବଂ ଚିକିତ୍ସାଳୟ ଚାଲୁଛି। ସେମାନଙ୍କୁ ସମ୍ମାନର ସହିତ ଚିକିତ୍ସା, କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। କେତେକ ସ୍ଥାନରେ ବ୍ଲଡ ବ୍ୟାଙ୍କ, ଆମ୍ବୁଲାନ୍ସ ଏବଂ ଡାଏଲିସିସ ଆଦି କ୍ଷେତ୍ରରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ରୋଗୀ ସେବାରେ ବାଧକ ସୃଷ୍ଟ କରୁଥିବା ମଧ୍ୟସ୍ଥଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

୨୦୦୧ରେ କାଶୀପୁରରେ ଆମ୍ବଟାକୁଆ ଖାଇ କିଛି ଲୋକ ଅସୁସ୍ଥ ହୋଇଥିବା ଘଟଣା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ, ସେହି ସମୟରେ ସେଠାକୁ ଗସ୍ତ ଅବସରରେ ସେଠାକାର ଡାକ୍ତରଙ୍କ ସେବା ମନୋଭାବ ତାଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା। ସମ୍ପୃକ୍ତ ଡାକ୍ତରଙ୍କ ଉପରେ ଜନସାଧାରଣଙ୍କର ପ୍ରଚଣ୍ଡ ଭରସା ଥିଲା। କାଶୀପୁର ଘଟଣା ପରେ ସେଠାକୁ ୪ଜଣ ତାଲିମ ନେଉଥିବା ଆଇଏଏସ୍‌ଙ୍କୁ ପଠାଯାଇଥିଲା। ସେମାନଙ୍କୁ ମଧ୍ୟ ସମ୍ପୃକ୍ତ ଡାକ୍ତର ସାହାଯ୍ୟ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ଭଲ ଡାକ୍ତର ଅଛନ୍ତି। ଯେଉଁ ଡାକ୍ତରମାନେ ଭଲ କାମ କରିବେ ସେମାନଙ୍କୁ ଆଗୁଆ ପଦୋନ୍ନତି ଦିଆଯିବ। କାମ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ‘ମୋ ସରକାର’ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଡାକ୍ତରଖାନା ଯାଉଥିବା ରୋଗୀଙ୍କୁ ଟେଲିଫୋନ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସୁବିଧା ସମ୍ପର୍କରେ ପଚାରି ବୁଝିବେ ବୋଲି ସୂଚନା ଦେଇଛନ୍ତି।

ରାଜ୍ୟବାସୀଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ମହତ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ‘ମୋ ସରକାର’ କାର୍ଯ୍ୟକ୍ରମର ସଫଳତା ଦିଗରେ ଡାକ୍ତରଙ୍କ ପଦୋନ୍ନତିକୁ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି। ‘୫–ଟି’ ସଚିବ ଭି.କେ. ପାଣ୍ଡିୟାନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ‘ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା’ ଭିଜନକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ। ରକ୍ତ ଭଣ୍ଡାର, ଆମ୍ବୁଲାନ୍ସ ଏବଂ ଡାଏଲିସିସ ଆଦି କ୍ଷେତ୍ରଗୁଡ଼ିକୁ ୧୫ଦିନ ମଧ୍ୟରେ ସମ୍ପୂର୍ଣ୍ଣ ମଧ୍ୟସ୍ଥ ମୁକ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଆର୍.ବାଲକ୍ରିଷ୍ଣନ୍, ପୋଲିସ ମହାନିର୍ଦ୍ଦେଶକ, ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ।

## ସାତ୍‌ସପନ ହେଇଛେ ଉଚ ଚିକିଛା

# ପୁଓର ଗୋଡ଼ହାତ୍ ଅଚଲ, ଚିନ୍‌ତାରେ ମା’ବାପ୍

**ସିନାପାଲି, ୨୫।୯ (ଡି.ଏନ୍.ଏ.)**



ମା’ର ସଂଗେ ଭିନ୍ନକ୍ଷମ ଡୋଳାମଣି।

ପୁଓ ଠିକ୍ ହେଇଯିବା, ନିଜେ ନିଜର କାମ୍ କରିପାରବା। ଉନିଆ ଛୁଆକର ସଂଗେ ମିଶି ଖେଲକୁଦ କରବାର ସଂଗେ ପାଠ୍ ପଢ଼ିଯିବା। ହେଲେ ଗରିବ୍ ମା’ବାପ୍ ଟଁକା ପଏସା ଅଭାବୁ ପୁଓର ଉଚ ଚିକିଛା କରେଇ ନାଇଁପାରବାର। ଏନ୍‌ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଲିଛେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗୋର୍ଲା ଗାଁରେ।

ସୂଚନା ଅନ୍‌ସାରେ ଗୋର୍ଲା ଗାଁର ଖୀରାମ ମାଝି ଆର ଯମୁନା ମାଝିଙ୍କର ପୁଓ ଡୋଳାମଣି ମାଝି(୫)। ପରିବାରଟା ନିହାତି ଗରିବ୍ ଆର ଆଦିବାସୀ ସମାଜର। ଖୀରାମ କୁଲିମଜୁରି କରି ଯାହା କମଉଛନ୍ ସେଥିରେ ତାକର ପରିବାର ଚଲୁଛେ। ଏନ୍‌ତାଥି ତାକର ୫ ବଛର୍‌ର ପୁଓ ଡୋଳାମଣି କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ିଛନ୍। ତାକର ଗୋଡ଼ହାତ୍ ନାଇଁ ଚଲବାର। ସେ ଚାଲିବୁଲି, ଖାଇପିଇ ନାଇଁପାରବାର ସବୁବେଲେ ଖଟେ ପଡ଼ି ରହିଛନ୍। ଏନ୍‌ତାଥି ଗରିବ୍ ମା’ବାପ୍ ପୁଓର ଚିକିଛା ଲାଗି ସିନାପାଲି, ଖଡ଼ିଆଲ, ନୂଆପଡ଼ା ଆର ଭବାନୀପାଟଣା ଜିଲା ମୁଖିଆ ଡାକ୍‌ତରଖାନାକେ ନେଇ ନିରାଶ ହେଇଛନ୍। ପରିବାରଟା ପୁଓର ଚିକିଛା ଲାଗି ନିଜର ଅଲପ୍ ଜମିବାଡ଼ିକେ ଗହନା ଦେଇ ସରବସୁଆଁତ୍ ହେଇଯାଇଛନ୍। ଖୀରାମ ଯାହା କମଉଛନ୍ ସେଟା ପରିବାରର ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ। ଏନ୍‌ତାଥି ପୁଓର ଉଚ ଚିକିଛା ଲାଗି ସେ ସପନ୍ ବି ଦେଖି ନାଇଁପାରବାର ବଲି କହିଛନ୍। ଇଆଡ଼େ ଡୋଳାମଣି ଗୁଟେ ଦିବ୍ୟାଙ୍ଗ ଜୀବନ୍ ବିତଉଥିଲେ ବି ଆଏଜ୍‌ତକ ସେ ଅନେକ୍ ସରକାରୀ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ମାହାଲିଆ ଚିକିଛା, ଉଷୋକଷାର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଦୁଖର କଥା ଇ ସବୁ ଯୋଜନାରୁ ଡୋଳାମଣି ବଁଚିତ ହେଇ ରହିଛନ୍। ଏନ୍‌ତାଥି ଉପେ ଶୁଇନ୍ ଗରିବ୍ ମା’ବାପ୍ ଗଣମାଧ୍ୟମ ଜରିଆରେ ଜିଲା ପରଶାସନକେ ପୁଓର ଚିକିଛା ସାହାଯ୍ ଲାଗି ଗୁହାରି କରିଛନ୍। ଇ ବାବ୍‌ଦେ ସିନାପାଲି ଭ୍ରାମ୍ୟମାଣ ଡା.ଭୈରବ ପାଣିଗ୍ରାହୀଙ୍କୁ ପଚରାଲାରୁ ମୁଇଁ ଉଚ କତୁରପକ୍ଷଙ୍କର ସଂଗେ କଥା ହେମି ଆର ଯେନ୍‌ତା ହେବା ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

## ଅଖିଳ ଭାରତୀୟ ଶିଳ୍ପ କୌଶଳ ପ୍ରତିଯୋଗିତା

# ଦୁଇ ବିଭାଗରେ ଓଡ଼ିଶା ଶ୍ରେଷ୍ଠ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ୫୫ତମ ଅଖିଳ ଭାରତୀୟ ଶିଳ୍ପ କୌଶଳ ପ୍ରତିଯୋଗିତା(ଅଲ୍ ଇଣ୍ଡିଆ ସ୍କିଲ୍ କମ୍ପିଟିଶନ୍ ଫର୍ କ୍ରାଫ୍ଟସମେନ୍)ରେ ଓଡିଶାକୁ ମିଳିଛି ଦୁଇ–ଦୁଇଟି ସଫଳତା। ଦୁଇ ଓଡ଼ିଆ ବିକାଶ ଚନ୍ଦ୍ର ନାୟକ ଏବଂ ସଦାଶିବ ସାମନ୍ତରାୟ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ତାଳଚେରସ୍ଥିତ ସରକାରୀ ଆଇଟିଆଇରୁ ଫିଟର୍ ଟ୍ରେଡ୍‌ରେ ତାଲିମ ନେଉଥିବା ବିକାଶ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କୁଶଳୀ କାରିଗର ହେବାର ଗୌରବ ଅର୍ଜନ କରିଛନ୍ତି। ଏହାସହ ତାଳଚେର ସରକାରୀ ଆଇଟିଆଇକୁ ଫିଟର୍ ଟ୍ରେଡ୍‌ରେ ସର୍ବଶ୍ରେଷ୍ଠ ତାଲିମ୍ ଅନୁଷ୍ଠାନଭାବେ ମାନ୍ୟତା ଦିଆଯାଇଛି। ସେହିଭଳି ସଦାଶିବ ବାଲେଶ୍ୱରସ୍ଥିତ ସରକାରୀ ଆଇଟିଆଇରୁ ଟର୍ନର୍ ଟ୍ରେଡ୍‌ରେ ପ୍ରଶିକ୍ଷଣ ନେଇଛନ୍ତି। ବିଭାଗୀୟ ଶିକ୍ଷକଙ୍କର ତାଲିମ ଏବଂ ଉତ୍କୃଷ୍ଟ ଶିକ୍ଷାଦାନ ଯୋଗୁ ୨୦୧୮ରେ ସେ ସର୍ବଭାରତୀୟ ଟ୍ରେଡ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶିଳ୍ପ କୌଶଳ ପ୍ରତିଯୋଗିତାରେ ଆଗ୍ରହୀ ଥିବାରୁ ଆଇଟିଆଇ ଅଧ୍ୟକ୍ଷ ଇଂ କୃଷ୍ଣଚନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଶିକ୍ଷକମାନଙ୍କ ଦ୍ୱାରା ସଦାଶିବଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇଥିଲା। ଫଳରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବା ସହ ୫୫ତମ ଅଖିଳ ଭାରତୀୟ ଶିଳ୍ପ କୌଶଳ ପ୍ରତିଯୋଗିତାରେ ସେ ଟର୍ନର ଟ୍ରେଡ୍‌ରେ ଶ୍ରେଷ୍ଠ କୁଶଳୀ କାରିଗର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହାସହ ବାଲେଶ୍ୱର ସରକାରୀ ଆଇଟିଆଇକୁ ଟର୍ନର ବିଭାଗରେ ଶ୍ରେଷ୍ଠ ତାଲିମ୍ ଅନୁଷ୍ଠାନ ଭାବେ ଘୋଷଣା କରାଯାଇଛି।



ସଦାଶିବ



ବିକାଶ

# ମନ୍ତ୍ରୀଙ୍କ ଗସ୍ତ ଚିଠିକୁ ନେଇ ପ୍ରକାଶ ପାଇଲା ପ୍ରତିକ୍ରିୟା

**ଢେଙ୍କାନାଳ/ଭୁବନେଶ୍ୱର, ୨୫।୯(ବ୍ୟୁରୋ):** ଢେଙ୍କାନାଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଶକ୍ତି ଏବଂ ଗୃହ(ରାଷ୍ଟ୍ର) ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ଢେଙ୍କାନାଳ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ନେଇ ଜିଲା ପ୍ରଶାସନ(ଯୋଜନା ଶାଖା) ପକ୍ଷରୁ ସ୍ଥାନୀୟ ଏମ୍‌ପି, ପରଜଙ୍ଗ/ହିନ୍ଦୋଳ ବିଧାୟକ, ଜିଲାପରିଷଦ ଅଧ୍ୟକ୍ଷ ଏବଂ ଜିଲା ବିଜେଡି ସଭାପତିଙ୍କୁ ଅବଗତ କରାଯାଇଛି। ହେଲେ ଜିଲାପାଳଙ୍କ ସ୍ୱାକ୍ଷର ସମ୍ବଳିତ ଏହି ଚିଠିରେ ଜିଲା ବିଜେଡି ସଭାପତିଙ୍କୁ ଉଲ୍ଲେଖ କରାଯିବା ନେଇ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉକ୍ତ ଚିଠିଟି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି, ଏଥିନେଇ କେତେକେ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ସମୀକ୍ଷକଙ୍କ କହିବାନୁଯାୟୀ, ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ମଲିକ ରାଜ୍ୟ କ୍ୟାବିନେଟ୍‌ର ସଦସ୍ୟ ହେବା ସହ କାମାକ୍ଷାନଗର ବିଧାୟକ। ତେଣୁ ଚିଠିରେ କୌଣସି ରାଜନୈତିକ ଦଳ ନେତାଙ୍କୁ ଉଲ୍ଲେଖ ନ କରି କାମାକ୍ଷାନଗର ବିଧାୟକ କିମ୍ବା ମନ୍ତ୍ରୀଙ୍କୁ ଉଲ୍ଲେଖ କରାଯାଇପାରିଥାନ୍ତା ବୋଲି କୁହାଯାଇଛି। ଏହି ପ୍ରସଙ୍ଗରେ ଆମ ଢେଙ୍କାନାଳ ଜିଲା ପ୍ରତିନିଧି ଜିଲାପାଳ ଭୁମେଶ ଚନ୍ଦ୍ର ବେହେରାଙ୍କ ପ୍ରତିକ୍ରିୟା ନେଇଥିଲେ। ଜିଲାପାଳ କହିଥିଲେ ଯେ, ବିଭାଗୀୟ ମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଗୁରୁବାର ଗସ୍ତରେ ଆସୁଛନ୍ତି। ମନ୍ତ୍ରୀ ନିଜ ବିଭାଗ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିବେ। ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କରିଥିବା ପତ୍ର ଦ୍ୱାରା ଉଲ୍ଲେଖ କରାଯାଇଥିବା ବ୍ୟକ୍ତିବିଶେଷଙ୍କୁ ଚିଠି କରାଯାଇଛି। ମନ୍ତ୍ରୀ ଜିଲା ଗସ୍ତରେ ଆସୁଛନ୍ତି ସମ୍ପର୍କରେ ଅବଗତ କରାଯାଇଛି, କୌଣସି ବୈଠକ ପାଇଁ ଆମନ୍ତ୍ରଣ କରାଯାଇନାହିଁ ବୋଲି ଜିଲାପାଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଜିଲାର ଅନ୍ୟ ସମସ୍ତ ବିଧାୟକଙ୍କୁ ଉପସ୍ଥିତ ରହିବା ପାଇଁ କୁହାଯାଇଥିବାବେଳେ ଢେଙ୍କାନାଳ ବିଧାୟକଙ୍କୁ ଚିଠିରେ ଉଲ୍ଲେଖ କରାଯାଇନାହିଁ।

# ଡିଏମ୍‌ଏଫ୍‌ର ଅର୍ଥ ବିନିଯୋଗ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୫।୯ (ବ୍ୟୁରୋ):** ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ବୁଧବାର ଲୋକସେବା ଭବନରେ ଜନଜାତିବହୁଳ ୯ ଜିଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ୯ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ୨୦୧୭–୧୮ ଏବଂ ୨୦୧୮–୧୯ ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଅର୍ଥର ବିନିଯୋଗ ଉପରେ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଉନ୍ନୟନ ପରିଷଦଗୁଡ଼ିକର ସଂପୂର୍ଣ୍ଣ ପୁନର୍ଗଠନ ପରେ ଚଳିତ ଆର୍ଥିକ ବର୍ଷ ପାଇଁ ଉନ୍ନୟନ ପରିଷଦର ସଦସ୍ୟମାନଙ୍କ ସହ ବିଶଦ ଆଲୋଚନାପୂର୍ବକ ପ୍ରତିଟି ଜିଲାର ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମଗୁଡ଼ିକର ଚିଠା ପ୍ରସ୍ତୁତ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟକ୍ରମ ଅଧୀନରେ ନିଶାନିବାରଣ ଓ ଗୁଣିଗାରେଡି ସମ୍ବନ୍ଧୀୟ ଅନ୍ଧବିଶ୍ୱାସ ବିରୋଧରେ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।


**OFFICE OF THE CHIEF DISTRICT VETERINARY OFFICER, JAGATSINGHPUR**

Ph. No.-06724-220091
E-mail I.D - cdvojspur@gmail.com
Notice No.2236 //CDVO (JSP) II-A-2 Dt: 24.09.2019

**“AUCTION SALE NOTICE OF VEHICLE”**

Sealed quotations in plain paper are invited from the intending persons/Firms/institutes for the auction sale of vehicle Registration No.OR-02M - 4247 (Mahindra Jeep Diesel) of Chief District Veterinary Office, Jagatsinghpur with upset price of Rs.20,000/- (Rupees Twenty thousand) only. The details regarding the above auction call notice can be viewed in the “https://jagatsinghpur.nic.in/” portal.

Sd./-
Chief District Veterinary Officer,
Jagatsinghpur

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUBARNAPUR**
(DISTRICT BLINDNESS CONTROL SOCIETY)

Advt. No. 3910 Date: 24.09.2019

**TENDER CALL NOTICE**

Sealed tenders are invited from interested Travel Agencies/ / Tour Operators or Individuals for providing of diesel driven vehicles for hiring of vehicles for Mobile Vision Centre on a monthly basis under SUNETRA. Details regarding eligibility criteria, terms & conditions and the formats of submission of tender are mentioned in the tender document which may be downloaded from the website: **www.subarnapur.nic.in**. The tender should reach to the O/o undersigned on or before 10.10.2019 by 1.00 PM through Speed Post/ Registered Post/ Courier only. the individual/ agency applied earlier vide. Tender Call Notice No. 3606, dt. 05.09.2019 need not apply once again.

Sd./-
CDM & PHO, Subarnapur

**DISTRICT COURT KHURDA AT BHUBANESWAR**
**AUCTION SALE NOTICE FOR AMBASSADOR CARS**

No. ____2____ dt. 25.09.2019

No.21-W:- Sealed tenders are invited from intending bidders **for sale of Ambassador Cars bearing No.-** OR- 05-AB-6392 & OR-02 AB -5775 on “as is where is basis” so as to reach the office of the District Judge, Khurda at Bhubaneswar (through Regd. Post/ Speed post/ Courier service/ by hand) **on or before 2.00 PM of dt. 15.10.2019.**

For details visit our website: **http://ecourts.gov.in/india/odisha/khordha/tender**.

Sd./- Registrar, Civil Courts
Khurda at Bhubaneswar

18003/11/0001/1920

**COUNCIL OF HIGHER SECONDARY EDUCATION, ODISHA**

**PRAJNAPITHA, SAMANTAPUR, BHUBANESWAR-13**
**EXTENSION OF QUOTATION CALL NOTICE**
**Bhubaneswar, dated the 25th September, 2019**

No.47-N :- No.Adm-II-28/2017/5729 /CHSE(O). It is hereby notified that, the Quotation Call Notice vide No.4875 dt.19.08.2019 issued earlier on dt.27.08.2019 in Odia daily “The Dharitri” is hereby extended till Dt.18.10.2019 upto 4 P.M. and shall be opened on the same day at 04.30 P.M. The interested Travel Agencies can access from the CHSE website: **http://www.chseodisha.nic.in** for details information and application forms.

***All other terms and conditions remain unchanged.***

By Order of Chairman
Sd./- Finance Officer
C.H.S.E., Odisha, Bhubaneswar

11003/11/0006/1920

**OFFICE OF THE ANGUL MUNICIPALITY, ANGUL**
**GOVERNMENT OF ODISHA**

No.215-C:- **e-Procurement Notice**
**Angul Municipality Office, Angul**
**Bid Identification No.- EO/AGLM-04 OF 2019-20**
**e-mail ID- angulmunicipality@gmail.com**

No. 8282 Date: 25.09.2019

| | | | |
|---|---|---|---|
| 1. | Number of Works | : | 1 (One) number of Road work |
| 2. | Approximate estimated cost | : | Rs. 39.223 Lakhs |
| 3. | Period of completion | : | 2 (two) calendar months |
| 4. | Date & Time of availability of bid document in the portal | : | Dt. 26.09.2019 at 10.00 AM |
| 5. | Last date/ Time for receipt of bid in the portal | : | Dt. 09.10.2019 upto 5.00 PM |
| 6. | Date of opening (Technical Bid) | : | Dt. 11.10.2019 at 11.00 AM |
| 7. | Name and address of the Office Inviting Bid | : | Executive Officer, Angul Municipality, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal **https:/tendersodisha.gov.in**.

Sd./- B.C. Panda
Executive Officer,
Angul Municipality

13085/11/0005/1920

**BHUBANESWAR MUNICIPAL CORPORATION**

**No.26718 COMPETITIVE BIDDING THROUGH e-Procurement Dt.23/09/19**

**NOTICE INVITING TENDER**
**Bid Reference No. BMC-EE DIV-II-08/2019-20 Dt.23.09.2019**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EE DIV-II-08/2019-20)** should be submitted on-line in the website www.tendersorissa.gov.in by eligible class of contractors as mentioned in TCN. The affidavit to be submitted/furnished by the intending bidders should feature Name of the Work and/or its Sl. No. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **06 Nos.**
2. Place of Execution : Different locations under **Division-II** of Bhubaneswar Municipal Corporation
3. Estimated Cost of Individual Work : **Rs. 8,82,301/- to Rs. 38,37,686/-**
4. Eligible Class of Contractors –: Registered Contractors of **Class-'D' to Class-'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The original documents i.e, Tender paper cost, EMD, Affidavits, Undertakings & Certificates as per the Schedules and Annexure of DTCN that have to be Uploaded by the bidder in the e-tender website. The cost of tender paper & EMD should be made on net banking. After opening of bid from e-procurement system the successful bidder shall be intimated to award of the work and original documents also be verified.
7. The bid documents will be available in the above website from **11.00 A.M of 26.09.2019 to 5 P.M of 10.10.2019** for online bidding.
8. Bids received will be opened from e-procurement system at **11.00 A.M onwards on 11.10.2019.**
9. The bidder must possess valid and Compatible Digital Signature Certificate **(DSC).**
10. Further details are available in the DTCN. The DTCN **for 6 Nos.** of works shall be available during the aforesaid period in the e-procurement portal https://www.tendersodisha.gov.in for on-line bidding and in BMC website https://www.bmc.gov.in for view, download and information of all concerned.

**On behalf of Commissioner, BMC, Bhubaneswar**

**Executive Engineer**
**BMC Division No.-II**

**Progress Through Partnership for a Better Bhubaneswar**

**NATIONAL HEALTH MISSION**
**ODISHA STATE HEALTH & FAMILY WELFARE SOCIETY**
**HEALTH & FW DEPARTMENT, ODISHA**
Department of Health &FW, Govt. of Odisha
Annex Building of SIH& FW, Nayapalli, Unit-8
Bhubaneswar-751012

Advt. No. 46/ 19 Dated: /09/2019

**Request for Proposal (RFP) for Operation & Management of Primary Health Center (New) in partnership mode under NHM**

No.355-E: Odisha State Health & Family Welfare Society invites application from credible entities registered under Society Registration Act/ Indian Trust Act/ Company Act./ Institutions like Medical Colleges/Hospitals run under Govt/ Public Sector/Pvt. Sector for operation & management of 07 Primary Health Centers (PHC) located in remote & inaccessible areas of the State in partnership mode. The list of the PHCs to be managed is available in the RFP document.

Sealed proposals as per the prescribed RFP document are invited from interested eligible bidders for the “Operation and Management of the PHCs” at the identified locations of the districts. The eligibility criteria and detailed requirements for “Operation & Management of PHCs” and the formats for submission of proposals are set forth in the RFP document which can be downloaded from the website: **www.nrhmorissa.gov.in**. Interested bidders fulfilling the eligibility criteria may submit their proposal(s) with **EMD & documents** as set forth in this RFP. If the bidder wishes to apply for more than one PHC they will have to submit separate proposal for each PHC along with EMD and documents as set forth in the RFP in sealed envelope (s) clearly superscribing the name of the PHC on the envelope (s). The bidders have to submit their proposal(s) to the respective District(s) in which they want to apply. The detailed address for submission of proposal at the District (s) is mentioned in the RFP document.

Proposal(s) complete in all respect should reach the District (s) by Speed Post or Registered Post or Courier only on or before 21/10/2019. The pre bid meeting of the bidders will be held on 01/10/2019, Venue: Mission Directorate, NHM, Annex Building of SIHFW, Unit–8, Bhubaneswar – 751012. The proposal(s) shall be opened in the concerned district on the date and time mentioned in the RFP. Name of the PHC and the RFP reference no. must be superscribed on the sealed envelope. Incomplete applications/applications received in an open envelope/applications received after the due date/from the blacklisted NGOs/ Trusts will be summarily rejected. The authority reserves the right for cancellation/ modification of guidelines for selection without assigning any reason thereof. No personal inquiry shall be entertained.

Sd./- Mission Director, NHM &
Member Secretary, OSH&FW Society

10084/11/0029/1920



ସୁନୀଲ-ନର୍ଗିସ

# ଭାବପ୍ରବଣ ସୁନୀଲ

ସୁନୀଲ ଦତ୍ତ। ହିନ୍ଦୀ ସିନେମା ଜଗତର ଅନ୍ୟତମ ବର୍ଷୀୟାନ ଅଭିନେତା। ବେଶ୍ କେତୋଟି ହିଟ୍ ଫିଲ୍ମରେ ତାଙ୍କର ଡକାୟତ ଭୂମିକା ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ଅଭିନୟ ପୂର୍ବରୁ ସେ ରେଡିଓ ସିଲୋନ୍‌ରେ ରେଡିଓ ଜକି (ଆରଜେ) ଭାବରେ କାମ କରିଥିଲେ। ସେତେବେଳେ ଥରେ ତାଙ୍କର ଅଭିନେତ୍ରୀ ନର୍ଗିସଙ୍କ ସହ ଏକ ସାକ୍ଷାତକାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ସୁନୀଲ ସାକ୍ଷାତକାର ନେବେ କ'ଣ ନର୍ଗିସଙ୍କୁ ଦେଖି ସେ ଏମିତି ସ୍ତମ୍ଭୀଭୂତ ହୋଇପଡିଲେ ଯେ ଶେଷକୁ ବାଧ୍ୟ ହୋଇ ଏହି ସାକ୍ଷାତକାରକୁ ବାତିଲ କରିବାକୁ ପଡିଥିଲା। ହେଲେ ଏପରି ସଂଯୋଗ, ଅଭିନୟ ଜୀବନରେ ବଲିଉଡ୍‌ର ମାଇଲଷ୍ଟୋନ ଭାବରେ ପରିଗଣିତ ହିନ୍ଦୀ ସିନେମା 'ମଦର ଇଣ୍ଡିଆ'ରେ ନର୍ଗିସଙ୍କ ସହ ସୁନୀଲ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ଧୀରେ ଧୀରେ ନର୍ଗିସ ପ୍ରେମରେ ପଡିଯାଇଥିବା ଏହି ଅଭିନେତା ଶେଷକୁ ତାଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ।

# ଅପେକ୍ଷା ଡିସେମ୍ବରକୁ

କରୀନା ଏବେ ବେଶ୍ ଉତ୍ସୁକତାର ସହ ଡିସେମ୍ବରକୁ ଅପେକ୍ଷା କରିଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ସେହି ମାସ ୨୭ରେ ପରଦା ଉପରକୁ ଆସୁଛି କରନ୍ ଜୋହରଙ୍କ 'ଗୁଡ୍ ନ୍ୟୁଜ୍'। ଏହି ଫିଲ୍ମରେ କରୀନାଙ୍କ ନାୟକ ଭାବରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର। କିଆରା ଆଡଓ୍ୱାନୀ ମଧ୍ୟ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମ ବ୍ୟତୀତ ଇରଫାନ ଖାଁ ଏବଂ କରୀନାଙ୍କୁ ନେଇ ନିର୍ମିତ 'ଅଂଗ୍ରେଜି ମିଡିୟମ' ମଧ୍ୟ ରିଲିଜ ଅପେକ୍ଷାରେ ରହିଛି। 'ଏହି ଫିଲ୍ମ ଦ୍ୱୟରେ ମୋତେ ଯେଉଁ ଭୂମିକା ମିଳିଛି ତାହାର ସଫଳତାକୁ ନେଇ ବେଶ୍ ଆଶା ରହିଛି। ବିଶେଷଭାବରେ ଅକ୍ଷୟଙ୍କ ସହ ମୋର ଯୋଡିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। କରୀନା ଏବେ ଶୁଟିଂରୁ ସାମୟିକ ବ୍ରେକ୍ ପାଇଛନ୍ତି। ତେଣୁ କୁଆଡେ ବୁଲାବୁଲି ନ କରି ପରିବାର ସଦସ୍ୟଙ୍କ ସହ ସମୟ କଟାଉଛନ୍ତି।



କରୀନା

# ଆକ୍ସନ ଅବତାର

ଶ୍ରଦ୍ଧାଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଖୁବ୍ ଶୀଘ୍ର ସେ ବଡ ପରଦାରେ ଆକ୍ସନ ଅବତାରରେ ଦେଖାଦେବେ। ତେଣୁ ଏ ନେଇ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରୋଲ୍‌ଟିକୁ ଫୁଲ୍ ଜଷ୍ଟିସ ଦେବାକୁ ସେ ଜୁଡୋ ଏବଂ ଏମଏମଏ (ମିକ୍ସଡ ମାର୍ଶଲ ଆର୍ଟ) ଟ୍ରେନିଂ ନେଉଛନ୍ତି। 'ବାଗୀ-୩'ରେ ତାଙ୍କୁ ଏପରି ଏକ ଭୂମିକା ମିଳିଛି, ଯାହାର ମେଲ୍ ଲିଡ୍‌ରେ ଅଛନ୍ତି ଟାଇଗର ଶ୍ରଫ। ଏପରି ଏକ ଭୂମିକାଟିଏ ପାଇବା ପରେ ସେ ଆଶଙ୍କାରେ ପଡିଯାଇ ଥିଲେ। ହେଲେ ଟାଇଗରଙ୍କ କେଇ ପଦ କଥା ତାଙ୍କ ମନରେ ଥିବା ସନ୍ଦେହକୁ ଦୂର କରିଦେଇଥିଲା। ଶ୍ରଦ୍ଧା ଜୁଡୋ ଏବଂ ଏମଏମଏ ଶିଖିବାକୁ ଏବେ ସର୍ବିଆରେ ଡେରା ପକାଇଛନ୍ତି। ଅହମ୍ମଦ ଖାଁଙ୍କ ଦ୍ୱାରା ପ୍ରଯୋଜିତ ଏହି ସିକ୍ୱେଲ ଆସନ୍ତାବର୍ଷ ମାର୍ଚ୍ଚ ୬ରେ ରିଲିଜ ହେବାର ଯୋଜନା ରହିଛି। ତେବେ ଆକ୍ସନ ଭୂମିକାରେ ଶ୍ରଦ୍ଧା କେତେ ସକସେସ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ଶ୍ରଦ୍ଧା

# ଓଡ଼ିଆ ଚଳଚ୍ଚିତ୍ରର ଅଡୁଆ ଅବସ୍ଥା

"ଓଡ଼ିଆ ଚଳଚ୍ଚିତ୍ରର ଅଣଓଡ଼ିଆ ନାମକରଣ ସଂକ୍ରାମକ ରୋଗ ପରି ମାଡ଼ି ଚାଲିଛି। ତୁରନ୍ତ ଏହା ଉପରେ ଅଙ୍କୁଶ ଲଗାଯିବା ଉଚିତ। ହୋମ ବ୍ୟାନରରେ ଓଡ଼ିଆ ସିନେମାଟିଏ ନିର୍ମାଣ କରି ନିଜ ପୁଅ ହେଉ କି ସମ୍ପର୍କୀୟଙ୍କୁ ଲିଡ୍ ରୋଲ୍‌ରେ ନେବା ମଧ୍ୟ ଏକ ଧାରାରେ ପରିଣତ ହେଲାଣି। ହେଲେ ଯେଉଁ ସିନେମାଟିଏ ନିର୍ମିତ ହେଉଛି ତାହା ଦେଖିବାଯୋଗ୍ୟ ନୁହେଁ। କେବଳ ଫୁର୍ତ୍ତି କରିବା ପାଇଁ କେତେକ ଓଡ଼ିଆ ସିନେମା ତିଆରି କରୁଛନ୍ତି, ଯାହା ଧୀରେ ଧୀରେ ଅସହ୍ୟ ବୋଧ ହେଲାଣି।"

ଓଡ଼ିଆ ଚଳଚ୍ଚିତ୍ର ୮୨ ବର୍ଷରେ ପଦାର୍ପଣ କଲାଣି, ପରିପକ୍ୱତା ଅନୁସାର ଆମେ ଅପରିପକ୍ୱ କାମ କରୁଛେ। ଓଡ଼ିଆ ସିନେମାର ଅବସ୍ଥା ବର୍ତ୍ତମାନ କିପରି ଅଛି ତାହା କହିବା ବାହୁଲ୍ୟ। ଆମର ଅନ୍ୟତମ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ଭାବରେ ପରିଚିତ ଏହି ଜଗତର ଅବସ୍ଥା ଏବେ ସଙ୍କଟାପନ୍ନ। ଓଡ଼ିଆ ଚଳଚ୍ଚିତ୍ରର ଟାଇଟଲ କେବଳ ଇଂଲିଶ ନୁହେଁ, ହିନ୍ଦୀ ଭାଷାରେ କରାଯିବାର କେତେ ଯଥାର୍ଥତା ରହିଛି ତାହା ବିଚାରଯୋଗ୍ୟ। ତଥାପି ସବୁ କ୍ଷେତ୍ରରେ ନୀରବତା ଯାହାକିଛି ଚାଲିଛି। ଓଡ଼ିଆ ଭାଷା ସାହିତ୍ୟର ଆଦର ଯଦି ଓଡ଼ିଆ ଚଳଚ୍ଚିତ୍ରରେ କରାଯିବ ନାହିଁ ତେବେ ଆମ ଭାଷାର ସମୃଦ୍ଧି ପାଇଁ କଡ଼ାକଡ଼ି ନିୟମ କେବେ ପାଳନ କରିବା। ନୂତନ ପିଢ଼ିମାନେ ଅଣ ଓଡ଼ିଆ ନାମକରଣ ଶୁଣି ଏପରି ବିଚିତ୍ର ଓଡ଼ିଆ ଚଳଚ୍ଚିତ୍ରକୁ କେତେ ଦୂର ଗ୍ରହଣ କରିବେ ତାହା ବିଚାର କରିବାର ସମୟ ଆସିଛି। ଦିନେ ଅଧେ ଚଳଚ୍ଚିତ୍ର ପ୍ରଯୋଜନା କରୁଥିବା ପ୍ରଯୋଜକଙ୍କର କିଛି ଯାଏ ଆସେ ନାହିଁ। ଆମେ କେବଳ ବର୍ଷକୁ ବର୍ଷ ସଂଖ୍ୟା ଗଣି ଓଡ଼ିଆ ଚଳଚ୍ଚିତ୍ରର ହିସାବ କରୁଛୁ। କିନ୍ତୁ ପାସ୍ ହାତ ଦେଖିଲେ ଫେଲ ସଂଖ୍ୟା ଅଧିକ।

ଓଡ଼ିଆ ଚଳଚ୍ଚିତ୍ରର ଅଣଓଡ଼ିଆ ନାମକରଣ ସଂକ୍ରାମକ ରୋଗ ପରି ମାଡ଼ି ଚାଲିଛି। ତୁରନ୍ତ ଏହା ଉପରେ ଅଙ୍କୁଶ ଲଗାଯିବା ଉଚିତ। ହୋମ ବ୍ୟାନରରେ ଓଡ଼ିଆ ସିନେମାଟିଏ ନିର୍ମାଣ କରି ନିଜ ପୁଅ ହେଉ କି ସମ୍ପର୍କୀୟଙ୍କୁ ଲିଡ୍ ରୋଲ୍‌ରେ ନେବା ମଧ୍ୟ ଏକ ଧାରାରେ ପରିଣତ ହେଲାଣି। ହେଲେ ଯେଉଁ ସିନେମାଟିଏ ନିର୍ମିତ ହେଉଛି ତାହା ଦେଖିବାଯୋଗ୍ୟ ନୁହେଁ। କେବଳ ଫୁର୍ତ୍ତି କରିବା ପାଇଁ କେତେକ ଓଡ଼ିଆ ସିନେମା ନିର୍ମାଣ କରୁଛନ୍ତି, ଯାହା ଧୀରେ ଧୀରେ ଅସହ୍ୟ ବୋଧ ହେଲାଣି। ଓଡ଼ିଆ ଚଳଚ୍ଚିତ୍ର ଭାଷାକୁ ବିକୃତ କରିବା ଦିଗରେ ଏବେଠାରୁ ସଚେତନ ହେବା ଜରୁରୀ। ନ ହେଲେ ଅଣଓଡିଆ ନାମକରଣ ସିଧା କପି ଚଳଚ୍ଚିତ୍ରକୁ ଦେଖି ଆତ୍ମତୃପ୍ତି ଲାଭ କରିବାକୁ ହେବ। କପି ଚଳଚ୍ଚିତ୍ର ହେଉ କିଛି ମନା ନାହିଁ, କିନ୍ତୁ ତାହା ଆମ ସାମାଜିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ ହେବା ଉଚିତ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଚଳଚ୍ଚିତ୍ର ହେଉଛି ମାତ୍ର ପ୍ରେକ୍ଷାଳୟରେ ତାହା କେତେ ଦିନ ପ୍ରଦର୍ଶିତ ହେଉଛି ତାହା ଆଉ ଅଛପା ହୋଇ ରହିନାହିଁ। ସିନେମାର ନିର୍ମାଣଶୈଳୀରେ ତ୍ରୁଟିକୁ ଲୁଚାଇବାକୁ ଯାଇ ଅଯଥା ବାହୁସ୍ଫୋଟ ମାରିବା ଆଦୌ ସମୀଚୀନ ନୁହେଁ। ଦିନ ଥିଲା ଭଲ ମୌଳିକ କାହାଣୀ, ଯେଉଁଥିରେ ଆମ ଓଡ଼ିଆ ମାଟିର ବାସ୍ନା ଭରି ରହିଥିଲା ସେପରି ସିନେମା ପ୍ରସ୍ତୁତ ହେଉଥିଲା, ଯାହାକୁ ଜଣେ ଦର୍ଶକ ବାରମ୍ବାର ଦେଖିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ହେଲେ ଏବେ ଅଧିକାଂଶ ଦର୍ଶକ ଓଡ଼ିଆ ସିନେମା ଦେଖିବା କଥା ପଡ଼ିଲା ବେଳକୁ ନାକ ଟେକୁଛନ୍ତି। ପରିପକ୍ୱତା ଥିବା ଚଳଚ୍ଚିତ୍ରକୁ ଶିଳ୍ପର ମାନ୍ୟତା ମିଳିଛି ହେଲେ ଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍। ଶିଳ୍ପ ପାଇଁ କିଛି ଭିତ୍ତିଭୂମି ନାହିଁ କି ପ୍ରଯୋଜକମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ନାହିଁ। ଆମେ କେବଳ ବର୍ଷକୁ ବର୍ଷ ଓଡ଼ିଆ ଚଳଚ୍ଚିତ୍ରର ସଂଖ୍ୟା ବଢ଼ାଇ ଚାଲିଛୁ। ଭିଟାମିନ୍ ଅଭାବଗ୍ରସ୍ତ ଚଳଚ୍ଚିତ୍ର ଆଉ ବାର୍ଦ୍ଧକ୍ୟାବସ୍ଥାରେ କେତେଦିନ ବଞ୍ଚିବ ତାହା ସମୟ ହିଁ କହିବ।



-ଦିଲୀପ ହାଲି
ମୋ : ୯୮୬୧୦୦୯୨୫୨

ଅପେରା ହାଲଚାଲ

# ଗାଁ ପ୍ରେମରେ ଜଗା

ଜଲିଉଡ୍ ଅଭିନେତା ଜଗା ଏବେ ଗାଁ ପ୍ରେମରେ ପଡ଼ିଯାଇଛନ୍ତି। କାରଣ ଗାଁ ପରିବେଶରେ ସେ ବଢ଼ିଛନ୍ତି। ତେଣୁ ଜନ୍ମ ମାଟିର ବାସ୍ନାକୁ ସେ ବା କେମିତି ଭୁଲିଯିବେ ? ଏହାର ଅର୍ଥ ନୁହେଁ ଯେ ଜଗା ଅଭିନୟକୁ ଗୁଡବାୟ କହି ଗାଁରେ ରହୁଛନ୍ତି। ତାଙ୍କୁ ଏକ ଗାଉଁଲି ସାଦାସିଧା ଯୁବକ ଚରିତ୍ରରେ ଦେଖିବାକୁ ମିଳୁଛି ଅପେରା ବିଶ୍ୱ ଦରବାର ଦ୍ୱାରା ଚଳିତ ଯାତ୍ରା ସିଜନରେ ପରିବେଷିତ ନାଟକ 'ଆକାଶ କଇଁଆ ଚିଲିକା ମାଛ'ରେ। ଇଂ କିଶୋର ମହାପାତ୍ରଙ୍କ ଦ୍ୱାରା ରଚିତ ଏବଂ ଆଗଧାଡ଼ିର ନିର୍ଦ୍ଦେଶକ ଇଂ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏହି ନାଟକରେ ଜଗା ନିଜ ଭୂମିକା (ଛୋଟୁ)କୁ ବେଶ୍ ସୁନ୍ଦର ଭାବରେ ତୁଲାଇଛନ୍ତି। ଏହି ବିଦ୍ୟାଙ୍ଗ ଚରିତ୍ର ଦର୍ଶକ ପସନ୍ଦ କରିଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନାଟକ ବ୍ୟତୀତ 'ବର୍ଷା ରାତିର ସାଥୀ' (ରଚନା - ଅଧ୍ୟାପକ ଦୀପକ ଜେନା, ନିର୍ଦ୍ଦେଶନା -ଗୁରୁ ପ୍ରସାଦ ମିଶ୍ର)ରେ ପୋଲିସ ଇନ୍ସପେକ୍ଟର ରମେଶ ଦାସ, 'ଚଉଠି ରାତିର ଚଉଦ କଥା' ଭୃଗୁ ମହାପାତ୍ର, 'ଭଲ ପାଇବାକୁ ଭୟ ଲାଗୁଛି'ରେ ରାଜ୍ ଏବଂ 'ଗୁପ୍ତ ସମ୍ପର୍କ'ରେ ଜୀବନ ଭୂମିକାରେ ତାଙ୍କୁ ଏଥର ଦେଖିବାକୁ ମିଳିଛି। 'ଭୂମିକା ପଜିଟିଭ ହେଉ ବା ନେଗେଟିଭ-ତାହାକୁ କିପରି ତୁଲାଇବି ସେ ନେଇ ସବୁବେଳେ ଗୁରୁତ୍ୱ ଦିଏ। ଦର୍ଶକ ଆମ ପାଇଁ ଭଗବାନ। ସେମାନଙ୍କର ତାଳି ଆମକୁ ଆଗକୁ ଯିବାକୁ ସାହାଯ୍ୟ କରେ। ହେଲେ ମୁଁ ସବୁବେଳେ ସେମାନଙ୍କର ତାଳି ଏବଂ ଗାଳିକୁ ସମ୍ମାନ ଦିଏ। ସଂପ୍ରତି ଚଳିତ ଯାତ୍ରା ସିଜନ୍‌ରେ ଜଗା ଅପେରା ବିଶ୍ୱ ଦରବାରରେ ନିଜର ଅଭିନୟ ଜାରି ରଖିଛନ୍ତି।



ଜଗା

# ଆଶାରେ ଅଂଶୁମାନ

ଅଂଶୁମାନ ସାମନ୍ତରାୟ। ଦେଖୁ ଦେଖୁ ଯା ଭିତରେ ୮ଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି। ଏବେ ସେ ହିନ୍ଦୀ ସିନେମାରେ ନିଜ କ୍ୟାରିୟରକୁ ଆଗେଇ ନେବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଖୁବ୍ ଶୀଘ୍ର ତାଙ୍କ ଅଭିନୀତ



'ମାରିୟା' ଏବଂ 'ଏହେସାସ' ରିଲିଜ ହେବାକୁ ଯାଉଛି। ଏ ସମ୍ପର୍କରେ ଅଂଶୁମାନ କହନ୍ତି, 'ଏହି ଫିଲ୍ମଦ୍ୱୟରେ ମୋତେ ଯେଉଁ ରୋଲ ମିଳିଛି ତାହା ମୋ ପାଇଁ ନିଶ୍ଚୟ ମାଇଲେଜ ସାବ୍ୟସ୍ତ ହେବ। 'ମାରିୟା'ରେ ମୋତେ ଜଣେ ସୁପାରିକିଲର ଭୂମିକା ମିଳିଛି। ଯଦିଓ ରୋଲ ଅଳ୍ପ ହେଲେ ସେଥିରେ ଦମ୍ ରହିଛି।' କେବଳ ସେତିକି ନୁହେଁ ହୋମ୍ ବ୍ୟାନରରେ ଏକ ସିନେମା ନିର୍ମାଣ ଚକ୍କରରେ ଅଛନ୍ତି ବୋଲି ସୂଚନା ଦେଇଛନ୍ତି ଏହି ଅଭିନେତା। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଆଇଲାରେ ଓଡ଼ିଆ ପୁଅ', ଯେଉଁଥିରେ ତାଙ୍କୁ ଖଳନାୟକ ଭାବରେ ଦେଖିବାକୁ ମିଳିଥିଲା। ତେବେ ରିଲିଜ୍ ଅପେକ୍ଷାରେ ଥିବା 'ତୁ ମୋର ନିହାତି ଦରକାର'ରେ ତାଙ୍କୁ ମିଳିଛି ଏକ ଭିନ୍ନ ଧରଣର ଭୂମିକା। ଏଥିରେ ସେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଦେଇଛନ୍ତି।

ନୂଆ ସିନେମା

# ଲଭ୍ ୟୁ ପ୍ରିୟା

ଭଲ ପାଇବାରେ ଆବିଳତା ନ ଥିଲେ ସେଥିରେ ସକ୍‌ସେସ ହେବାର ଚାନ୍ସ ଅଧିକ। ଗାଁରୁ ସହର ଯାଇଥିବା ପୁଅଟି ସେଠାରେ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଏ। ହେଲେ ସେହି ଝିଅ ମନରେ ତା' ପୂର୍ବରୁ ଆଉ ଜଣେ ବସା ବାନ୍ଧି ସାରିଥାଏ। ତଥାପି ମନପ୍ରାଣ ଦେଇ ନିଜ ପ୍ରେମକୁ ସାର୍ଥକ କରିବାକୁ ଲାଗିପଡେ ସେ। ହେଲେ ସମୟ ଚକ୍ରରେ ପ୍ରେମିକାର ମନ ବଦଳି ଯାଏ କି ? ସେହି ଝିଅ ଯାହାକୁ ପୂର୍ବରୁ ଭଲ ପାଉଛି ସେ ତାକୁ ବୋହୂ ରୂପରେ ଘରକୁ ନେଇଯାଏ କି ? ଗାଁରୁ ଆସିଥିବା ସେହି ପିଲାର ପ୍ରେମକୁ ଝିଅଟି ଗ୍ରହଣ କରେ କି ? ଏସବୁ ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ଲଭ୍ ୟୁ ପ୍ରିୟା'ରେ। ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଓଡ଼ିଆ ଚଳଚ୍ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜୟ ସେନ୍। ଜେ.ଏଚ.ବି. ଟିଭି ବ୍ୟାନରରେ ନିର୍ମିତ ହେଉଥିବା ଉକ୍ତ ସିନେମାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନବାଗତ ବିବେକ କୁମାର। ସଂଳାପ ଲେଖିଛନ୍ତି ଆଶୁତୋଷ ବାରିକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଶିଷ କୁମାର ଏବଂ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଧୀରେନ। 'ଅଜାତଶତ୍ରୁ'ରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିବା ସୋହମ ସିଂ ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ଫିମେଲ ଲିଡ୍‌ରେ ଅଛନ୍ତି ନବାଗତା ମହିମା। ଏହି ଯୋଡି ବ୍ୟତୀତ ଜୀବନ ପଣ୍ଡା, ଭୂପତି ତ୍ରିପାଠୀ, ପ୍ରୀତିରାଜ, ଗୁଲ୍ଲୁ, ପୁଷ୍ପା ପଣ୍ଡା, ମିତା ଚକ୍ରବର୍ତ୍ତୀ, ଜୟ ସେନ୍‌ଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।



ସୋହମ୍-ମହିମା

"ଆଘାତଜନିତ ସମସ୍ୟା ଖେଳର ଏକ ଅଂଶ। ପୂର୍ବାପେକ୍ଷା ଆହୁରି ଦୃଢ଼ଭାବେ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି।
–ଯଶପ୍ରୀତ୍ ବୁମ୍‌ରା, ଭାରତୀୟ ଦ୍ରୁତ ବୋଲର



"ଆସନ୍ତା ମାସରେ ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ମ୍ୟାଚ୍ ପୂର୍ବରୁ ଆମ ଖେଳାଳିମାନେ ସମ୍ପୂର୍ଣ୍ଣ ଫିଟ୍ ରୁହନ୍ତୁ ବୋଲି ଚାହୁଁଛି।
–ଇଗର ଷ୍ଟିମାକ୍, ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍



## ସଂକ୍ଷେପରେ

### ପ୍ରଥମ ରାଉଣ୍ଡରୁ ସିନ୍ଧୁଙ୍କ ବିଦାୟ



ଇଞ୍ଚିଅନ,୨୫।୯(ପିଟି): ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ, ସାଇନା ନେହ୍ୱାଲା ଓ ପୁରୁଷ ଖେଳାଳି ବି. ସାଇ ପ୍ରଣୀଥ ଏଠାରେ ଚାଲିଥିବା କୋରିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡର ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ସିଙ୍ଗଲ୍ସ ବର୍ଗରେ ଭାରତୀୟ ଭାବେ ଏକା ପାରୁପଲ୍ଲୀ କାଶ୍ୟପ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କାଶ୍ୟପ ୨୧-୧୬, ୨୧-୧୬ ବ୍ୟବଧାନରେ ଚାଇନିଜ ତାଇପେର ଲୁ ଚାଇ ହଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ପରବର୍ତ୍ତୀ ମ୍ୟାଚ୍‌ରେ ମାଲେସିଆର ଲିଉ ଡାରେନ୍‌ଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସ ବର୍ଗରେ ସିନ୍ଧୁ ୭-୨୧, ୨୪-୨୨, ୧୫-୨୧ ଗେମ୍‌ରେ ଆମେରିକାର ବେଇୱେନ ଝାଙ୍ଗଙ୍କଠାରୁ ହାରିଯାଇଛନ୍ତି। ରିଓ ଅଲିମ୍ପିକ୍ ରୌପ୍ୟ ପଦକଧାରୀ ସିନ୍ଧୁ ବିଶ୍ୱ ଚାମ୍ପିୟନଶିପ ସ୍ୱର୍ଣ୍ଣ ପଦକ ଜିତିବା ପରେ ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ନିକଟରେ ସେ ଚାଇନା ଓପନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। ବିଶ୍ୱ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ଜିତିଥିବା ପ୍ରଣୀଥ ୯-୨୧, ୭-୧୧ ବ୍ୟବଧାନରେ ପଛୁଆ ଥିବାବେଳେ ଆହତ ହୋଇଥିଲେ। ସମାନ କାରଣରୁ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ମଧ ମ୍ୟାଚ୍ ମଧ୍ୟରୁ ଓହରି ଯାଇଛନ୍ତି।

### କର୍ଣ୍ଣାଟକ ପ୍ରିମିୟର ଲିଗ୍ ଦଳର ମାଲିକ ଗିରଫ

ବେଙ୍ଗାଲୁରୁ,୨୫।୯: କର୍ଣ୍ଣାଟକ ପ୍ରିମିୟର କ୍ରିକେଟ ଲିଗ୍ ଦଳର ମାଲିକ ବେଟିଂ ସ୍କାଣ୍ଡାଲରେ ଜଡ଼ିତ ହେବା କାରଣରୁ ଗିରଫ ହୋଇଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ନାମ ଅଲି ଅଶଫାକ ଥାରା। ସେ କେପିଏଲ ଦଳ ବେଲାଗାଭି ପାନ୍ଥର୍ସ ଫ୍ରାଞ୍ଚାଇଜ ମାଲିକ। ପୋଲିସ ଯୁଗ୍ମ କମିଶନର ସନ୍ଦୀପ ପାଟିଲ କହିଛନ୍ତି, ବେଟିଂ ଷଡ଼ଯନ୍ତ୍ରରେ ଥାରା ଜଡ଼ିତ ଥିବା ଆମକୁ ପ୍ରମାଣ ମିଳିଛି। ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି। ତଦନ୍ତରୁ ଜଣାପଡ଼ିଛି ଯେ, କେପିଏଲ ଦଳ ଓ ଖେଳାଳିଙ୍କ ସହ ଥାରାଙ୍କ ସିଧାସଳଖ ଯୋଗାଯୋଗ ରହିଛି। ତାଙ୍କ ଦଳର କୋଚ୍ ଓ ଖେଳାଳିଙ୍କୁ ମଧ ପଚରାଉଚରା କରାଯାଇଛି। ଗତ ବର୍ଷ ବିଜାପୁର ବୁଲ୍ସ ଓ ହୁବଲି ଟାଇଗର୍ସ ମଧ୍ୟରେ ଖେଳାଯାଇଥିବା କେପିଏଲ ମ୍ୟାଚ୍‌ରେ ବେଟିଂ କମ୍ପାନି ସନ୍ଦେହ ଘେରକୁ ଆସିଥିଲେ। ଏହାପରେ ବିସିସିଆଇ ବେଙ୍ଗାଲୁରୁ ପାଲିସ ନିକଟରେ ମାମଲା ଦାୟାର କରିଥିଲା।

# ଇନିଂସ ଓପନ୍ କରିବେ ରୋହିତ

**ବିଜୟନଗରମ, ୨୫।୯(ପି.ଟି.)**

ସ୍ଥାନୀୟ ଡ. ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ଦିନିଆ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହେବ। ଅକ୍ଟୋବର ୨ ତାରିଖରୁ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ରୋହିତ ଶର୍ମାଙ୍କୁ ଏବେ ନୂଆ ରୂପରେ ଦେଖିବାକୁ ମିଳିବ। ସେ ଓପନର ହିସାବରେ ତାଙ୍କ ଟେଷ୍ଟ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଦିନିକିଆରେ ସେ ଦୃଷ୍ଟାନ୍ତମୂଳକ ସଫଳତା ପାଇଥିଲେ ମଧ୍ୟ ଟେଷ୍ଟରେ ଏପର୍ଯ୍ୟନ୍ତ ସ୍ଥାନ ସ୍ଥିର କରିପାରିନାହାନ୍ତି। ରୋହିତ ଏଥର ଓପନର ହିସାବରେ କ୍ରିକେଟର ଏହି ଲମ୍ବା ଫର୍ମାଟ୍‌ରେ ଭାଗ୍ୟ ପରୀକ୍ଷା କରିବେ।

ଜାତୀୟ ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ରୋହିତଙ୍କୁ ଓପନର ହିସାବରେ ଖେଳାଳିବାକୁ ନିଷ୍ପତ୍ତି ନେଇଛନ୍ତି। ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ସେ ଏହି ଭୂମିକାରେ ଅବତୀର୍ଣ୍ଣ ହେବେ। ତେଣୁ ଆଗାମୀ ୫ଟି ଟେଷ୍ଟ ମ୍ୟାଚ୍‌ରେ ୩୨ ବର୍ଷୀୟ ରୋହିତ କର ବା ମର ସ୍ଥିତିର ସମ୍ମୁଖୀନ ହେବେ। ରୋହିତଙ୍କ ସହ ମୟଙ୍କ ଅଗ୍ରୱାଲ ଇନିଂସ ଓପନ କରିବେ। ସେହିପରି ଦ୍ରୁତ ବୋଲର ଉମେଶ ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଇଞ୍ଜୁରି କାରଣରୁ ଯଶପ୍ରୀତ ବୁମ୍‌ରା ଦଳରୁ ବାଦ୍ ପଡିଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇଛି। ତେଣୁ ସେ ଫାଫ୍ ଡୁପ୍ଲେସି ଓ ଏଡେନ ମାରକ୍ରାମ ତାଙ୍କ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବେ। ତେବେ ରୋହିତ ଫୋକସ୍‌ରେ ରହିବେ।

ରୋହିତ ଏପର୍ଯ୍ୟନ୍ତ ୨୭ଟି ଟେଷ୍ଟ ଖେଳି ୩୯.୬୨ ହାରରେ ରନ ସଂଗ୍ରହ କରିଛନ୍ତି। ଏଥିମଧ୍ୟରେ ୩ଟି ଶତକ ସାମିଲ ରହିଛି। ତେଣୁ ସେ ନିଜ ପ୍ରତିଭା ତଥା କ୍ଷମାତ ଅନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଟେଷ୍ଟ ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଉଦୀୟମାନ ଟେଷ୍ଟ ବ୍ୟାଟ୍ସମ୍ୟାନ ହନୁମା ବିହାରୀ ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ମିଡଲ ଅର୍ଡରରେ ସେମାନଙ୍କ ସ୍ଥାନ ପକ୍କା କରିଛନ୍ତି।

କାଗିସୋ ରାବାଡ଼ା, ଭର୍ନନ ଫିଲାଣ୍ଡର ଓ ଲୁନ୍‌ଗି ଏନ୍‌ଗିଡିଙ୍କୁ ନେଇ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ମନେହେଉଛି। ବିଶାଖାପାଟଣାରେ ଆସନ୍ତା ୨ ତାରିଖରେ ପ୍ରଥମ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଏହି ମ୍ୟାଚ୍ ରିହରସାଲ ସଦୃଶ ହୋଇଛି। ନାଲି ଏସ୍‌ଜି, ଡ୍ୟୁକ୍ କିମ୍ବା କୁକାବୁରା ବଲ୍‌ରେ ରୋହିତଙ୍କ ଟେକ୍‌ନିକ୍ ନେଇ ସନ୍ଦେହ ସୃଷ୍ଟି ହୋଇଥିଲେ ମଧ୍ୟ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ସଫଳତାକୁ ଦୃଷ୍ଟିରେ ରଖି କୋହଲି ଓ ହେଡ୍ କୋଚ୍ ଶାସ୍ତ୍ରୀ ରୋହିତଙ୍କୁ ଇନିଂସ ଓପନ କରିବାର ରିସ୍କ ନେଇଛନ୍ତି। ଯଦି ଏହି ରଣନୀତି ସଫଳ ହେଲା ତାହାଲେ ଏହା ଏକ ମାଷ୍ଟରଷ୍ଟ୍ରୋକ ସାବ୍ୟସ୍ତ ହେବ। ନ ହେଲେ ଭାରତ ଏ' ଦଳରେ ଓପନର ଶୁବମନ ଗିଲ, ଅଭିମନ୍ୟୁ ଈଶ୍ୱରନ ଓ ପ୍ରିୟଙ୍କ ପଞ୍ଚାଲ ରହିଛନ୍ତି। ଲୋକେଶ ରାହୁଲ ମଧ ଭଲ ପ୍ରଦର୍ଶନ କରି ପୁଣି ସ୍ଥାନ ଫେରିପାଇବାକୁ ପ୍ରୟାସ କରିବେ। ସେହିପରି ଆଘାତ ସମସ୍ୟା କାରଣରୁ ଯୁବ ଓପନର ପୃଥ୍ୱୀ ଶ' ମଧ୍ୟ ଦଳକୁ ଫେରିବାକୁ ବ୍ୟଗ୍ର ଅଛନ୍ତି। ରୋହିତ ଭାରତୀୟ ପିଚ୍‌ରେ ସଫଳ ହେଲେ ମଧ୍ୟ ନ୍ୟୁଜିଲାଣ୍ଡ ପିଚ୍‌ରେ ଏହା ଦୋହରାଇବେ ସେ ନେଇ କୌଣସି ଗ୍ୟାରେଣ୍ଟି ନାହିଁ। ଦିନିକିଆରେ ଶ୍ରେଷ୍ଠ ଓପନର ମାନ୍ୟତା ପାଇଥିଲେ ମଧ ରୋହିତଙ୍କ ପାଇଁ ଆଗକୁ ଅଗ୍ନି ପରୀକ୍ଷା ରହିଛି। ଆଗାମୀ ୬ ମାସ ମଧ୍ୟରେ ତାଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ।


ରୋହିତ ଶର୍ମା

### ଅଭ୍ୟାସ ମ୍ୟାଚ୍ ଆଜିଠାରୁ

- **ବୋର୍ଡ ସଭାପତି ଏକାଦଶ:** ରୋହିତ ଶର୍ମା (ଅଧିନାୟକ), ମୟଙ୍କ ଅଗ୍ରୱାଲ, ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ସିଦ୍ଧେଶ ଲାଡ, କେ.ଏସ. ଭରତ (ଉଇକେଟ କିପର), ଜଲାଜ ଏସ୍ ସାକସେନା, ଧର୍ମେନ୍ଦ୍ରସିନ ଜାଡେଜା, ଆଭେସ ଖାଁ, ଇଶାନ ପୋରେଲ, ଶାର୍ଦ୍ଦୁଳ ଠାକୁର ଓ ଉମେଶ ଯାଦବ।
- **ଦକ୍ଷିଣ ଆଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), ଟେମ୍ବା ବାଭୁମା(ଉପ-ଅଧିନାୟକ), ଥେଉନିସ୍ ଡି ବ୍ରୁଏନ, କ୍ୱିଣ୍ଟନ ଡିକକ, ଡିନ୍ ଏଲଗାର, ଜୁବେର ହମ୍‌ଜା, କେଶବ ମହରାଜ, ଏଡେନ ମାର୍‌କ୍ରାମ, ସେନୁରାନ ମୁଥୁସାମି, ଲୁନ୍‌ଗି ଏନ୍‌ଗିଡି, ଅନରିଚ ନୋର୍ଜ, ଭର୍ନନ ଫିଲାଣ୍ଡର, ଡେନ ପିଟ୍, କାଗିସୋ ରାବାଡ଼ା ଓ ରୁଡି ସେକେଣ୍ଡ।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**

### ଜାନୁୟାରୀରେ ଭାରତ ଗସ୍ତରେ ଆସିବ ଶ୍ରୀଲଙ୍କା

**ନୂଆଦିଲ୍ଲୀ,୨୫।୯(ପିଟି)**

ଆସନ୍ତା ବର୍ଷ ଜାନୁୟାରୀରେ ଭାରତ ଗସ୍ତରେ ଜିମ୍ବାୱେ ଦଳ ଆସିବାର ଥିଲା। କିନ୍ତୁ ଜିମ୍ବାୱେ କ୍ରିକେଟ ବୋର୍ଡ ବାସନ୍ଦ ଥିବାରୁ ଏହି ଦଳ ସ୍ଥାନରେ ଶ୍ରୀଲଙ୍କା, ଭାରତ ଗସ୍ତରେ ଆସିବ। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଏହି ଗସ୍ତରେ ୩ଟି ଟି୨୦ ଗୁଆହାଟୀ, ଇନ୍ଦୋର ଓ ପୁଣେଠାରେ ଯଥାକ୍ରମେ ୫, ୭ ଓ ୧୦ ତାରିଖରେ ଖେଳାଯିବ। ଭେନ୍ୟୁ ଓ ତାରିଖ ପୂର୍ବଭଳି ଅପରିବର୍ତ୍ତିତ ରହିଛି। ଜିମ୍ବାୱେର ବାସନ୍ଦାଦେଶ ଯୋଗୁ ବିସିସିଆଇ ଶ୍ରୀଲଙ୍କା ଦଳକୁ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଅଂଶଗ୍ରହଣ କରିବାକୁ ଆମନ୍ତ୍ରଣ କରଥିଲା। ଏହାକୁ ଶ୍ରୀଲଙ୍କା କ୍ରିକେଟ ଗ୍ରହଣ କରିନେଇଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଗତ ଜୁଲାଇରେ ଲଣ୍ଡନଠାରେ କାଉନ୍ସିଲ ବୈଠକ ପରେ ଜିମ୍ବାୱେ କ୍ରିକେଟକୁ ବାସନ୍ଦ କରାଯାଇଛି। ଫଳରେ ଆଇସିସିଠାରୁ ଜିମ୍ବାୱେ କ୍ରିକେଟକୁ ମିଳୁଥିବା ଆର୍ଥିକ ସହାୟତା ବନ୍ଦ ହୋଇଯାଇଛି। ବାସନ୍ଦ ହେବାରୁ ଦଳ କୌଣସି ପୁରୁଷ କିମ୍ବା ମହିଳା ବିଭାଗର ଆଇସିସି ଇଭେଣ୍ଟରେ ଅଂଶଗ୍ରହଣ କରିପାରିବ ନାହିଁ। ବାସନ୍ଦ ରହିବା ସତ୍ତ୍ୱେ ନିକଟରେ ବାଂଲାଦେଶରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍‌ରେ ଜିମ୍ବାୱେ ଭାଗ ନେଇଥିଲା।

## ୩ ଓଭର ମେଡେନ ପକାଇବାରେ ଦୀପ୍ତି ପ୍ରଥମ ଭାରତୀୟ



**ନୂଆଦିଲ୍ଲୀ,୨୫।୯**

ଅଲରାଉଣ୍ଡର ଦୀପ୍ତି ଶର୍ମା ମଙ୍ଗଳବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୁରଟଠାରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୪ ଓଭର ବୋଲିଂ କରି ୮ ରନ୍ ବ୍ୟୟରେ ୪ ଉଇକେଟ ନେଇ ଭାରତୀୟ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ କୋଟାରେ ୩ ଓଭର ମେଡେନ ରହିଥିଲା। ପ୍ରଥମ ଥର ପାଇଁ କୌଣସି ଭାରତୀୟ ବୋଲର ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ୩ ମେଡେନ ଓଭର ପକାଇଛନ୍ତି। ତାଙ୍କର ପ୍ରଥମ ୩ ଓଭର ମେଡେନ ରହିବା ପରେ ୪ର୍ଥ ଓଭରରେ ୮ ରନ୍ ବ୍ୟୟ କରିଥିଲେ। ତେବେ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ବୋଲର ଏପର୍ଯ୍ୟନ୍ତ ୩ ଓଭର ମେଡେନ ପକାଇ ନାହାନ୍ତି। କିନ୍ତୁ ୩ ଓଭର ବୋଲିଂ କରି ୨ଟି ମେଡେନ ନେଇଥିବା ବୋଲରଙ୍କ ତାଲିକାରେ ଭାରତୀୟ ପେସର ଯଶପ୍ରୀତ ବୁମ୍‌ରାଙ୍କ ନାମ ରହିଛି।

### ଆଇବିଏସ୍ଏଫ୍ ସ୍ନୁକର ଆଡ୍‌ଭାନୀ–ମେହେରା ଚାମ୍ପିୟନ

**ମଣ୍ଡାଲେ (ମ୍ୟାନମାର), ୨୫।୯**

ଏଠାରେ ଚାଲିଥିବା ଆଇବିଏସ୍ଏଫ୍ ବିଶ୍ୱ ଟିମ୍ ସ୍ନୁକର ଚାମ୍ପିୟନଶିପ୍‌ରେ ପଙ୍କଜ ଆଡଭାନୀ ଓ ଆଦିତ୍ୟ ମେହେରାଙ୍କୁ ନେଇ ଗଠିତ ଭାରତୀୟ ଯୋଡି ଟାଇଟଲ ହାସଲ କରିଛି। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଏହି ଯୋଡି ୫-୨ରେ ଥାଇଲାଣ୍ଡର ୨ ନମ୍ବର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିସହିତ ଆଡଭାନୀ କ୍ୟାରିୟର ୨୩ତମ ବିଶ୍ୱ ଟାଇଟଲ ହାସଲ କରିଛନ୍ତି। ଅନ୍ୟପଟେ ଆଦିତ୍ୟ ତାଙ୍କର ପ୍ରଥମ ବିଶ୍ୱ ଟାଇଟଲ ଅର୍ଜନ କରିଛନ୍ତି। ଗତ ସପ୍ତାହରେ ଅଡ୍‌ଭାନୀ ଏଠାରେ ୱାର୍ଲ୍ଡ ବିଲିୟାର୍ଡ୍ସ ଟାଇଟଲ ଜିତିଥିଲେ। ଫାଇନାଲରେ ଭାରତୀୟ ୧ ନମ୍ବର ଦଳ ଥାଇଲାଣ୍ଡର ୨ ନମ୍ବର ଦଳକୁ ହରାଇଛି। ଭାରତୀୟ ଯୋଡି ୬୫-୩୧, ୯-୬୯, ୭୪-୮, ୨୧- ୬୪, ୫୫-୪୪, ୭୨-୨୩, ୮୩-୯ରେ ବିଜୟୀ ହୋଇ ବାଜି ମାରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଏହି ଯୋଡି ୪-୧ରେ ଥାଇଲାଣ୍ଡକୁ ହରାଇ ଫାଇନାଲକୁ ଉଠିଥିଲେ। ଆଡଭାନୀ ଓ ମେହେରା କ୍ୱାର୍ଟର ଫାଇନାଲରେ ହଂକଂକୁ ହରାଇ ସେମିକୁ ଉଠିଥିଲେ। ସେମିରେ ଏହି ଯୋଡି ଥାଇଲାଣ୍ଡର ଥାନାୱତ ଟିରାପେଙ୍ଗପାଇବୁନ ଓ କ୍ରିତସାନଟ ଲେର୍ଟସୋଟାୟାଥୋର୍ନଙ୍କୁ ହରାଇଥିଲେ। ଆଡଭାନୀ ଏବେ ଅକ୍ଟୋବର ପ୍ରଥମ ସପ୍ତାହରେ ଅଷ୍ଟ୍ରେଲିଆ ଗସ୍ତ କରି ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହି ବିଜୟରେ ଉଭୟ ଆଡଭାନୀ ଓ ମେହେରା ଖୁସି ଜାହିର କରିଛନ୍ତି।

## କୋହଲି, ଧାୱନ ଟପ୍–୧୦ ନିକଟତର

**ଦୁବାଇ,୨୫।୯(ପି.ଟି.)**


ଶିଖର ଧାୱନ ଓ ବିରାଟ କୋହଲି

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍ୟାଙ୍କିଙ୍ଗରେ ଭାରତୀୟ ତାରକା ଓପନର ରୋହିତ ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅଭିଜ୍ଞ ଓପନର ଶିଖର ଧାୱନ ଟପ୍-୧୦ର ନିକଟତର ହୋଇଛନ୍ତି। ଭାରତ- ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ୧-୧ରେ ଅମୀମାଂସିତ ରହିଥିଲା। ଦ୍ୱିତୀୟ ଟି୨୦ରେ କୋହଲି ଅପରାଜିତ ୭୨ ରନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଗୋଟିଏ ସ୍ଥାନ ଉପରକୁ ଉଠି କୋହଲି ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ଧାୱନ ୩ଟି ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ଧାୱନ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍‌ରେ ଯଥାକ୍ରମେ ୪୦ ଓ ୩୬ ରନ ସଂଗ୍ରହ କରିଥିଲେ। ରୋହିତ ଇଂଲଣ୍ଡର ଆଲେକ୍ସ ହେଲ୍ସଙ୍କ ସହିତ ମିଳିତ ଭାବେ ଅଷ୍ଟମ ସ୍ଥାନରେ ରହିଛନ୍ତି। ଉଭୟ ବ୍ୟାଟ୍ସମ୍ୟାନ ୬୬୪ ପଏଣ୍ଟ ହାସଲ କରିଛନ୍ତି।

ବୋଲିଂ ତାଲିକାରେ ୱାଶିଂଟନ ସୁନ୍ଦର ୮ଟି ସ୍ଥାନ ଉପରକୁ ଉଠି ୫୦ତମ ସ୍ଥାନରେ ରହିଛନ୍ତି। ତାଙ୍କ ପ୍ରଦର୍ଶନ ଉଚ୍ଚକୋଟିର ଥିଲା। ଭାରତ- ଦକ୍ଷିଣ ଆଫ୍ରିକା ସିରିଜ ସହିତ ବାଂଲାଦେଶ, ଆଫଗାନିସ୍ତାନ ଓ ଜିମ୍ବାୱେକୁ ନେଇ ଓ ଆୟର୍ଲାଣ୍ଡ, ସ୍କଟଲାଣ୍ଡ ଓ ନେଦରଲାଣ୍ଡକୁ ନେଇ ଖେଳାଯାଇଥିବା ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜକୁ ଦୃଷ୍ଟିରେ ରଖି ଏହି ର୍ୟାଙ୍କିଙ୍ଗ୍ ବୁଧବାର ପ୍ରକାଶିତ ହୋଇଛି। ଆଫଗାନିସ୍ତାନର ହଜରତୁଲ୍ଲା ଜଜାଇ ଓ ସ୍କଟଲାଣ୍ଡର ଜର୍ଜ ମୁନ୍‌ସେ ଉନ୍ନତି କରିଛନ୍ତି। ୭୨୭ ପଏଣ୍ଟ ପାଇ ଜଜାଇ ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିପରି ୬୦୦ ପଏଣ୍ଟ ପାଇ ମୁନ୍‌ସେ ୨୧ତମ ସ୍ଥାନରେ ରହିଛନ୍ତି।

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ କ୍ୱିଣ୍ଟନ ଡିକକ୍ ୪୯ରୁ ୩୦ତମ ସ୍ଥାନକୁ ଉଠିଛନ୍ତି। ସେ ଦୁଇଟି ମ୍ୟାଚ୍‌ରେ ୫୨ ଓ ୭୯ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ସ୍ପିନର ତାବ୍ରେଜ ସାମସି ବୋଲିଂ ତାଲିକାର ଶ୍ରେଷ୍ଠ-୨୦ରେ ସ୍ଥାନ ପାଇଛନ୍ତି। ସେହିପରି ଆଣ୍ଡିଲ ଫେଲୁକ୍ୱାୟୋ କ୍ୟାରିୟର ଶ୍ରେଷ୍ଠ ସପ୍ତମ ସ୍ଥାନରେ ରହିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଜିମ୍ବାୱେ ଅଧିନାୟକ ହାମିଲଟନ ମାସାକାଡଜା ୨୨ତମ ସ୍ଥାନରେ ଶ୍ରେଷ୍ଠ ଜିମ୍ବାୱେ କ୍ରିକେଟର ସାବ୍ୟସ୍ତ ହୋଇଛନ୍ତି। ଆଫଗାନିସ୍ତାନ ସ୍ପିନର ମୁଜିବ ଉର ରହମାନ ସିରିଜରେ ୭ ଉଇକେଟ ହାସଲ କରି ୧୦ମ ସ୍ଥାନକୁ ଉଠିଛନ୍ତି। ଦଳୀୟ ର୍ୟାଙ୍କିଙ୍ଗ୍‌ରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ଦ୍ୱିତୀୟ ଓ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଛି।

**ଆଇସିସି ଟି୨୦ ର୍ୟାଙ୍କିଙ୍ଗ୍**

## ସୁମରିୱାଲା ଆଇଏଏଏଫ୍ କାଉନସିଲ ମେମ୍ବର ନିର୍ବାଚିତ

**ଦୋହା,୨୫।୯(ପି.ଟି.)**

ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଅଧ୍ୟକ୍ଷ ଆଦିଲେ ସୁମରିୱାଲା କ୍ରମାଗତ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) କାଉନସିଲ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଆଗାମୀ ୪ ବର୍ଷ ପାଇଁ ଏହି ଦାୟିତ୍ୱ ତୁଲାଇବେ। ଏଠାରେ ଆୟୋଜିତ ଆଇଏଏଏଫ୍ ଗଭର୍ଣ୍ଣିଂ ବଡିର ୫୨ତମ କଂଗ୍ରେସ୍‌ରେ ମତଦାନ ମାଧ୍ୟମରେ ସେ ନିର୍ବାଚିତ ହୋଇଛନ୍ତି। ଆଇଏଏଏଫ୍ କାଉନସିଲ୍‌ରେ ୧୩ଜଣ ସଦସ୍ୟ ରହିଛନ୍ତି। ସୁମରିୱାଲା ୧୨୧ଟି ଭୋଟ ପାଇଥିଲେ। ପୂର୍ବତନ ଅଲିମ୍ପିୟାନ ସୁମରିୱାଲା ଉପ ସଭାପତି ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୪ଟି ଉପ ସଭାପତି ପଦ ରହିଥିବା ବେଳେ ସେ ଗୋଟିଏ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ବୁଧବାର ଶେଷ ମୁହୂର୍ତ୍ତରେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିଲେ। ସଭାପତି ଓ ୩ଜଣ ପେସାଦାର ଅଧିକାରୀଙ୍କ ସମେତ ୪ଜଣ ଉପ ସଭାପତି କ୍ଷମତାଶାଳୀ ଆଇଏଏଏଫ୍ କାର୍ଯ୍ୟକାରୀ ବୋର୍ଡରେ ସ୍ଥାନ ପାଇବେ।

ଶୁକ୍ରବାର ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହେବା ପୂର୍ବରୁ ଏହି କଂଗ୍ରେସର ବୈଠକ ବସିଥିଲା। ବ୍ରିଟେନର ସେବାଷ୍ଟିଆନ କୋ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆଇଏଏଏଫ୍‌ର ଅଧ୍ୟକ୍ଷ ହିସାବରେ ଦ୍ୱିତୀୟଥର ପାଇଁ ପୁନଃ ନିର୍ବାଚତ ହୋଇଛନ୍ତି। ସେହିପରି ଉପ ସଭାପତିଭାବେ ସର୍ଗେଇ ବୁବ୍‌କା, ଜିଓଫ୍ରି ଗର୍ଡନର, ନୱାଫ୍ ବିନ ମହମ୍ମଦ ଅଲ ସୌଦ ଓ ଜିମେନା ରେଷ୍ଟ୍ରେପୋ ନିର୍ବାଚିତ ହୋଇଛନ୍ତି।


ଆଦିଲେ ସୁମରିୱାଲା


ସେବାଷ୍ଟିଆନ କୋ

### ସେବାଷ୍ଟିଆନ ପୁଣି ଅଧ୍ୟକ୍ଷ

ବ୍ରିଟେନର ବରିଷ୍ଠ କ୍ରୀଡ଼ା ପ୍ରଶାସକ ସେବାଷ୍ଟିଆନ କୋ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବୁଧବାର ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ (ଆଇଏଏଏଫ୍)ର ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚତ ହୋଇଛନ୍ତି। ପୂର୍ବତନ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମିଡ୍ ଡିଷ୍ଟାନ୍ସ ରନର ୬୨ ବର୍ଷୀୟ କୋ ପୂର୍ବରୁ ୨୦୧୫ରେ ମଧ ବିଶ୍ୱ ଆଥଲେଟିକ୍ସର ଏହି ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥାର ମୁଖ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଆଉ ଦୁଇ ଦିନ ପରେ ଏଠାରେ ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ମତଦାନରେ ବିପୁଳ ବିଜୟ ହାସଲ କରି ସେ ପୁଣି ଥରେ ଏହି ହାଇପ୍ରୋଫାଇଲ ପଦକୁ ନିର୍ବାଚିତ ହୋଇଛନ୍ତି। ଏ ନେଇ ହୋଇଥିବା ମତଦାନରେ ସେ ୨୦୩ ଖଣ୍ଡ ଭୋଟ ପାଇଥିଲେ। ବୁଧବାର ଏଠାରେ ହୋଇଥିବା ଆଇଏଏଏଫ୍‌ର କଂଗ୍ରେସରେ ମତଦାନ ହୋଇଥିଲା। ନିଜର ପ୍ରଥମ କାର୍ଯ୍ୟକାଳରେ କୋ ଆଥଲେଟିକ୍ସର ଉନ୍ନତି ପାଇଁ ବହୁ କାର୍ଯ୍ୟ କରିଛନ୍ତି। ସେ ଏକ ସ୍ୱାଧୀନ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ ଗଠନ କରିଥିଲେ। ଏହା କ୍ରୀଡ଼ାରେ ଦୁର୍ନୀତି ତଥା ନିଶା ନିବାରଣ ପାଇଁ ଜାଗ୍ରତ ପ୍ରହରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲା।

## ପନ୍ତ ଜଣେ ମ୍ୟାଚ୍ ୱିନର

**ସୌରଭ ଗାଙ୍ଗୁଲି**

ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ଖେଳିଥିଲା। ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଛି। ଏହି ଦୁଇଟି ସିରିଜର ଫଳାଫଳ ଭାରତ ପାଇଁ ଆଦୌ ସନ୍ତୋଷଜନକ ନୁହଁ। ତେବେ କ୍ରୀଡ଼ାରେ ଏପରି ହୋଇଥାଏ। ଦକ୍ଷିଣ ଆଫ୍ରିକା ଯେପରି ପ୍ରତ୍ୟାବର୍ତ୍ତନ କରି ସିରିଜକୁ ୧-୧ରେ ଡ୍ର ରଖିଲା ତାହା ପ୍ରଶଂସନୀୟ।

ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଖେଳାଯିବ। ତେଣୁ ଏକାଧିକ ବ୍ୟକ୍ତି ଏ ନେଇ ଆଲୋଚନା ପର୍ଯ୍ୟାଲୋଚନା କରିବା ସ୍ୱାଭାବିକ୍। ତେବେ ଏ ସବୁ ମଧ୍ୟରେ ଦୀର୍ଘ ସମୟ ଧରି ବିରାଟ କୋହଲିଙ୍କୁ ଶାନ୍ତ ଓ ଧୀର ରହିବା ନିହାତି ଅପରିହାର୍ଯ୍ୟ। ଦିନିକିଆ ବିଶ୍ୱକପ୍ ପରେ ଏବେ ଭାରତୀୟ ମିଡଲ ଅର୍ଡର ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। କୋହଲି ଏ ନେଇ ବେଶି ଚିନ୍ତା କରୁଥିବେ ବୋଲି ଭାବିନାହିଁ। ଯୁବ ଖେଳାଳିଙ୍କୁ ନେଇ ଏବେ ଭାରତୀୟ ଦଳ ଗଠନ ହେବା ପ୍ରକ୍ରିୟାରେ ରହିଛି। ସବୁ ଯୁବ ଖେଳାଳି ନିଜ ଅଧିନାୟକଙ୍କଠାରୁ ସମର୍ଥନ ଚାହିଁବା ମଧ୍ୟ ସ୍ୱାଭାବିକ। ଏହି ତାଲିକାରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଶୀର୍ଷରେ ରହିଛନ୍ତି। ଆନ୍ତର୍ଜାତିକ କ୍ରିକେଟରେ ପନ୍ତଙ୍କ ପ୍ରବେଶ ବେଶ୍ ସୁନ୍ଦର ଥିଲା। ସବୁ ଫର୍ମାଟ ପାଇଁ ପନ୍ତ ଭାରତ ଲାଗି ଅପରିହାର୍ଯ୍ୟ ବୋଲି ଭାବୁଥିଲି। ଏବେ ତାଙ୍କ ଶଟ୍ ଚୟନ ନେଇ କେତେକ ପ୍ରଶ୍ନ ଉଠାଇଛନ୍ତି। ତେବେ ସମସ୍ତ ବୁଝିବା ଉଚିତ୍ ଯେ, ସେ ସମୟକ୍ରମେ ସେ ଶିକ୍ଷା କରିବ ଅପେକ୍ଷାକୃତ ଭଲ ଖେଳାଳି ଭାବେ ନିଜକୁ ଗଢିତୋଳିବେ। ପନ୍ତ ଜଣେ ମ୍ୟାଚ୍ ୱିନର ଓ ଭବିଷ୍ୟତରେ ଭାରତୀୟ କ୍ରିକେଟ ପାଇଁ ଦୀର୍ଘଦିନ ସେବା କରିପାରିବେ। ଏବେ ସମାଲୋଚନାର ଶିକାର ହେଉଛନ୍ତି। କୋହଲିଙ୍କ ତତ୍ତ୍ୱାବଧାନରେ ସେ ତ୍ରୁଟି ସୁଧାରିବେ। ତେବେ ଟି୨୦ ଫର୍ମାଟରେ ଜଣେ ବ୍ୟାଟ୍ସମ୍ୟାନଙ୍କ ଶଟ୍ ଚୟନ ଆଲୋଚନା କରାଯାଇପାରିବ ନାହିଁ। ଏହି ଫର୍ମାଟରେ ଜଣେ ବ୍ୟାଟ୍ସମ୍ୟାନଙ୍କୁ ରିସ୍କ ନେବାକୁ ହୋଇଥାଏ। ଫଳରେ ସ୍ୱାଭାବିକ ଖେଳ ପ୍ରଦର୍ଶନ କରିବା କଷ୍ଟକର ହୋଇଥାଏ। ଏତେଶୀଘ୍ର ପନ୍ତଙ୍କୁ ନେଇ କୌଣସି ଅନ୍ତିମ ନିଷ୍ପତ୍ତି ନେବା ଅନାବଶ୍ୟକ।

ମିଡଲ ଅର୍ଡରକୁ ବାଦ୍ ଦେଲେ ଭାରତୀୟ ଦଳ ଏକ ଭଲ ଦଳ ବୋଲି କୁହାଯାଇପାରେ। କୋହଲି ପୁଣି ଥରେ ରିଷ୍ଟ ସ୍ପିନରଙ୍କୁ ଟି୨୦ ଦଳରେ ସାମିଲ କରିବା ଉଚିତ। ୟୁଜବେନ୍ଦ୍ର ଚହଲଙ୍କୁ ବିଶ୍ରାମ ଦିଆଯାଇ ଅନ୍ୟ ବୋଲରଙ୍କୁ ସୁଯୋଗ ଦିଆଯାଇଛି। ନ ହେଲେ ଚହଲ ଟି୨୦ ଦଳରେ ରହିବା ନିହାତି ଆବଶ୍ୟକ। ଭାରତ ଦୁଇଜଣ ବାମହାତୀ ସ୍ପିନରଙ୍କୁ ଆବଶ୍ୟକ କରୁନାହିଁ। ଖୁବ୍‌ଶୀଘ୍ର ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଯାଉଛି। ଭଲ ପିଚ୍‌ରେ ଭାରତ ଆଶାନୁରୂପ ପ୍ରଦର୍ଶନ କରିବ। ର୍ୟାଙ୍କ ଅନୁସାରେ ନ ଖେଳି ଭାରତ ନିଜ ସାମର୍ଥ୍ୟ ଉପରେ ଭରସା କରିବ। ଭାରତ ଅବଶ୍ୟ ଏହି ସିରିଜରେ ସଫଳ ହେବ। କାରଣ ଭାରତ ଯେକୌଣସି ଉଇକେଟରେ ଭଲ ଖେଳିବାର କ୍ଷମତା ରଖିଛି।

(ଗେମ୍ ପ୍ଲାନ)





“ଦକ୍ଷିଣ ଆଫ୍ରିକା ମହିଳା ଦଳ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ପ୍ରାରମ୍ଭରୁ ଦଳର ନୈରାଶ୍ୟଜନକ ବ୍ୟାଟିଂ ପ୍ରଦର୍ଶନକୁ ନେଇ ବିଚଳିତ ହୋଇଯାଇଥିଲି।

–ହର୍‌ମନପ୍ରୀତ୍ କୌର, ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା



“୧୦ ବର୍ଷ ପରେ ପାକିସ୍ତାନରେ ଦ୍ୱିପାକ୍ଷିକ ସିରିଜ ହେବାକୁ ଥିବାରୁ କ୍ରୀଡ଼ାପ୍ରେମୀ ଐତିହାସିକ ମୁହୂର୍ତ୍ତରେ ଯୋଗଦେଇ ଖେଳାଳିଙ୍କୁ ସମର୍ଥନ କରନ୍ତୁ।

–ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ୍ ଦଳର ଅଧିନାୟକ

## ସଂକ୍ଷେପରେ

### ପିଟି ଉଷାଙ୍କୁ ଆଇଏଏଏଫ୍ ଭେଟେରାନ ପିନ୍ ସମ୍ମାନ

ନୂଆଦିଲ୍ଲୀ,୨୫।୯(ପିଟି): ପୂର୍ବତନ ଭାରତୀୟ ଆଥ୍‌ଲେଟ୍ ଓ ଅଲିମ୍ପିଆନ ପିଟି ଉଷାଙ୍କୁ ସମ୍ମାନଜନକ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ଭେଟେରାନ ପିନ ପୁରସ୍କାର ମିଳିଛି। ଦୋହାଠାରେ ଅନୁଷ୍ଠିତ ୫୨ତମ ଆଇଏଏଏଫ୍ କନଫରେନ୍ସ ଅବସରରେ ଉଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୋତେ ଭେଟେରାନ ପିନ ସମ୍ମାନ ମିଳିଥିବାରୁ ଆଇଏଏଏଫ୍ ଓ ସଭାପତି ସେବେଷ୍ଟିଆନ କୋଙ୍କୁ ଧନ୍ୟବାଦ ଜଣାଉଛି। ମୁଁ ଆଗକୁ ମଧ ଭାରତରେ ଆଥ୍‌ଲେଟିକ୍ସର ଉନ୍ନତି ଦିଗରେ କାର୍ଯ୍ୟ କରିବି ବୋଲି ଉଷା ବୁଧବାର ଟୁଇଟ୍ କରିଛନ୍ତି। ଟୁଇଟ ସହ ପୁରସ୍କାର ଗ୍ରହଣ କରୁଥିବାବେଳର ଫଟୋ ମଧ ଶେୟାର କରିଛନ୍ତି। ଉକ୍ତ ଫଟୋରେ ଉଷାଙ୍କୁ ଆଇଏଏଏଫ୍ ସଭାପତି ସେବେଷ୍ଟିଆନ ପୁରସ୍କାର ଦେଉଛନ୍ତି। ୧୯୮୪ ଲସ ଏଲେଞ୍ଜ ଅଲିମ୍ପିକ୍ସର ୪୦୦ ମିଟର ବାଧା ଦୌଡ଼ ଇଭେଣ୍ଟରେ ବ୍ରୋଞ୍ଜ ପଦକକୁ ଏକ ସେକେଣ୍ଡଠାରୁ ଆହୁରି କମ୍ ସମୟରେ ହାତଛଡ଼ା କରିଥିଲେ। ପାୟୋଲି ଏକ୍ସପ୍ରେସ ଭାବେ ଜଣାଶୁଣା ଉଷା। ୧୯୮୩ରେ ଅର୍ଜୁନ ସମ୍ମାନ ପାଇଥିଲେ। ଦୁଇ ବର୍ଷ ପରେ ୧୯୮୫ରେ ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ମଧ ମିଳିଥିଲା।

### ବୋର୍ଡ ଏଥିକ୍ସ ଅଫିସରଙ୍କ ନିକଟରେ ହାଜର ହେବେ ଦ୍ରାଭିଡ୍

ମୁମ୍ବାଇ,୨୫।୯(ପି.ଟି.)- ଭାରତୀୟ ପୂର୍ବତନ ଅଧିନାୟକ ରାହୁଲ ଦ୍ରାଭିଡ ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିକ୍ସ ଅଫିସର ଡି.କେ. ଜୈନଙ୍କ ନିକଟରେ ହାଜର ହେବେ। ତାଙ୍କ ବିରୋଧରେ ଆସିଥିବା ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ମାମଲା ନେଇ ଦ୍ରାଭିଡ ସଫେଇ ଦେବାକୁ ଉପସ୍ଥିତ ରହିବେ। ୪୬ ବର୍ଷୀୟ ଦ୍ରାଭିଡ ଏବେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହିତ ସେ ଇଣ୍ଡିଆ ସିମେଣ୍ଟ ଗ୍ରୁପ୍‌ର ଉପାଧକ୍ଷ ରୂପେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ସିମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସର ମାଲିକ ରହିଛି। ଫଳରେ ଦ୍ରାଭିଡଙ୍କ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏନ୍‌ସିଏ ନିର୍ଦ୍ଦେଶକ ହେବା ପୂର୍ବରୁ ଦ୍ରାଭିଡ୍ ଭାରତ ଏ ଓ ୧୯ ବର୍ଷରୁ କମ୍ ଦଳର କୋଚ୍ ରହିଥିଲେ। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ)ର ଆଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା ଦ୍ରାଭିଡଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱର ଅଭିଯୋଗ ଆଣିଥିଲେ। ଇଣ୍ଡିଆ ସିମେଣ୍ଟ ଓ ଏନ୍‌ସିଏରେ ଏକାବେଳେ କାର୍ଯ୍ୟ କରୁଥିବାରୁ ସେ ଏହି ଅଭିଯୋଗ ଆଣିଥିଲେ। ପୂର୍ବରୁ ଦ୍ରାଭିଡ ଏନେଇ ତାଙ୍କର ସଫେଇ ଦେଇଥିଲେ। ଇଣ୍ଡିଆ ସିମେଣ୍ଟରୁ ସେ ଛୁଟି ନେଇଛନ୍ତି। ଫଳରେ ଚେନ୍ନାଇ ସୁପର କିଙ୍ଗ୍ସ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ଦ୍ରାଭିଡ କହିଥିଲେ। ସେହିପରି ବିସିସିଆଇର ଅନ୍ୟତମ କର୍ମଚାରୀ ମୟଙ୍କ ପାରିଖଙ୍କ ବିରୋଧରେ ମଧ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି। ଦ୍ରାଭିଡଙ୍କ ପରେ ସେ ମଧ ଏଥିକ୍ସ ଅଫିସରଙ୍କ ନିକଟରେ ହାଜର ହେବେ। ବିସିସିଆଇ ସମ୍ବିଧାନ ଅନୁସାରେ କୌଣସି ବ୍ୟକ୍ତି ଏକା ସମୟରେ ଏକାଧିକ ପଦରେ କାର୍ଯ୍ୟ କରିପାରିବେ ନାହିଁ।



ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପର ମହିଳା ୧୦୦ ମିଟର ଦୌଡ଼ରେ ଭାଗ ନେବା ପାଇଁ ବୁଧବାର ଦୋହାରେ ପହଞ୍ଚିଥିବା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

### ଆର୍ମିରେ ଯୋଗଦେବେ ଚାଣ୍ଡିମଲ

କଲମ୍ବୋ,୨୫।୯: ଶ୍ରୀଲଙ୍କା କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଦୀନେଶ ଚାଣ୍ଡିମଲ ଆର୍ମିରେ ଯୋଗଦେଇପାରନ୍ତି। ତେବେ କମିଶନର ଅଫିସର ଭାବେ ସାମିଲ ହେବା ନେଇ ଆଶା କରାଯାଉଥିବା ଦେଶର ଆର୍ମି ପ୍ରବକ୍ତା ମେଜର ଜେନେରାଲ ସୁମିଥ ଆଟାପାଟୁ ବୁଧବାର କହିଛନ୍ତି। ଚାଣ୍ଡିମଲ କରିଥିବା ଆବେଦନକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଗ୍ରହଣ କରିନେଇଛି। ଶ୍ରୀଲଙ୍କା ଆର୍ମି କ୍ରିକେଟ ଦଳ ପାଇଁ ଚାଣ୍ଡିମଲ ଖେଳିପାରନ୍ତି। ଏଥିନେଇ ତାଙ୍କୁ ନିକଟ ଭବିଷ୍ୟତରେ ପ୍ରବେଶ ପରୀକ୍ଷାର ସମ୍ମୁଖୀନ ମଧ ହେବାକୁ ପଡ଼ିପାରେ।

■ ଜାତୀୟ ସିନିୟର ୫-ଏ-ସାଇଡ୍ ମହିଳା ହକି

# ଓଡ଼ିଶା-ହରିୟାଣା ସେମିଫାଇନାଲ

ଭୁବନେଶ୍ୱର, ୨୫।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତରପ୍ରଦେଶ କାନପୁରସ୍ଥିତ ଗ୍ରୀନ ପାର୍କ ଷ୍ଟାଡିୟମଠାରେ ଚାଲିଥିବା ୪ର୍ଥ ହକି ଇଣ୍ଡିଆ ୫-ଏ-ସାଇଡ୍ ମହିଳା ହକି ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୩-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଶୁକ୍ରବାର ଖେଳାଯିବାକୁ ଥିବା ୨ୟ ସେମିଫାଇନାଲରେ ହରିୟାଣାକୁ ଭେଟିବ ଓଡ଼ିଶା। ସେହିଭଳି ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।

ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚ୍ ଆରମ୍ଭରୁ ମହାରାଷ୍ଟ୍ର ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୫ମ ମିନିଟ୍‌ରେ ପ୍ରୀତି ଦୁବେ ଏକ ଫିଲ୍ଡ ଗୋଲ ଜରିଆରେ ମହାରାଷ୍ଟ୍ରକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଓଡ଼ିଶା ମହିଳା ଦଳର ଖେଳାଳିମାନେ ମ୍ୟାଚ୍‌କୁ ବରାବର୍ ସ୍ଥିତିକୁ ଆଣିବାକୁ ଜୋର୍‌ଦାର ପ୍ରୟାସ କରି ଶେଷରେ ସଫଳ ହୋଇଥିଲେ। ମ୍ୟାଚ୍‌ର ୧୪ତମ ମିନିଟ୍‌ରେ ପ୍ରେମିତା ବାରାଙ୍କ ଫିଲ୍ଡ ଗୋଲ ବଳରେ ଓଡ଼ିଶା ୧-୧’ର ସମାନସ୍ତରକୁ ଆଣିଥିଲା। ଏହାପରେ ଅନ୍ତିମ ସମୟ ପର୍ଯ୍ୟନ୍ତ ଉଭୟ ଦଳ ଆଉ ଗୋଲସ୍କୋର କରିବାରେ ବିଫଳ ହେବାରୁ ମ୍ୟାଚ୍ ୧-୧ରେ ଟାଇରେ ସମାପ୍ତ ହୋଇଥିଲା। ଫଳରେ ରେଫରି ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନେଇଥିଲେ। ପେନାଲ୍ଟି ଶୁଟ୍‌ଆଉଟ୍‌ର ୪ର୍ଥ ଶଟ୍ ପର୍ଯ୍ୟନ୍ତ ଉଭୟ ଓଡ଼ିଶା ଓ ମହାରାଷ୍ଟ୍ର ୨-୨ ସମାନ ସ୍ତରରେ ରହିଥିଲେ। କିନ୍ତୁ ମହାରାଷ୍ଟ୍ର ପକ୍ଷରୁ ଅନ୍ତିମ ଶଟ୍ ମାରିଥିବା ପ୍ରୀତି ଦୁବେ ଗୋଲ୍‌ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାପରେ ଓଡ଼ିଶାର ଅନ୍ତିମ ଶଟ୍ ମାରିବାକୁ ଜାହ୍ନବୀ ପ୍ରଧାନ ଆସିଥିଲେ। ସେ କୌଣସି ତ୍ରୁଟି ନ କରି ବଲ୍‌କୁ ନେଟ୍ସ ମଧକୁ ପଠାଇ ଓଡ଼ିଶା ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ଓଡ଼ିଶା ମ୍ୟାଚ୍‌କୁ ୩-୨ରେ ଜିତି ସେମିଫାଇନାଲ ଟିକେଟ୍ ହାସଲ କରିଥିଲା।

ସେହିଭଳି ଦିବସରେ ଖେଳାଯାଇଥିବା ଅନ୍ୟ ୩ଟି କ୍ୱାର୍ଟର ଫାଇନାଲରେ ହରିୟାଣା, ଉତ୍ତର ପ୍ରଦେଶ ଓ ଝାଡ଼ଖଣ୍ଡ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହରିୟାଣା ୮-୦ ଗୋଲରେ ତାମିଲନାଡୁକୁ, ଆୟୋଜକ ଉତ୍ତରପ୍ରଦେଶ ୪-୦ ଗୋଲରେ ପଞ୍ଜାବକୁ ଏବଂ ଝାଡ଼ଖଣ୍ଡ ୪-୧ ଗୋଲରେ କର୍ଣ୍ଣାଟକକୁ କ୍ୱାର୍ଟର ଫାଇନାଲରେ ହରାଇଛନ୍ତି। ଶୁକ୍ରବାର ସକାଳେ ସେମିଫାଇନାଲ ସହ ଅପରାହ୍ନରେ ଫାଇନାଲ ଓ ବ୍ରୋଞ୍ଜ ପଦକ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି।



ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ପେନାଲ୍ଟି ଶୁଟ୍‌ଆଉଟର ଏକ ରୋମାଞ୍ଚକ ମୁହୂର୍ତ୍ତ।

# ଭାରତକୁ ରୌପ୍ୟ ପଦକ



ରନର୍ସଅପ୍ ଭାରତୀୟ ହ୍ୟାଣ୍ଡବଲ ଦଳର ଖେଳାଳିମାନେ।

ଇଣ୍ଡିପେଣ୍ଡେନ୍ସ କପ୍ ହ୍ୟାଣ୍ଡବଲ୍

■ ଓଡ଼ିଶାର ରଞ୍ଜିତ, ଆକାଶ, ଆର୍ଯ୍ୟାନ

ଭୁବନେଶ୍ୱର, ୨୫।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଉଜବେକିସ୍ତାନର ରାଜଧାନୀ ତାସ୍‌କେଣ୍ଟଠାରେ ଚଳିତ ମାସ ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୨୮ତମ ଇଣ୍ଡିପେଣ୍ଡେନ୍ସ କପ୍ ହ୍ୟାଣ୍ଡବଲ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ଭାରତ ଆୟୋଜକ ଉଜ୍‌ବେକିସ୍ତାନକୁ ଭେଟିଥିଲା। ଏଥିରେ ଉଜବେକିସ୍ତାନ ୩୦-୨୦ ଗୋଲ ବଳରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ମ୍ୟାଚ୍ ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଉଜବେକିସ୍ତାନକୁ ହରାଇ ପରବର୍ତ୍ତୀ ମ୍ୟାଚ୍‌ରେ କାଜାଖସ୍ତାନ ନିକଟରୁ ପରାସ୍ତ ହୋଇଥିଲେ ମଧ ଫାଇନାଲରେ ପ୍ରବେଶ କରିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ଆକାଶ ପଟ୍ଟନାୟକ, ଆର୍ଯ୍ୟାନ ବ୍ରାହ୍ମିନ ଓ ରଞ୍ଜିତ ମହାନ୍ତି ସ୍ଥାନ ପାଇଥିଲେ। ଓଡ଼ିଶାର ପ୍ରଥମ ସିନିୟର ଖେଳାଳିଭାବେ ଆକାଶ, ଆର୍ଯ୍ୟାନ ଓ ରଞ୍ଜିତ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରି ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଆ ଖେଳାଳିଙ୍କ ଏହି ସଫଳତା ଲାଗି ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସଭାପତି ସୟଦ ମକ୍‌ବୁଲ ଅଲ୍ଲୀ ଓ ସମ୍ପାଦକ ବିରେନ ବେହେରା ଏହି ୩ ଖେଳାଳିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ତାମିଲନାଡୁର ଲଗାତର ୨ୟ ବିଜୟ

ଜୟପୁର, ୨୫।୯ (ପି.ଟି.)

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିରେ ତାମିଲନାଡୁ ଲଗାତର ୨ୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ସି’ର ଏକ ମୁକାବିଲାରେ ତାମିଲନାଡୁ ୨୧୨ ରନର ବୃହତ୍ ବ୍ୟବଧାନରେ ସର୍ଭିସେସକୁ ପରାସ୍ତ କରିଛି। ପୂର୍ବରୁ ମଙ୍ଗଳବାର ତାମିଲନାଡୁ ଏହାର ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନକୁ ହରାଇଥିଲା। ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ତାମିଲନାଡୁ ଏଥିସହ ଦୁଇ ମ୍ୟାଚ ଜିତି ୮ ପଏଣ୍ଟ ସହ ଗ୍ରୁପ୍-ସି’ର ଶୀର୍ଷ ସ୍ଥାନରେ ରହିଛି।

ସ୍ଥାନୀୟ ସବାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ତାମିଲନାଡୁ ଅଧିନାୟକ କାର୍ତ୍ତିକଙ୍କ ୯୫ ରନ (୯୧ ବଲ, ୮ ଚୌକା, ୧ ଛକା)ର ଚିତ୍ତାକର୍ଷକ ଇନିଂସ ବଳରେ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୯୪ ରନ କରିଥିଲା। ପ୍ରତିଯୋଗିତାରେ କାର୍ତ୍ତିକଙ୍କ ଏହା ୨ୟ ଅର୍ଦ୍ଧଶତକ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ମଧ ଏହି ଭେଟେରାନ ଉଇକେଟ୍‌କିପର ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରି ନିଶାନ୍ତ ୭୩, ଏମ୍. ମହମ୍ମଦ ୧୫ ବଲରୁ ୩୬* ଓ ଶାହରୁଖ ଖାଁ ୨୩ ରନ କରିଥିଲେ। ସର୍ଭିସେସ ପକ୍ଷରୁ ବରୁଣ ଚୌଧୁରୀ ଓ ଅଧିନାୟକ ରାଜପୁତ ପାଲିୱାଲ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ତାମିଲନାଡୁ ବୋଲିଂକୁ ସାମ୍ନା କରି ନ ପାରି ସର୍ଭିସେସ୍ ୧୯.୧ ଓଭରରେ ୮୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ କ୍ରୀଷ୍ଣାମୂର୍ତ୍ତି ବିଘ୍ନେଶ ୫ ଓ ମହମ୍ମଦ ୩ଟି ଉଇକେଟ୍ ନେଇଥିଲେ। ଗ୍ରୁପ୍-ସି’ର ଅନ୍ୟ ଏକ ମ୍ୟାଚ୍‌ରେ ରେଲ୍‌ୱେ ୮୪ ରନ (ଭିଜେଡି ପଦ୍ଧତି)ରେ ବିହାରକୁ ଓ ତ୍ରିପୁରା ୧୦୪ ରନ (ଭିଜେଡି ପଦ୍ଧତି)ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି।

ବିଜୟ ହଜାରେ ଟ୍ରଫି



ଦୀନେଶ କାର୍ତ୍ତିକ

### ଆଜି ହରିୟାଣାକୁ ଭେଟିବ ଓଡ଼ିଶା

କଟକ ଅଫିସ,୨୫।୯– ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଏହାର ୨ୟ ମୁକାବିଲାରେ ଗୁରୁବାର ହରିୟାଣାକୁ ଭେଟିବ। ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହି ମ୍ୟାଚ୍‌ରେ ଜିତି ପଏଣ୍ଟ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛି। ଭଦୋଦରାର ଦର୍ଶନମ ସ୍ପୋର୍ଟ୍ସ ଆଣ୍ଡ ଏକାଡେମୀ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ବର୍ଷା ଯୋଗୁଁ ବରୋଦା ବିପକ୍ଷ ପ୍ରଥମ ମ୍ୟାଚ୍ ବାତିଲ ହୋଇଯିବାରୁ ଓଡ଼ିଶା ପଏଣ୍ଟ ଭାଗ କରିଥିଲା। ଭଦୋଦରାର ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଏହି ମ୍ୟାଚ୍ ବରୋଦା ବିପକ୍ଷରେ ଓଡ଼ିଶା ଖେଳିଥାନ୍ତା। ପ୍ରବଳ ବର୍ଷା ହେବା ଫଳରେ ଓଦା ପଡ଼ିଆରେ ଖେଳିବା ସମ୍ଭବ ନ ଥିଲା। ମ୍ୟାଚ୍ ବାତିଲ ହୋଇ ଯାଇଥିବା ଯୋଗୁଁ ବରୋଦା ଓ ଓଡ଼ିଶା ୨ ପଏଣ୍ଟ ଲେଖାଏ ବାଣ୍ଟି ନେଇଛନ୍ତି।

# ଶ୍ରୀଲଙ୍କାକୁ ହରାଇ ସେମିରେ ଭାରତ



ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

୧୮ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

କାଠମାଣ୍ଡୁ,୨୫।୯(ପି.ଟି)

ଏଠାରେ ଚାଲିଥିବା ୧୮ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଭାରତ ୩-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରି ସେମିକୁ ଉଠିଛି। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ତରଫରୁ ଗୁର୍‌କୀରତ ସିଂ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଅମନ ଛେତ୍ରୀ ଗୋଟିଏ ଗୋଲ ଦେଇଥିଲେ।

ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ତେବେ ପ୍ରଥମାର୍ଦ୍ଧରେ ଭାରତ ଗୋଲ ଦେଇପାରି ନ ଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତ ଆହୁରି ପ୍ରଭାବ ବିସ୍ତାର କରି ଖେଳାବାକୁ ପ୍ରୟାସ କରିଥିଲା। ତେବେ ଭାରତ କୋଡ଼ୋଟି ସୁଯୋଗ ହାତଛଡ଼ା କରିଥିଲା। ମ୍ୟାଚ୍‌ର ୬୫ତମ ମିନିଟ୍‌ରେ ଗୁରୁକିରାତ୍ ଏକ ସୁନ୍ଦର ଗୋଲ ଦେଇ ଭାରତ ପାଇଁ ଖାତା ଖୋଲିଥିଲେ। ଏହାପରେ ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ଗୁର୍‌କୀରତ ଓ ଅମନ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ୩-୦ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଭାରତ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲା। ଉଲ୍ଲେଖଥାଉ କି, ପ୍ରଥମ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ଭେଟିଥିଲା ଓ ଏହା ଗୋଲ୍ ଶୂନ୍ୟଭାବେ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା।

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା ଜେନା
ତିରୋଧାନ: ୦୯।୧୦।୨୦୧୫
‘‘ମା’’
‘‘ବୋଉ’’
ଆକାଶଠୁ ବଡ଼, ପୃଥିବୀଠୁ ସହନଶୀଳ
ନଦୀଠାରୁ ତରଳ
ହେଲେ କ’ଣ ହେଲା
ସବୁ ଶେଷ
ନିଃଶ୍ୱାସର ବିଶ୍ୱାସ ନାହିଁ
କାନ୍ଦିଲେ କିଛି ଲାଭ ନାହିଁ
ଆଗକୁ ଦେଖ....
ଶୋକସନ୍ତପ୍ତ:
ରାହୁଲ୍ ଓ ଲୟ୍ୟସ୍ୱନୀ, ବନ୍ଧୁ ଓ ପରିବାର ବର୍ଗ
ଧ-୧୪୪୪୬

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡା.ଦୁର୍ବାଦଳ ମିଶ୍ର
ଆବିର୍ଭାବ- ୧୦.୮.୧୯୬୩
ତିରୋଧାନ- ୨୧.୯.୨୦୧୪
ତୁମରି ବିହୁନେ ସ୍ମୃତି ରୋମନ୍ଥନେ
ବିତିଗଲା ପାଞ୍ଚବର୍ଷ ।
ଅତିତର ପୃଷ୍ଠା ଓଲଟାଇ ଦେଲେ
ଶୁଭେ ଖାଲି ଦୀର୍ଘଶ୍ୱାସ ।।
ଯହିଁ ଥାଅ ତୁମେ ସୁଖେ ରହିଥାଅ
ପଞ୍ଚଭୂତେ ହୋଇ ଲିନ ।
ତୁମରି ଆତ୍ମାର ସଦ୍‌ଗତି ହେଉ
ବିଭୁପାଦେ ନିବେଦନ ।।
ତୁମର ଶୋକ ସନ୍ତପ୍ତା ସ୍ତ୍ରୀ ଓ ପରିବାର ବର୍ଗ ।
ଧ-୧୪୫୧୫

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା ଜେନା
ନହରକଣ୍ଟା, ଭୁବନେଶ୍ୱର
ତିରୋଧାନ: ୦୯।୧୦।୨୦୧୫
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ କେଉଁ ଅଜଣା ରାଇଜକୁ। ତୁମେ ଯେଉଁଠି ଥାଅନା କାହିଁକି ତୁମ ହୃଦୟର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦରୁ ଆମକୁ ବଞ୍ଚିତ କରିବ ନାହିଁ, ତୁମ ପବିତ୍ର ଆତ୍ମାର ସଦ୍‌ଗତି ହେଉ, ଆଜିର ପୂର୍ଣ୍ଣ ତିଥିରେ ଆମ୍ଭମାନଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ରାହୁଲ୍, ଲୟ୍ୟସ୍ୱନୀ।
ଧ-୧୪୪୪୫

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୨୬/୨୦୧୯ Sambalpur, Thursday, September 26 / 2019

■ଭିନ୍ନକ୍ଷମ ପୁଓର ଉପ୍‌ରେ ପରିବାରର ବୋଝ୍

# ସମାଜ ଲାଗି ଉଦାହରନ୍ ସାଜିଛନ୍ ଭଜନଲାଲ

ଶୁଭ୍ରାଂଶୁ ନାଏକ
ସିନାପାଲି, ୨୫।୯ (ଡି.ଏନ୍.ଏ.)

ଆଏଜ୍ ବି ଆମର ସମାଜରେ ଅନେକ କୁସଁସ୍କାର ରହିଛେ। ଏନ୍ତା କି ଅନେକ ପରିବାରରେ ଝିଁପୁଓକେ ଲୋକ୍ ଭିନେ ଭିନେ ଦୁରୁଷ୍ଟିରେ ଦେଖୁଛନ୍। ଏନ୍ତାଥି ଯଦି ଝିଁପୁଓ ଭିନ୍ନକ୍ଷମ ହେଲେ ପରିବାର ଲୁକ୍‌କର ଲାଗି ସେମାନେ ବୋଝ୍ ପାଲଟିଯାଉଛନ୍। ହେଲେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଧୀନ ଗଣ୍ଡାବାହାଲି ଗାଁରେ ଏନ୍ତା ଝନେ ଭିନ୍ନକ୍ଷମ ଯୁବକ ଅଛନ୍ ଯେ, ଅଟୋ ଚଲେଇ ନିଜର ବୁଢୁଧ୍ ମା'ବାପ୍‌କେ ଥିରପାଏନ୍ ଦେବାର ସଂଗେ ସମାଜ ଲାଗି ଉଦାହରନ୍ ସାଜିଛନ୍।

ସୂଚନା ଅନ୍‌ସାରେ ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁର ମରା ମେହେର(୭୦) ଆର ମିଥିଲା ମେହେର(୬୨)କଁର ଦୁଇ ପୁଓ ଭଜନଲାଲ(୨୫) ଆର ତପେଶ୍ୱର(୧୫)। ପରିବାରଟା ନିହାତି ଗରିବ୍ ଜମିବାଡ଼ି ବଲି କିଛି ନାଇଁ। କୁଟୁମବସିଆ ଗୁଟେ ଭଂଗା ଦଦ୍‌ରା କୁରିଆରେ ମୁଡ଼ ଗୁଁଜିଛନ୍। ଆଗ୍‌ରୁ ବାପ୍ ମରା ମେହେର ପରହର କାମ୍‌ବୁତା କରି କୁଟୁମ ପୁଷୁଥିଲେ। ହେଲେ ସେ ଅପାରୁ ହେଲାରୁ ଏହେଦେ ପରିବାରର ବୋଝ୍ ବଡ଼ପୁଓ ଭଜନଲାଲ ଉପରେ ରହିଛେ।


ନିଜର ଅଟୋ ସଂଗେ ଦିବ୍ୟାଙ୍ଗ ଭଜନଲାଲ।

ଇଆଡ଼େ ଭଜନଲାଲ ଝନେ ଦିବ୍ୟାଙ୍ଗ ଆନ୍। ଛୁଆବେଲେ ପୋଲିଓ ରୋଗ୍ ପରଭାବରେ ତାକର ଭୁଜ୍‌ନି ଗୋଡ଼ ଅକାମି ହେଇଯାଇଛେ। ସେ ଝନେ ଭିନ୍ନକ୍ଷମ ହେଲେ ବି କେଭେ କାହାରି ଉପରେ ବୋଝ୍ ନାଇଁ ପାଲଟି କି ପେଟର ଲାଗି ହାତ୍ ନାଇଁ ପତେଇ। ନିଜର ମନ୍‌ବଲ ମଜବୁତ୍ କରି ଗୁଟେ ଜୁନ୍‌ହାଁ ଅଟୋ ଘିନିଛନ୍। ଏହେଦେ ସେ ଅଟୋ ଚଲେଇ ଯାହା କମଉଛନ୍ ସେଥିରେ ତାକର ପରିବାର ଚଲୁଛେ। ହେଲେ ଦୁଖର କଥା ସେ ଭିନ୍ନକ୍ଷମ ଭତା ବାବ୍‌ଦେ ୭ଶହ ଜାଗାରେ ୫ଶହ ଟଁକା ପାଉଛନ୍। ସେନ୍ତା ଭିନ୍ନକ୍ଷମମାନକୁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେ.ଜି. ଚାଉଲ ଦେବାର କଥା, ହେଲେ ସେ ପାଉଛନ୍ ୫ କେ.ଜି. ଚାଉଲ। ସରକାର ଭିନ୍ନକ୍ଷମମାନକୁ ଭିନେ ଭିନେ ଆବାସ ଯୋଜନାରେ ପକାଘର ଯୁଗେଇ ଦେବାର ବେବସ୍ତା କରିଛନ୍। ହେଲେ ଭଜନଲାଲ ଆଏଜ୍ ବି ପକାଘର ଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଇଥିରଲାଗି ସେ ଥାନୀୟ ପରଶାସନକେ ଦାଇ କରିଛନ୍। ସେ ସମସିଆ ବାବ୍‌ଦେ ଥାନୀୟ ସରପଁଚ୍ ଆର ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀକୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ଗଣ୍ଡାବାହାଲି ପଁଚେତ୍‌ର ସରପଁଚ୍ ସରସ୍ୱତୀ ମେହେରକୁଁ ପଚରାଲାରୁ ମୁଇଁ ସମସିଆ ବାବ୍‌ଦେ ବୁଝି ତାର ବେବସ୍ତା କରମି ବଲି କହିଥିଲେ। ହେଲେ ଜିଲା ପରଶାସନ ଦିବ୍ୟାଙ୍ଗ ଭଜନଲାଲ ଉପରେ ଦୁରୁଷ୍ଟି ଦେଇ ସବୁ ପରକାର ସରକାରୀ ସୁବିଧା ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।

ପାଓମେକ୍ସ ଡିଜିଏମ୍ ପୋଡି ହତ୍ୟା ମାମଲା

# ଫେରାର ଅଭିଯୁକ୍ତଙ୍କ ସମ୍ପତି ବ୍ୟାଜାପ୍ତ ନୋଟିସ

ଟିଟିଲାଗଡ଼, ୨୫।୯ (ଡି.ଏନ୍.ଏ.)

ବହୁ ଚର୍ଚ୍ଚିତ ଟିଟିଲାଗଡ଼ ସ୍ଥିତ ତୁର୍ଲା ପାଓମେକ୍ସ ଷ୍ଟିଲ କମ୍ପାନୀ ଡିଜିଏମ୍ ରାଧେଶ୍ୟାମ ରାୟ ପୋଡି ହତ୍ୟା ମାମଲାରେ ବୁଧବାର ପୋଲିସ ପକ୍ଷରୁ ଫେରାର ୫ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ ନେଇ ନୋଟିସ ଜାରି କରିଛି।


ପୋଲିସ ଅଧିକାରୀ ଫେରାର ଅଭିଯୁକ୍ତଙ୍କ ଘର ସମ୍ମୁଖରେ ନୋଟିସ ଜାରି କରୁଛନ୍ତି।

ଅଭିଯୋଗ ମୁତାବକ, ୨୦୧୧ ମାର୍ଚ୍ଚ ୩ ତାରିଖରେ ଟିଟିଲାଗଡ଼ ତୁର୍ଲାସ୍ଥିତ ପାଓମେକ୍ସ ଷ୍ଟିଲ କମ୍ପାନୀ ଲିମିଟେଡ କାରଖାନାର ଡିଜିଏମ୍ ରାୟଙ୍କୁ ପୋଡି ହତ୍ୟା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଡିଜିଏମ ରାୟ ଉକ୍ତ ଦିନ ଅପରାହ୍ନରେ ଏକ ବୋଲେରୋ ଗାଡିରେ କାରଖାନା ଅଭିମୁଖେ ବାହାରିଥିଲେ। ସେତିକିବେଳେ କାରଖାନା ଗେଟ ସମ୍ମୁଖରେ ଆନ୍ଦୋଳନକାରୀମାନେ ଜମାହୋଇ ହୋହଲ୍ଲା କରୁଥିଲେ। ଏଥିରେ ଭୟଭୀତ ହୋଇ ଗାଡି ଡ୍ରାଇଭର ଚାଲିଯାଇଥିଲେ। ହେଲେ ଗାଡିରେ ଡିଜିଏମ୍ ରାୟ ଏକୁଟିଆ ରହିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଗାଡିରେ ନିଆଁ ଲଗାଇ ଦେଇଥିଲେ। ଫଳରେ ନିଆଁରେ ପୋଡି ଡିଜିଏମ୍ ରାୟଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ପୋଲିସ ଏକ ହତ୍ୟା ମାମଲା ରୁଜୁକରି ୧୮ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ୧୭ ଜଣ ସେସନଜଜ୍ ସମ୍ବଲପୁରଙ୍କ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ହେଲେ ଅଭିଯୁକ୍ତ ସିହିନି ଗ୍ରାମର କୁମୁର ବାଗଙ୍କୁ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଶୁଣାଇ ଥିଲେ। ଏହି ମାମଲାରେ ୩୦ଜଣ ଅଭିଯୁକ୍ତ ଘଟଣା ପରଠାରୁ ଫେରାର ଅଛନ୍ତି। ଏନେଇ କୋର୍ଟ ସେମାନଙ୍କ ନାମରେ ପୂର୍ବରୁ ଜାମିନ ବିହିନ ଗିରଫ ପରୱାନା ଜାରି କରିଥିଲା। ଟିଟିଲାଗଡ଼ ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ, ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି, ଏସ୍‌ଆଇ ମନୋଜ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ ୩୦ଦିନ ମଧ୍ୟରେ ଆତ୍ମସମର୍ପଣ ନ କଲେ ସମ୍ପତ୍ତି ବ୍ୟାଜାପ୍ତ ନେଇ ଫେରାର ୫ ଅଭିଯୁକ୍ତଙ୍କ ଘର ଆଗରେ ବୁଧବାର ନୋଟିସ ଲଗାଇଛି। ପୋଲିସ ପକ୍ଷରୁ ଅଭିଯୁକ୍ତ ତୁର୍ଲା ଗ୍ରାମର ଭକଚନ ମାଝି, ତପନ ଜାଲ, ରାଜୁ ଜାଲ, ହରିଲାଲ ନାଗ, ଜଗୁଆ ଗ୍ରାମର ଘନଶ୍ୟାମ ମହାନନ୍ଦଙ୍କ ଘର ଆଗରେ ନୋଟିସ ଜାରି କରିଛି। ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ହରିଲାଲ ନାଗଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁସନ୍ଧାନରେ ଜାଣିବାକୁ ପାଇଛି। ଘଟଣାରେ ସମ୍ପୃକ୍ତ ଫେରାର ଥିବା ଅନ୍ୟ ୨୫ଜଣଙ୍କ ବିରୋଧରେ ଖୁବ ଶୀଘ୍ର ନୋଟିସ ଜାରି କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଦୁଇ ଦୁର୍ଦ୍ଦାନ୍ତ ହାଇୱେ ଲୁଟେରା ଗିରଫ

ବଲାଙ୍ଗୀର ଅଫିସ, ୨୫।୯

ବଲାଙ୍ଗୀର ଜିଲା ପୁଇଁତଲା ଥାନା ପୋଲିସ ଦୁଇ ଦୁର୍ଦ୍ଦାନ୍ତ ହାଇୱେ ଲୁଟେରାଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଲୁଟେରା ହେଲେ ଲୋଇସିଂହା ଥାନା ସାଲେଭଟା ଗାଁର ନରେନ୍ଦ୍ର ସୁନା ଓରଫ୍ ନରେନ୍ (୩୦) ଓ ନଅଗାଁର ନବୀନ ଭିତିରିଆ (୨୩)। ଏହି ଅଭିଯୁକ୍ତଙ୍କଠାରୁ ପୋଲିସ ଏକ ଟିଭିଏସ୍ ଆପାଚି ବାଇକ୍ (ଓଡି୩୧ଇ-୮୨୪୮), ୨ଟି ମୋବାଇଲ ଫୋନ୍, ୩ ହଜାର ୪ ଶହ ଟଙ୍କା, କିଛି ରୁପା ଅଳଙ୍କାର ଜବତ କରିଛି। ପୁଇଁତଲା ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଗତ ୨୩ ତାରିଖ ଅପରାହ୍ନ ୨ଟାରେ ୫୭ ନମ୍ବର ଜାତୀୟ ରାଜପଥରେ ସୋନପୁରରୁ ବଲାଙ୍ଗୀର ଫେରୁଥିବା ଏକ ଟ୍ରକ୍ (ଓଡି୦୨ବିଏଫ୍-୦୩୫୬)କୁ ମଲମଣ୍ଡା ନିକଟରେ ଦୁଇଜଣ ବାଇକ୍ ଆରୋହୀ ଅଟକାଇଥିଲେ। ସେମାନେ ଟ୍ରକ୍ ଡ୍ରାଇଭର ବେଣୁଧର ବେହେରାଙ୍କଠାରୁ ୩୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଟ୍ରକ୍ ଡ୍ରାଇଭର ବେହେରା ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଥାନାରେ ଏକ ମାମଲା (ନଂ.୧୭୦/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ଆରମ୍ଭ ପରେ ଟିଭିଏସ୍ ଆପାଚି ବାଇକ୍‌କୁ ଚିହ୍ନଟ କରି ସାଲେଭଟାର ନରେନ୍ଦ୍ର ସୁନାଙ୍କୁ ଗିରଫ୍ କରିଥିଲା। ତାଙ୍କୁ ଜେରା କରାଯିବା ପରେ ସହଯୋଗୀ ଲୁଟେରା ନବୀନ ଭିତିରିଆଙ୍କୁ ଗିରଫ କରାଯାଇଥିଲା। ଉଭୟେ ଟ୍ରକ୍ ଡ୍ରାଇଭର ବେହେରାଙ୍କଠାରୁ ୩୦ହଜାର ଟଙ୍କା ଲୁଟିଥିବା ସ୍ୱୀକାର କରିଥିଲେ। ଜେରା ବେଳେ ପୂର୍ବରୁ ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଖମାରମୁଣ୍ଡାଠାରେ ଅନ୍ୟ ଏକ ଟ୍ରକ୍‌ରୁ ୪୪ହଜାର ଟଙ୍କା ଲୁଟିଥିବା ସ୍ୱୀକାର କରିଥିଲେ। ଏହା ସହିତ ଏକାଧିକ ଗାଡି ଅଟକାଇ ସେମାନେ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ସ୍ୱୀକାର କରିଥିବା ଖବରଦାତା ସମ୍ମିଳନୀରେ ପୁଇଁତଲା ଥାନା ଅଧିକାରୀ ବି.ରୁଦ୍ରିୟା ସୂଚନା ଦେଇଛନ୍ତି। ଏହି ଦୁଇ ହାଇୱେ ଲୁଟେରାଙ୍କୁ କୋର୍ଟଚାଲାଣ କରାଯାଇଛି।


ଗିରଫ ଦୁଇ ହାଇୱେ ଲୁଟେରା।


ଜବତ ଟିଭିଏସ୍ ଆପାଚି ବାଇକ୍।


ଜବତ ମୋବାଇଲ, ଟଙ୍କା ଓ ଅଳଙ୍କାର।

■ବାଇକ୍, ମୋବାଇଲ, ରୁପା ଅଳଙ୍କାର ଜବତ
■ଏକାଧିକ ଲୁଟ୍ ଘଟଣାରେ ସାମିଲ ଅଛନ୍ତି

ଭିଣୋଇ ନିର୍ଦ୍ଦୋଷରେ ଖଲାସ

# ଭଉଣୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଆନନ୍ଦପୁର, ୨୫।୯ (ସ୍ୱ.ପ୍ର.)

ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ କରି ମୃତକଙ୍କ ସାନ ଭଉଣୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ଭିଣୋଇଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଯୁବତୀ ହେଲେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ମଛାଲୋ ଗ୍ରାମର ଉଲ୍ଲାସ ଦାସଙ୍କ ସାନଝିଅ ଝୁନୁରାଣୀ ଦାସ। ତାଙ୍କ ଭିଣୋଇ ତଥା ଆନନ୍ଦପୁର ଥାନା ଅକରୁଆ ଗ୍ରାମର ରତ୍ନାକର ଜେନାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଉଲ୍ଲାସ ଦାସଙ୍କ ବଡ ଝିଅ ନନ୍ଦିନୀ ଜେନା ଆନନ୍ଦପୁର ଥାନା ଅକରୁଆ ଗ୍ରାମର ରତ୍ନାକରଙ୍କୁ ୨୦୧୭ ମସିହାରେ ବିବାହ କରିଥିଲେ। ଏହି ଦମ୍ପତିଙ୍କ ତେଲଲୁଣର ସଂସାର ଠିକ୍ ଚାଲିଥିଲା। ରତ୍ନାକରଙ୍କ ସାନ ଶାଳୀ ଝୁନୁରାଣୀ ଭିଣୋଇଙ୍କ ଘରେ ରହୁଥିଲେ। ତା୨୭।୮।୨୦୧୭ରିଖରେ ନନ୍ଦିନୀଙ୍କ ପେଟ କାମୁଡିଥିଲା। ସାନ ଭଉଣୀ ଝୁନୁରାଣୀ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ଚିକିତ୍ସା ସତ୍ତ୍ୱେ ନନ୍ଦିନୀଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦପୁର ଥାନା ପକ୍ଷରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଯିବା ସହିତ ତା୨୮।୮।୨୦୧୭ରିଖରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ପରେ ଡାକ୍ତରଖାନା ପକ୍ଷରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆନନ୍ଦପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। ଏହି ବ୍ୟବଚ୍ଛେଦ ରିପୋର୍ଟରେ ନନ୍ଦିନୀଙ୍କ ମୃତ୍ୟୁ ତଣ୍ଟି ଚିପା ଯାଇଥିବା କାରଣରୁ ହୋଇଥିବା ଦର୍ଶାଯାଇଥିଲା। ଫଳରେ ଆନନ୍ଦପୁର ଥାନା ପକ୍ଷରୁ ଏସ୍‌ଆଇ ଶିବ ପ୍ରସାଦ ଆଇଚ ଘଟଣାର ତଦନ୍ତ କରିଥିଲେ। ପୋଲିସ ନିଜ ଆଡୁ ଦଫା ୩୦୨,୨୦୧ ଓ ୩୪ ଆଇପିସିରେ ଏକ ମାମଲା (ନଂ.୧୫୩/୨୦୧୮) ରୁଜୁ କରି ରତ୍ନାକର ଏବଂ ଝୁନୁରାଣୀଙ୍କୁ ଗିରଫ କରିଥିଲା। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ରତ୍ନାକର ଘଟଣା ଦିନ ଘରେ ଉପସ୍ଥିତ ନ ଥିବା ସାକ୍ଷୀଙ୍କ ବୟାନ ଓ ପ୍ରମାଣରୁ ଜଣାପଡିବା ପରେ ତାଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଝୁନୁରାଣୀଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୩୦୨ ଦଫାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରୀ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର ପରିଚାଳନା କରୁଥିଲେ।




■ଭେଡେନ୍ ଗଣବଳାତ୍କାର, ହତ୍ୟା ମାମଲା

# ମାନବିକ ଅଧିକାର ଉଲ୍ଲଂଘନ କରିଛି ପୋଲିସ: ଓଏଚ୍‌ଆର୍‌ସି

କଟକ ଅଫିସ, ୨୫।୯

ବରଗଡ ଜିଲା ଭେଡେନ୍ ଥାନା ଅଞ୍ଚଳରେ ଘଟିଥିବା ତିନି ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ଦୁଇ ଜଣଙ୍କୁ ହତ୍ୟା ଘଟଣାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ବୁଧବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ନ ଥିବାରୁ ଓଏଚ୍‌ଆର୍‌ସି ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ମାମଲା ରୁଜୁ କରିବାକୁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୋଲିସ ମାନବିକ ଅଧିକାର ଉଲ୍ଲଂଘନ କରିଥିବା ଓଏଚ୍‌ଆର୍‌ସି ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ କାହିଁକି କ୍ଷତିପୂରଣ ଦିଆ ନ ଯିବ ତାହାର ଜବାବ ରଖିବାକୁ ଓଏଚ୍‌ଆର୍‌ସି ବରଗଡ଼ ଏସ୍‌ପିଙ୍କୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଗତ ୨୦ରେ ଦେଇଥିବା ରିପୋର୍ଟକୁ କମିଶନ ଅଗ୍ରାହ୍ୟ କରିବା ସହ ନିୟମାନୁଯାୟୀ ପୋଲିସ କାର୍ଯ୍ୟ କରି ନ ଥିବାରୁ ପୀଡ଼ିତାମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଛି। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ନେଇ ଓଏଚ୍‌ଆର୍‌ସି କ୍ଷୋଭ ପ୍ରକାଶ କରିଛନ୍ତି।

କମିଶନଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୦୧୬ ସେପ୍ଟେମ୍ବର ୨୩ରେ ଭେଡେନ୍ ଥାନାର କେତେଜଣ କର୍ମଚାରୀ ଘରୁ ପୋଲିସ ଭ୍ୟାନ୍‌ରେ ଉଠାଇ ନେଇଥିଲେ। ପରେ ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ପୀଡ଼ିତାମାନଙ୍କୁ ପୋଲିସ ଗ୍ରାମବାସୀଙ୍କ ଜିମା ଦେଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଖସି ଆସିଥିବା ମହିଳା ଜଣଙ୍କ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା ଜଣଙ୍କ ତାଙ୍କ ବଡ ଭାଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ୨୦୧୭ ମେ' ୫ରେ ତାଙ୍କ ଭାଇ ବରଗଡ ଏସ୍‌ପିଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ଅନ୍ୟ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ ଅବଗତ କରାଇଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ ୨୦୧୭ ଜୁଲାଇ ୧୯ରେ ଅଭିଯୋଗ କରିଥିବା ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ପୋଲିସ ଓ ଗାଁ ଲୋକଙ୍କ ସମ୍ପୃକ୍ତି ରହିଥିବା ଆବେଦନକାରିଣୀ କମିଶନଙ୍କୁ ଜଣାଇଥିଲେ। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ସହାୟତାରେ ପୀଡିତାଙ୍କ ପରିବାର ସେମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ନ୍ୟାୟିକ ସଂଗ୍ରାମ କରୁଛନ୍ତି।

ମାମଲା ରୁଜୁ ପାଇଁ ନିର୍ଦ୍ଦେଶ, ବରଗଡ଼ ଏସ୍‌ପିଙ୍କୁ ଜବାବ ତଲବ






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ଅମରପାଲି, ୨୫।୯ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଖଣ୍ଡହତାସ୍ଥିତ ସମାଜସେବୀ ସଂଗଠନ ପ୍ରୟାସ ସମବାୟ ସମିତି ସଭାପତି ପ୍ରଦୀପ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁର ତଦନ୍ତ ପାଇଁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖଣ୍ଡହତା ପଞ୍ଚାୟତର ପୁଇପାଣୀ ଗ୍ରାମର ପ୍ରଦୀପ ଗତ ୧୯ ତାରିଖ ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ଖଣ୍ଡହତାସ୍ଥିତ ନିଜ ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଘରକୁ ଫେରିବାରୁ ବିଳମ୍ବ ହେବାରୁ ଘରଲୋକେ ତାଙ୍କୁ ଖୋଜିବାକୁ ଆସିଥିଲେ। ଘରଠାରୁ ପ୍ରାୟ ଅଧ କିଲୋମିଟର ଦୂରରେ ତାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ଜଣାପଡିନଥିବା ବେଳେ ଅଞ୍ଚଳରେ ତାଙ୍କର ମୃତ୍ୟୁର କାରଣକୁ ଜାଣିବାକୁ ଲୋକେ ବ୍ୟାଗ୍ର ଅଛନ୍ତି । ବୁଧବାର ପ୍ରୟାସର ସଭାପତି ରାଧେଶ୍ୟାମ ମିଶ୍ର, ବ୍ରଜାନନ୍ଦ ସାହୁ, ଭରତ ନନ୍ଦ, ଲଡୁଗୋପାଳ ଉର୍ମି ପ୍ରମୁଖ ୧୧ଜଣ ସଦସ୍ୟ ସୁବଳୟା ଥାନାରେ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଶୃଙ୍ଖଳିତ ପୂଜା ପାଇଁ ପ୍ରଶାସନ-ପୂଜା କମିଟି ବୈଠକ

**ସୋନପୁର,୨୫।୯(ନି.ପ୍ର.)**

ଚଳିତ ବର୍ଷ ସୁବର୍ଣ୍ଣପୁର ଜିଲାରେ ୬୩ଟି ଦୁର୍ଗାପୂଜା ମେଢ ହେବ। ସେହିପରି ୧୧ଟି ସ୍ଥାନରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହାବାଦ୍ ସୁବର୍ଣ୍ଣପୁର ସହରର ଅଷ୍ଟ ଚଣ୍ଡୀଙ୍କ ପୀଠ ଓ ଜିଲାର ବିଭିନ୍ନ ଶାକ୍ତ ପୀଠମାନଙ୍କରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହେବ। ସୁବର୍ଣ୍ଣପୁରର ପ୍ରସିଦ୍ଧ ବଳି ଯାତ୍ରା ମଧ୍ୟ ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପରମ୍ପରା ଅନୁସାରେ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ପୂଜା, ଭସାଣୀ ଶୋଭାଯାତ୍ରା ଓ ରାବଣ ପୋଡି ଉତ୍ସବ କିଭଳି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ପୋଲିସ ପ୍ରଶାସନ ଓ ପୂଜା କମିଟିର କର୍ମକର୍ତ୍ତାଙ୍କ ମଧ୍ୟରେ ମିଳିତ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ରିଜର୍ଭ ପୋଲିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଦେବୀପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶବ୍ଦ ପ୍ରଦୂଷଣକୁ ରୋକିବା, ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ବିଦ୍ୟୁତ୍ ବାଭାଗରୁ ଅନୁମତି ଆଣି ପୂଜା ମେଢକୁ ବିଦ୍ୟୁତ୍ ସଂଯୋଗ କରିବାକୁ କମିଟି ଗୁଡିକୁ ପରାମର୍ଶ ଦିଆ ଯାଇଥିଲା । ସେହିପରି ସୁବର୍ଣ୍ଣପୁର ସହରର ମୋଟ ୧୪ଟି ମେଢର ଭସାଣୀ ଶୋଭାଯାତ୍ରା ଗୋଟିଏ ଦିନରେ କରିବା ପାଇଁ ଆଲୋଚନା ହୋଇଥିଲା। ସମସ୍ତ ପୂଜା କମିଟିର ସଭାପତି ଓ ସମ୍ପାଦକ ନିଜର ମତାମତ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ପାଣିଗ୍ରାହୀ, ଆଣ୍ଟୋନୀ ତିର୍କୀ, ଡିଏସପି ହେମ ସାଗର ନନ୍ଦ, ଆନନ୍ଦ ବର୍ଦ୍ଧନ ଗୁରୁ, ମନୋରଞ୍ଜନ ପ୍ରଧାନ, ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା, ବୀରମହାରାଜପୁର ଏସଡିପିଓ ଧୀରଜ କୁମାର ଚୋପଦାର ଓ ସମସ୍ତ ଥାନା ଅଧିକାରୀ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।



ବୈଠକରେ ମଞ୍ଚାସିନ ଏସ୍‌ପି, ଅତିରିକ୍ତ ଜିଲାପାଳ ଓ ବରିଷ୍ଠ ପୋଲିସ ଅଧିକାରୀ ।

- ଚଳିତ ଥର ୬୩ଟି ଦୁର୍ଗା ମେଢ
- ୧୧ ସ୍ଥାନରେ ରାବଣ ପୋଡି ଉତ୍ସବ

# ବିଶେଷଜ୍ଞ କମିଟିର ବୀରମହାରାଜପୁର, ସୋନପୁର ଉପକାରାଗାର ପରିଦର୍ଶନ

**ସୋନପୁର,୨୫।୯(ନି.ପ୍ର.)**

ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ପକ୍ଷରୁ ମନୋନିତ ସୁବର୍ଣ୍ଣପୁର ଜିଲା ବିଶେଷଜ୍ଞ କମିଟି(ଶିଶୁ ସୁରକ୍ଷା) ବୁଧବାର ବୀରମହାରାଜପୁର ଉପ କାରାଗାରକୁ ପରିଦର୍ଶନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ, ବିଶେଷଜ୍ଞ କମିଟି ସଦସ୍ୟ ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ, ଅବକାଶ ମିଶ୍ର ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ବୀରମହାରାଜପୁର ଉପକାରାଗାର ପରିଦର୍ଶନ କରିଥିଲେ। ସେମାନେ କାରାଗାର ଅଧିକ୍ଷକ ପନିରାମ ବାଗଙ୍କ ସହିତ ଅନ୍ତେବାସୀଙ୍କ ବିଷୟରେ ଆଲୋଚନା କରିଥିଲେ। କମିଟି ପକ୍ଷରୁ ଉକ୍ତ କାରାଗାରରେ ଆଇନ ସହ ଜଡିତ ଥିବା ଶିଶୁ ରହିଛନ୍ତି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରିଥିଲେ। ତେବେ ଏହି ଯାଞ୍ଚ ସମୟରେ ଆଇନ ସହିତ ଜଡିତ ଥିବା ଶିଶୁ ନ ଥିବା ଜଣା ପଡିଥିଲା। ତେବେ କମିଟି ପରିଦର୍ଶନ ସମୟରେ ଦୀର୍ଘଦିନ ହେଲା ଉପକାରାଗାରର ସିସି ଟିଭି କ୍ୟାମେରା ଅଚଳ ଥିବା ଜାଣିବାକୁପାଇଥିଲେ। ଅନ୍ତେବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ମରାମତି କରିବାକୁ ବିଶେଷଜ୍ଞ କମିଟି କାରାଗାର ଅଧିକ୍ଷକଙ୍କୁ ପରାମର୍ଶ ଦେଇଛି। ଏହି କମିଟି ମଙ୍ଗଳବାର ସୋନପୁର ଉପକାରାଗାର ପରିଦର୍ଶନ କରିଥିଲା ।



ବୀରମହାରାଜପୁର ଉପ କାରାଗାର ସମ୍ମୁଖରେ ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟି ।



ମନ୍ତ୍ରୀ ନିରଞ୍ଜନ ପୂଜାରୀ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

# ଜିଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ତାଲିମ ଶିବିର

**ସୋନପୁର,୨୫।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ବୁଧବାର ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଡିସିସନ ସପୋର୍ଟ ସିଷ୍ଟମ(ଡିଏସଏସ) ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାପାଳ ମୋନିଷା ବାନାର୍ଜୀ ଉଦ୍‌ଘାଟନ କରିଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଶିବିରରେ ଯୋଗଦେଇ ଜିଲାରେ ଚଳିତ ବର୍ଷର ବନ୍ୟା ଅନୁଭୂତି ଉପରେ ଆଲୋକପାତ କରିଥିଲେ। ଜିଲାର ସମସ୍ତ ବ୍ଲକ, ତହସିଲର କାର୍ଯ୍ୟରତ କର୍ମଚାରୀ ଓ ସମସ୍ତ ବିଭାଗର ଅଧିକାରୀ ଏବଂ ଡାଟା ଏଣ୍ଟ୍ରି ଅପରେଟର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ଧନ୍ୟବାଦ ଦେଇଥିଲେ। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କିଶୋର ସାହୁ ଓ ଶୁଭ୍ରଜିତ ପୃଷ୍ଟି ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ବରିଷ୍ଠ ରାଜସ୍ୱ ସହାୟକ ଦିନେଶ ରଞ୍ଜନ ମିଶ୍ର, କନିଷ୍ଠ ରାଜସ୍ୱ ସହାୟକ ଆଲୋକ କୁମାର ଦାସ ଏବଂ ପ୍ରଶାନ୍ତ କୁମାର କବି ଶତପଥୀ ସହଯୋଗ କରିଥିଲେ ।




ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଆବାସ ଯୋଜନାରେ ୨୨୧୭ ଜଣଙ୍କୁ କାର୍ଯ୍ୟାଦେଶ

**ସୋନପୁର,୨୫।୯(ନି.ପ୍ର.)**

ସୋନପୁର ପଞ୍ଚାୟତ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ ମେଳା ବୁଧବାର ଖଲିଆପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୪ଟି ପଞ୍ଚାୟତର ୨୨୧୭ ହିତାଧିକାରୀଙ୍କୁ ୨୦୧୯-୨୦ ଆର୍ଥିକ ବର୍ଷର ପିଏମ୍‌ଏୱାଇ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ସମସ୍ତ ଗରିବଙ୍କୁ ପର୍ଯ୍ୟାୟକ୍ରମେ ପକ୍କା ଘର ମିଳିବ। ଆଉ କିଛି ବର୍ଷ ପରେ କଚ୍ଚା ଘରର ଚିହ୍ନବର୍ତ୍ତ ମିଳିବ ନାହିଁ ବୋଲି କହିଥିଲେ। ହିତାଧିକାରୀମାନେ ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ୪ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ସରକାରଙ୍କ ପକ୍ଷରୁ ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ସମସ୍ତେ ଯେପରି ଏହି ଟଙ୍କା ପାଇବେ ସେଥିପ୍ରତି ଯତ୍ନବାନ ହେବାକୁ ମନ୍ତ୍ରୀ କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ରବିନ୍ଦ୍ର କୁମାର ପଟେଲ ଓ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଜୟ ନାରାୟଣ ନେଗୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଶିମୁଣ୍ଡା ପଞ୍ଚାୟତର ସରପଞ୍ଚ ମଧୁସୂଦନ ଓତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆରଏସ ଉପସ୍ଥିତ ଥିଲେ।

# ଡିଜି-ଡିଷ୍ଟ୍ରିକ୍ ବଲାଙ୍ଗୀରର ଉଦ୍‌ଘାଟନୀ ସମାରୋହ

**ବଲାଙ୍ଗୀର ଅଫିସ, ୨୫।୯**

ବଲାଙ୍ଗୀର ଜିଲାକୁ ଶତ ପ୍ରତିଶତ ଡିଜିଟାଇଜେସନ୍ ଲକ୍ଷ୍ୟ ନେଇ ବୁଧବାର ଡିଜି-ଡିଷ୍ଟ୍ରିକ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କର ରେଜିଓନାଲ ମେନେଜର ପ୍ରସନ୍ନ କୁମାର ବେହେରା, ଏଜିଏମ୍ ଉମାକାନ୍ତ ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ । ଡିଜିଟାଲ ପେମେଣ୍ଟକୁ ହଁ, ନଗଦକୁ ନାଁ ଉପରେ ଆଲୋଚନା ହୋଇଥିଲା। ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ ହେବା ଦ୍ୱାରା ହିଁ ସରକାରଙ୍କ ୫-ଟି ଅଧିକ ସଫଳ ହେବ ଓ ଲୋକେ ସୁବିଧା ପାଇପାରିବେ । ଇ-ପେମେଣ୍ଟ, ଇ-କମର୍ସ, ଭୀମଆପ୍ ଜରିଆରେ ଲୋକେ ନିର୍ଭୟରେ ଲାଭ ଉଠାଇ ପାରିବେ ବୋଲି ଆଲୋଚନା ହୋଇଥିଲା। ଜିଲାପାଳ ଡାକୁଆ ଡିଜିଟାଇଜେସନ୍ ଦ୍ୱାରା ଉପଲବ୍ଧ ଇ-ପେମେଣ୍ଟ ସହ ନଗଦ ଅର୍ଥ ଦେଇ ପିଡିଏସ୍ ସାମଗ୍ରୀ ହିତାଧିକାରୀ ବିନା ବାଧାରେ ପାଇପାରିବେ ବୋଲି ସ୍ପଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏମ୍ ବେହେରା ଜିଲାକୁ ଏସ୍‌ବିଆଇ ଚୟନ କରି ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କରିବ ବୋଲି କହିଥିଲେ।




ସ୍କୁଲ ଉଦଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ଇ-ମଡେଲ ପବ୍ଲିକ ସ୍କୁଲ ଉଦ୍‌ଘାଟିତ

**ଅମରପାଲି, ୨୫।୯(ଡି.ଏନ.ଏ)**

ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ପଞ୍ଚାୟତର ଭୁଡିଆପାଲି ଗ୍ରାମରେ ଇ-ମଡେଲ ପବ୍ଲିକ ସ୍କୁଲ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲ ସଭାପତି ସୁଶୀଲ କୁମାର ଅମାତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଧବଳେଶ୍ୱର ଅମାତ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ତଥା ନାଟ୍ୟକାର ନାରାୟଣ ଦେହେରୀ ମୁଖ୍ୟବକ୍ତା ଏବଂ ମୁର୍ଷୁଣ୍ଡୀ ସରପଞ୍ଚ ରୀନା ପୁଟା, ଲୁଡୁରପଙ୍କ ସରପଞ୍ଚ ସୁଜାତା ସାହୁ, ଶିକ୍ଷାବିତ ଗୁଣନିଧି ମହାକୁର, ଗିରିଜାଶଙ୍କର ପଧାନ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନୂତନ ସ୍କୁଲକୁ ଉଦ୍‌ଘାଟନ କରିଥିଲେ । ଅଞ୍ଚଳରେ ଶିକ୍ଷାର ପ୍ରସାର ଓ ବ୍ୟାପକତା ପାଇଁ ଏହା ସହାୟକ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତା କ୍ଷୀରସାଗର ବିଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କରୁଣାକର ଖୁରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ସୁଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲରେ ପ୍ରଥମ ଦିବସରେ ନୂତନ ଭାବରେ ୨୫ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖା ହୋଇଥିଲା ।

**SCHOOL OF EDUCATION**
**BERHAMPUR UNIVERSITY**
**BHANJA BIHAR**
**BERHAMPUR-760007, (GANJAM) ODISHA**

**No.197 /SOF/BU/2019** **Date: 25.09.2019**

**ADMISSION NOTIFICATION 2019-2021**

Applications are invited for admission into B. Ed. two years course (Regular on Self Financing Mode) under ***SCHOOL OF EDUCATION*** of ***BERHAMPUR UNIVERSITY*** for the session 2019-2021.

The candidates are required to download the prospectus and application form from Berhampur University Website **(www.buodisha.edu.in)** which contains the detailed information relating to the eligibility criteria, application procedure, selection procedure, Fee structure etc. from dated 27.9.2019 (Friday) till the last date mentioned below.

**NO PRINTED FORMS WILL BE SOLD BY THE SCHOOL OF EDUCATION, BERHAMPUR UNIVERSITY**

COURSE **B. Ed. 2 years course (Regular on Self Financing Mode).**

**DATES TO REMEMBER**

| | |
|---|---|
| Last date of receipt of duly filled-in-application form alongwith processing- cum- application fee | **15.10.2019 (Tuesday)** |

For details visit the Berhampur University Website **(www.buodisha.edu.in)** from **27.9.2019** onwards.

**Sd./- (Dr. S.R. Das)**
**Coordinator**
**School of Education**
**Berhampur University**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ **1196** (ଗୋପନୀୟ ବିଭାଗ) ତା **24.9.19** ରିଖ

**୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ରାଜ୍ୟର ସମସ୍ତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ On-Line Enrolment ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ ନିମନ୍ତେ କାର୍ଯ୍ୟସୂଚୀ**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟତ୍ରୀ/ ବିଦ୍ୟାଳୟମୁଖ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତମାନ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ତଥା ୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ନାମ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପଞ୍ଜୀକୃତ ହେବ ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ କରିବା ପାଇଁ ସୁଯୋଗ ମିଳିବ । ଏହି ପଞ୍ଜୀକରଣ ପ୍ରକ୍ରିୟା ଗତ ବର୍ଷ ପରି **ON-LINE** ମାଧ୍ୟମରେ ହେଉଥିବାରୁ ସମସ୍ତ ବିଦ୍ୟାଳୟ ମୁଖ୍ୟ, ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଶେଷ କରିବାକୁ ହେବ ।

୧. ପଞ୍ଜୀକରଣ କରିବାର ତାରିଖ ଓ ସମୟ - ପଞ୍ଜୀକରଣ (Deposit of Fee, Final Submission ଏବଂ ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ) ତା୨୬/୦୯/୨୦୧୯ରିଖ ଠାରୁ ଆରମ୍ଭ ହୋଇ ତା୨୨/୧୦/୨୦୧୯ରିଖ ରାତ୍ର ଘ.୧୧.୪୫ମି. ସୁଧା ସମ୍ପନ୍ନ ହେବ । ଏହି ଦିବସ ମାନଙ୍କରେ ଉକ୍ତ ପ୍ରକ୍ରିୟା ଅନବରତ (24 × 7) ଚାଲୁରହିବ । ତା୨୨/୧୦/୨୦୧୯ରିଖ ମଧ୍ୟରେ Fees Deposit ହୋଇଥିଲେ ତା୨୩/୧୦/୨୦୧୯ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଫର୍ମ ପୂରଣ କରି Final Submission କରାଯାଇପାରିବ ।

୨. ଫିସ୍ ଦାଖଲ - ପ୍ରତ୍ୟେକ ପିଲା ପାଇଁ ଟ୧୦୦.୦୦ଙ୍କା ହିସାବରେ ପଞ୍ଜୀକରଣ ଫିସ୍ Axis Bank Easy Pay ଜରିଆରେ ଉଭୟ Online ଓ Offline ମାଧ୍ୟମରେ କରାଯାଇପାରିବ । ସ୍କୁଲର Regular ଛାତ୍ରଛାତ୍ରୀଙ୍କ ସହିତ Quasi Regular ଛାତ୍ରଛାତ୍ରୀଙ୍କର ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟା ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ । ଶିକ୍ଷକମାନଙ୍କର ପଞ୍ଜୀକରଣ ବା ତଥ୍ୟ ସଂଶୋଧନ ନିମନ୍ତେ କୌଣସି ଶୁଳ୍କ ଲାଗିବ ନାହିଁ । Govt. ଏବଂ Govt. Aided ସ୍କୁଲମାନଙ୍କରେ SC/ ST ବର୍ଗର Regular ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ନିମନ୍ତେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ ।

୩. ପଞ୍ଜୀକରଣ ସମ୍ପର୍କିତ Application Format & Step By Step Instruction ମାଧ୍ୟମିକ ଶିକ୍ଷା ପରିଷଦର ନିଜସ୍ୱ website i.e. **"www.bseodisha.ac.in"** ରେ ଉପଲବ୍ଧ ହେବ । ଏହି ନିର୍ଦ୍ଦେଶାବଳୀ ମଧ୍ୟ Online Enrolment ସମୟରେ download କରି ସଂଗ୍ରହ କରାଯାଇପାରିବ । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢିସାରି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବେ । ପଞ୍ଜୀକରଣ କରିସାରିଲା ପରେ ଉଭୟ Descriptive Roll Sheet ଏବଂ Registered Teacher Listକୁ download କରିବେ । Registered Teacher Listକୁ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର Countersignature କରି ଉଭୟ Listକୁ ସମ୍ପୃକ୍ତ ବୋର୍ଡର ଶାଖା କାର୍ଯ୍ୟାଳୟରେ ତା୨୫/୧୦/୨୦୧୯ରିଖ ସୁଦ୍ଧା ଦାଖଲ କରିବାକୁ ହେବ ।

୪. ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜୀକୃତ କରିପାରିନଥିବେ ସେମାନେ School Regular ବା Quasi Regular ହିସାବରେ ୨୦୨୧ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇପାରିବେ ନାହିଁ । ଏହି କ୍ଷେତ୍ରରେ ସେମାନେ ପରିଷଦ ଦ୍ୱାରା ପରିଚାଳିତ Correspondence Courseରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହେବେ ।

୫. ଯେଉଁ ବିଦ୍ୟାଳୟଗୁଡିକ Quasi Regular ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ, ସେମାନଙ୍କୁ ବୋର୍ଡ ଶାଖା କାର୍ଯ୍ୟାଳୟର ଉପ ସମ୍ପାଦକ ମାନେ, ନିକଟବର୍ତ୍ତୀ ଏକ Recognised ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ଲିଖିତ ନିର୍ଦ୍ଦେଶ ଦେବେ ।

୬. ନାମ ପଞ୍ଜୀକରଣ ପାଇଁ Link **"www.bseodisha.ac.in"** ରେ ଉପଲବ୍ଧ ହେବ ।

ସ୍ୱା/-ସମ୍ପାଦକ



ବିଶ୍ରାମର ମାତ୍ରା ଯଦି ଅଧିକ ହୋଇଗଲା ତେବେ ସେହି ବିଶ୍ରାମ ହିଁ କଷ୍ଟଦାୟକ ହୋଇଉଠେ।

- ହୋମର



## ସଂକ୍ଷେପରେ

### ଆଜିଠୁ ଅତାବିରାରେ ସରକାରୀ ଅଫିସ, ବ୍ୟାଙ୍କ ବନ୍ଦ

**ବରଗଡ଼ ଅଫିସ୍,୨୫।୯:** ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ସ୍ଥାପନ ଦାବିରେ ଆନ୍ଦୋଳନ ତେଜିବାରେ ଲାଗିଛି । ଏହି କ୍ରମରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି)ର ନିଷ୍ପତ୍ତି କ୍ରମେ ଆସନ୍ତା ୨୬, ୨୭ ଏବଂ ୩୦ତାରିଖ ଅତାବିରାର ସମସ୍ତ ସରକାରୀ ରାଜସ୍ୱ ଅଫିସ୍, ବ୍ୟାଙ୍କ ବନ୍ଦ ପାଳନ କରିବା ପାଇଁ ଅତାବିରା ଓକିଲ ସଂଘ ନିଷ୍ପତ୍ତି ନେଇଛି । ଏହି ବନ୍ଦ ଆନ୍ଦୋଳନ ନେଇ ମଙ୍ଗଳବାର ସଂଘ ପକ୍ଷରୁ ଅତାବିରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ରାକେଶ ପାଢ଼ୀ, ବିରେନ୍ଦ୍ର ବାଙ୍କା, ରାଜା ପାଣ୍ଡେ, ଉନ୍ନି ନାୟାର, ବଲ୍ଲଭ ଭୋଇ, ତ୍ରିଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଗୋଷ୍ଠୀ ଜଙ୍ଗଲ ପରିଚାଳନା, ଯୋଜନା ତାଲିମ

**ପାଇକମାଲ, ୨୫।୯ (ଡି.ଏନ.ଏ):** ପାଇକମାଲ ବ୍ଲକ ସୁରୁଙ୍ଗିଦାଦର ଠାରେ ବୁଧବାର ଗୋଷ୍ଠୀ ଜଙ୍ଗଲ ପରିଚାଳନା ଓ ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୦ ଗ୍ରାମର ଗୋଷ୍ଠୀ ଜଙ୍ଗଲ ପରିଚାଳନା କମିଟିର ୫୦ଜଣ ସଭ୍ୟାସଭ୍ୟ ଯୋଗ ଦେଇଥିଲେ । ଆଦିକନ୍ଦ ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଗ୍ରାମସଭା ଦ୍ୱାରା ଦାବି କରାଯାଇଥିବା ଗୋଷ୍ଠୀ ଜଙ୍ଗଲର ସୁରକ୍ଷା, ପୁନଃଜନନ, ବୃକ୍ଷ ରୋପଣ, ନିଜସ୍ୱ ପରିଚାଳନା ବ୍ୟବସ୍ଥା ଓ ବ୍ୟବହାର ଅଧିକାର ଆଦି ବିଷୟରେ ତାଲିମ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗୋଷ୍ଠୀ ଜଙ୍ଗଲ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତି ଉପରେ ପରିଚାଳନା କମିଟି ଗଠନ, ନୀତିନିୟମ, ସମ୍ପଦ ଆକଳନ ଓ ଜଙ୍ଗଲ ବିକାଶ ଯୋଜନା ସରକାରଙ୍କୁ ଦେବା ପ୍ରକ୍ରିୟା ଉପରେ ଅବଗତ କରାଇଥିଲେ। ରେବତୀ ରାଉତ, ଦୁର୍ଯ୍ୟୋଧନ ବିଶି, ଦିଗେଶ କପାଟ ପ୍ରମୁଖ ସହଯୋଗ କରିଥିଲେ ।



### ଅନ୍‌ଲାଇନରେ ଅଧିକାରୀ ଦେବେ ବିପର୍ଯ୍ୟୟ ସୂଚନା

**ବରଗଡ଼ ଅଫିସ୍,୨୪।୯**

ବରଗଡ଼ ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ରିଲିଫ କମିଶନର ଅଫିସରୁ ଆସିଥିବା ଅଧିକାରୀ କିଶୋର ସାହୁ ଉପସ୍ଥିତ ବିଡ଼ିଓ, ତହସିଲଦାର ଓ ଅନ୍ୟ ଅଧିକାରୀ, କର୍ମଚାରୀଙ୍କୁ ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ତ୍ୱରାନ୍ୱିତ କରିବା ପାଇଁ ଏଣିକି ଫୋନ୍ କିମ୍ବା ଇ ମେଲ ବଦଳରେ ୱେବସାଇଟ୍‌ରେ ସମସ୍ତ ସୂଚନା, ତଥ୍ୟ ଅପଲୋଡ୍ କରିବାକୁ ସାହୁ ପରାମର୍ଶ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲା ପ୍ରକଳ୍ପ ମ୍ୟାନେଜର ରାକେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ୧୫୦ ତମ ଗାନ୍ଧୀ ଜୟନ୍ତୀ ପାଳନ ସମାରୋହ

# ବର୍ତ୍ତମାନ ଗାନ୍ଧୀ ଜୀବନର ପ୍ରାସଙ୍ଗିକତା ରହିଛି

**ଭଟଲି,୨୫।୯(ଡି.ଏନ.ଏ)**

ଦିନକୁ ଦିନ ଦେଶରେ ନାରୀ ନିର୍ଯାତନା ବଢ଼ିଚାଲିଛି। ଅଧିକାଂଶ ବ୍ୟକ୍ତି ନିଜକୁ ଖରାପ କାର୍ଯ୍ୟରେ ଲିପ୍ତ ରଖୁଛନ୍ତି। ପରିବେଶକୁ ସୁସ୍ଥ ରଖିବା ପାଇଁ ମନ ବଳାଉ ନାହାନ୍ତି। ଏହି ଦିଗଭ୍ରଷ୍ଟ ସମାଜକୁ ଠିକ୍ ବାଟକୁ ଆଣିବାର ଆବଶ୍ୟକତା ରହିଛି। ସ୍ୱାଧୀନତା ମନୁଷ୍ୟ ସମାଜଠାରୁ ଦୂରେଇ ଯାଉଥିବା ପରିଲକ୍ଷିତ ହୋଇଛି। ଆଜି ଭଳି ପରିସ୍ଥିତି ସୃଷ୍ଟି କରିବା ପାଇଁ ଗାନ୍ଧିଜୀ କେବେ ଭାରତକୁ ଇଂରେଜ ମାନଙ୍କ ଠାରୁ ମୁକ୍ତ କରିବା ପାଇଁ ଆଗେଇ ଆସି ନ ଥିଲେ। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧୀ ଜୀବନର ପ୍ରାସଙ୍ଗିକତା ରହିଛି। ଯଦି ଆଜିର ଯୁବପିଢ଼ି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରନ୍ତି ତେବେ ଦେଶକୁ ଏକ ଶାନ୍ତି ତଥା ହିଂସାମୁକ୍ତ ଦେଶରେ ପରିଣତ କରିହେବ ବୋଲି ବରଗଡ଼ ଜିଲା ଭଟଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ୧୫୦ ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଭଟଲି ଗୋଷ୍ଠୀ ଶିକ୍ଷା ପରିବାର ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବିଇଓ ଛତ୍ରପତି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ କଲେଜ ସ୍ତରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, କୁଇଜ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏହିପ୍ରତିଯୋଗିତାରେ ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପରେ ବିଇଓ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ତହସିଲଦାର ରାମକୃଷ୍ଣ ମିଶ୍ର ମୁଖ୍ୟଅତିଥି, କୃଷି ଅଧିକାରୀ ରାଜୀବ ଲୋଚନ ମିଶ୍ର ମୁଖ୍ୟବକ୍ତା ଏବଂ ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ ଓ ଶିକ୍ଷୟିତ୍ରୀ ଲାବଣ୍ୟବତୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ସିଆରସିସି ବୈରାଗୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପେନ୍ଦ୍ର ଖମାରୀ, ସସ୍ମିତା ସାହୁ ଏବଂ ଯାମିନୀ ବିଶ୍ୱାଳ ସହଯୋଗ କରିଥିଲେ। ଶେଷରେ ସିଆରସିସି ନେତ୍ରାନନ୍ଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସିଆରସିସି ଜୟଦ୍ରଥ ପଧାନ, ରମେଶ ଚନ୍ଦ୍ର ନାୟକ, ଅଚ୍ୟୁତ ଭୋଇ, ଜଗଦୀଶ ଦାଶ, ଗଜରାଜ ଗଡ଼ତିଆ, ରଞ୍ଜିତ ନାୟକ, ରକ୍ଷପାଲ ମୁଗ୍ରୀ, ସାନନ୍ଦ ସାହୁ, ଆଶିଷ ଖମାରୀ, କୁଳମଣି ଭୋଇ, ରୋହିତ ମହାନନ୍ଦ, ଲଳିତ ବିଶ୍ୱାଳ, ଲାବଣ୍ୟବତୀ ସାହୁ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତା ଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ଉତ୍ସବରେ ଯୋଗଦେବେ ବୋଲି ଗୋଷ୍ଠୀ ଶିକ୍ଷା ପରିବାର ପକ୍ଷରୁ ସୂଚନା ଦିଆଯାଇଛି।




ଗାନ୍ଧୀ ଜୀବନୀ ଆଧାରିତ ନାଟକର ଏକ ଦୃଶ୍ୟ ।



ଧନୁଯାତ୍ରା କଳାକାର ତୁଳାରାମ ମହାନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଧନୁଯାତ୍ରା କଳାକାର ସମ୍ବର୍ଦ୍ଧିତ

**ବରଗଡ଼ ଅଫିସ୍,୨୫।୯**

ଦେବଦାସୀ ଆନ୍ତର୍ଜାତୀୟ ନୃତ୍ୟ ସମାରୋହରେ ବରଗଡ଼ ଧନୁଯାତ୍ରାର କଳାକାର ତୁଳାରାମ ମହାନନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସେହି ସମାରୋହରେ ତାଙ୍କୁ ଲୋକନାଟ୍ୟ ଶିରୋମଣି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟିକା ଲତିକା ପ୍ରଧାନ, ନାଲକୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଏସ. କେ ତାମୋଟିଆ ପ୍ରମୁଖ ସେହି ସମାରୋହରେ ଉପସ୍ଥିତ ଥିଲେ। ତୁଳାରାମ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ମହାରାଜଙ୍କ ଜଣେ ମନ୍ତ୍ରୀ ଭାବେ ଅଭିନୟ କରିଆସୁଛନ୍ତି। ଅଞ୍ଚଳର ଜଣେ ବିଶିଷ୍ଟ କଳାକାର ଭାବେ ତାଙ୍କର ସୁନାମ ରହିଛି।



ବରଗଡ଼ ବିଧାୟକ ଜଣେ ଚିକିତ୍ସାଧୀନ ରୋଗୀଙ୍କୁ ଭେଟୁଛନ୍ତି।

# ଡାକ୍ତରଖାନା ପରିଦର୍ଶନ କଲେ ବିଧାୟକ

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମଙ୍ଗଳବାର ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସମୟରେ ଡାକ୍ତରଖାନା ପରିମଳ ବ୍ୟବସ୍ଥା ଠିକ୍ ନ ଥିବା ଯୋଗୁ ସେ ସଫେଇ କର୍ମଚାରୀଙ୍କୁ ତାଗିଦ୍ କରିବା ସହିତ ତାଙ୍କ ଉପସ୍ଥିତିରେ ସଫେଇ କରାଇଥିଲେ। ସେହିପରି ଡାକ୍ତରଖାନାର ବିଭିନ୍ନ ୱାର୍ଡ଼କୁ ବୁଲି ଚିକିତ୍ସାଧୀନ ରୋଗୀଙ୍କୁ ଭେଟି ସେମାନଙ୍କ ସୁବିଧା, ଅସୁବିଧା ପଚାରି ବୁଝିଥିଲେ। ଏହା ସହିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଭଳି କୌଣସି ରୋଗୀ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ପଦକ୍ଷେପ ନେବା ପାଇଁ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଡାକ୍ତରଖାନା ପରିସର ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ବିଭାଗୀୟ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

## ମହାତ୍ମାଗାନ୍ଧୀଙ୍କ ୧୫୦ତମ ସ୍ମୃତି ଉତ୍ସବ

**ବରପାଲି, ୨୫।୯(ଡି.ଏନ.ଏ)**

ବରପାଲି ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀଙ୍କ ୧୫୦ତମ ସ୍ମୃତି ଉତ୍ସବ ସରକାରୀ ବାଳିକା ହାଇସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ସାଧନକେନ୍ଦ୍ର ଓ ବିଭିନ୍ନ ସ୍କୁଲରେ ଆୟୋଜିତ କୁଇଜ, ରଚନା, ଡିବେଟ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ମନୋନିତ ପ୍ରତିଯୋଗୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏବିଇଓ ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ଟଙ୍କଧର ଛତ୍ରିଆ ଓ ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ଶଙ୍କର ପ୍ରସାଦ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍‌ରେ ରୋଜି କୁମ୍ଭାର ପ୍ରଥମ, ପ୍ରଣତି ସାହୁ ଦ୍ୱିତୀୟ ଓ ବିପା ନାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ୧୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ଜିଲାସ୍ତରକୁ ଚୟନ କରାଯାଇଥିଲା। ଶେଷରେ ଅତିଶ ଠାକୁର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ ବାସନ୍ଦ ପରେ ଆତ୍ମହତ୍ୟା

# ମୃତଦେହ ସତ୍କାର କଲେ ସାମାଜିକ କର୍ମୀ

**ପଦ୍ମପୁର, ୨୫।୯ (ଡି.ଏନ.ଏ)**

ସାମାଜିକ ବାସନ୍ଦ ହେବା ପରେ ଗ୍ରାମବାସୀଙ୍କ ନିର୍ଯାତନା ସହି ନ ପାରି ଶେଷରେ ଜଣେ ବ୍ୟକ୍ତିଙ୍କୁ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇବାକୁ ପଡ଼ିଛି। ଏଭଳି ଘଟଣା ଘଟିଛି ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମୁର୍ହାପାଲି ଗ୍ରାମରେ।

ସୂଚନା ଅନୁସାରେ, ମୁର୍ହାପାଲି ଗ୍ରାମର ଯୁଧିଷ୍ଠିର ଲୁହାରଙ୍କ ପରିବାରକୁ ଗାଁ ଲୋକେ ସାମାଜିକ ବାସନ୍ଦ କରିବା ପରେ ସେମାନେ ନିଜ ଭିଟାମାଟି ଛାଡ଼ି ପାଇକମାଲ ବ୍ଲକ ଭେଙ୍ଗରାଜପୁରରେ ରହୁଥିଲେ। ଏହାପରେ ବି ଯୁଧିଷ୍ଠିରଙ୍କ ଉପରେ ନିର୍ଯାତନା କମି ନ ଥିଲା। ସେ ଏ ନେଇ ବରଗଡ଼ ଏସ୍‌ପିଙ୍କୁ ଜଣାଇବା ସହିତ ସୁରକ୍ଷା ଦାବି କରିଥିଲେ। ତେବେ କୌଣସି କାରଣବଶତଃ ଗତ ୨୩ ତାରିଖରେ ଯୁଧିଷ୍ଠିର ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୯) ରୁଜୁ କରିବା ସହ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଶବ ସଂସ୍କାର ପାଇଁ ଯିବାବେଳେ ମଧ ସେଥିରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଫଳରେ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶବ ରଖି ପରିବାର ଲୋକେ ଧାରଣା ଦେଇଥିଲେ ଏବଂ ଭିଟାମାଟିରେ ଶବ ସତ୍କାର ପାଇଁ ଦାବି କରିଥିଲେ। ପୋଲିସ ଉପସ୍ଥିତିରେ ଶବକୁ ଭିଟାମାଟି ମୁର୍ହାପାଲିକୁ ନିଆଯାଇଥିଲା। ସେଠାରେ ଶବକୁ କାନ୍ଧ ଦେବା ପାଇଁ କେହି ଆସି ନ ଥିଲେ। ଫଳରେ ସାମାଜିକ କର୍ମୀ ଗୋପବନ୍ଧୁ ଶିକା, ଗୋବର୍ଦ୍ଧନ ଛତର, ନାରାୟଣ ଭେସ୍ରା, ଚୈତନ୍ୟ ବାଗ, ସଞ୍ଜୀବ ଲୁହାର, ଧରଣୀଧର ବାରିକ, ବଳରାମ କୁମ୍ଭାର ଶବ ସତ୍କାର କରିଥିଲେ।




ଟ୍ରଷ୍ଟଫଣ୍ଡ କଲେଜରେ ଅଭିଭାବକ, ଅଧ୍ୟାପକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ଟ୍ରଷ୍ଟଫଣ୍ଡ କଲେଜରେ ଅଭିଭାବକ, ଅଧ୍ୟାପକ ସମ୍ମିଳନୀ

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ସୋମବାର, ମଙ୍ଗଳବାର ଦୁଇଦିନ ଧରି ଅଭିଭାବକ, ଅଧ୍ୟାପକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ସରୋଜ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କଲେଜର ଯୁକ୍ତଦୁଇ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ କଲେଜର ଶୈକ୍ଷିକ ବାତାବରଣ ଉପରେ ଆଲୋଚନା ହୋଇଥିଲା। ଅଧ୍ୟାପକ ଅଶୋକ କୁମାର ବେହେରା ଅଭିଭାବକମାନଙ୍କୁ ସେମାନଙ୍କ ଝିଅପୁଅଙ୍କ ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଅଭିଭାବକମାନେ କଲେଜର ଶୈକ୍ଷିକ ପରିବେଶକୁ ପ୍ରଶଂସା କରିଥିଲେ।

## ଅର୍ଥନୀତି ବିଭାଗର ସ୍ୱାଗତ ସମାରୋହ

**ପଦ୍ମପୁର, ୨୫।୯ (ଡି.ଏନ.ଏ)**

ଅଞ୍ଚଳ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ସ୍ୱାଗତ ସମାରୋହ ଅଧ୍ୟକ୍ଷ ଡ. ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ. ବିରଞ୍ଚି ସାହୁ ସ୍ୱାଗତ ଅର୍ଥନୀତି ବିଭାଗର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଅଧାପକ ପ୍ରମୋଦ କୁମାର ପାଣିଗ୍ରାହୀ ଏବଂ ଅଧାପିକା ଗାୟତ୍ରୀ ଭୋଇ ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିମାନେ ।

# ଫୁଟବଲ: ଲୁହୁରାଚଟି, ଖରମୁଣ୍ଡା ବିଜୟୀ

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ବ୍ଲକ ଖୁଣ୍ଟପାଲି ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଚାଲିଥିବା ତ୍ରିରଙ୍ଗା କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚରେ ଲୁହୁରାଚଟି ଓ ଖରମୁଣ୍ଡା ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଖୁଣ୍ଟପାଲି ତୁରୁଙ୍ଗା ଓ ଲୁହୁରାଚଟି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ମ୍ୟାଚର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା ଏବଂ ଏଥିରେ ଲୁହୁରାଚଟି ବିଜୟୀ ହୋଇଥିଲା। ସେହିପରି କନବାର ଓ ଖରମୁଣ୍ଡା ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ଏଥିରେ ଖରମୁଣ୍ଡା ୧-୦ ଗୋଲରେ ବିଜୟୀ ହୋଇଥିଲା। ସ୍ୱେଚ୍ଛାସେବୀ ଲାଲ୍‌ବାବୁ, ଯୁବ କଂଗ୍ରେସ ସମ୍ପାଦକ ସୁଶାନ୍ତ ସାହୁ ଓ ସଞ୍ଜୟ ସାଇନି ଅତିଥି ଭାବେ ଯୋଗଦେଇ ଆୟୋଜକ, ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନୀଲ ବାଗ, ଅରକ୍ଷିତ ପ୍ରଧାନ, ଶ୍ୟାମପ୍ରସାଦ ବିଶି, ମନୋଜ ପ୍ରଧାନ, ରାଜେଶ ମାଝୀ ମ୍ୟାଚ୍ ପରିଚାଳନା କରିଥିଲେ ।

# ତୈଳିକ ବୈଶ୍ୟ ସାହୁ ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ଗାଇସିଲେଟ,୨୫।୯(ଡି.ଏନ.ଏ)**

ଗାଇସିଲେଟ ନିକଟସ୍ଥ କଲଙ୍ଗାପାଲି ତୈଳିକ ବୈଶ୍ୟ ସାହୁ ସମାଜ କଲ୍ୟାଣ ମଣ୍ଡପ ଠାରେ ବ୍ଲକସ୍ତରୀୟ ସାହୁ ସମାଜର ନୂଆଖାଇ ଭେଟଘାଟ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ କଲଙ୍ଗାପାଲି ପାଟଣେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରି ଗ୍ରାମର ଗୌନ୍ତିଆ ମହେନ୍ଦ୍ର କୁମାର ସାହୁ ଦେବୀ ପାଟଖଣ୍ଡା ବିଗ୍ରହ ଶୋଭାଯାତ୍ରାରେ ଆଣି କଲ୍ୟାଣ ମଣ୍ଡପରେ ସ୍ଥାପନ କରିବା ପରେ ଦେହେରୀ ପୂଜାର୍ଚ୍ଚନା କରିଥିଲେ। ପରେ ବ୍ଲକ ସମାଜ ସଭାପତି ଚୈତନ୍ୟ ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି, ପୂର୍ବତନ ବିଧାୟିକା ରୀତା ସାହୁ, ଓଡିଶା ସାହୁ ସମାଜ ସଭାପତି ସଞ୍ଜୀବ କୁମାର ସାହୁ, ଅଧ୍ୟାପକ ବିଭୂତି ଭୂଷଣ ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ବିଜେପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମୋତିଲାଲ ସାହୁ, ଉପସଭାପତି ଜତିନ୍ଦ୍ର ସାହୁ, ସମ୍ପାଦକ ଡୋଲାମଣି ସାହୁ, କୋଷାଧ୍ୟକ୍ଷ ସୁନାଧର ସାହୁ, ଉପଦେଷ୍ଟା ରୁଦ୍ର ସାହୁ, ଅଞ୍ଚଳର ସମାଜ ସଭାପତି ବଂଶୀଧର ସାହୁ , ଗୌନ୍ତିଆ ପ୍ରହଲ୍ଲାଦ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପରେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଛୋଟ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।




ସଭାରେ ମନ୍ତ୍ରୀ ସୁଶାନ୍ତ ସିଂ ଉଦ୍‌ବୋଧନ ଦେଉଛନ୍ତି ।

# ଛାତ୍ର ଜୀବନରୁ ସଫଳ ବ୍ୟକ୍ତିତ୍ୱ ସୃଷ୍ଟି ହୁଏ

**ବରଗଡ଼ ଅଫିସ୍,୨୫।୯**

ଛାତ୍ର ଜୀବନର ସ୍ମୃତି ସମ୍ପୂର୍ଣ୍ଣ ଅଲଗା। ତାହା ଅବିସ୍ମରଣୀୟ ଏବଂ ସେହି ସମୟର ସ୍ମୃତିକୁ କେବେ କେହି ଭୁଲି ପାରନ୍ତି ନାହିଁ । ଉଚ୍ଚସ୍ତରକୁ ଯାଇ ବଡ଼ ପଦ, ପଦବୀରେ ରହିଲେ ମଧ୍ୟ ଛାତ୍ର ଜୀବନ ଅପାସାରା ହୋଇ ରହିଯାଏ । ଆଉ ଛାତ୍ର ଜୀବନରେ ଯିଏ ସମୟର ସଦୁପଯୋଗ କରନ୍ତି, ସେ ହିଁ ଜଣେ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ହେବାର ସୁଯୋଗ ପାଇଥାନ୍ତି । ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ହାଇସ୍କୁଲର ପ୍ରାର୍ଥନା ସଭାରେ ବୁଧବାର ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ ଯୋଗଦେଇ ଏହା କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇଥିଲା ଏବଂ ସଭାରେ ପଦ୍ମଶ୍ରୀ ହରିପାଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ସଭାରେ ସେ ଛାତ୍ରୀଛାତ୍ରଙ୍କ ଅନୁରୋଧକ୍ରମେ ରଙ୍ଗବତୀ, ମହୁଲର୍ ଝାରେଁ, ହାଏ କୃଷ୍ଣ ହାଏ କୃଷ୍ଣ ଆଦି ଗୀତ ଗାଇଥିଲେ। ପାଠପଢ଼ା ସହିତ ଅଞ୍ଚଳର କଳା ସଂସ୍କୃତିକୁ ବଞ୍ଚାଇବା ପାଇଁ ସଂକଳ୍ପ ନେବାକୁ ହରିପାଲ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ଏକାଡ଼େମୀ ସଭ୍ୟ ଚୈତନ୍ୟ ପାଇକ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ପଦ୍ମଶ୍ରୀ ହରିପାଲଙ୍କ ପ୍ରେରଣା ଅଞ୍ଚଳରେ ଅଧିକରୁ ଅଧିକ କଳାକାର ସୃଷ୍ଟି କରିବ ବୋଲି ସେ କହିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ, ରାଜେଶ ବାରିକଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।



ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ ବକ୍ତବ୍ୟ ରଖୁଛନ୍ତି ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଜନସେବା କେନ୍ଦ୍ରରେ ହେବ ଭୋଟର ତାଲିକା ସଂଶୋଧନ

**ବୌଦ୍ଧ,୨୫।୯(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ଜିଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି । ଭୋଟର ମାନେ ଆସନ୍ତା ଅକ୍ଟୋବର ୧୫ ତାରିଖ ସୁଦ୍ଧା ନିଜର ତଥ୍ୟ ୧୦୦ ପ୍ରତିଶତ ଥିବା ଠିକ୍ କରିପାରିବେ । ଆହୁରି ମଧ୍ୟ ନିଜ ବୁଥ୍‌ର ବିଏଲଓଙ୍କ ଜରିଆରେ ଯେ କୌଣସି ପ୍ରମାଣପତ୍ର ଦେଇ ନିଜର ତଥ୍ୟ ଠିକ୍ ଥିବା ନେଇ ସୁନିଶ୍ଚିତ ମଧ୍ୟ କରିପାରିବେ । ଏଥିସହିତ ଅନଲାଇନ ମାଧ୍ୟମରେ ମଧ୍ୟ ଭୋଟର ତାଲିକା ସଂଶୋଧନ କରାଯିବା ସହ ସହାୟତା କେନ୍ଦ୍ରର ଟୋଲ ଫ୍ରି ନମ୍ବରେ କଲ୍ କରି ମଧ୍ୟ ଯାଞ୍ଚ କରିପାରିବେ । ଜନସେବା କେନ୍ଦ୍ରରେ ଭୋଟର ତାଲିକା ଯାଞ୍ଚ ଓ ତଥ୍ୟ ସଂଶୋଧନ ପାଇଁ ୧.୧୮ ପଇସା, ଗୋଟିଏ ପୃଷ୍ଠା ସ୍କାନ କରିବା ପାଇଁ ୫ ଟଙ୍କା, ଗୋଟିଏ ପୃଷ୍ଠା ପ୍ରିଣ୍ଟ କରିବା ପାଇଁ ୫ ଟଙ୍କା ଓ ରଙ୍ଗିନ ପ୍ରିଣ୍ଟ କରିବା ପାଇଁ ୧୦ ଟଙ୍କା ଦେବାକୁ ପଡିବ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

### ଅଭିଭାବକ, ଅଧ୍ୟାପକ ସମ୍ମିଳନୀ

**ଭେଡ଼େନ,୨୫।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜରେ ଅଧ୍ୟୟନରତ ଯୁକ୍ତ ତିନି ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଅଧ୍ୟାପକମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଗଜାନନ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ କଲେଜର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଅଧ୍ୟାପକ ଭୀଷ୍ମଦେବ ପ୍ରଧାନ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। ବହୁ ଅଭିଭାବକ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଅଧ୍ୟାପିକା ସୁଜାତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରାକ୍ଟର ଚକରେ ଚାପି ହୋଇ ଛାତ୍ର ମୃତ

**ଅତାବିରା,୨୫।୯:** ବରଗଡ଼ ଜିଲା ଅତାବିରା ଥାନା ହିର୍ଲିପାଲି ଗ୍ରାମରେ ଟ୍ରାକ୍ଟର ଚକରେ ଚାପି ହୋଇ ବୁଧବାର ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତ ଛାତ୍ର ହେଲେ ଉକ୍ତ ଗ୍ରାମର ଡାକ୍ତର ପ୍ରଧାନଙ୍କ ପୁଅ ଆୟୁଷ(୧୫) । ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇବା ସହିତ ଏ ନେଇ ଏକ ମାମଲା (ନଂ.୧୯୦/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି । ପ୍ରକାଶ ଯେ, ଛାତ୍ର ଜଣକ ସ୍କୁଲକୁ ଯିବା ପାଇଁ ଗାଧୋଇ ସାରି ଘରକୁ ଫେରୁଥିଲେ । ଫେରିବା ବାଟରେ ସେ ଏକ ବାଲି ବୋଝେଇ ଟ୍ରାକ୍ଟର ଚକ ତଳେ ଚାପି ହୋଇଯାଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଛାତ୍ରଙ୍କ ମୃତ୍ୟୁରେ ଗ୍ରାମରେ ଗଭୀର ଶୋକପ୍ରକାଶ ପାଇଛି ।

### ବୌଦ୍ଧରେ ବୁଦ୍ଧିଜୀବୀ ସମ୍ମିଳନୀ

**ବୌଦ୍ଧ,୨୫।୯(ସ୍ୱ.ପ୍ର)**

ରାଷ୍ଟ୍ରୀୟ ଏକତା ଅଭିଯାନ ଅବସରରେ ଏକ ରାଷ୍ଟ୍ର ଏକ ସମ୍ବିଧାନର ବାର୍ତ୍ତା ନେଇ ବୌଦ୍ଧ ଭାଜପା ପକ୍ଷରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ମୁଖ୍ୟଅତିଥି, ତଳସରା ବିଧାୟକ ଭବାନୀ ଭୋଇ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଭାସ ଚନ୍ଦ୍ର ମିଶ୍ର, ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କିଛିଦିନ ତଳେ ଭାରତ ସରକାରଙ୍କ ଦ୍ୱାରା ଜମ୍ମୁ କଶ୍ମୀରରୁ ଧାା ୩୭୦ ଓ ୩୫(ଏ) କୁ ଉଚ୍ଛେଦ କରାଯାଇ ଏହାକୁ କେନ୍ଦ୍ର ଶାସିତ ଅଞ୍ଚଳ ଘୋଷଣା କରାଯାଇଥିବାବେଳେ ଏହା ଦେଶ ପାଇଁ ଶୁଭଙ୍କର ଓ ସରକାରଙ୍କ ପଦକ୍ଷେପ ଉଚିତ ବୋଲି ବୁଦ୍ଧିଜିବୀ ସମ୍ମିଳନୀରେ ମତପ୍ରକାଶ ପାଇଥିଲା। ଦେଶରେ ଗୋଟିଏ ସମ୍ବିଧାନ ଓ ଗୋଟିଏ ଆଇନକୁ ସରକାର ଗୁରୁତ୍ୱ ଦେବା ସହିତ ସମସ୍ତ ନାଗରିକଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସଂକଳ୍ପବଦ୍ଧ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ବୌଦ୍ଧର ବରିଷ୍ଠ ନାଗରିକ ହରପ୍ରସାଦ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ପ୍ରଦୋଷ ମିଶ୍ର, ଭବାନୀଶଙ୍କର ଅଗ୍ରୱାଲା, ମନୋରଞ୍ଜନ ପଟ୍ଟନାୟକ, ପ୍ରସନ୍ନ ପ୍ରଧାନ, ମାଗୁଣି ଗାଇଗୌରିଆ, ଗୌରୀଶଙ୍କର ଅଗ୍ରୱାଲା ପ୍ରମୁଖ ନିଜର ମତବ୍ୟକ୍ତ କରିଥିଲେ ।

# ଓକିଲଙ୍କ ଅର୍ଥନୈତିକ ଅବରୋଧ ଜାରି

**ବରଗଡ଼ ଅଫିସ୍,୨୫।୯**

ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀବେଞ୍ଚ ସ୍ଥାପନ ଦାବିରେ ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ କରାଯାଇଥିବା ଅର୍ଥନୈତିକ ଅବରୋଧ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଉପସଭାପତି ସରୋଜ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂଘର ସଭ୍ୟମାନେ ସ୍ଥାନୀୟ ଜିଲାପାଳ ଅଫିସ ଆଗରେ ପିକେଟିଂ କରୁଥିବାବେଳେ ସେଠାକୁ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଡନସନା ପହଞ୍ଚିଥିଲେ। ବିଜେପୁର ଉପନିର୍ବାଚନ ଯୋଗୁ ଜିଲାପାଳ ଅଫିସରେ ଅଫିସ କାର୍ଯ୍ୟ ଯେଭଳି ବ୍ୟାହତ ନ ହେବ, ସେଥିରେ ସହଯୋଗ କରିବାକୁ ଓକିଲ ସଂଘର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରିଥିଲେ। ଉପନିର୍ବାଚନ ପରିପ୍ରେକ୍ଷୀରେ ଉପଜିଲାପାଳଙ୍କ ଅନୁରୋଧ ରଖି ଓକିଲମାନେ ଜିଲାପାଳ ଅଫିସ ବନ୍ଦ କରି ନ ଥିଲେ। ଅନ୍ୟପଟେ ମଙ୍ଗଳବାର ଭଳି ବୁଧବାର ମଧ୍ୟ ଜିଲା କୋଷାଗାର, ତହସିଲ, ବ୍ଲକ, ଆୟକର, ବିକ୍ରିକର ଆଦି ଅଫିସକୁ ଓକିଲମାନେ ବନ୍ଦ କରି ଦେଇଥିଲେ। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଓକିଲ ସଂଘର ଏହି ଆନ୍ଦୋଳନ ଚାଲିବ ଏବଂ ଏଥିରେ ସହଯୋଗ କରିବା ପାଇଁ ସଂଘର ଉପସଭାପତି ତ୍ରିପାଠୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।



ଜିଲାପାଳ ଅଫିସ ଆଗରେ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହିତ ଉପଜିଲାପାଳଙ୍କ ଆଲୋଚନା ।

ଏନଏସଏସ ଦିବସରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର

# ଉତ୍ସର୍ଗୀକୃତ ସେବା ଦେଶ ସମୃଦ୍ଧିର ମୂଳମନ୍ତ୍ର

**ବିଜେପୁର, ୨୫।୯ (ଡି.ଏନ.ଏ)**

ବିଜେପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଯୁକ୍ତ ତିନି ବିଭାଗର ଅଧକ୍ଷ ପ୍ରଦୀପ କୁମାର ମିଶ୍ର ସାଧାରଣ ସଭାରେ ଅଧକ୍ଷତା କରିଥିଲେ। ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ଡିଲେଶ୍ୱର ପ୍ରଧାନ ମୁଖ୍ୟଅତିଥି, ଅଧ୍ୟାପକ ପ୍ରଫୁଲ୍ଲ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମଣିଷର ପରମାୟୁ ଅପେକ୍ଷା କର୍ମ ମଣିଷକୁ ମହାନ କରେ। ପୁଣି ଉକ୍ତ କର୍ମ ଉତ୍ସର୍ଗୀକୃତ ସେବା ମନୋଭାବ ଉପରେ ପର୍ଯ୍ୟବେଷିତ ହେଲେ ଏକ ସୁନାର ଦେଶ ନିର୍ମାଣ ହୋଇପାରିବ। ସୁତରାଂ ଉତ୍ସର୍ଗକୃତ ସେବା ମନୋଭାବ ହିଁ ଦେଶ ସମୃଦ୍ଧିର ମୂଳମନ୍ତ୍ର ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସୁବ୍ରତାରାଣୀ ରାଉତ ଉଦ୍ଦେଶ୍ୟ ଜ୍ଞାପନ କରି ସମାଜସେବାରେ ନିଜକୁ ସମର୍ପିତ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏଥିରେ ୧୮୮ଜଣ ପଞ୍ଜୀକୃତ ହୋଇ ଚକ୍ଷୁ ପରୀକ୍ଷା କରିଥିଲେ। ୩୦ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ ରୋଗୀମାନଙ୍କୁ ନିଆଯାଇଥିବା ଜଣାପଡିଛି। ଡା. କୁନାଲ ବର୍ମା ଚକ୍ଷୁ ପରୀକ୍ଷା କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଗୁରୁଦାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ ଧମାଲ ସମାରୋହ

**ବରଗଡ଼ ଅଫିସ୍,୨୫।୯**

ଓଡ଼ିଶାର ବୃହତ୍ତମ ଜୁଏଲାରୀ ରିଟେଲ ଅରୁନ୍ଧତୀ ଜୁଏଲର୍ସ ପ୍ରତିଷ୍ଠାନର ୨୦ବର୍ଷ ପୂର୍ତ୍ତି ଉତ୍ସବ ତଥା ଫେଷ୍ଟିଭ ଧମାଲ-୨୦୧୯ ବୁଧବାର ବରଗଡ଼ର ସ୍ୱୟଂସିଦ୍ଧା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡ଼ାର ଓଲିଉଡ୍ ନାୟିକା ଅର୍ଚ୍ଚିତା ସାହୁ ମୁଖ୍ୟ ଆକର୍ଷଣ ଥିଲେ। ଏହା ସହିତ ଅନେକ ଅଭିନେତା ତଥା କଳାକାର ଉତ୍ସବରେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପଦ୍ମଶ୍ରୀ ହଳଧର ନାଗ, ଗତ ମାଟ୍ରିକ ପରୀକ୍ଷାର ବରଗଡ଼ ଜିଲା ଟପ୍ପର ନବ୍ୟା ନବେଲୀ ଆଚାର୍ଯ୍ୟ ପ୍ରମୁଖଙ୍କୁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ପ୍ରତିଷ୍ଠାନର ୫୦ ଲକ୍ଷପତି ଲକି ଡ୍ର ହୋଇଥିଲା। ଏଥିରେ ସଫଳ ହୋଇଥିବା ୫୦ଜଣଙ୍କୁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଲକି ଡ୍ର ମୁତାବକ ପୁରସ୍କୃତ କରାଯାଇଥିଲା। ଉକ୍ତ ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀ ଜୁଏଲର୍ସର ବ୍ୟବସାୟିକ ସଫଳତା ତଥା ୫୦ ଲକ୍ଷପତି ଲକି ଡ୍ର ଉପରେ ସୂଚନା ଦେଇଥିଲେ। ଅରୁନ୍ଧତୀ ଜୁଏଲର୍ସର ଅନ୍ୟ କର୍ମକର୍ତ୍ତା, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ପଦ୍ମଶ୍ରୀ ହଳଧର ନାଗଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି(ଉପର)। ଅରୁନ୍ଧତୀ ଜୁଏଲର୍ସର ଫେଷ୍ଟିଭ ଧମାଲରେ ସାଂସ୍କୃତିକ କାର୍ଯ୍ୟକ୍ରମ।




ବାରିକ ସମାଜର ନୂଆଁଖାଇ ଭେଟ୍‌ରେ ବରଗଡ଼ ବିଧାୟକ ବକ୍ତବ୍ୟ ରଖୁଛନ୍ତି।

# ବାରିକ ସମାଜର ନୂଆଁଖାଇ ଭେଟ୍

**ବରଗଡ଼ ଅଫିସ୍,୨୫।୯**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବାରିକ ସମାଜର ନୂଆଖାଇ ଭେଟ୍‌ଘାଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିନୋଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ପରଦେଶୀ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ନାଟ୍ୟକାର ବିନୋଦ ପସାୟତ, ପଶ୍ଚିମ ଓଡ଼ିଶା ବାରିକ ସମାଜ ସଭାପତି କଙ୍ଗାଲୁ ବାରିକ, ଉପସଭାପତି ବୃନ୍ଦାବନ ବାରିକ, ଜିଲା ସଭାପତି ବଳଦେବ ବାରିକ, ନଗର ଉପସଭାପତି ଦୁର୍ଗାପ୍ରସାଦ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବାରିକ ସମାଜର ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଲାଭ ବାରିକ, ମନ ବାରିକ, ବାଳକୃଷ୍ଣ ବାରିକ, ପରିତୋଷ ବାରିକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଶୋକ କୁମାର ପସାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ବଇଦପାଲିରେ ନୂଆଁଖାଇ ଭେଟଘାଟ

**ଗାଇସିଲେଟ,୨୫।୯(ଡି.ଏନ.ଏ)**

ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ଗ୍ରାମପଞ୍ଚାୟତ ବଇଦପାଲି ଗ୍ରାମସ୍ଥିତ ପଲ୍ଲିଶ୍ରୀ ଯୁବ ମଙ୍ଗଳ କ୍ଲବର ସଭାପତି ଜଗଦୀଶ କଲାରୀ ଓ ସମ୍ପାଦକ ମହାଦେବ କରୁଆଲଙ୍କ ଉଦ୍ୟମରେ ମଙ୍ଗଳବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମର ଝାଙ୍କର ମଞ୍ଚକୁ ପୂଜାର୍ଚ୍ଚନା କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିବାକର ଯୋଷୀ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ସରପଞ୍ଚ ସଂଘ ସଭାପତି ସରୋଜ ଶ୍ରୀଭୂଷଣ ସାହୁ, ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନୂଆଁଖାଇ ଭେଟଘାଟ ପରେ ବଲାଙ୍ଗୀରର ଢୋଲ ମହୁରୀ ଦୁଲଦୁଲି, ବଇଦପାଲିର ବୁଢାରଜା ଦୁଲଦୁଲି ବାଜା ସହିତ ବୁରୋମୁଣ୍ଡା ଓ ଆଖପାଖ ଗ୍ରାମର ଝିଅପୁଅମାନଙ୍କ ଦ୍ୱାରା ଡିସକୋ ତଥା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅଶ୍ୱିନୀ କୁମାର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପନିର୍ବାଚନ ପାଇଁ ଭାଜପାର ସଜବାଜ

**ସରଣ୍ଡା,୨୫।୯(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ କସରତ ଆରମ୍ଭ କରିଛନ୍ତି । ଏହି କ୍ରମରେ ବୁଧବାର ଅତାବିରାରେ ଭାଜପାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଯୋଗଦେଇ ଉପନିର୍ବାଚନରେ ବାଜିମାତ୍ ପାଇଁ ନିର୍ବାଚନ ରଣନୀତି ଉପରେ ଆଲୋଚନା କରିଥିଲେ । ବୈଠକରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ରବି ନାଏକ, ପ୍ରଦୀପ ପୁରୋହିତ, ପୂର୍ବତନ ମନ୍ତ୍ରୀ କେ. ଭି ସିଂଦେଓ, କୁମର ବେହେରା, ଦଳର ସଙ୍ଗଠନ ମହାମନ୍ତ୍ରୀ ଅମିତାଭ ଚକ୍ରବର୍ତ୍ତୀ, ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଇରାସିସ୍ ଆଚାର୍ଯ୍ୟ, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ସୁକାନ୍ତ ଦାଶଙ୍କ ସମେତ ପଶ୍ଚିମ ଓଡ଼ିଶାର ଭାଜପା ନେତାମାନେ ଉପସ୍ଥିତ ଥିଲେ ।




ବୈଠକରେ ଭାଜପା ରାଜ୍ୟ ଉପସଭାପତି ଉଦ୍‌ବୋଧନ ଦେଉଛନ୍ତି।

# ମହିଳା ମଣ୍ଡଳ ମହାସଂଘର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ପୁରୁଣାକଟକ,୨୫।୯(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତ ଅନ୍ତର୍ଗତ ବଡବନ୍ଧ ଗ୍ରାମରେ ସ୍ୱୟଂ ସହାୟକ ମହିଳା ମଣ୍ଡଳ ପକ୍ଷର ସଭାପତି ସୌଦାମିନୀ ବନ୍ଧାଣି ଓ ସମ୍ପାଦିକା ଜିତୁ କଅଁରଙ୍କ ନେତୃତ୍ୱରେ ବୁଧବାର ସ୍ୱଚ୍ଛ ଭାରତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହିଳା ମହାସଂଘର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଯୁବକ ସଂଘ ଓ ଗ୍ରାମ୍ୟ କମିଟିର ମିଳିତ ସହଯୋଗରେ ବଡବନ୍ଧ ଗ୍ରାମ, ରାସ୍ତା, ଡ୍ରେନ, ସ୍କୁଲ ପରିସର, ନାଳ, ପୋଖରୀ ଆଦି ସଫେଇ କରାଯାଇଥିଲା। ଗ୍ରାମର ଯୁବକ ଓ ମହିଳାମାନେ ଏହି ସଫେଇ କାର୍ଯ୍ୟ କରିଥିଲେ। ପ୍ରତି ମାସରେ ୪ ଥର ଗ୍ରାମ ସଫା କରିବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ୧୫୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ ।

# ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଉଦ୍‌ଘାଟିତ

**କନ୍ଧମାଳ,୨୫।୯(ଡି.ଏନ.ଏ)**

କନ୍ଧମାଳ ବ୍ଲକ ଅଇଁଳାବୁଆଠାରେ ଥିବା ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସକୁ ମଙ୍ଗଳବାର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମହୀଧର ରଣା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସଭାରେ ବିଧାୟକ ରଣା ମୁଖ୍ୟଅତିଥି ଓ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୌମ୍ୟ ରଞ୍ଜନ କ୍ଷେତି ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଜି ପ୍ରଥମ ପର୍ଯ୍ୟାୟରେ ୨୦ଜଣ ଛାତ୍ରୀଙ୍କୁ ନିବାସରେ ରଖାଯାଇଥିଲା।

# ଲିଙ୍ଗଗତ ସମ୍ବେଦନଶୀଳ ପଞ୍ଚାୟତ ବିକାଶ ଯୋଜନା ତାଲିମ ଶିବିର

**କନ୍ଧମାଳ,୨୫।୯(ଡି.ଏନ.ଏ)**

କନ୍ଧମାଳ ପଞ୍ଚାୟତ ସମିତି ସଭା ଗୃହରେ ମଙ୍ଗଳବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ଦ୍ୱାରା ଲିଙ୍ଗଗତ ସମ୍ବେଦନଶୀଳ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହିଶିବିରରେ କନ୍ଧମାଳ ବ୍ଲକର ଶୁଣ୍ଠିପଦର, ବରଗୋଛା, ଖଟଖଟିଆ, ପଲସାଗୋରା, ଯୋଗିନ୍ଦ୍ରପୁର, ବରଗାଁ ଆଦି ୬ଟି ପଞ୍ଚାୟତର ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକ, ଆଶାକର୍ମୀ ଏହିପରି ୪୦ଜଣ ଅଂଶଗ୍ରହଣକାରୀ ତାଲିମ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ବିଡିଓ ରବିନ୍ଦ୍ର ନାଥ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୨୪ରୁ ୨୬ତାରିଖ ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ତାଲିମଦାତା ରାଜୀବ ନାୟକ ଓ ଝସକେତନ ରଣା ତାଲିମଦାତା ଭାବେ ଯୋଗ ଦେଇଥିଲେ। ୱାଇସିଡିଏର ପୂର୍ଣ୍ଣଚନ୍ଦ୍ର ଖଟୁଆ, ପ୍ରମୋଦ କୁମାର ବେହେରା, ଅଭୟ କୁମାର ପ୍ରଧାନ ସହଯୋଗ କରିଥିଲେ ।

■ ସରପଞ୍ଚଙ୍କ ମନମୁଖି କାର୍ଯ୍ୟର ପ୍ରତିବାଦ

# ପଞ୍ଚାୟତରେ ତାଲା ପକାଇଲେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟ

**ବୌଦ୍ଧ,୨୫।୯(ସ୍ୱ.ପ୍ର)**

ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ଓ ସରପଞ୍ଚଙ୍କ ମନମୁଖି କାମକୁ ବିରୋଧ କରି ନାଏବ ସରପଞ୍ଚ ଓ ୱାଡସଭ୍ୟ ପଞ୍ଚାୟତ ଅଫିସ୍‌ରେ ତାଲା ପକାଇ ଧାରଣା ଦେଇଛନ୍ତି।

ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ପଞ୍ଚାୟତର ମାସିକ ବୈଠକ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାପୂର୍ବରୁ ସରପଞ୍ଚ କିଛି ୱାର୍ଡ ସଭ୍ୟଙ୍କୁ ନେଇ ବୈଠକ ଶେଷ କରି ପଳାଇ ଯାଇଥିଲେ। ଫଳରେ ନାଏବ ସରପଞ୍ଚ ନିର୍ଗୁଣ ମହାକୁଡ, ୱାର୍ଡସଭ୍ୟ ବିପିନ ବାଙ୍କ, ଲକ୍ଷ୍ମଣ ବେହେରା, ସଂକୀର୍ତ୍ତନ ମେହେର, ମମତା ସାହୁ ଓ ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ନିର୍ଦ୍ଧାରିତ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କେହି ନ ଥବା ଦେଖିବାକୁ ପାଇଥିଲେ। ଏହାର ପ୍ରତିବାଦରେ ନାଏବ ସରପଞ୍ଚ ଓ ୱାର୍ଡସଭ୍ୟମାନେ ସରପଞ୍ଚଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ପଞ୍ଚାୟତରେ ଦୀର୍ଘ ତିନିମାସ ହେଲା ବୈଠକ କରା ଯାଉ ନ ଥିବା, ଲାଇଟ କିଣାରେ ଦୁର୍ନୀତି, ପଞ୍ଚାୟତର ବିଭିନ୍ନ କାର୍ଯ୍ୟର କାଗଜପତ୍ର ଯାଞ୍ଚ ଓ ବିଭିନ୍ନ ସମସ୍ୟା ନେଇ ସେମାନେ ଅଭିଯୋଗ କରିଥିଲେ। ଗତ ୨୩ ତାରିଖରେ ପଞ୍ଚାୟତରେ ଲାଗି ରହିଥିବା ଅବ୍ୟବସ୍ଥା ନେଇ ପ୍ରଶାସନକୁ ଜଣାଇଥିଲେ ବି ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବାରୁ ନିର୍ବାଚିତ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରାଯିବାକୁ ଦାବି କରିଥିଲେ। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରନ୍ଦର ଠେଲାଙ୍କୁ ପଚାରିବାରୁ ଆଜି ପଞ୍ଚାୟତରେ ବୈଠକ ଥିଲା । ବୈଠକ ଶେଷ ପରେ ମୁଁ ଫେରିଆସିଥିଲି ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡିବା ସମ୍ପର୍କରେ ତାଙ୍କ ପାଖରେ ସୂଚନା ନଥିବା ପ୍ରକାଶ କରିଥିଲେ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଆଜ୍‌ବେଷ୍ଟସ୍ ଛାତ ଭାଙ୍ଗି ଦୋକାନରୁ ଚୋରି

**ବିନିକା,୨୫।୯(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂଘିଯୁବା କିଷାନ୍ ଛକରେ ଥିବା ଏକ ପୂଜା ସାମଗ୍ରୀ ଓ ରାଶନ ଦୋକାନ ଆଜବେଷ୍ଟସ ଛାତ ଭାଙ୍ଗି ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଦୋକାନୀ ମାଲିକ ସଂଘିଯୁବା ଗ୍ରାମର ଭଗବାନ ସାହୁ ଏ ନେଇ ବିନିକା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ କିଷାନ୍ ଛକ ନିକଟ ମୁଖ୍ୟରାସ୍ତା କଡରେ ତାଙ୍କର ଗୋଟିଏ ପୂଜା ସାମଗ୍ରୀ ଓ ଏକ ଫେନ୍ସି ଦୋକାନ ରହିଛି। ଗୋଟିଏ ଦୋକାନରେ ସେ ନିଜେ ବସୁଥିବା ବେଳେ ଅନ୍ୟ ଦୋକାନକୁ ତାଙ୍କ ସାନ ଭାଇ ପୀତାମ୍ବର ବୁଝାବୁଝି କରନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ ଦୋକାନ ଘରର ଆଜବେଷ୍ଟସ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ଅଭିଯୋଗ ପରେ ବିନିକା ପୋଲିସ ତଦନ୍ତ ଆରମ୍ଭ କରିଥିବା ଏସ୍‌ଆଇ କବିମନ୍ୟୁ ସେଠୀ କହିଛନ୍ତି।

### ବିଜୁ ଯୁବବାହିନୀ ପକ୍ଷରୁ ଚାରା ରୋପଣ

**ଉଲୁଣ୍ଡା, ୨୫।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କାଦୋଦର ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ବୁଧବାର ଏକ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ସଚ୍ଚିଦାନନ୍ଦ ବାରିକ ଏବଂ ସମ୍ପାଦକ ବିଘ୍ନେଶ୍ୱର ଦେହୁରୀଙ୍କ ସଂଯୋଜନାରେ ସ୍ଥାନୀୟ ଉମାଦେବୀ ଆଞ୍ଚଳିକ ମହାବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ୧୦୦ଗୋଟି ଚାରା ରୋପଣ କରାଯାଇଥିଲା। ଅଧାପକ ବଲ୍ଲବ ପୁରୋହିତ, କୈଳାଶ ପୁରୋହିତ ଏବଂ ବାଲମୁକୁନ୍ଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଚାରା ରୋପଣର ମହତ୍ୱ ବିଷୟରେ ସେ ମନ୍ତବ୍ୟ ରଖିଥିଲେ। ଅଧାପକ ସୁଶାନ୍ତ ଦେହୁରୀ ବୈଠକ ପରିଚାଳାନା କରିଥିବା ବେଳେ ଯୁବ ରେଡକ୍ରସ କାଉନସେଲର ଉଦ୍ଧବ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ବାବୁପାଲି, ମହଦା ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ

**ବିନିକା,୨୫।୯(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଏବଂ ମହଦା ପଞ୍ଚାୟତରେ ଜଳ ଏବଂ ପରମଳ ବିଭାଗ ସୌଜନ୍ୟରେ ସ୍ୱଚ୍ଛ ସର୍ବେକ୍ଷଣ ସଚେତନ ରଥ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି । ବିଆରସିସି ପ୍ରିୟ ନାରାୟଣ ଦେହେରୀଙ୍କ ତତ୍ତ୍ୱାବଧାନକ୍ରମେ ବାବୁପାଲି ପଞ୍ଚାୟତରେ ସରପଞ୍ଚ ଚନ୍ଦ୍ର ମହାପାତ୍ର, ଅଙ୍ଗନବାଡି କର୍ମୀ କଲ୍ୟାଣୀ ବଡପଣ୍ଡା, ମିଶ୍ରି ପଧାନ, ତ୍ରବେଣୀ ପଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି ମହଦା ପଞ୍ଚାୟତରେ ସ୍ୱଚ୍ଛତା ସଚେତକ ଘାସିରାମଙ୍କ ତତ୍ତ୍ୱାବଧାନରେ ଅଙ୍ଗନବାଡି କର୍ମୀମାନଙ୍କର ଦ୍ୱାରା ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ବୈଠକ

# ତଳମୁଣ୍ଡରେ ପହଞ୍ଚୁନି କେନାଲ ପାଣି

**ଡୁଙ୍ଗୁରିପାଲି, ୨୫।୯(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

- ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମିତ ପାଇଖାନା କାମରେ ଆସୁନି
- ଡିପ୍ ବୋରୱେଲ ଯୋଜନାରେ ଟଙ୍କା ଜମା କଲେ ବି ଅନୁମୋଦନ ହେଉନି
- ଅଙ୍ଗନଦୀ ମେଗା ଜଳଯୋଗଣା ପ୍ରକଳ୍ପରୁ ଡୁଙ୍ଗୁରିପାଲିକୁ ମିଳିବ ପାଣି

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରପାଲି ବ୍ଲକ ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ମକରଧ୍ୱଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା ଅବକାରୀ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ମନ୍ତ୍ରୀ ଯୋଗଦାନ କରିଥିଲେ । ବିଡିଓ ସହଦେବ ସମାଧିଆ ବୈଠକ ପରିଚାଳନା କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ବ୍ଲକ ଉପାଧ୍ୟକ୍ଷ ନମିତା ସେଠ, ଜିଲା ପରିଷଦ ସଭ୍ୟା ମମତା ମଟାରୀ, ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ବିକାଶ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବ୍ଲକର ବିଭିନ୍ନ ଉନ୍ନୟନ କାମ ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଆଶିଷ କୁମାର ବିଶ୍ୱାଳ ସ୍ୱାସ୍ଥ୍ୟ ବିଭାଗ ଅର୍ନ୍ତଗତ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ କହିଥିଲେ । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଆଲୋଚନା କାଳରେ ବିଭାଗୀୟ ଅଧିକାରୀ ରଞ୍ଜନ କୁମାର ପୁଟେଲ ଅଙ୍ଗନଦୀରୁ ଆରମ୍ଭ ହେଇଥିବା ମେଗା ଜଳଯୋଗଣ ପ୍ରକଳ୍ପ କାମ ଅତି ଶୀଘ୍ର ସାରି ଡୁଙ୍ଗୁରିପାଲିକୁ ପର୍ଯ୍ୟାପ୍ତ ପାଣି ମିଳିବ ବୋଲି କହିଥିଲେ। ବ୍ଲକରେ ସ୍ୱଚ୍ଛ ଭାରତ ଅଭିଯାନରେ ନିର୍ମାଣ କରାଯାଇଥିବା ପାଇଖାନାଗୁଡିକ କାମକୁ ଆସୁ ନ ଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଲୋକ ପ୍ରତିନିଧିମାନେ ବିଭିନ୍ନ ପଞ୍ଚାୟତରେ ଠିକ୍ ଭାବରେ ଭତ୍ତା ପାଉ ନ ଥିବା ପ୍ରସଙ୍ଗ ବୈଠକରେ ଉତ୍ଥାପନ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା କେନାଲରେ ପାଣି କମ୍ ଆସୁଥିବାରୁ ଟେଲ ଅଞ୍ଚଳକୁ ପହଞ୍ଚି ପାରୁ ନ ଥିବା କହିଥିଲେ। ଏଥିଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇ ଧାନ ମରିବାକୁ ବସିଥିବା ବିଷୟ ସେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ଡିପ୍ ବୋରୱେଲ ଯୋଜନାରେ ଚାଷୀମାନେ ଟଙ୍କା ଡିପୋଜିଟ କରିଥବା ୩ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଅନୁମୋଦନ ହେଉ ନ ଥିବା ମହଲା ଅଭିଯୋଗ କରିଥିଲେ । ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା ବୈଠକରେ ବିଭିନ୍ନ ବିଦ୍ୟାଳୟରେ ୪୦ଜଣ ଶିକ୍ଷକ ଅଭାବ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଓ କେତେକ ବିଦ୍ୟାଳୟରେ ଗେଟ ନ ଥିବା ବିଷୟରେ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ। ବୈଠକରେ ଏବିଡିଓ ଶଶୀଭୂଷଣ ପଧାନ, ବ୍ଲକ ସହକାରୀ ଯନ୍ତ୍ରୀ ଅମୂଲ୍ୟ ରତନ ସାମିନିଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ୨୬ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ମଧ୍ୟରୁ ୩୭ ଜଣ ବୈଠକରେ ଯୋଗ ଦେଇଥିଲେ। ଜିପିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଚାଷୀ ପ୍ରଶିକ୍ଷଣ, ସଚେତନତା ଶିବିର

**ଉଲୁଣ୍ଡା, ୨୫।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କୃଷି ଓ ବୈଷୟିକ କାର୍ଯ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଚାଷୀ ପ୍ରଶିକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ କୃଷି ଅଧିକାରୀ ରାକେଶ କୁମାର ମାଝୀଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକର ୧୭ ଗୋଟି ପଞ୍ଚାୟତର ସମୁଦାୟ ୬୬ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ଶିବିରକୁ ସାଧନ କର୍ମୀଭାବେ ବୀରମହାରାଜପୁର ଏଏଓ କାଳିନ୍ଦୀ ପରିଡା, କର୍ଡାପାଲ ଏଏଓ ତୁଷାରକାନ୍ତ ସାହୁଙ୍କ ସମେତ ବ୍ଲକର ସମସ୍ତ ଭିଏଡବ୍ଲ୍ୟୁ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ପ୍ରଶିକ୍ଷଣ ସହ ସଚେତନ କରିଥିଲେ। ବିଶେଷ କରି ଫସଲରେ ଫାର୍ମ ଆର୍ମି ୱର୍ମ ପୋକର ଚିହ୍ନଟ ଓ ପରିଚାଳନା, ମୃତ୍ତିକା ପରୀକ୍ଷଣ, ଅନ୍ୟାନ୍ୟ ରୋଗପୋକର ପରିଚାଳନା, ବିଷାକ୍ତ ଜୀବନାଶକର ଠିକ ଓ ନିରାପଦ ବ୍ୟବହାର ପ୍ରଭୃତି ଉପରେ ସଚେତନ କରାଯାଇଥିଲା। କୃଷି ଓଭରଶିୟର ଅଭୟ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କୃଷକ ସାଥୀ ସହଯୋଗ କରିଥିଲେ। କୃଷି କର୍ମଚାରୀ କଲ୍ୟାଣୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାଦେବପାଲି ଦୁର୍ଗାପୂଜା ପାଇଁ ରାବଣ ବରଣ

**ବିନିକା,୨୫।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ମହାଦେବପାଲି ରଘୁନାଥ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ୪୮ବର୍ଷରେ ପଦାର୍ପଣ କରିଛି । ଏହି ଉପଲକ୍ଷେ ଅନଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାବଣ ରାଜ୍ କାର୍ଯ୍ୟକ୍ରମ ଚଳିତ ବର୍ଷ ଆୟୋଜନ କରିବା ପାଇଁ ସ୍ଥିରୀକୃତ ହୋଇଥିଲା। ବୁଧବାର ଅଭିନେତା ମନୋରଞ୍ଜନ ଚିରଗୁନଙ୍କୁ ରାବଣ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଇଛି। ବୁଧବାର ମହାଦେବପାଲି ଯୁବକ ସଂଘର ସଦସ୍ୟମାନେ ମନରଞ୍ଜନଙ୍କ ସାରସମାଲ ଗ୍ରାମସ୍ଥିତ ବାସଭବନକୁ ଯାଇଥିଲେ। ଗୁଆ ନଡିଆ ଓ ଉତ୍ତରୀୟ ଦେଇ ତାଙ୍କୁ ବରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ପବିତ୍ର ମୋହନ ନାୟକ, ସମ୍ପାଦକ ବିଜୟ କୁମାର ନାୟକ, ଉପସଭାପତି ସନାତନ ପୂଜାହାରୀ, ସହ ସମ୍ପାଦକ ସୁଶାନ୍ତ କାଣ୍ଡ, ସାଂସ୍କୃତିକ ସଭାପତି ସଂଗ୍ରାମ କେଶରୀ ନାୟକ, ଉପସଭାପତି ସୁଧାଂଶୁ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



ରାବଣ ରାଜ ପାଇଁ ମନୋରଞ୍ଜନ ଚିରଗୁନଙ୍କୁ ରାବଣ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଉଛି।

### ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳିତ

**ବିନିକା,୨୫।୯(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ଅନ୍ତର୍ଗତ ବିନିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ବିନିକା ଶିକ୍ଷା ଅଧିକାରୀ ଶଶୀଭୂଷଣ ସେଠୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିନିକା ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ, ବିନିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ହୋତା ପ୍ରମୁଖ ଯୋଗଦାନ କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ୧୨୨ଜଣ ଛାତ୍ରୀଛାତ୍ରଙ୍କୁ ନେଇ ୭ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାଗୁଡିକ ହେଲା ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା, ପ୍ରଦର୍ଶନୀ, ବିତର୍କ ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ବାର୍ତ୍ତା ଲିଖନ। ତଦ୍‌ପରେ ଗାନ୍ଧୀ ଜୟନ୍ତୀରେ କୁଇଜ୍, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୭୦ଜଣ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବର୍ଗର ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ସୁବାସ ଭୋଇ, ସୁରେନ୍ଦ୍ର ସେଠୀ, ପ୍ରଦୀପ ମହାନ୍ତି, ଅନନ୍ତ କୁମାର ପଣ୍ଡା, ହାରାଧନ ବାବୁ, ଜୟ ନାରାୟଣ ପୂଜାରୀ, ପ୍ରେମାନନ୍ଦ ଦାଶ, ଶିବ ନାରାୟଣ ପୂଜାରୀ,ଶିବ ରଣା ପ୍ରମୁଖ ସହଯୋଗ ରହିଥିଲେ। ଶେଷରେ ଏବିଇଓ ବସନ୍ତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଅମରପାଲି, ୨୫।୯ (ଡି.ଏନ.ଏ.)**

୩୭୫ ଭିନ୍ନକ୍ଷମ ପଞ୍ଜୀକୃତ



ଶିବିରରେ ଯୋଗଦେଇଥିବା ଅଧିକାରୀ ଓ ଭିନ୍ନକ୍ଷମମାନେ ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇ, ଜିଲା ପରିଷଦ ସଭ୍ୟ ବା ଅଧକ୍ଷ ଗାୟତ୍ରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ଡା. ଗୋପାଳ ପାତ୍ର, ଡା. ସଞ୍ଜୀବ କୁମାର କର, ଡା. ଏଚ୍.କେ. ମିଶ୍ର, ଡା. ଡି.କେ. ପୁରୋହିତ, ଡା. ରଶ୍ମି ପି .ପଟାସିଂ, ଡା. ଉମାକାନ୍ତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ୫୮ଜଣ ଦୃଷ୍ଟିବାଧିତ, ୩୦ଜଣ ବୌଦ୍ଧିକ ଅସମାର୍ଥତା, ୪ଜଣ ରକ୍ତହୀନତା, ୧୭୦ଜଣ ଚଳନ ଶକ୍ତି ବାଧିତ ଓ ୯୫ ଜଣ ଶ୍ରବଣଶକ୍ତ ବାଧିତ ପଞ୍ଜୀକୃତ ହୋଇଛନ୍ତି। ୩୦ ଜଣଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଥିବା ବେଳେ ୧୯ ଜଣଙ୍କୁ ଭୋକେଶନାଲ ଟ୍ରେନିଂ ପାଇଁ ମନୋନୀତ କରାଯାଇଛି। ଏଥିରେ ଜିଲା ଚିକିତ୍ସା ଅଧିକାରୀ ଡା. ପ୍ରଦୀପ ଗୁରୁ, ଜିଲା ସୋସିଆଲ ସିକ୍ୟୁରିଟି ଅଫିସର ତାହିର ହୁସେନ, ଏସ୍‌ଏସ୍‌ଏସ୍‌ଓ ସୁବର୍ଣ୍ଣପୁର ସୁଧାଂଶୁ ଶେଖର ପୂଜାହାରୀ ଯୋଗଦେଇଥିଲେ। ବୀରମହାରାଜପୁର ବିଡିଓ ନିରଞ୍ଜନ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ସଂଯୋଜନା କରିଥିଲେ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କାର୍ଯ୍ୟକର୍ତ୍ତା, ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍, ବିଜୁ ଯୁବ ବାହିନୀର ସଦସ୍ୟ, ଶିକ୍ଷକମାନେ ସାମିଲ ଥିଲେ ।

## ବିଜୁ ଯୁବବାହିନୀ ପକ୍ଷରୁ ଚାରାରୋପଣ

**ଅମରପାଲି, ୨୫।୯ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟ କାଦୋଦର ପରିସରରେ କାଦୋଦର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଧକ୍ଷ ବଲ୍ଲଭ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୈଳାସ ପୁରୋହିତ ଓ ବାଳମୁକୁନ୍ଦ ବାରିକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବିଜୁ ଯୁବ ବାହିନୀ ସଭାପତି ସଚ୍ଚିଦାନନ୍ଦ ବାରିକ ଓ ସମ୍ପାଦକ ବିଘ୍ନେଶ୍ୱର ଦେହୁରୀ, ପ୍ରଶାନ୍ତ, ମଣ୍ଟୁ, ପଦ୍ମଲୋଚନ, ଦେବାଶିଷ, ଚିନ୍ମୟ, କମଲ, ପଦ୍ମନ, ସରୋଜ, ଯୋଗିନ୍ଦ୍ର, ସୁଶାନ୍ତ ପ୍ରମୁଖ କଲେଜ ପରିସରରେ ୧୦୦ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ସୁଶାନ୍ତ ଦେହୁରୀ ପରିଚାଳନା କରିଥିଲେ। ଶେଷରେ ଅଧାପକ ତଥା ଯୁବ ରେଡକ୍ରସ କାଉନସେଲର୍ ଉଦ୍ଧବ ପଧାନ ଧନ୍ୟବାଦ ଦେଇଥିଲେ।

## ଆର୍ଥିକ ଅନ୍ତର୍ଭୁକ୍ତ ସଚେତନତା ଶିବିର

**ଅମରପାଲି, ୨୫।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଧର୍ମଶାଳା ପଞ୍ଚାୟତ ହାଇସ୍କୁଲରେ ଆର୍ଥିକ ଅନ୍ତର୍ଭୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ଭୁବନେଶ୍ୱର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ୱୋରର ମିଳିତ ଆନୁକୂଲ୍ୟରେ ଉକ୍ତ ହାଇସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ଶ୍ୱୋରର କର୍ମକର୍ତ୍ତା ଦତ୍ତାତ୍ରେୟ ଗୁରୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଆରବିଆଇ ଏଜିଏମ ସଞ୍ଜିବ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏଲଡିଏମ ପି.କେ. ଦାଶ ଉକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରଥ, ଏଫଏଲସି ଟିକଲାଲ ସେଠ, ସତ୍ୟଜିତ ନାଏକ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶ୍ୱୋରର ରାମହରି ଭୋଇ ଓ ନରେନ୍ଦ୍ର ସାହୁ ସହଯୋଗ କରିଥିଲେ ।

## ତମାଖୁ ବର୍ଜନ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୨୫।୯ (ଡି.ଏନ.ଏ.)**




ମଞ୍ଚାସୀନ ଅତିଥି ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର କଲେଜରେ ଓଡିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ତମାଖୁ ବର୍ଜନ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାନ୍ତ କୁମାର ମେହେର, ମହେନ୍ଦ୍ର କୁମାର ମିଶ୍ର, ଗୌରୀ ପାତ୍ର, ଅକୃତ ହୋତା ପ୍ରମୁଖ ଯୋଗଦେଇଥିଲେ। କଲେଜ ଅଧକ୍ଷ ଶ୍ରୀକାନ୍ତ ପଧାନଙ୍କ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଅକୃତ ହୋତା ତମାଖୁର ହାନୀକାରକ ଦିଗ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ମହେନ୍ଦ୍ର ପାତ୍ର ହେଲଦି କାର୍ଯ୍ୟକଳାପ, ହେଲଦି ନେଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଶାନ୍ତ ମେହେର ତମାଖୁ ସେବନରୁ କିପରି ନିବୃତ ରହିବ ସେ ନେଇ ତାହାର ଉପାୟ ବତାଇଥିଲେ। ତମାଖୁ ସଚେତନତା ବିଷୟବସ୍ତୁକୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ସସ୍ମିତା ମେହେର, ଅଲିଭା ରଣା ଓ ପ୍ରଫୁଲ୍ଲ ମହାକୁର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭା ଶେଷରେ ନୃତ୍ୟ ପ୍ରତିଯୋଗୀତା ସହ କ୍ଷୁଦ୍ର ନାଟକ 'ଆର କେଭେ ନାଇଁ' ପରିବେଶିତ ହୋଇଥିଲା। ଅଧାପିକା ଦେବଜାନୀ ମେଶୁଆଙ୍କ ରଚନା ଓ ନିର୍ଦ୍ଦେଶନାରେ ପରିବେଶିତ ଉକ୍ତ ନାଟକରେ ଛାତ୍ରୀ କଲ୍ୟାଣୀ, ଚନ୍ଦ୍ରମା, ସସ୍ମିତା, ରିଙ୍କି, ଅନୁପମା, ସବ୍ୟାଞ୍ଜଳି, ପ୍ରିୟଦର୍ଶନୀ, ଶଶିପ୍ରିୟା, ସରିତା, ରିଙ୍କି, ଅଲିଭା ପ୍ରମୁଖ ଅଭିନୟ କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧାପିକା ଦେବଜାନୀ ମେଶୁଆ ସଂଯୋଜନା କରିଥିବା ବେଳେ ଅଧାପକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧାପିକା ପ୍ରତିମା ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଗ୍ରାମବାସୀ

**ସୋନପୁର,୨୫।୯(ନି.ପ୍ର.)**



ଗ୍ରାମବାସୀ ଏସ୍‌ପିଙ୍କୁ ଭେଟିବାକୁ ଆସିଛନ୍ତି ।

ଅଭିଯୁକ୍ତଙ୍କୁ ଗିରଫ ପାଇଁ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଧାନବସା ଗ୍ରାମବାସୀ ମଙ୍ଗଳବାର ଏସ୍‌ପି ଦେବୀପ୍ରସାଦ ଦାଶଙ୍କୁ ଭେଟିଥିଲେ। ଗ୍ରାମର ବାବୁଲୁ ଷାଣ୍ଢ(୨୨)ଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ଅଭିଯୋଗ ଅନୁଯାୟୀ ଗତ ୧୪ ତାରିଖରେ କୁଲି ମେହେର ସମାଜର ପୂଜା ଥିଲା । ଗ୍ରାମରେ ନାଟକ ହେଉଥିଲା। ଏହି ସମୟରେ ବାବୁଲୁ ଓ ତାଙ୍କ ବାପା ପଞ୍ଚାନନ(୪୭) କୁଲି ମେହେର ସମାଜକୁ ଜାତି ଉଠାଇ ଆକ୍ଷେପ କରିଥିବା ଅଭିଯୋଗ ହୋଇଥିଲା। ଏପରିକି ପଞ୍ଚାନନ ଓ ବାବୁଲୁ ମାରଣାସ୍ତ୍ର ଦ୍ୱାରା ଗ୍ରାମର ଦିଲ୍ଲିପ ମେହେରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୋଗକ୍ରମେ ରାମପୁର ପୋଲିସ ପଞ୍ଚାନନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କିନ୍ତୁ ବାବୁଲୁଙ୍କୁ ଗିରଫ କରିବା ପାଇଁ ଗ୍ରାମବାସୀ ଅଡି ବସିଛନ୍ତି । ବୁଧବାର କୁଲି ସମାଜର ଦିଲ୍ଲିପ ମେହେର, ଗୋପବନ୍ଧୁ ମେହେର, ଆନନ୍ଦ ମେହେର, ଝାର ମେହେର, ସୁକାନ୍ତି ମେହେର, ବନିତା ମେହର, ବିନୋଦିନୀ ମେହେର ଓ ପୂର୍ଣ୍ଣଚନ୍ଦ୍ର ମେହେର ପ୍ରମୁଖ ଶତାଧିକ ଗ୍ରାମବାସୀ ଏସ୍‌ପିଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଆଜବେଷ୍ଟସ୍ ଛାତ ଭାଙ୍ଗି ଦୋକାନରୁ ଚୋରି

ବିନିକା,୨୫।୯(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା କିଷାନ୍ ଛକରେ ଥିବା ଏକ ପୂଜା ସାମଗ୍ରୀ ଓ ରାଶନ ଦୋକାନ ଆଜବେଷ୍ଟସ ଛାତ ଭାଙ୍ଗି ମଙ୍ଗଳବାର ରାତିରେ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଦୋକାନୀ ମାଲିକ ସିଂଘିଯୁବା ଗ୍ରାମର ଭଗବାନ ସାହୁ ଏ ନେଇ ବିନିକା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ କିଷାନ୍ ଛକ ନିକଟ ମୁଖ୍ୟରାସ୍ତା କଡରେ ତାଙ୍କର ଗୋଟିଏ ପୂଜା ସାମଗ୍ରୀ ଓ ଏକ ଫେନ୍ସି ଦୋକାନ ରହିଛି। ଗୋଟିଏ ଦୋକାନରେ ସେ ନିଜେ ବସୁଥିବା ବେଳେ ଅନ୍ୟ ଦୋକାନକୁ ତାଙ୍କ ସାନ ଭାଇ ପୀତାମ୍ବର ବୁଝାବୁଝି କରନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ ଦୋକାନ ଘରର ଆଜବେଷ୍ଟସ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ଅଭିଯୋଗ ପରେ ବିନିକା ପୋଲିସ ତଦନ୍ତ ଆରମ୍ଭ କରିଥିବା ଏସ୍‌ଆଇ କବିମନ୍ନ୍ୟୁ ସେଠୀ କହିଛନ୍ତି।

### ବିଜୁ ଯୁବବାହିନୀ ପକ୍ଷରୁ ଚାରା ରୋପଣ

ଉଲୁଣ୍ଡା, ୨୫।୯(ଡି.ଏନ.ଏ.):ଉଲୁଣ୍ଡା ବ୍ଲକ କାଦୋବର ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ତରଫରୁ ବୁଧବାର ଏକ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ସଚ୍ଚିଦାନନ୍ଦ ବାରିକ ଏବଂ ସମ୍ପାଦକ ବିଘ୍ନେଶ୍ୱର ଦେହୁରୀଙ୍କ ସଂଯୋଜନାରେ ସ୍ଥାନୀୟ ଉମାଦେବୀ ଆଞ୍ଚଳିକ ହାବିଦ୍ୟାଳୟ ଏବଂ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା।

ଦେଓଗାଁ ବ୍ଲକରେ ନୂଆଁଖାଇ ଭେଟ୍‌ଘାଟ୍

# ଜଳସେଚନ, ଚିନିକଳର ପୁନରୁଦ୍ଧାର ହେଲେ ବିକାଶ ସମ୍ଭବ

ଦେଓଗାଁ,୨୫।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ରୀନା ମେହେରଙ୍କ ସଭାପତିତ୍ୱ ତଥା ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଶୁଶିଳ କୁମାର ଚାନ୍ଦ, ଏବିଡିଓ ଭୀମସେନ କହଁର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ସାହୁ, ଲକ୍ଷ୍ମଣ କୁମାର ମେହେର, କୈଳାସ ତାଣ୍ଡି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମେହେର ଯୋଗଦେଇ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ ଚିନିକଳ ଏବେ ବିଲୁପ୍ତ ଅବସ୍ଥାଦେଇ ଗତି କରୁଛି। ଶିଳ୍ପ ଦ୍ୱାରା ବଲାଙ୍ଗୀର ସମେତ ସୋନପୁର, ବୌଦ୍ଧ, କଳାହାଣ୍ଡି ଆଦି ଜିଲାର ୭ ହଜାରରୁ ଊର୍ଦ୍ଧ୍ୱ ଆଖୁଚାଷୀ ନିର୍ଭରଶୀଳ ଥିଲେ। ଅନେକ କର୍ମଚାରୀ କର୍ମସଂସ୍ଥାନ ହରାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି । ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଅନେକ ଲୋକ ପ୍ରଭାବିତ ହୋଇଛନ୍ତି, ଏଣୁ ଏହାର ପୁନରୁଦ୍ଧାର ନିତାନ୍ତ ଆବଶ୍ୟକ ହୋଇଛି। ଏଥିସହ ଦେଓଗାଁ ବ୍ଲକ ଦେଇ ସୋନଗଡ ନଦୀ ଯାଇଥିଲେ ମଧ୍ୟ ଏହି ବ୍ଲକ ସବୁବେଳେ ମରୁଡିର ଶିକାର ହେଉଛି। ନଦୀରେ ବ୍ୟାରେଜ ନିର୍ମାଣ ସହ ଅନେକ ସ୍ଥାନରେ ଚେକଡ୍ୟାମ ନିର୍ମାଣ କରାଗଲେ ଜଳସେଚନର ବିକାଶ ହେବା ସହ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତି ଘଟିବ ବୋଲି ଗୁରୁତ୍ୱାରୋପ କରିଥିଲେ। ଶେଷରେ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୨୬ଟି ପଞ୍ଚାୟତର ସମିତି ସଭ୍ୟା ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ।



ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଡିଜି-ଡିଷ୍ଟ୍ରିକ୍ ବଲାଙ୍ଗୀରର ଉଦ୍‌ଘାଟନୀ ସମାରୋହ

ବଲାଙ୍ଗୀର ଅଫିସ, ୨୫।୯

ବଲାଙ୍ଗୀର ଜିଲାକୁ ଶତ ପ୍ରତିଶତ ଡିଜିଟାଇଜେସନ୍ ଲକ୍ଷ୍ୟ ନେଇ ବୁଧବାର ଡିଜି-ଡିଷ୍ଟ୍ରିକ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବୁଧବାର ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କର ରେଜିଓନାଲ ମେନେଜର ପ୍ରସନ୍ନ କୁମାର ବେହେରା, ଏଜିଏମ୍ ଉମାକାନ୍ତ ତ୍ରିପାଠୀ ମଞ୍ଚାସୀନ ହୋଇଥିଲେ । ଡିଜିଟାଲ ପେମେଣ୍ଟକୁ ହଁ, ନଗଦକୁ ନାଁ ଉପରେ ଆଲୋଚନା ହୋଇଥିଲା। ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ ହେବା ଦ୍ୱାରା ହିଁ ସରକାରଙ୍କ ୫-ଟି ଅଧିକ ସଫଳ ହେବ ଓ ଲୋକେ ସୁବିଧା ପାଇପାରିବେ । ଇ-ପେମେଣ୍ଟ, ଇ-କମର୍ସ, ଭୀମଆପ୍ ଜରିଆରେ ଲୋକେ ନିର୍ଭୟରେ ଲାଭ ଉଠାଇ ପାରିବେ ବୋଲି ଆଲୋଚନା ହୋଇଥିଲା । ଜିଲାପାଳ ଡାକୁଆ ଡିଜିଟାଇଜେସନ୍ ଦ୍ୱାରା ଉପଲବ୍ଧ ଇ-ପେମେଣ୍ଟ ସହ ନଗଦ ଅର୍ଥ ଦେଇ ପିଡିଏସ୍ ସାମଗ୍ରୀ ହିତାଧିକାରୀ ବିନା ବାଧାରେ ପାଇପାରିବେ ବୋଲି ସ୍ପଷ୍ଟ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏମ୍ ବେହେରା ଜିଲାକୁ ଏସ୍‌ବିଆଇ ଚୟନ କରି ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ କରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଏସ୍‌ଏଚ୍‌ଜି ଓ ଅନ୍ୟ ଫେୟାର ପ୍ରାଇସ ସପ୍ କର୍ମଚାରୀଙ୍କୁ ଫିଙ୍ଗର ପ୍ରିଣ୍ଟ ମେଶିନ୍ ବଣ୍ଟନ କରିଥିଲେ।




ଡିଜି-ଡିଷ୍ଟ୍ରିକ ବଲାଙ୍ଗୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନ ପ୍ରସ୍ତୁତି

କୋକସରା,୨୫।୯(ଡି.ଏନ.ଏ.)

କୋକସରା ବ୍ଲକ ଲଡୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଉତ୍ସବ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡା ଆନୁଷ୍ଠାନିକ ଭାବେ ମହାତ୍ମା ଗାନ୍ଧିଙ୍କ ପୋଟଚିତ୍ର ଉପରେ ମାଲ୍ୟାର୍ପଣ କରିଥିବା ବେଳେ ସମସ୍ତ ଅଧ୍ୟାପକ କର୍ମଚାରୀମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ରାମ ଧୂନ ଗାନ କରିବା ପରେ ଯୁବରେଡକ୍ରସ ପରାମର୍ଶ ଦାତା ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ସ୍ୱଚ୍ଛତା ପକ୍ଷ ପାଳନ କରିଥିଲେ। ଗାନ୍ଧିଜୀଙ୍କ ଆଦର୍ଶ ଓ ଦର୍ଶନ ଉପରେ ବକ୍ତୃତା ଓ ରଚନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ପ୍ରେମାନନ୍ଦ ସା, ଶଙ୍କର ସତନାମୀ, ହେମନ୍ତ ସତନାମୀ, କଲ୍ୟାଣୀ ମହାନ୍ତି, ବିରେନ୍ଦ୍ର ନାରାୟଣ ଦାସ, ଭାରତ ଭୂଷଣ ଠାକୁର, ପ୍ରଶାନ୍ତ ଯୋଷୀ ପ୍ରମୁଖ ପ୍ରତିଯୋଗିତାଗୁଡିକୁ ପରିଚାଳନା କରିଥିଲେ। ଦିବାକର ଦୁର୍ଗା, ବିଭୁଦତ୍ତ ସାହୁ, ଭାନୁମତୀ ମାଝି, ତୁଳସୀ ବାଗ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

ଗୁଡଭେଲା,୨୫।୯(ଡି.ଏନ୍.ଏ.)

ଗୁଡଭେଲା ବ୍ଲକ ତେନ୍ତୁଲିଖୁଣ୍ଟି ନୋଡାଲ ଉଚ୍ଚ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକି ଉପଲକ୍ଷେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯଦୁମଣି ମେହେର, ମୁଖ୍ୟବକ୍ତା ଭାବେ ଏବିଇଓ ରମେଶ ସାମର୍ଥ, କୈଳାଶ କୁମ୍ଭାର ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗଦେଇ କୁଇଜ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସିନିୟର ବିଭାଗ ବକ୍ତୃତାରେ ସୁଭଦ୍ରା ଦାସ ପ୍ରଥମ, ମୋହିନି ସାହୁ ଦ୍ୱିତୀୟ, ତୃତୀୟ ଲିପୁନ ଦାସ ଏବଂ ଜୁନିୟର ବିଭାଗ ବକ୍ତୃତାରେ ପ୍ରତିଚି ପଟ୍ଟନାୟକ ପ୍ରଥମ, ସୁମିତ ପ୍ରଧାନ ଦ୍ୱିତୀୟ, ପୂଜା ହେର୍ଣ୍ଣା ତୃତୀୟ ଏବଂ ସିନିୟର ବିଭାଗ ଚିତ୍ରାଙ୍କନରେ ରାଜୁ ନନ୍ଦ ପ୍ରଥମ, ଯୁଧିଷ୍ଠିର ଛଞ୍ଚା ଦ୍ୱିତୀୟ, ରବିନା ରଣା ତୃତୀୟ ଏବଂ ଜୁନିୟର ବିଭାଗ ଚିତ୍ରାଙ୍କନରେ ଅନୁସୁୟା ଦୀପ ପ୍ରଥମ, ରିଷଭ ସୁନା ଦ୍ୱିତୀୟ, ନିର୍ମଳ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି କୁଇଜ ପ୍ରତିଯୋଗିତାରେ ସିନିୟର ବିଭାଗରେ ରୋଶନ ପ୍ରଧାନ ପ୍ରଥମ, ପ୍ରତିଭା ଥପା ଦ୍ୱିତୀୟ, ଆକତାର ଅଲୀ ତୃତୀୟ ଓ ଜୁନିୟର ବିଭାଗରେ ସ୍ମୃତି ଭୋଇ ପ୍ରଥମ, ଭାବଗ୍ରାହୀ ପ୍ରଧାନ ଦ୍ୱିତୀୟ ଓ ହାର୍ଦ୍ଦିକରୋଶନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ଭୋଇ, ପ୍ରକାଶ ପ୍ରଧାନ, ବେଣୁପାଣି ବୁଡେକ, ପ୍ରଶାନ୍ତ ଭୋଇଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ସିଆର୍‌ସିସି ସଞ୍ଜୟ ସାହୁ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ।

# କୋସଲୀ ଭାଷା, ସଂସ୍କୃତି ଗବେଷଣା କେନ୍ଦ୍ରର ଲୋଗୋ ଉନ୍ମୋଚିତ



ଲୋଗୋ ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥି ଓ ସଦସ୍ୟ ।

ବଲାଙ୍ଗୀର ଅଫିସ, ୨୫।୯

ସ୍ଥାନୀୟ ଅମଲା ଭବନଠାରେ କୋସଲୀ ଭାଷାଆର୍ ସଂସ୍କୃତି ଗବେଷଣା କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ବୈଠକରେ କେନ୍ଦ୍ରର ଲୋଗୋ ଉନ୍ମୋଚନ କରାଯାଇଛି। ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତାଙ୍କ ଅଙ୍କିତ ଲୋଗୋକୁ ଗବେଷଣା କେନ୍ଦ୍ରର ସଦସ୍ୟମାନେ ମିଳିତ ଭାବେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ସମଗ୍ର ପଶ୍ଚିମ ଓଡ଼ିଶାର ୧୨ଟି ଜିଲାରେ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏବଂ କୋସଲୀ ଭାଷା ସଂସ୍କୃତି ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସହ ମିଶି କୋସଲୀ ଭାଷା ସାହିତ୍ୟ ସମ୍ମିଳନୀ କରିବାକୁ ସଦସ୍ୟମାନେ ମତ ଦେଇଥିଲେ। ସଭାରେ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ନାମଯଜ୍ଞ ମିଶ୍ର, ନିମାଇଁ ଚରଣ ପାଣିଗ୍ରାହୀ, ଶାନ୍ତନୁ କୁମାର ନାଏକ, ବୀରେନ୍ଦ୍ର ବନ୍‌ଛୋର, ବିଶ୍ୱଜିତ୍ ନାୟକ, ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାମଭକ୍ତ ଫଂଗିକାର, ସୁଶାନ୍ତ ବାଗ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ପୁରୁତମ ଜୁଏଡ, ଗଣେଶ ବାରିକ, ଗୋବର୍ଦ୍ଧନ ପାଣ୍ଡିଆ, କପିଳେଶ୍ୱରଖମାରୀ, ଅବଦୁଲମଜିଦ୍‌କୋସଲୀ ଭାଷାର ଉନ୍ନତି ଦିଗରେ କିଭଳି ଅଧିକ କାର୍ଯ୍ୟ କରାଯାଇପାରିବ ସେ ଉପରେ ମତାମତ ଦେଇଥିଲେ। ଶେଷରେ ରାମଭକ୍ତ ଫଂଗିକାର ଧନ୍ୟବାଦ ଦେଇଥିଲେ।


## SCHOOL OF EDUCATION BERHAMPUR UNIVERSITY

BHANJA BIHAR

BERHAMPUR-760007, (GANJAM) ODISHA

No.197 /SOF/BU/2019 Date: 25.09.2019

**ADMISSION NOTIFICATION 2019-2021**

Applications are invited for admission into B. Ed. two years course (Regular on Self Financing Mode) under ***SCHOOL OF EDUCATION*** of ***BERHAMPUR UNIVERSITY*** for the session 2019-2021.

The candidates are required to download the prospectus and application form from Berhampur University Website **(www.buodisha.edu.in)** which contains the detailed information relating to the eligibility criteria, application procedure. selection procedure, Fee structure etc. from dated 27.9.2019 (Friday) till the last date mentioned below.

**NO PRINTED FORMS WILL BE SOLD BY THE SCHOOL OF EDUCATION, BERHAMPUR UNIVERSITY**

COURSE **B. Ed. 2 years course (Regular on Self Financing Mode).**

DATES TO REMEMBER

| | |
|---|---|
| Last date of receipt of duly filled-in-application form alongwith processing- cum- application fee | **15.10.2019 (Tuesday)** |

For details visit the Berhampur University Website **(www.buodisha.edu.in)** from **27.9.2019** onwards.

**Sd./- (Dr. S.R. Das)**
**Coordinator**
**School of Education**
**Berhampur University**


# ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ବାର୍ଷିକ କାର୍ଯ୍ୟ ସମୀକ୍ଷା ବୈଠକ

ବଲାଙ୍ଗୀର ଅଫିସ, ୨୫।୯

ବଲାଙ୍ଗୀର କଲେଜଛକସ୍ଥିତ ପୌର କଲ୍ୟାଣ ମଣ୍ଡପରେ ବୁଧବାର ଜିଲା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ବାର୍ଷିକ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବେ ବୈଠକରେ ଯୋଗ ଦେଇଥିଲେ । ଡାକବିଭାଗରୁ ଅଚ୍ୟୁତ ପୁରୋହିତ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥି ପରିଚାଳନା କରି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଜିଲାପାଳ ଡାକୁଆ ସଞ୍ଚୟ ଉପରେ ବକ୍ତବ୍ୟ ରଖି ଆର୍ଥିକ ଦିଗରୁ ସ୍ୱାବଲମ୍ବୀ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍କିମ୍‌ର ଶ୍ରେଷ୍ଠ ବିବେଚିତ ଏଜେଣ୍ଟଙ୍କୁ ପ୍ରମାଣପତ୍ର ଦେଇ ଜିଲାପାଳ ପୁରସ୍କୃତ କରିଥିଲେ । ଏହି ଅବସରରେ ବୟୋଜ୍ୟେଷ୍ଠ ଗଣମାଧ୍ୟମ ପ୍ରତିନିଧି ଓ ସିନେ କଳାକାର ସତ୍ୟନାରାୟଣ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।




ଜିଲା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ବାର୍ଷିକ କାର୍ଯ୍ୟ ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥି।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ 1196 (ଗୋପନୀୟ ବିଭାଗ) ତା 24.9.19 ରିଖ

**୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମନ୍ତେ ରାଜ୍ୟର ସମସ୍ତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ On-Line Enrolment ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ ନିମନ୍ତେ କାର୍ଯ୍ୟସୂଚୀ**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ/ ବିଦ୍ୟାଳୟମୁଖ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବର୍ତ୍ତମାନ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ତଥା ୨୦୨୧ ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେବା ପାଇଁ ଯୋଗ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ନାମ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ପଞ୍ଜୀକୃତ ହେବ ଏବଂ ପଞ୍ଜୀକୃତ ଶିକ୍ଷକମାନଙ୍କର ତଥ୍ୟ ସଂଶୋଧନ କରିବା ପାଇଁ ସୁଯୋଗ ମିଳିବ । ଏହି ପଞ୍ଜୀକରଣ ପ୍ରକ୍ରିୟା ଗତ ବର୍ଷ ପରି **ON-LINE** ମାଧ୍ୟମରେ ହେଉଥିବାରୁ ସମସ୍ତ ବିଦ୍ୟାଳୟ ମୁଖ୍ୟ, ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହାୟତାରେ ଏହି କାର୍ଯ୍ୟକୁ ଶେଷ କରିବାକୁ ହେବ ।

୧. ପଞ୍ଜୀକରଣ କରିବାର ତାରିଖ ଓ ସମୟ - ପଞ୍ଜୀକରଣ (Deposit of Fee, Final Submission ଏବଂ ପଞ୍ଜୀକରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ) ତା୨୬/୦୯/୨୦୧୯ରିଖ ଠାରୁ ଆରମ୍ଭ ହୋଇ ତା୨୨/୧୦/୨୦୧୯ରିଖ ରାତ୍ର ଘ.୧୧.୪୫ମି. ସୁଧା ସମ୍ପନ୍ନ ହେବ । ଏହି ଦିବସ ମାନଙ୍କରେ ଉକ୍ତ ପ୍ରକ୍ରିୟା ଅନବରତ (24 × 7) ଚାଲୁରହିବ । ତା୨୨/୧୦/୨୦୧୯ରିଖ ମଧ୍ୟରେ Fees Deposit ହୋଇଥିଲେ ତା୨୩/୧୦/୨୦୧୯ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ଫର୍ମ ପୂରଣ କରି Final Submission କରାଯାଇପାରିବ ।

୨. ଫିସ୍ ଦାଖଲ - ପ୍ରତ୍ୟେକ ପିଲା ପାଇଁ ଟ୧୦୦.୦୦ଙ୍କା ହିସାବରେ ପଞ୍ଜୀକରଣ ଫିସ୍ Axis Bank Easy Pay ଜରିଆରେ ଉଭୟ Online ଓ Offline ମାଧ୍ୟମରେ କରାଯାଇପାରିବ । ସ୍କୁଲର Regular ଛାତ୍ରଛାତ୍ରୀଙ୍କ ସହିତ Quasi Regular ଛାତ୍ରଛାତ୍ରୀଙ୍କର ମଧ୍ୟ ପଞ୍ଜୀକରଣ ପ୍ରକ୍ରିୟା ଏହି ସମୟ ମଧ୍ୟରେ ଅନୁଷ୍ଠିତ ହେବ । ଶିକ୍ଷକମାନଙ୍କର ପଞ୍ଜୀକରଣ ବା ତଥ୍ୟ ସଂଶୋଧନ ନିମନ୍ତେ କୌଣସି ଶୁଳ୍କ ଲାଗିବ ନାହିଁ । Govt. ଏବଂ Govt. Aided ସ୍କୁଲମାନଙ୍କରେ SC/ ST ବର୍ଗର Regular ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ନିମନ୍ତେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ ।

୩. ପଞ୍ଜୀକରଣ ସମ୍ପର୍କିତ Application Format & Step By Step Instruction ମାଧ୍ୟମିକ ଶିକ୍ଷା ପରିଷଦର ନିଜସ୍ୱ website i.e. **"www.bseodisha.ac.in"** ରେ ଉପଲବ୍ଧ ହେବ । ଏହି ନିର୍ଦ୍ଦେଶାବଳୀ ମଧ୍ୟ Online Enrolment ସମୟରେ download କରି ସଂଗ୍ରହ କରାଯାଇପାରିବ । ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢିସାରି ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରିବେ । ପଞ୍ଜୀକରଣ କରିସାରିଲା ପରେ ଉଭୟ Descriptive Roll Sheet ଏବଂ Registered Teacher Listକୁ download କରିବେ । Registered Teacher Listକୁ ସମ୍ପୃକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର Countersignature କରି ଉଭୟ Listକୁ ସମ୍ପୃକ୍ତ ବୋର୍ଡର ଶାଖା କାର୍ଯ୍ୟାଳୟରେ ତା୨୫/୧୦/୨୦୧୯ରିଖ ସୁଦ୍ଧା ଦାଖଲ କରିବାକୁ ହେବ ।

୪. ଯେଉଁ ଛାତ୍ରଛାତ୍ରୀମାନେ ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନାମ ପଞ୍ଜୀକୃତ କରିପାରିନଥିବେ ସେମାନେ School Regular ବା Quasi Regular ହିସାବରେ ୨୦୨୧ ମସିହାରେ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଦେଇପାରିବେ ନାହିଁ । ଏହି କ୍ଷେତ୍ରରେ ସେମାନେ ପରିଷଦ ଦ୍ୱାରା ପରିଚାଳିତ Correspondence Courseରେ ନାମ ପଞ୍ଜୀକୃତ କରି ପରୀକ୍ଷା ଦେବାପାଇଁ ଯୋଗ୍ୟ ବିବେଚିତ ହେବେ ।

୫. ଯେଉଁ ବିଦ୍ୟାଳୟଗୁଡିକ Quasi Regular ହିସାବରେ ପରୀକ୍ଷା ଦେବା ପାଇଁ ଯୋଗ୍ୟ, ସେମାନଙ୍କୁ ବୋର୍ଡ ଶାଖା କାର୍ଯ୍ୟାଳୟର ଉପ ସମ୍ପାଦକ ମାନେ, ନିକଟବର୍ତ୍ତୀ ଏକ Recognised ସ୍କୁଲ ଦ୍ୱାରା ପଞ୍ଜୀକୃତ ହେବା ପାଇଁ ଲିଖିତ ନିର୍ଦ୍ଦେଶ ଦେବେ ।

୬. ନାମ ପଞ୍ଜୀକରଣ ପାଇଁ Link **"www.bseodisha.ac.in"** ରେ ଉପଲବ୍ଧ ହେବ ।

ସ୍ୱା/-ସମ୍ପାଦକ


# ଟିଟିଲାଗଡ଼ ପଞ୍ଚାୟତ ସମିତି ବୈଠକ

ଟିଟିଲାଗଡ଼,୨୫।୯(ଡି.ଏନ.ଏ.)

ଟିଟିଲାଗଡ଼ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ମୋତିଲାଲ ସୁଲିଆ ସ୍ୱାଗତ ଭାଷଣ ଦେଇ ୩ହଜାର ୫ଶହ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଏବଂ ବିଜୁ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ଏଥିରେ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ଠିକ ଭାବେ କାର୍ଯ୍ୟ କରିବାକୁ ବ୍ଲକର ସମସ୍ତ ଜିଲା ପରିଷଦ ସଭ୍ୟା, ସଭା, ସରପଞ୍ଚ, ସମିତି ସଭ୍ୟା, ସଭ୍ୟଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ମୁକେଶ ଜୈନ, ବ୍ଲକ ଉପାଧ୍ୟକ୍ଷ ଭୋଦର ମାଝି, ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ସମ୍ପାଦକ ହରିନାରାୟଣ ମିଶ୍ର, ଖୋଲାନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମିନକେତନ କିଷାନ, ବ୍ଲକ ଶିକ୍ଷା ଅଧିକାରୀ ଉଦଣ୍ଡଧର ଭୋଇ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ସହକାରୀ ଯନ୍ତ୍ରୀ ନବୀନ ଅଗସ୍ତି, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ଶଙ୍କର ଛୁରା, ସଭ୍ୟା ବିନତି ବେହେରା, ଆର୍‌ଡବ୍ଲୁଏସ୍‌ଏସ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶଧର ଜେନା, କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ପ୍ରସାଦ ରାଉତ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ନୂତନଶ୍ରୀ ପଟେଲ, ପଶୁ ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ପ୍ରଧାନ, ଯୋଗାଣ ନିରୀକ୍ଷକ ପ୍ରମିଳା ଟେଟେଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟା, ସଭ୍ୟ, ଇଓ, ଯନ୍ତ୍ରୀ ତଥା ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



ଟିଟିଲାଗଡ଼ ପଞ୍ଚାୟତ ସମିତି ବୈଠକ ମନ୍ତ୍ରୀ ଟୁକୁନୀ ସାହୁ ଉଦ୍‌ବୋଧନ ଦେଉଛନ୍ତି।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ସିନାପାଲି,୨୫।୯(ଡି.ଏନ.ଏ.)**- ନୂଆପଡା ଜିଲା ସିନାପାଲି ଥାନା ଅନ୍ତର୍ଗତ ଗମ୍ଭାରୀଗୁଡା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖଡିଆଳ ଥାନା ଅନ୍ତର୍ଗତ କିରିକିଟା ଗ୍ରାମର ଭୂପେନ୍ଦ୍ର ମାଝି (୧୯)। ମଙ୍ଗଳବାର ରାତିରେ ବର୍ଷା ଯୋଗୁ ଗମ୍ଭାରୀଗୁଡା ନିକଟରେ ସିନାପାଲି ବିଦ୍ୟୁତ୍ ଷ୍ଟ୍ରକ୍ଚରରୁ ଆସିଥିବା ୧୧ ହଜାର ଭୋଲ୍ଟ ବିଶିଷ୍ଟ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏହି ସମୟରେ ଭୂପେନ୍ଦ୍ର କୌଣସି କାର୍ଯ୍ୟରେ ଗମ୍ଭାରୀଗୁଡା ଅଭିମୁଖେ ସାଇକେଲରେ ଯାଉଥିଲେ। ହଠାତ୍ ସେ ସେଠାରେ ପୂର୍ବରୁ ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଖବର ପ୍ରଚାରିତ ହେବା ପରେ ସିନାପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସନ୍ଧ୍ୟା ସୁଦ୍ଧା ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏ ନେଇ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ ହୋଇଛି।

### ଥୁଆପଦରରେ ଯୁକ୍ତ ଦୁଇ କଲେଜ ଖୋଲିବା ଦାବି

**ଭବାନୀପାଟଣା,୨୫।୯(ଡି.ଏନ.ଏ.)**- ଭବାନୀପାଟଣା ସଦର ବ୍ଲକ ଥୁଆପଦର ଏକ ଆଦିବାସୀ ଅଧୁକ୍ଷିତ ଅଞ୍ଚଳ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅବହେଳିତ ଏହି ଅଞ୍ଚଳରେ କଲେଜ ନ ଥିବାରୁ ଗରିବ ଆଦିବାସୀ ଓ ହରିଜନ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏଠାରେ ଥିବା ସରକାରୀ ହାଇସ୍କୁଲକୁ କଲେଜ ମାନ୍ୟତା ଦେବା ପାଇଁ ସରକାରୀସ୍ତରରେ ବାରମ୍ବାର ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ ସୁଫଳ ମିଳୁ ନ ଥିବାରୁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ୱଚ୍ଛଳ ବର୍ଗର ପିଲାମାନେ ଭବାନୀପାଟଣା କଲେଜରେ ପାଠପଢୁଥିବା ବେଳେ ଗରିବ ଶ୍ରେଣୀର ପିଲାମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଦଶମ ଶ୍ରେଣୀ ପାସ୍ କରିବା ପରେ ଘରେ ବସି ରହୁଛନ୍ତି। ଉଚ୍ଚଶିକ୍ଷା ଅଭାବରୁ ସେମାନେ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ଥୁଆପଦରଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟକୁ କଲେଜ ମାନ୍ୟତା ପ୍ରଦାନ କରାଗଲେ ଥୁଆପଦର, କର୍ଲାଗୁଡା, ପାଲସିଙ୍ଗରଣ, କାମଠଣା, ଫଟକାମାଲ, ଅଧମୁଣ୍ଡା ଓ ପାଷ୍ଟିକୁଡି ସମେତ ୮ଟି ପଞ୍ଚାୟତର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ଏ ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଗ୍ରାମ୍ୟ ସ୍କୁଲ ପରିଚାଳନା ଓ ଉନ୍ନୟନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅରବିନ୍ଦ ସାହୁ, କାର୍ତ୍ତିକ ସାହୁ, ଧର୍ମେନ୍ଦ୍ର ସାହୁହ, ଟିକନୁ ଗଉଡ, ଚୂଡାମଣି ସାହୁ, ହିମାଂଶୁ ସାହୁ, ଗୁପ୍ତେଶ୍ୱର ରଣା, ହେମନ୍ତ ବାଗ, ମହେନ୍ଦ୍ର ସୁନା, ଫଗୁଣ ରଣା, ପ୍ରମୋଦ ସାହୁ, ବେଦବ୍ୟାସ ରଣା, ଲୋକନାଥ ଗଉଡ, ରୀନା ନାଏକ, ଗଣେଶ ମାଝି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଥୁଆପଦର ହାଇସ୍କୁଲକୁ କଲେଜ ମାନ୍ୟତା ପ୍ରଦାନ ଘୋଷଣା ନ କଲେ ଆଗାମୀ ଦିନରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ସଭାପତି ଅରବିନ୍ଦ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।






ରକ୍ତଦାନ ସମ୍ପର୍କିତ ସଚେତନତା ରାଲିରେ ଯୁବତୀମାନେ ସହର ପରିକ୍ରମା କରୁଛନ୍ତି(ବାମ)। ସହର ମଧ୍ୟରେ ଯୁବତୀମାନେ ନାଟକ ପରିବେଷଣ କରୁଛନ୍ତି ।

### ରକ୍ତଦାନ ପାଇଁ ସଚେତନତା ଆଣିଲେ ଯୁବତୀ ସଂଘ

# ସଚେତନତା ରାଲି ସହ ନାଟକ ମଞ୍ଚସ୍ଥ

**ନୂଆପଡା ଅଫିସ,୨୫।୯**

ରକ୍ତଦାନ ମହତ ଦାନ। ଏକ ବୁନ୍ଦା ରକ୍ତ ଗୋଟିଏ ଜୀବନ ବଞ୍ଚାଇପାରିବ । ଏହା ଦ୍ୱାରା ରକ୍ତଦାତା ଏବଂ ରୋଗୀଙ୍କ ହିତ ସାଧନ ହୋଇଥାଏ । ଏଥିପାଇଁ ସମସ୍ତଙ୍କୁ ଆଗେଇ ଆସି ସଚେତନତା ଆଣିବା ଆବଶ୍ୟକତା ରହିଛି ବୋଲି ବିଭିନ୍ନ ସ୍ଲୋଗାନମାନ ଦେଇ ଯୁବତୀ ସଂଘ କର୍ମକର୍ତ୍ତାମାନେ ସଚେତନତା ସୃଷ୍ଟି କରିଛନ୍ତି । ଯୁବତୀ ସଂଘ ଆହ୍ୱାନରେ ଏହି ଅଭିଯାନରେ ମହିଳା ମଣ୍ଡଳ କର୍ମକର୍ତ୍ତାମାନେ ଘରୁ ପାଦ କାଢି ସାମିଲ ହୋଇଛନ୍ତି ।

ସ୍ଥାନୀୟ ଖରିଆରରୋଡ ସହରରେ ଅନନ୍ୟା ଯୁବତୀ ସଂଘର ଆହ୍ୱାନକ୍ରମେ ରକ୍ତଦାନ ଉପରେ ଏକ ସଚେତନତା ସଭା ହୋଇଥିଲା । ଏଥିରେ ଯୁବତୀ ସଂଘ ସଭାପତି ଯଶୋଦା ପାଣ୍ଡେ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଆଶା ଓଡିଶାର ପ୍ରକଳ୍ପ ସଂଯୋଜକ ସଞ୍ଜୀବ ନାୟକ, ସେଭ ଦି ଚିଲଡ୍ରେନର ଜିଲା ଅଧ୍ୟକ୍ଷ ବିଦ୍ୟାଧର ମେହେର, ନେହେରୁ ଯୁବ କେନ୍ଦ୍ରର ଯୁବ ସମ୍ବଳ ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ, ଆଶା ଓଡିଶାର ମନିଟରିଂ ଅଧିକାରୀ ସୁଚିସ୍ମିତା ନାୟକ, ମହିଳା ମଣ୍ଡଳ ସଭାପତି ନେହା ଡାଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହିକ୍ରମରେ

**ଘରକୁ ଘର ବୁଲିଲେ ମହିଳା**

ରକ୍ତଦାନର ଉପକାରୀତା ଉପରେ ବକ୍ତାମାନେ ମତ ରଖିଥିବା ବେଳେ ଏହାକୁ ବ୍ୟାପକ କରାଯାଇ ପାରିଲେ ଏକ ଜୀବନ, ପରିବାର ବଞ୍ଚିପାରିବ ବୋଲି କହିଥିଲେ। ଜିଲାର ବିଭିନ୍ନ ହସ୍ପିଟାଲରେ ରକ୍ତର ଘୋର ଅଭାବ ଦେଖାଦେଇଥାଏ। ସବୁ ପରିବାର ଲୋକ ଯଦି ସଚେତନ ହୁଅନ୍ତି ତେବେ ରକ୍ତର ଅଭାବ ରହିବ ନାହିଁ ବୋଲି କୁହାଯାଇଥିଲା। ଆଗକୁ ଏହାକୁ ଗାଁରୁ ସହର ପର୍ଯ୍ୟନ୍ତ ବ୍ୟାପକ କରିବାକୁ ମହିଳାମାନେ ସଂକଳ୍ପ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିଶାଳ ରାଲି ବାହାରିଥିଲା। ସହରର ସବୁ ଗଳି କନ୍ଦି ବୁଲି ବିଭିନ୍ନ ସଚେତନତା ଧର୍ମୀ ସ୍ଲୋଗାନମାନ ଦେଇଥିଲେ। ଏପରିକି ଘରକୁ ଘର ବୁଲି ପରିବାରର ସଦସ୍ୟମାନଙ୍କୁ ବୁଝାଇଥିଲେ। ଏହି ରାଲି ଦାଦିଜୀ ମନ୍ଦିର ନିକଟରେ ଶେଷ ହୋଇଥିଲା । ଏଥିରେ ଯୁବତୀ ସଂଘ, ମହିଳା ମଣ୍ଡଳ, ସହରର ବିଭିନ୍ନ ୱାର୍ଡରୁ ଠୁଳ ହୋଇଥିବା ମହିଳାମାନେ ସାମିଲ ହୋଇଥିଲେ । ସହର ମଧ୍ୟରେ ଯୁବତୀମାନେ ଏକ ସଚେତନତା ଧର୍ମୀ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରିଥିଲେ । ରାଲିକୁ ଯୁବତୀ ସଂଘ ସଭାପତି ଯଶୋଦା ପାଣ୍ଡେ, ସମ୍ପାଦିକା ସଙ୍ଗୀତା ଶବର, ସହସମ୍ପାଦିକା ଶାଳିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଆଗକୁ ଏହାକୁ ଆହୁରି ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି ।

# କୋମନା ଯୁକ୍ତ ୨ କଲେଜରେ ଏନ୍ଏସ୍ଏସ୍ ଦିବସ ପାଳିତ

**କୋମନା,୨୫।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ଯୁକ୍ତ ୨ ପଞ୍ଚାୟତ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ସିଧେଶ୍ୱର ସାହୁ ଏନଏସଏସ ପତାକା ଉତ୍ତୋଳନ କରି ଛାତ୍ରୀଛାତ୍ରମାନଙ୍କୁ ଏନଏସଏସ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ। ପୂର୍ବତନ ପ୍ରୋଗ୍ରାମ ଅଫିସର ସଂକୀର୍ତନ୍ୟ ମିଶ୍ର, ଶେଷଦେବ ନାୟକ, ପ୍ରଶାନ୍ତ ପଣ୍ଡା ତଥା ଅଧ୍ୟାପକ ଅଶ୍ୱିନୀ ଓତା, ବଚନ ଭୋଇ, ନାରାୟଣ ମିଶ୍ର, ବିନୋଦ ବିହାରୀ ରଥ, ଡିଳେଶ୍ୱରୀ ରଣା, ପଇଟି ଶଙ୍କର ବଇଠାରୁ ପ୍ରମୁଖ ଯୋଗଦାନ କରିଥିଲେ । ପରେ ବର୍ତ୍ତମାନ ଏନଏସଏସ ପ୍ରୋଗ୍ରାମ ଅଫିସର ଦୀପକ କୁମାର ଦାସଙ୍କ ତତ୍ୱାବଧାନେ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀକୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।



ଏନ୍ଏସ୍ଏସ୍ ଦିବସ ପାଳନ ଅବସରରେ ପତାକା ଉତ୍ତୋଳନ କରାଯାଉଛି।

# କାର୍ଯ୍ୟରେ ଆସୁନାହିଁ ଏଏନ୍ଏମ୍ ସେଣ୍ଟର

**ଖଡିଆଳ,୨୫।୯ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ୱାର୍ଡ ନଂ. ୧୩ରେ ନିର୍ମାଣ କରାଯାଇଥିବା ଏଏନ୍ଏମ୍ ଟ୍ରେନିଂ ସେଣ୍ଟର ଗତ ୩ ବର୍ଷ ହେଲା ନିର୍ମାଣ ହୋଇଛି। ହେଲେ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ । ଏହି ସେଣ୍ଟର ଖଡିଆଳ ଗାନ୍ଧୀନଗରସ୍ଥିତ ଅମ୍ବେଦକର ସ୍କୁଲକୁ ଲାଗି ଗତ ୩ ବର୍ଷ ହେଲା ସ୍ୱାସ୍ଥ୍ୟ ବିଭାଗ ସହାୟତରେ ଖଡିଆଳ ଏନଏସି ପକ୍ଷରୁ ନିର୍ମାଣ କରାଯାଇଥିଲା । ହେଲେ ଗାନ୍ଧୀନଗର ସାହିର ଲୋକମାନେ ଦଳିତ ସମ୍ପ୍ରଦାୟ ହୋଇଥିବା ହେତୁ ଘୃଣା ଭାବ ମନେ କରି କୌଣସି କର୍ମଚାରୀ ଆସୁ ନ ଥିବା ଅଭିଯୋଗ ହେଉଛି । ସେହିପରି ଏହି ଏଏନଏମ ସେଣ୍ଟରକୁ ଆଖପାଖ ପଞ୍ଚାୟତ ବିରିଘାଟ. ମାଣ୍ଡୋସିଲ, ଚିନ୍ଦାଗୁଡାରେ କୌଣସି ଚିକିତ୍ସାଳୟ ନ ଥିବାରୁ ଏହି ଏଏନଏମ ସେଣ୍ଟର ଉପରେ ନିର୍ଭର କରିଥାନ୍ତି । ହେଲେ ଏ ପର୍ଯ୍ୟନ୍ତ କୌଣସି ଏଏନଏମ କର୍ମୀ କିମ୍ବା ସ୍ୱାସ୍ଥ୍ୟ ବିଭାଗର କୌଣସି କର୍ମଚାରୀ ଏହି ସେଣ୍ଟରକୁ ଆସୁ ନ ଥିବା ଅଭିଯୋଗ ହେଉଛି । ଆସନ୍ତା ସପ୍ତାହ ମଧ୍ୟରେ ଏଏନଏମ କର୍ମୀଙ୍କୁ ନିଯୁକ୍ତି ଏବଂ ଏହି ଏଏନଏମ ସେଣ୍ଟରକୁ ଖୋଲା ନ ଗଲେ ସ୍ଥାନୀୟ ଗାନ୍ଧୀ କ୍ଲବର ଶହ ଶହ ଯୁବକମାନେ ଏଏନଏମ ସେଣ୍ଟର ଆଗରେ ତାଲା ଦେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।



୩ ବର୍ଷ ହେଲା ନିର୍ମାଣ ହୋଇ ପଡ଼ିରହିଛି ଏଏନ୍ଏମ୍ ଟ୍ରେନିଂ ସେଣ୍ଟର।




# କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି ଗୋଷ୍ଠୀ ଶୌଚାଳୟ

**ଖଡିଆଳ,୨୫।୯ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳସ୍ଥିତ ୱାର୍ଡ ନଂ. ୨ରେ ନୂତନ ଭାବେ ପ୍ରାଇଭେଟ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ସୁବିଧା ପାଇଁ ୨୦୧୭-୧୮ ବର୍ଷରେ ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୋଷ୍ଠୀ ଶୌଚାଳୟ ନିର୍ମିତ ହୋଇଛି। ଏଠାରେ ସମସ୍ତ ପ୍ରକାର ସୁବିଧା ଥାଇ ମଧ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଉ ନ ନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଉଛି। ଏହି ବସଷ୍ଟାଣ୍ଡକୁ ପ୍ରତିଦିନ ହଜାର ହଜାର ଯାତ୍ରୀମାନେ ଆସୁଥିବା ବେଳେ ଶୌଚାଳୟ ନ ଥିବା ଯୋଗୁ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ଦେଖିବାକୁ ମିଳୁଛି । ବିଶେଷ କରି ମହିଳା ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଥିପ୍ରତି ଦୃଷ୍ଟି ଦେଇ ପ୍ରଶାସନ ନିର୍ମାଣ ହୋଇଥିବା ଶୌଚାଳୟକୁ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି ।

### ସିନାପାଲି ନାଗରିକ କମିଟି ବୈଠକ

# ବିଭିନ୍ନ ସମସ୍ୟା ସମାଧାନ ପାଇଁ ନିଷ୍ପତ୍ତି

**ସିନାପାଲି,୨୫।୯ (ଡି.ଏନ.ଏ.)**

ନୂଆପା ଜିଲା ସିନାପାଲି ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ସମାଧାନ ହୋଇ ପାରୁ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଛି। ସିନାପାଲି ସହରରେ ଲୋକଙ୍କ ବ୍ୟବହୃତ ମଇଳା ପାଣି ସହିତ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବା ଯୋଗୁ ସହରର ବିଭିନ୍ନ ସ୍ଥାନରେ ଜମି ରହୁଛି। ଏଠାରେ ଡ୍ରେନେଜ ବ୍ୟବସ୍ଥା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ । ଏହା ସହିତ ସିନାପାଲି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସମସ୍ୟା, ଉଦନ୍ତୀ ନଦୀରେ ବ୍ୟାରେଜ ନିର୍ମାଣ ସହିତ ସିନାପାଲି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏ ସମସ୍ତ ସମସ୍ୟା ସମ୍ପର୍କରେ ପୁନର୍ବାର ଜିଲା ପ୍ରଶାସନରୁ କେନ୍ଦ୍ର ସରକାରଙ୍କୁ ଜଣାଇବା ପାଇଁ ଏକ ପ୍ରତିନିଧି ଦଳ ଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏହା ପରେ ପ୍ରଶାସନ କୌଣସି ସମାଧାନ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ମଧ ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ନାଗରିକ କମିଟି ସଭାପତି ଡମ୍ବରୁଧର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଆଇନଜୀବୀ ବୈଷମ୍ପାୟନ ମେହେର, ପୂର୍ବତନ ବ୍ଲକ ଅଧକ୍ଷ ନୀଳମଣୀ ମେହେର, ନାରାୟଣ ପାତ୍ର, ଗଳାମଣୀ ସା, ଡା. ଅରିଗନ ଯୋଷୀ, ପୁରୁଷୋତ୍ତମ ମେହେର, ତ୍ରିନାଥ ମେହେର, ଚିନ୍ତାମଣୀ ସାହୁ, ଚନ୍ଦ୍ରଶେଖର ମେହେରଙ୍କ ସମେତ ଅନେକ ସଭ୍ୟ ଯୋଗଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ କମିଟି ଏକ ପ୍ରତିନିଧି ଦଳ ଏ ସଂକ୍ରାନ୍ତରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ଦେଖା କରିବା ସହିତ ସମସ୍ୟା ସମ୍ପର୍କରେ ମଧ ଅବଗତ କରାଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ବିଡିଓ ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ମୋ ଦ୍ୱାରା ଯାହା ସମ୍ଭବ ତାହା କରାଯିବ । ଡ୍ରେନେଜ ବ୍ୟବସ୍ଥା ପାଇଁ ପ୍ଲାନିଂ କରିବା ପାଇଁ ବୈଷୟିକ ସହାୟତା ଯୋଗଇ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ପଏଁର ଗ୍ରାମରେ ହାତୀ ଉପଦ୍ରବ

**କୋମନା,୨୫।୯(ଡି.ଏନ.ଏ.)**



ନୂଆପଡା ଜିଲା କୋମନା ବ୍ଲକ ପଏଁର ଗାଁ ଓ ଆଖପାଖ ଅଞ୍ଚଳରେ ଲଗାତର ୨ ମାସରୁ ଉର୍ଦ୍ଧ୍ୱ ହେବ ହାତୀ ପ୍ରବେଶ କରି ବିଭିନ୍ନ ଚାଷ ଉପଦ୍ରବ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପୁଣି ଥରେ ବୁଧବାର ଭୋରରେ କିଛି ହାତିପଲ ପଏଁର ଗାଁସ୍ଥିତ ବିଜୟଗଡ କାଳିଡଙ୍ଗର ତଳି ଚାଷ ଜମିରେ ପଶି ଧାନ ଫସଲକୁ ଦଳିଚକଟି ବହୁ ମାତ୍ରାରେ ନଷ୍ଟ କରିଚନ୍ତି। ଏଥିଯୋଗୁ ଚାଷୀମାନେ ଘୋର ଚିନ୍ତାରେ ପଡିଛନ୍ତି। ସୂଚନା ଅନୁସାରେ ଗତ କିଛି ଦିନ ପୂର୍ବେ କୋମନା ବ୍ଲକ ଅନୁପଗଡ, କାଲିମାଟି, ରଜନା, କୋନାବିରା ଓ ବିଲେଇଅଞ୍ଚର ଅଞ୍ଚଳରେ ୨୮ ରୁ ୩୦ ହାତୀ ପ୍ରବେଶ କରି ସପ୍ତାହେ ଧରି ବହୁ ଫସଲ ନଷ୍ଟ କରିଥିଲେ। ଉକ୍ତ ସମୟରେ ହାତୀ ପଲକୁ କୋମନା ବନ ବିଭାଗ ଓ ହାତୀ ଘଉଡେଇବା ଦଳ ମିଶି ବଲାଙ୍ଗୀର ଜିଲା ସୀମାନ୍ତବର୍ତ୍ତୀ ଜଙ୍ଗଲକୁ ଘଉଡାଇ ଥିଲେ। ଏ ନେଇ କୋମନା ବନ ବିଭାଗ ରେଞ୍ଜର ଜଗଦିଶ ଦୁରିଆଙ୍କୁ ପଚାରିବାରୁ ତାଙ୍କ ନିକଟରେ କିଛି ଖବର ନ ଥିବା କହିଛନ୍ତି। ଯଦି ଚାଷୀମାନେ କ୍ଷତି ବିଷୟରେ ଲେଖି ଜଣାଇଲେ ତଦନ୍ତ କରି କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

### ୫ମ ଦିବସୀୟ ନିଃଶୁଳ୍କ ଯୋଗ ଶିବିର ଉଦ୍ଯାପିତ

# ଯୋଗ ଅଭ୍ୟାସରେ ରୋଗରୁ ମୁକ୍ତି ମିଳେ

**ନୂଆପଡା ଅଫିସ/କୋମନା, ୨୫।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଭେଲା ଗ୍ରାମରେ ପତଞ୍ଜଳୀ ଯୋଗ ସମିତି ଏବଂ ଅଭ୍ୟୁଦୟ ୟୁଥ କ୍ଲବ ମିଳିତ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଦିବସୀୟ ଯୋଗାଭ୍ୟାସ ଶିବିର ଉଦ୍ଯାପିତ ହୋଇଯାଇଛି। ୫ ଦିନ ଧରି ଯୋଗାଭ୍ୟାସ କରାଯାଇଥିବାବେଳେ ବିଭିନ୍ନ ଔଷଧୀୟ ବୃକ୍ଷରାଜିର ଉପକାରିତା ଏବଂ ବ୍ୟବହାର ଉପରେ ମାର୍ଗଦର୍ଶନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୟୁଥ କ୍ଲବ ଶକ୍ତି ମିଶ୍ର ସଭାପତିତ୍ୱ କରିଥିବା ବେଳେ ଆଭାସ ଯୋଷୀ, ଅମନ ଛତ୍ରିଆ, ଯୋଗେନ୍ଦ୍ର ଶବର, ମାନସ ହୋତା, ସୌମ୍ୟ ପ୍ରକାଶ ଯୋଷୀ, ବିମଳ ଯୋଷୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଶିବିର ପ୍ରତିଦିନ ସକାଳ ୫ଟାରୁ ସନ୍ଧ୍ୟା ୭ଟା ଯାଏଁ ଚାଲୁଥିବାବେଳେ ଏଥିରେ ପତଞ୍ଜଳୀ ଯୋଗପୀଠରୁ ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ନିହାର ରଞ୍ଜନ ଯୋଷୀ ଏବଂ ପ୍ରଚାରକ କ୍ଷୀରୋଦ ଖମାରୀ ଯୋଗ ଶିକ୍ଷା ଦେଉଥିଲେ । ଯୋଗାଭ୍ୟାସରୁ କିପରି ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ସେ ଉପରେ ମାର୍ଗଦର୍ଶନ ଦେଉଥିଲେ। ସନ୍ଧ୍ୟାରେ ବିଭିନ୍ନ ଔଷଧୀୟ ବୃକ୍ଷର ଉପକାରିତା ଉପରେ ଆଲୋକପାତ କରୁଥିଲେ। ଏଥିରେ ସ୍ଥାନୀୟ ଭେଲା ସମେତ ଆଖପାଖ ବହୁ ବୁଦ୍ଧିଜୀବୀ, ମହିଳା ପୁରୁଷ, ଡ. କାଟଜୁ ହାଇସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲ ଛାତ୍ରୀଛାତ୍ରମାନେ ଯୋଗଦେଇ ପ୍ରତ୍ୟହ ଯୋଗଶିକ୍ଷା ଗ୍ରହଣ କରୁଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯତିନ ମଲ୍ଲିକ, ହେତୁରାମ ଶବର, ଉଦିତ ମିଶ୍ର, ଅମୂଲ୍ୟ ଯୋଷୀ, କିଙ୍କର ଶବର, ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରୁଥିଲେ। କାର୍ଯ୍ୟକ୍ରମ ଶେଷରେ ହୋମ ଯଜ୍ଞ ହୋଇଥିଲା । ଏଥିରେ ସମସ୍ତେ ଆଳତି ଗ୍ରହଣ କରିଥିଲେ।



ଶିବିରାର୍ଥୀମାନେ ଯୋଗାଭ୍ୟାସ କରୁଛନ୍ତି ।

# ଆଡ଼ିବନ୍ଧ କାର୍ଯ୍ୟ ତ୍ରୁଟିପୂର୍ଣ୍ଣ ଅଭିଯୋଗ

**ଖଡିଆଳ,୨୫।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ରାଣୀପୁର ଗ୍ରାମର କ୍ଷୁଦ୍ର ଜଳସେଚନ ବିଭାଗ ଖଡିଆଳ ଡିଭିଜନ ତରଫରୁ ୨୦୧୭-୧୮ ବର୍ଷରେ ଆଡିବନ୍ଧ ନିର୍ମାଣ କରାଯାଇଥିଲା । ହେଲେ ଏହି ଆଡିବନ୍ଧ ନିର୍ମାଣ କାମ ତ୍ରୁଟିପୂର୍ଣ୍ଣ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଗତ କିଛି ବର୍ଷ ତଳେ ରାଣିପୁର ଗ୍ରାମ ନାଳ ଉପରେ ସ୍ଥାନୀୟ ଜଣେ ଚାଷୀ ପ୍ରାଇଭେଟ ଭାବେ ଏକ ଚ୍ୟାକଡେମ ନିର୍ମାଣ କରିଥିଲେ। ହେଲେ ସେହି ଚ୍ୟାକଡେମ ଅତି ପୁରୁଣା ହୋଇଥିବାରୁ ତାକୁ ନ ଭାଙ୍ଗି ସେଠାରୁ ଠିକ ୧୦ ମଟର ତଳେ କ୍ଷୁଦ୍ର ଜଳସେଚନ ବିଭାଗ ଖଡିଆଳ ଡିଭିଜନ ତରଫରୁ କିଛି ବର୍ଷ ତଳେ ଆଉ ଏକ ଚେକଡ୍ୟାମ ନିର୍ମାଣ କରାଯାଇଛି । ହେଲେ ଏହି ଚେକ ଡ୍ୟାମ କାମ ଅତିତ୍ରୁଟିପୂର୍ଣ୍ଣ ହୋଇଥିବାରୁ ଉପରମୁଣ୍ଡର ଚାଷୀଙ୍କ ଏକର ଏକର ଧାନ ସର୍ବଦା ପାଣିରେ ବୁଡି ରହିଥିବାରୁ ଧାନ ଗଛଗୁଡିକ ନଷ୍ଟ ହେବାରେ ଲାଗିଛି। ଗତ ତିନି ବର୍ଷ ହେଲା ଉପରମୁଣ୍ଡର ଚାଷୀମାନେ ବିଭିନ୍ନ ବ୍ୟାଙ୍କରୁ ଋଣ କରି ଧାନ ଫସଲ କରି ଆସୁଛନ୍ତି । ହେଲେ ଚାଷୀଙ୍କ ଜମିକୁ ଚେକଡ୍ୟାମର ପାଣି ପଶି ଆସିଥିବାରୁ ଚାଷୀଙ୍କ ଏକର ଏକର ଜମିର ଧାନ ଫସଲ ପାଣିରେ ବୁଡି ରହି ନଷ୍ଟ ହେବାରେ ଲାଗିଛି । ବ୍ୟାଙ୍କରୁ ଋଣ କରି ଧାନ ଚାଷୀ ଚାଷ କରୁଥିବା ଚାଷୀମାନେ କିଭଳି ଋଣ ପରିଶୋଧ କରିବେ ସେ ନେଇ କ୍ଷତିଗ୍ରସ୍ତ ଚାଷୀମାନଙ୍କ ଚିନ୍ତା ବଢ଼ିଯାଇଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷୁଦ୍ର ଜଳସେଚନ ବିଭାଗ ଖଡିଆଳ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଜଣେଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ସହାୟତା ଯୋଗାଇ ଦେବା ସହ ପୁରୁଣା ଚେକଡ୍ୟାମକୁ ଭାଙ୍ଗିବା ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି। ଅପରପକ୍ଷେ ଚେକଡ୍ୟାମ ନିର୍ମାଣ ହେବା ପୂର୍ବରୁ ଉପରମୁଣ୍ଡର କୌଣସି ଚାଷୀଙ୍କ ପରାମର୍ଶ ନିଆଯାଇ ନ ଥିବା ବେଳେ ଏ ନେଇ କୌଣସି ଚାଷୀଙ୍କୁ ସୂଚନା ମଧ ଦିଆଯାଇ ନ ଥିଲା। କ୍ଷୁଦ୍ରଜଳ ସେଚନ ବିଭାଗ ଖଡିଆଳ ଡିଭିଜନ ଯନ୍ତ୍ରୀ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଚେକଡ୍ୟାମ କାମ ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବା କ୍ଷତିଗ୍ରସ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଯାହାକି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଚେକଡ୍ୟାମ ଚାଷୀଙ୍କ ହିତରେ ଲାଗିବା ବଦଳରେ ଏବେ ତାହା କ୍ଷତିଗ୍ରସ୍ତ ହେବାରେ ଲାଗିଛି । ନୂତନ ଭାବେ ନିର୍ମିତ ହୋଇଥିବା ଚେକଡ୍ୟାମ ଚାଷୀଙ୍କ ହିତରେ ଲାଗୁ ନ ଥିବା ଘଟଣା ଏବେ ଆଡିବନ୍ଧର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଇଛି । ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି । ଏଥିସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ସହାୟତା ଯୋଗାଇ ଦେବା ସହ ନୂତନ ଭାବେ ଚେକଡ୍ୟାମ ନିର୍ମାଣ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି । ଏ ନେଇ ନିର୍ବାହୀ ଯନ୍ତ୍ରୀ ପ୍ରଭାକର ମହାନ୍ତିଙ୍କୁ ପଚାରିବାରୁ ତଦନ୍ତ କରି ଆବଶ୍ୟକତ ପଦକ୍ଷେପ ନେବାକୁ କହିଥିଲେ ।



ରାଣୀପୁର ଗ୍ରାମରେ ନିର୍ମିତ ଆଡିବନ୍ଧ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ



### ୟୁରିଆ ସାର ଅଭାବ ଦୂର ହେଲା, ଚାଷୀଙ୍କୁ ମିଳିଲା

ରିଷିଡା,୨୫।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ୟୁରିଆ ସାର ଅଭାବ ପରିଲକ୍ଷିତ ହୋଇଥିବା ବେଳେ ବୁଧବାର ସକାଳରୁ ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ୟୁରିଆ ସାର ବିକ୍ରି ଆରମ୍ଭ ହୋଇଛି । ଚାଷୀମାନେ ଜଣପ୍ରତି ଆଧାର କାର୍ଡ ମାଧ୍ୟମରେ ୨ବସ୍ତା ସାର କ୍ରୟ କରିଛନ୍ତି । ବର୍ତ୍ତମାନ ଏଠାରେ ଇଫକୋ ୟୁରିଆ ୪୫ କି.ଗ୍ରା. ସାର ବସ୍ତାପ୍ରତି ୨୭୦ ଟଙ୍କାରେ କ୍ରୟ କରିଥିବା ଚାଷୀମାନେ ପ୍ରକାଶ କରିଛନ୍ତି । ଚଳିତବର୍ଷ ବର୍ଷା ଠିକ ସମୟରେ ହୋଇଥିବାରୁ ଧାନ ଫସଲ ଭଲ ହୋଇଛି । ଧାନ ଫସଲ ପାଇଁ ବର୍ତ୍ତମାନ ୟୁରିଆ ସାର ଆବଶ୍ୟକତା ଥିବା ବେଳେ ଏଠାରେ ସାର ଅଭାବ ପରିଲକ୍ଷିତ ହୋଇଥିଲା । ଏବେ ବି ଏଠାକାର କିଛି ଅଞ୍ଚଳରେ ୟୁରିଆ ସାର ବସ୍ତା ପ୍ରତି ୪୫୦ ଟଙ୍କାରେ କଳାବଜାରରେ ବିକ୍ରି ହେଉଛି ।

### ଜୁନାଗଡ଼ର ମଦର ଟେରେସା ବୁଟି ଦିଦିଙ୍କ ପରଲୋକ

ଜୁନାଗଡ,୨୫।୯ (ସ୍ୱ.ପ୍ର.)- କଳାହାଣ୍ଡି ଜିଲା ଜୁନାଗଡ ସହରର ମଦର ଟେରେସା ଭାବେ ପରିଚିତ ପୀତାମ୍ବରୀ ନାୟକ (୭୩)ଙ୍କ ବୁଧବାର ସକାଳ ୯ଟାରେ ପରଲୋକ ହୋଇଯାଇଛି। ଦୀର୍ଘ ଏକ ବର୍ଷ ହେବ କର୍କଟ ରୋଗରେ ପୀଡିତ ହେବା ସହିତ ମୁମ୍ବାଇ ଓ ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ସତ୍ତ୍ୱେ କୌଣସି ଉନ୍ନତି ହୋଇ ନ ଥିଲା। ଶେଷ ସମୟରେ ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ବଜାରପଡାସ୍ଥିତ ବାସ ଭବନରେ ତାଙ୍କୁ ରଖାଯାଇଥିଲା। ମୃତ୍ୟୁ ବେଳକୁ ସ୍ୱାମୀ ରମେଶ ପଣ୍ଡା, ବଡ ପୁଅ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଶ୍ମୀ ରଞ୍ଜନ ନାୟକ, ସାନପୁଅ ସ୍ମୃତି ରଞ୍ଜନ, ଦୁଇ ବହୁ ସସ୍ମିତା ଓ ସମ୍ପିତା, ଦୁଇ ଝିଅ ରୀନା ଓ କଳ୍ପନା ଦୁଇ ଜ୍ୱାଇଁ ସମେତ ନାତିନାତୁଣି ଉପସ୍ଥିତ ଥିଲେ। ପୀତାମ୍ବରୀ ଜୁନାଗଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗଦେଇ ଏହି ଅଞ୍ଚଳର ଅଧୁସିତ ବଣପାହାଡ ଘେରା ଗାଁକୁ ଯାଇ ଗର୍ଭବତୀଙ୍କ ପ୍ରସବ କରାଇ ବହୁ ପ୍ରଶଂସା ପାଇଥିଲେ। ଉଚ୍ଚତା ଟିକେ କମ ଥିବାରୁ ଲୋକେ ତାଙ୍କୁ ସ୍ନେହରେ ବୁଟି ଦିଦି ବୋଲି ଡାକୁଥିଲେ। ବର୍ତ୍ତମାନ ବି କଳାହାଣ୍ଡି ଜିଲାର କୋଣ ଅନୁକୋଣରେ ସ୍ୱାସ୍ଥ୍ୟ ସେବା ପହଞ୍ଚି ନ ଥିବା ବେଳେ ଅବସର ପରେ ମଧ ଲୋକେ ତାଙ୍କୁ ବିଭିନ୍ନ ଗ୍ରାମକୁ ରାତି ଅଧରେ ଡକାଇ ପଠାଇଲେ ହସହସ ମୁହଁରେ ସେହି ସ୍ଥାନକୁ ଯାଇ ପ୍ରସବ କରାଉଥିଲେ। ଯେଉଁଥି ପାଇଁ ଲୋକେ ତାଙ୍କୁ ଜୁନାଗଡର ମଦର ଟେରେସା ବୋଲି ଜାଣିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ବର୍ଗର ଲୋକେ ଆସି ଶେଷ ଦର୍ଶନ କରିଥିଲେ। ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଗଭିର ଶୋକ ପ୍ରକାଶ କରିଛନ୍ତି। ବଡ ପୁଅ ରଶ୍ମୀ ରଞ୍ଜନ ମୁଖାଗ୍ନୀ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ପୋଷାକ ବଣ୍ଟନରେ ବ୍ୟାପକ ଦୁର୍ନୀତି

# ନିମ୍ନମାନର ପୋଷାକ ବଣ୍ଟନ ଅଭିଯୋଗ

**କେସିଙ୍ଗା ବ୍ଲକ**

■ ଅଭିଭାବକଙ୍କ ଅସନ୍ତୋଷ

କେସିଙ୍ଗା,୨୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଛାତ୍ରୀଛାତ୍ରଙ୍କ ପୋଷାକ ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ତଥା ଅଭିଭାବକମାନଙ୍କ ଅଭିଯୋଗ ହୋଇଥିବା ଜଣାପଡିଛି । କେସିଙ୍ଗା ବ୍ଲକରେ ୧୭୦ଟି ସରକାରୀ ସ୍କୁଲରେ ପ୍ରଥମରୁ ୮ମ ଶ୍ରେଣୀରେ ୧୫ ହଜାର ୩୧୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ପ୍ରତ୍ୟେକ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ପିନ୍ଧିବା ପାଇଁ ହଳେ ପୋଷାକ (ପେଣ୍ଟ ସାର୍ଟ) ୪୦୦ ଟଙ୍କା ବୁଟ ଓ ମୋଜା ପାଇଁ ୨୦୦ ଟଙ୍କା ଏହିପରି ୬୦୦ ଟଙ୍କା ଲେଖାଏଁ ଦିଆଯାଇଥାଏ । ସ୍କୁଲ ପିଲାଙ୍କ ନାମରେ କିମ୍ବା ଅଭିଭାବକଙ୍କ ନାମରେ ବ୍ୟାଙ୍କ ଜମା ଖାତାରେ ଟଙ୍କା ଦିଆଯିବା କଥା। ସ୍କୁଲ ପ୍ରଧାନଶିକ୍ଷକ ଏବଂ ଶିକ୍ଷା କମିଟି ସଦସ୍ୟମାନେ ମନଇଚ୍ଛା କେସିଙ୍ଗାର ନିର୍ଦ୍ଦିଷ୍ଟ ଦୁଇଟି ଦୋକାନରୁ ହିଁ ନିମ୍ନମାନର ପୋଷାକ ଓ ବୁଟ, ମୋଜା ନେଇଥାନ୍ତି । ପ୍ରତ୍ୟେକ ପିଲାଙ୍କୁ ଭଲ ପୋଷାକ କିଣିବା ବଦଳରେ ଅତିନିମ୍ନମାନର ପୋଷାକ ନେଇ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରୁଛନ୍ତି । ପୋଷାକ ଓ ଜୋତା ବଣ୍ଟନ ଉତ୍ସବରେ ଶିକ୍ଷା ବିଭାଗର ଏବିଓ କିମ୍ବା ସିଆରସି ସ୍ଥାନୀୟ ସରକାରୀ କର୍ମଚାରୀଙ୍କ ଉପସ୍ଥିତିରେ ପୋଷାକ ବାଣ୍ଟିବା କଥା । ସ୍କୁଲ ପ୍ରଧାନଶିକ୍ଷକ, ସ୍କୁଲ ଶିକ୍ଷା କମିଟି ସଭାପତି ଓ ମେମ୍ବରମାନଙ୍କୁ ଡାକି ପୋଷାକ ବାଣ୍ଟିଦେଇ ଚାଲିଛନ୍ତି । କେସିଙ୍ଗା ବିଇଓ ଅଫିସର କର୍ମଚାରୀ ସବୁଜାଣି ଶୁଣି ନୀରବ ରହୁଛନ୍ତି । ସ୍କୁଲ ପ୍ରଧାନଶିକ୍ଷକ, ସଭାପତିଙ୍କ ମଧ୍ୟରେ ପିସି ଭାଗ ବଣ୍ଟି ନେଉଛନ୍ତି । ଏହି ପିସି ଭାଗବଣ୍ଟାରେ କେସିଙ୍ଗା ବ୍ଲକର ବହୁ ସ୍କୁଲର ସଭାପତି ଓ ପ୍ରଧାନଶିକ୍ଷକଙ୍କ ନାମରେ କେସିଙ୍ଗା ଥାନାରେ ଅଭିଯୋଗ ମଧ୍ୟ ହୋଇଛି । ଚଳିତ ଶିକ୍ଷା ପାଇଁ କେସିଙ୍ଗା ବ୍ଲକର ୧୭୦ଟି ସ୍କୁଲର ୧୫ ହଜାର ୩୧୪ ଜଣଙ୍କ ପୋଷାକ ଓ ଜୋତା କିଣିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ୯୧ ଲକ୍ଷ ୮୮ ହଜାର ୪୦୦ ଟଙ୍କା ପ୍ରତ୍ୟେକ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ନାମରେ ଜମା ହୋଇ ସାରିଛି । ପ୍ରଧାନଶିକ୍ଷକ ଓ ସ୍କୁଲ ଶିକ୍ଷା କମିଟି ସଭାପତି କେସିଙ୍ଗାର ନିର୍ଦ୍ଦିଷ୍ଟ ଦୁଇଟି ଦୋକାନରୁ କିଣି ବିକା କରୁଥିବାରୁ ବିଲ ଭାଉଚରରେ ଜିଏସଟି ନମ୍ବର ମଧ ନ ଥିବା ଜଣାପଡିଛି । ରାଜ୍ୟ ସରକାରଙ୍କୁ ଜିଏସଟି ମଧ ଠକି ଚାଲିଛନ୍ତି । ଏ ସଂକ୍ରାନ୍ତରେ ଜିଲାପାଳ ଶିକ୍ଷା ବିଭାଗଙ୍କ ନିକଟରେ ବହୁବାର ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ । ଏ ନେଇ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ ବୁଦ୍ଧିଆଙ୍କୁ ପଚାରିବାରୁ ଆମେ ସେ ସବୁ ବୁଝୁନାହିଁ । ଜିଲା ଶିକ୍ଷା ଅଧିକାରୀ ସବୁ ଦାୟିତ୍ୱ ନେଇଛନ୍ତି ବୋଲି ପ୍ରକାଶ କରିଥିଲେ । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂଙ୍କୁ ପଚାରିବାରୁ ସବୁ ସ୍କୁଲରେ ଯାଞ୍ଚ କମିଟି ଅଛି । ଯଦି ଏହିପରି ଦୁର୍ନୀତି ହେଉଛି, ମୋ ପାଖରେ କୌଣସି ଅଭିଯୋଗ ଆସି ନାହିଁ । ଯଦି ନିର୍ଦ୍ଦିଷ୍ଟ ସ୍କୁଲ ନାମରେ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ହିନ୍ଦୀ ଦିବସ କାର୍ଯ୍ୟକ୍ରମ

ପଲମ,୨୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭିମକେଲା ପଞ୍ଚାୟତସ୍ଥିତ ଫଲସାପଡା ଗ୍ରାମରେ ୨୫ ତାରିଖରେ ହିନ୍ଦୀ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ବିଭାଗ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ଲେଖାପାଲ ଦ୍ୱିତିଆ ବନଚୋରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଛି । ଫଲସାପଡା ଗ୍ରାମର ନୀଳଚକ୍ର ସାଂସ୍କୃତିକ ଅନୁଷ୍ଠାନ ସଭ୍ୟବୃନ୍ଦ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଭିମକେଲା ଉଚ୍ଚ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ସଞ୍ଜୟ ସେନାପତି, ସମ୍ମାନିତ ଅତିଥି ବିନୟ କିଶୋର ଦାଶ, ସହ ଶିକ୍ଷକ ଅରୁଣ ନାଏକ, ସାମାଜିକ କର୍ମୀ ରାଧେଶ୍ୟାମ ଶର୍ମା, ଭାଗିରଥି ନାଏକ, ନର୍ଲା ବ୍ଲକ୍ ବିଜୁ ଯୁବ ବାହିନୀ ଯୁବ ସଂଯୋଜକ ହେମସାଗର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହିନ୍ଦୀ ଶିକ୍ଷକ ହିନ୍ଦୀ ଭାଷାର ଗୁରୁତ୍ୱ ବିଷୟରେ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେବା ସହ ରାଷ୍ଟ୍ରଭାଷାକୁ କିପରି ସମ୍ମାନ ଦେବା ସେ ବିଷୟରେ ବିଶେଷ ଆଲୋକପାତ କରିଥିଲେ।

## ହିନ୍ଦୀଭାଷା ପକ୍ଷ ପାଳନ ସମାବେଶ

ଜୁନାଗଡ,୨୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁରୁଗୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ହିନ୍ଦୀ ଭାଷା ପକ୍ଷ ପାଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତିନିଧି ତଥା ସାମାଜିକ କର୍ମୀ ମୁକେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅରଗାନାଇଜେସନର ଜିଲା ସଂଯୋଜକ ବସନ୍ତ ନାଏକ, ମଥୁରା ରାଧାକୃଷ୍ଣ କ୍ଲବର ସଭାପତି ସନାତନ ପଣ୍ଡା, ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପଣ୍ଡା, ଗୋପାଳ କୃଷ୍ଣ ମିଶ୍ର, ବିନୟ ସାହୁ ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷାର ଉନ୍ନତି ଉପରେ ବକ୍ତବ୍ୟ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହିନ୍ଦୀ ଭାଷା ଉପରେ ସାଧାରଣ ଜ୍ଞାନ ଓ ହନ୍ଦୀ ନାରା ଲିଖନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅବିନାଶ ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏନ୍‌ୱାଇଭିର ଚିନ୍ମୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସେହିପରି ସ୍ୱାଗତ ଭାଷଣ ପଦ୍ମାବତୀ ପଟେଲ ଓ ସ୍ଥାନୀୟ ହିନ୍ଦୀ ଶିକ୍ଷକ ରାଜୁକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ ପକ୍ଷରୁ ଆୟୋଜନ କରାଯାଇଥିଲା।





ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।



## ନୂତନ ଉପଜିଲାପାଳ ଭାବେ ସୁଶାନ୍ତ କୁମାର ସିଂଙ୍କ ଯୋଗଦାନ

ଭବାନୀପାଟଣା,୨୫।୯ (ଡି.ଏନ.ଏ.)

ଭବାନୀପାଟଣା ଉପଜିଲାପାଳ ଭାବେ ବୁଧବାର ସୁସାନ୍ତ କୁମାର ସିଂ କାର୍ଯ୍ୟରେ ଯୋଗଦେଇଛନ୍ତି। ଉପଜିଲାପାଳ ସିଂ ଏଥିପୂର୍ବରୁ କେନ୍ଦୁଝର ଜିଲା କାନପୁର ଇରିଗେସନ ପ୍ରୋଜେକ୍ଟରେ ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ ଦାୟିତ୍ୱ ତୁଲାଇଥିଲେ। ଏଠାରେ ମଧ ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବା ସହ ଉତ୍ତମ ଜନସମ୍ପର୍କ ଓ ନିଜ ସହକର୍ମୀମାନଙ୍କ ସହ ମିଶି ଭଲ କାମ କରିବେ ବୋଲି କହିଛନ୍ତି। ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋଙ୍କୁ ବରଗଡ ଅତିରିକ୍ତ ଜିଲାପାଳ ବଦଳି ହୋଇଛି।



ଫୁଟବଲ ଲିଗ୍ ଏକାଦଶତମ ଦିବସ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି।

## ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍

# ଏକାଦଶତମ ଦିବସ ମ୍ୟାଚ୍ ଡ୍ର

ଭବାନୀପାଟଣା,୨୫।୯ (ଡି.ଏନ.ଏ.)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ବୁଧବାର ଏକାଦଶତମ ମ୍ୟାଚ୍ ଷ୍ଟାର ଇଲେଭେନ୍ ବନାମ୍ ଆଇଆରବି ନାଇନଥ୍ ବେଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଗୋଟାଏ ଲେଖାଏଁ ଗୋଲ ଦେବା ଫଳରେ ମ୍ୟାଚ୍ ଡ୍ର ହୋଇଥିଲା। ମ୍ୟାଚ୍‌ରେ ଅତିଥି ଭାବେ ପୂର୍ବତନ ଫୁଟବଲ କ୍ରିଡାବିତ୍ ସନତ କୁମାର ମହାପାତ୍ର ଯୋଗଦେଇଥିଲେ। ମ୍ୟାଚ୍ ଜିତେନ୍ଦ୍ର କୁମାର ରଥ, ରଞ୍ଜନ ଦାସ, ପି.ଭି ରାଓ, ଅଶୋକ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥାର ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲ୍ଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଡତ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ। ଗୁରୁବାର ଦ୍ୱାଦଶତମ ମ୍ୟାଚ୍ ଇଣ୍ଡିଆନ୍ କ୍ଲବ ବନାମ ଗୋଲଣ୍ଡେନ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ।

## ଗଣ ବଳାତ୍କାରୀଙ୍କୁ ଫାଶୀଦଣ୍ଡ ଦିଆଯାଉ

ଭବାନୀପାଟଣା,୨୫।୯ (ଡି.ଏନ.ଏ.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭବାନୀପାଟଣା ନଗର ଶାଖା ତରଫରୁ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ପ୍ରତିବାଦ କରି କଳାହାଣ୍ଡି ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ପୀଡ଼ିତାଙ୍କୁ ବଳାତ୍କାର କରିଥିବା ସମସ୍ତ ଦୋଷିମାନଙ୍କୁ ଫାଶୀଦଣ୍ଡ ଦେବାପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରକୁ ନଗର ଶାଖା ସହସମ୍ପାଦକ ଅମିୟ ଜ୍ୟୋତି ଜେନାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଥିବା ବେଳେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଉଛି। ଏହି ଦାବିପତ୍ର ପ୍ରଦାନ ବେଳେ ଏବିଭିପିର ନଗର ଶାଖାର ମୁକେଶ କୁମାର ବେହେରା, ଶଙ୍କର ପ୍ରଧାନ, ପୁରୁଶୋତ୍ତମ ବିଶି, ସ୍ୱରାଜ ରାଉଳ, ହିତେସ ମେହେର, ଯୋଗେନ୍ଦ୍ର ସାହୁ, ଦେବେନ୍ଦ୍ର ଜାନି, ହରଭଜନ ନାଏକ ଓ ସୁଜିତ୍ ନାଏକ ପ୍ରମୁଖ ସାମିଥିଲେ।

## ରାସ୍ତା ଅବସ୍ଥା ଶୋଚନୀୟ

ରିଷିଡା,୨୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡା-ମ.ରାମପୁର ରାସ୍ତା ମରାମତି ଚାଲିଛି । ମ.ରାମପୁରଠାରୁ ନରସିଂହପୁର ପର୍ଯ୍ୟନ୍ତ ରାସ୍ତା କାମ ହୋଇଛି। ରିଷିଡାଠାରୁ ନରସିଂହପୁର ପର୍ଯ୍ୟନ୍ତ ରାସ୍ତା ମରାମତି ଅଭାବ ଓ ପ୍ରବଳ ବର୍ଷା ଯୋଗୁ ଯାତାୟାତରେ ଅସୁବିଧା ହୋଇଛି। ବର୍ଷା ଯୋଗୁ ରାସ୍ତା କାମ ସାମୟିକ ପାଇଁ ବନ୍ଦ ରହିଛି । ଏହି ରାସ୍ତାରେ ଥିବା ଖାଲଖମାଗୁଡିକ ସାମୟିକ ମରାମତି କରିବା ପାଇଁ ଜନସାଧାରଣରେ ଦାବି ହେଉଛି ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲାଞ୍ଜିଗଡ଼,୨୫।୯ (ଡି.ଏନ.ଏ.)



ଶିବିରରେ ଜଣେ ଭିନ୍ନକ୍ଷମଙ୍କ ଚିକିତ୍ସା କରାଯାଉଛି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଞ୍ଚଳର ୧୭୫ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଥିଲା। ୧୦ ଜଣଙ୍କୁ ଟ୍ରାଇସାଇକେଲ, ୩୪ଜଣଙ୍କୁ ମଧୁବାବୁ ପେନସନ, ୫୩ଜଣଙ୍କ ନାମ ଗ୍ରାମାଞ୍ଚଳ ଗୃହ ନିର୍ମାଣ, ୬୧ ଜଣଙ୍କୁ ବସ୍ ଓ ଟ୍ରେନ୍ ପାସ୍, ୫୦ ଜଣଙ୍କୁ ବ୍ୟାଙ୍କ ଋଣ ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଶିବିରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ସୁନୀଲ କୁମାର ପାଢୀ, ଡାକ୍ତର ପ୍ରତାପ ପଟ୍ଟନାୟକ, ଡାକ୍ତର ନିବେଦିତା ସାହୁ ଯୋଗ ଦେଇଥିଲେ । ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପକ୍ଷରୁ ରମେଶ କୁମାର ଜେନା, ଲାଞ୍ଜିଗଡ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ମୁନୀନ୍ଦ୍ର ହୋନାଗା, ଏବିଡିଓ ବିଭୁତିଭୂଷଣ ଶତପଥୀ, ଏସ୍‌ଇଓ ଶଙ୍କର୍ଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ପୀତବାସ ସାହୁ, ଝସକେତନ ଦୁର୍ଗା, ଲକ୍ଷ୍ମଣ ନାୟକ, ଲାଲୁ ପ୍ରସାଦ ସାହୁ, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ଜକସନ ସାହୁଙ୍କ ସମେତ ପୋଖରୀବନ୍ଧ, ବିଶ୍ୱନାଥପୁର, ଚମ୍ପାଦେଇପୁର ପଞ୍ଚାୟତର ବିଜୁ ଯୁବବାହିନୀ ସଦସ୍ୟମାନେ ସହଯୋଗ କରିଥିଲେ ।

## ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

କୋକସରା,୨୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅୟୋଜନ କରାଯାଇଛି । ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ମୋଟର ଯାନ ଆଇନକୁ ନେଇ ପୋଲିସ କର୍ମଚାରୀ, ଜବହାର ଉଚ୍ଚ ବିଦ୍ୟାପିଠ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଭାଗ ନେଇ ଲୋକମାନଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିଥିଲେ। ଦୁଇ ଚକିଆ ଯାନରେ ଯାତ୍ରା କରୁଥିବାବେଳେ ହେଲମେଟ ବ୍ୟବହାର ସହ ଟ୍ରାଫିକ ନିୟମ ମାନି ଗାଡି ଚଳାଇବାକୁ ବୁଝାଇଥିଲେ। ରାସ୍ତାରେ ଦୁଇ ଚକିଆ ଯାନରେ ବିନା ହେଲମେଟରେ ଯାଉଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଓ ଚକୋଲେଟ ଦେଇ ନିଜର ଭୁଲ ବୁଝିବା ସହ ଆଗାମୀ ଦିନରେ ସୁରକ୍ଷିତ ଯାତ୍ରା କରିବା ପାଇଁ ହେଲମେଟ ବ୍ୟବହାର କରିବା ପାଇଁ ବର୍ତ୍ତା ଦେଇଥିଲେ। ଏହି ଅଭିଯାନରେ କୋକସରା ମହିଳା ଏଏସଆଇ, ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା, ମହିଳା କନଷ୍ଟେବଳ ସୁଜତା ଦାସ, ଚନ୍ଦନ ମହାପାତ୍ର, ଶୈଳେସ ସିଂ, ଚନ୍ଦ୍ର ମାଝି, କୁଶଧ୍ୱଜ ନାଏକଙ୍କ ସହିତ ଜବହାର ଉଚ୍ଚ ବିଦ୍ୟାପୀଠ ଶିକ୍ଷକ ଖଗେଶ୍ୱର ମାଝି, ବନିତାରାଣୀ ଦତ୍ତ, ମଧୁସ୍ମିତା ନାଏକ, ସୀମାରାଣୀ ସିଂ, କାମାକ୍ଷ ନାଏକ ପ୍ରମୁଖ ଉପସ୍ଥିତି ଥିଲେ।



ସଡ଼କ ସୁରକ୍ଷା ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା।

## କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ଅଭିଯୁକ୍ତଙ୍କ ମାମଲା ଲଢ଼ିବାକୁ ମନାକଲା ଜିଲା ଓକିଲ ସଂଘ

■ ୩୦ରେ କଳାହାଣ୍ଡିର ସମସ୍ତ କେନ୍ଦ୍ର, ରାଜ୍ୟ ସରକାର କାର୍ଯ୍ୟାଳୟ ବନ୍ଦ

ଭବାନୀପାଟଣା,୨୫।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଓକିଲ ସଂଘ ପକ୍ଷରୁ କଳାହାଣ୍ଡି ଜିଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆସନ୍ତା ୩୦ ତାରିଖରେ ସମସ୍ତ କୋର୍ଟ କଚେରୀ, ସମସ୍ତ କେନ୍ଦ୍ର ଓ ରାଜ୍ୟ ସରକାର କାର୍ଯ୍ୟାଳୟକୁ ବନ୍ଦ ପାଇଁ ସ୍ଥିର କରାଯାଇଛି। ଏଥି ସହିତ ଜୁନାଗଡ ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଅଭିଯୁକ୍ତମାନଙ୍କ ପାଇଁ କୌଣସି ଓକିଲ କେସ ଲଢ଼ିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ସଭାପତି ଭବେନ୍ଦ୍ର ପଣ୍ଡା ବୁଧବାର ସୂଚନା ଦେଇଛନ୍ତି । କଳାହାଣ୍ଡି ଓକିଲ ସଂଘ ତରଫରୁ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯିବା ସହିତ ଏହି ମାମଲା ତୁରନ୍ତ ରାଜ୍ୟ ସରକାର ଫାଷ୍ଟଟ୍ରେକ୍ କୋର୍ଟରେ କେସ ତୁରନ୍ତ ଶୁଣାଣି ଆରମ୍ଭ କରିବା ପାଇଁ ଓକିଲ ସଂଘ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ଗତ ୧୪ ତାରିଖରେ ଜୁନାଗଡ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ଜାରିଙ୍ଗ ନିକଟସ୍ଥ ଜଙ୍ଗଲରେ ଦୁର୍ବୃତ୍ତମାନେ ଅମାନୁଷିକ ଭାବେ ଗଣବଳାତ୍କାର କରିବା ଅତ୍ୟନ୍ତ ନିନ୍ଦନୀୟ ଅଟେ। ଏହି ଘଟଣାକୁ କଳାହାଣ୍ଡି ଓକିଲ ସଂଘର ସଭାପତି ଭବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂଘ ସାଧାରଣ ପରିଷଦ ବୈଠକରେ ତୀବ୍ର ନିନ୍ଦା କରିବା ସହିତ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ତରଫରୁ କଳାହାଣ୍ଡିର କୌଣସି ଓକିଲ କେସ ପରିଚାଳନା କରିବେ ନାହିଁ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହିତ ହୋଇଛି। ସମ୍ପୃକ୍ତ ପୀଡିତାଙ୍କୁ ରାଜ୍ୟ ସରକାର ତୁରନ୍ତ ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ସହିତ ତାର



ବୈଠକରେ ଉପସ୍ଥିତ କଳାହାଣ୍ଡି ଜିଲା ଓକିଲ ସଂଘ ସଦସ୍ୟ ବୃନ୍ଦ ।

ସୁରକ୍ଷା ଓ ଉତ୍ତମ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ସଂଘ ଦାବି କରିଛି। ଏହି ମାମଲା ଅତ୍ୟନ୍ତ ସାମ୍ବେଦନଶିଳ ହୋଇଥିବାରୁ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ଦାୟୀତ୍ୱ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା, ତୁରନ୍ତ ପୀଡ଼ିତାକୁ ନ୍ୟାୟ ପ୍ରଦାନ କରିବା ପାଇଁ ଫାଷ୍ଟଟ୍ରେକ୍ କୋର୍ଟରେ କେସ ତୁରନ୍ତ ଶୁଣାଣି ଆରମ୍ଭ କରିବା, ପୋଲିସ ଅଭିଯୁକ୍ତମାନଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ବ୍ୟବସ୍ଥା କରିବା, ଭବାନୀପାଟଣା-ଜୁନାଗଡ ଜାତୀୟ ରାଜପଥରେ ୨୪ ଘଣ୍ଟିଆ କଡା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରିବା ସହିତ ଏପରି ଘୃଣ୍ୟିତ ଘଟଣା ଯେପରି ନ ଘଟିବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କଳାହାଣ୍ଡି ଜିଲାପାଳ ଓ ଏସପିଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ସଂଘର ସଭାପତି ପଣ୍ଡାଙ୍କ ସମେତ ଉପସଭାପତି ଦିଲ୍ଲିପ କୁମାର ପ୍ରହରାଜ, ସମ୍ପାଦକ ଅଶ୍ୱିନୀ କୁମାର ଦାସ, ସହସମ୍ପାଦକ ନିହାର ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ମହେଶପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ଖିରୋଦ୍ ପ୍ରସାଦ ନେଗୀ, ଅବଦୁଲ ସାଜିଦ୍, ପ୍ରସାନ୍ତ କୁମାର ବାରିକ, ମାନସ ରଞ୍ଜନ ମହାନ୍ତି, କୁନାଲ କୁମାର ବେହେରା, ଭବାନୀ ଶଙ୍କର ସାହୁ, ପ୍ରତାପ ପ୍ରଧାନ, ଶୁଭ୍ରାଂଶୁ ଶେଖର ସାହୁ, ରୋହିଣିକାନ୍ତ ଚଲାଣ, ସୁନିଲ ଅଗ୍ରୱାଲ ପ୍ରମୁଖ ଆଇନଜୀବୀମାନେ ଆଲୋଚନାରେ ଭାଗ ନେଇଥିଲେ।



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ ଜୀବନ ତମାମ ଧରି ରଖିବା ଭାରି କଷ୍ଟ। -ଭଲ୍‌ଟାୟର



## ସଂକ୍ଷେପରେ



### ବିଲାଇସର୍ଡା କଲେଜରେ ଏନ୍ଏସ୍ଏସ୍ ଦିବସ ପାଳିତ

**ଲୋଇସିଂହା,୨୫।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅଧୀନ ବିଲାଇସର୍ଡା ରାଧେଶ୍ୟାମ ଆଞ୍ଚଳିକ କଲେଜରେ ଏନ୍ଏସ୍ଏସ୍ ଦିବସ ତଥା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ନୀଳାଞ୍ଚଳ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅଧ୍ୟାପକ ବୈବଶୃତ ବିଶ୍ୱାଳ ମୁଖ୍ୟବକ୍ତା, ଅଧ୍ୟାପକ ଚୈତନ୍ୟ ଦଣ୍ଡସେନା, ଅଧ୍ୟାପିକା ନିରୂପମା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭା କାର୍ଯ୍ୟ ପରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ ସ୍ୱେଚ୍ଛାସେବୀ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ

**ଟିକ୍ରାପଡ଼ା.୨୫।୯(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା ପଞ୍ଚାୟତ ଅଧୀନ କଦଲୀମୁଣ୍ଡା ଏବଂ ଜୁରାବନ୍ଧ ପଞ୍ଚାୟତ ଅଧୀନ ଗୁଦୁରାମୁଣ୍ଡା ଗ୍ରାମରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମୀନାକୁମାରୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୋବାଇଲ ହେଲ୍‌ଥ୍ ଟିମ୍‌ର ଡା. ସୁଜାତା ପରାକ୍ଷା, ଡା. ବିଶ୍ୱଜିତ ମିଶ୍ର, ଡା. ରାମପ୍ରସାଦ ପଣ୍ଡା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କଦଲୀମୁଣ୍ଡା ଗ୍ରାମରେ ୨୮୪ଜଣ ଓ ଗୁଦୁରାମୁଣ୍ଡାରେ ୪୧୯ ଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିପିଏମ୍ ପରେଶ କୁମାର ସାହୁ, ଏମ୍‌ଟିଏଚ୍ ସୁଶୀଳ କୁମାର ପାଣିଗ୍ରାହୀ, ପ୍ରହ୍ଲାଦ ମାଝି, ପୁରୁଷୋତ୍ତମ ସାହୁ, ସଫଳା ଖମାରୀ, ଇତିଶ୍ରୀ ପଧାନ, ସଂଯୁକ୍ତା ସାହୁ, ଅକ୍ଷୟ ପଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯାଗ କରିଥିଲେ। ମ୍ୟାଲେରିଆ ରୋଗର କାରଣ, ନିରାକରଣ ଏବଂ ସାବଧାନତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।

### ବାବୁପାଲି, ମହଦା ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ

**ବିନିକା,୨୫।୯(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଏବଂ ମହଦା ପଞ୍ଚାୟତରେ ଜଳ ଏବଂ ପରିମଳ ବିଭାଗ ସୌଜନ୍ୟରେ ସ୍ୱଚ୍ଛ ସର୍ବେକ୍ଷଣ ସଚେତନ ରଥ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛି। ବିଆରସିସି ପ୍ରିୟ ନାରାୟଣ ଦେହେରୀଙ୍କ ତତ୍ତ୍ୱାବଧାନକ୍ରମେ ବାବୁପାଲି ପଞ୍ଚାୟତରେ ସରପଞ୍ଚ ଚନ୍ଦ୍ର ମହାପାତ୍ର, ଅଙ୍ଗନବାଡି କର୍ମୀ କଲ୍ୟାଣୀ ବଡପଣ୍ଡା, ମିଶ୍ରି ପଧାନ, ତ୍ରବେଣୀ ପଧାନ ପ୍ରମୁଖ ସାମିଲ ହୋଇଥିଲେ।

## ମାସିକ ବିଚାର ଆଲୋଚନାଚକ୍ର

# ‘ସମସ୍ତଙ୍କୁ ଭଲ ପାଇବା ସୁସ୍ଥ ସମାଜ ଗଠନର ମନ୍ତ୍ର’

**ବଲାଙ୍ଗୀର ଅଫିସ, ୨୫।୯**

ବଲାଙ୍ଗୀରର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଭୂମିକା ତଥା ବିଚାର ପକ୍ଷରୁ ସ୍ଥାନୀୟ ଆଇନ ମହାବିଦ୍ୟାଳୟରେ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଚିତ୍ତରଞ୍ଜନ ଦାଶଙ୍କ ଆବାହକତ୍ୱରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକ ଅବସରରେ ମହାତ୍ମା ଗାନ୍ଧୀ: ସୁସ୍ଥ ସମାଜ ଗଠନ ଶୀର୍ଷକ ବିଷୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଶିକ୍ଷାବିତ୍ ପ୍ରଫେସର ଡ.ମଧୁସୂଦନ ପତି ଆଲୋଚନା କରିଥିଲେ। ପ୍ରଫେସର ପତି ଗାନ୍ଧୀଙ୍କ ଜୀବନୀ, ସଂଘର୍ଷ, ଉଚ୍ଚାରଣ, ଆଚରଣ ଓ ଉପଲବ୍ଧି ଉପରେ କହିଥିଲେ। ବ୍ୟକ୍ତି ନିର୍ଦ୍ଦିଷ୍ଟ ହୋଇଥାଏ। ମାତ୍ର ସମାଜକୁ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟାଖ୍ୟା କରିବା ଦୁରୂହ। ସମାଜ ସଂସ୍କାରକଙ୍କ ବିଷୟରେ ଆଲୋଚନା କହିବା ସହଜ ମାତ୍ର ଜଣେ ସମାଜ ନିର୍ମାଣକାରୀଙ୍କ ବିଷୟରେ ଆଲୋଚନା କରିବା ଆଦୌ ସହଜ ନୁହେଁ। ଗାନ୍ଧୀ ସବୁବେଳେ ଏକ ସମ୍ପୂର୍ଣ୍ଣ ସମାଜର କଥା କହୁଥିଲେ। ଏଭଳି ଏକ ସମାଜ ବିଷୟରେ ଭାବୁଥିଲେ ଯାହା ବାସ୍ତବରେ କେବଳ ଭାରତୀୟଙ୍କ ଭିତରେ ସୀମିତ ନ ଥିଲା। ଭାରତ ବର୍ଷକୁ ଯେତେ ଶୀଘ୍ର ସ୍ୱାଧୀନତା ମିଳିବ ଭାରତୀୟଙ୍କ ସମେତ ବ୍ରିଟିଶବାସୀଙ୍କ ପାଇଁ ମଧ୍ୟ ସେତେ ମଙ୍ଗଳକର ହେବ ବୋଲି ସେ କହୁଥିଲେ। ବାସ୍ତବରେ ତାଙ୍କର ବିଚାର ସମଗ୍ର ମାନବଜାତି ପାଇଁ ଉଦ୍ଦିଷ୍ଟ ଥିଲା। ଭାରତୀୟ ପ୍ରାଚୀନ ମୁନିଋଷିଙ୍କଠୁ ଗାନ୍ଧୀ ମହାନ ନ ଥିଲେ। ମାତ୍ର ଭାରତୀୟ ଆଧ୍ୟାତ୍ମିକତାକୁ ସେ ନିଜ ଉପରେ ସଫଳ ପ୍ରୟୋଗ କରିଥିବାରୁ ପ୍ରାସଙ୍ଗିକ ହୋଇଗଲେ। ଦକ୍ଷିଣ ଆଫ୍ରିକାରେ ଭାରତୀୟଙ୍କ ଭିତରେ ଜନଜାଗରଣ ସୃଷ୍ଟି ଓ ନିଜକୁ ଖୋଜି ପାଇବାରେ ସେ ସଫଳ ହେଲେ। ତାଙ୍କ ଭିତରେ ଗଭୀର ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା। ସେ ନିଷ୍ଠାବାନ୍ ହେଲେ ଓ ଏହା ପରବର୍ତ୍ତୀ ସମୟରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ବେଶ୍ ଫଳପ୍ରଦ ହେଲା। ଗାନ୍ଧୀ ହିଁ ଭାରତରେ ପ୍ରଥମେ ଗାଁ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଆରମ୍ଭ କଲେ। ସମଗ୍ର ଭାରତବର୍ଷର ବିଭିନ୍ନ ଗାଁ ବୁଲି ଗାଁକୁ ବୁଝିଲେ। ସେ ଲୋକଙ୍କ ଦ୍ୱାରା ଅଧିକ ଉତ୍ପାଦନ କଥା କହୁ ନ ଥିଲେ ବରଂ ଅଧିକ ଲୋକଙ୍କ ପାଇଁ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଥିଲେ। ଗାନ୍ଧୀ ଗ୍ରାମାଞ୍ଚଳର ଶ୍ରମକୁ ବୁଝିଥିଲେ। ଲୋକଙ୍କୁ କର୍ମଠ ହେବାକୁ ଆହ୍ୱାନ ଜଣାଇଥିଲେ। ଗାନ୍ଧୀଙ୍କ ସର୍ବଶ୍ରେଷ୍ଠ ଉପଲବ୍ଧି ଭିତରୁ ଅନ୍ୟତମ ହେଲା ଗାନ୍ଧୀଜୀ ଭାରତୀୟ ସାଧାରଣ ଲୋକଙ୍କୁ ଭୟମୁକ୍ତ କରିଦେଲେ। ଗ୍ରାମ ଓ ସହରରେ ଯେତେବେଳେ ଅବ୍ୟବସ୍ଥିତ ମନେ ହେଉଛି ସେତେବେଳେ ସମସ୍ତଙ୍କ ଭୂମିକା ଉପରେ ପ୍ରଶ୍ନ ଚିହ୍ନ ଲାଗିଯାଉଛି। ବାସ୍ତବରେ ଆମେ ଆଜିବି ଆମ ଗାଁ, ସହରକୁ ବଦଳାଇ ଦେଇପାରିବା ମାତ୍ର ସେଭଳି ନିଷ୍ଠା ଓ ଭୟଶୂନ୍ୟତା ଆବଶ୍ୟକ। ବାସ୍ତବରେ ସମସ୍ତଙ୍କୁ ଭଲ ପାଇବା ହିଁ ସୁସ୍ଥ ସମାଜ ଗଠନର ମନ୍ତ୍ର ବୋଲି ସେ କହିଥିଲେ। ଏହି ଆଲୋଚନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ରବିଶଙ୍କର ପାଣ୍ଡିଆ, କ୍ଷମାନିଧି ଝାଙ୍କର, ସିଦ୍ଧେଶ୍ୱର ନାଏକ ଓ ବୀରେନ୍ଦ୍ର ଝାଙ୍କର ମତାମତ ପ୍ରଦାନ କରିଥିଲେ। ସଭାରେ ସହରର ବୁଦ୍ଧିଜୀବୀ, ଗାନ୍ଧୀପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ଅଖିଳ ଚନ୍ଦ୍ର ହୋତା ଧନ୍ୟବାଦ ଜ୍ଞାପନ କରିଥିଲେ।



ବିଚାର ଆଲୋଚନାଚକ୍ରରେ ପ୍ରଫେସର ମଧୁସୂଦନ ପତି ବକ୍ତବ୍ୟ ରଖୁଛନ୍ତି।

## ଦିନ ଦ୍ୱିପ୍ରହରରେ ବାଇକ୍ ଚୋରି ଘଟଣା

# ବାଇକ୍ ଛାଡ଼ି ଯୁବକ ଫେରାର

**ସଇଁତଲା,୨୫।୯(ଡି.ଏନ୍.ଏ.)**

**ବାଇକ୍ ଉଦ୍ଧାର କଲେ ଦୁର୍ଗାପୂଜା କମିଟି ସଦସ୍ୟ**

ସଇଁତଲା ବସ୍‌ଷ୍ଟାଣ୍ଡ ପାଖ ପିଏଚ୍‌ଡ଼ି ବିଭାଗ ପାଣିଟାଙ୍କି ନିକଟରୁ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ବୁଧବାର ଚୋରି ବାଇକ୍ ଉଦ୍ଧାର ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ, ବ୍ୟକ୍ତି ଜଣକ ମଙ୍ଗଳବାର ବରଗାଁ ଛକ ନିକଟ ଏକ ଗଛ ତଳେ ବାଇକ୍ ଛାଡ଼ି ଚାଲିଯାଇଥିଲେ। ଏନେଇ ବରଗାଁ ଦୁର୍ଗାପୂଜା କମିଟି ସଦସ୍ୟମାନେ ବହୁ ସମୟ ଧରି ବାଇକଟି ପଡି ରହିଥିବା ଦେଖିବାକୁ ପାଇଥିଲେ। ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ବାଇକକୁ କୌଣସି ବ୍ୟକ୍ତି ନ ନେବାରୁ କମିଟି ସଦସ୍ୟ ବାଇକ୍ ଆଣି ସୁରକ୍ଷିତ ଭାବେ ପୂଜା ମଣ୍ଡପରେ ରଖିଥିଲେ। ବାଇକ୍ ଚୋରି ସଂକ୍ରାନ୍ତରେ ବୁଧବାର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହାଜାଣି ପୂଜା କମିଟି ପକ୍ଷରୁ ବାଇକ୍ ମାଲିକ ରଣଜିତ ସିଂ ଏବଂ ସଇଁତଲା ପୋଲିସକୁ ଖବର ଦେଇଥିଲେ। ବୁଧବାର ସକାଳେ ବାଇକ୍ ମାଲିକ ସିଂ ଏବଂ ସଇଁତଲା ପୋଲିସ କର୍ମଚାରୀ ବରଗାଁ ଦୁର୍ଗା ମଣ୍ଡପରେ ପହଞ୍ଚି ଥିଲେ। ପରେ ଦୁର୍ଗାପୂଜା କମିଟି ପକ୍ଷରୁ ମାଲିକଙ୍କୁ ବାଇକ୍ ହସ୍ତାନ୍ତର କରିଥିଲେ। ଏନେଇ ବାଇକ୍ ମାଲିକ ସିଂ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି।

# ବିଲରୁ ବାଇକ୍ ସହ ଯୁବକଙ୍କ ମୃତଦେହ ଉଦ୍ଧାର

**ଖପ୍ରାଖୋଲ,୨୫।୯(ଡି.ଏନ.ଏ.)**

ଖପ୍ରାଖୋଲ ଲାଠୋର ରାସ୍ତା ଏକ ପେଟ୍ରୋଲ ପମ୍ପ ବୁଲାଣି ପାଖ ବିଲରୁ ବାଇକ୍ ସହ ଜଣେ ଯୁବକଙ୍କ ମୃତଦେହ ଖପ୍ରାଖୋଲ ପୋଲିସ ବୁଧବାର ଉଦ୍ଧାର କରିଛି। ସେ ହେଲେ ବଲାଙ୍ଗୀର ସଦର ଥାନା ସଦେଇପାଲି ଗାଁର କୃଷ୍ଣ ଧରୁଆ(୨୪) ବୋଲି ଜଣାପଡିଛି। ପୋଲିସ ଘଟଣାସ୍ଥଳରୁ ଏକ ବାଇକ୍(ନଂ.ଓଆର୍୩୧-୧୫୬୯) ଜବତ କରିଛି। ଦୁର୍ଘଟଣା ଯୋଗୁ କୃଷ୍ଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସୂଚନା ଅନୁସାରେ, ବୁଧବାର ସକାଳେ ରାସ୍ତା କଡ ଧାନ ବିଲରେ ଏକ ବାଇକ୍ ପଡିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ବାଇକ୍ ତଳେ ଚାପି ହୋଇ ରହିଥିବା ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଖପ୍ରାଖୋଲ ଥାନା ପୋଲିସ ଏକ ମାମଲା (ନଂ.୧୭୫/୧୯) ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଏସ୍ଆଇ ପଞ୍ଚାନନ ନେଗୀ ପ୍ରକାଶ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବଲାଙ୍ଗୀରରେ ନିର୍ମାଣ ହେବ କୋସଲେଶ୍ୱରୀ ମନ୍ଦିର

# ଜମିଦାନ ଘୋଷଣା କଲେ ଗବେଷକ ନିମାଇଁ ଚରଣ

**ବଲାଙ୍ଗୀର ଅଫିସ, ୨୫।୯**

କୋସଲାଞ୍ଚଳର ଅନ୍ୟତମ ଆରାଧ୍ୟା ଦେବୀ ମା’ କୋସଲେଶ୍ୱରୀ ଦେବୀଙ୍କ ଏକ ଭବ୍ୟ ମନ୍ଦିର ବଲାଙ୍ଗୀର-ଗାଇସିଲେଟ୍ ରାସ୍ତାର ବଲାଙ୍ଗୀରଠାରୁ ମାତ୍ର ୬ କି.ମି. ଦୂରରେ ସିନ୍ଦୁରବାହାଲ ଗାଁରେ ନିର୍ମାଣ କରାଯିବ ବୋଲି ଜଣାପଡିଛି। ମନ୍ଦିର ନିର୍ମାଣ ପାଇଁ କୋସଲୀ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷକ ନିମାଇଁ ଚରଣ ପାଣିଗ୍ରାହୀଙ୍କ ଜମିଦାନ କରିବାକୁ ଇଚ୍ଛା ପ୍ରକାଶ କରିଥିବା ଜଣାପଡିଛି। ଜମିଦାନ ଘୋଷଣା ପରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କବି ଡ. ଶ୍ରୀନିବାସ ଉଦ୍‌ଗାତା, ସଙ୍ଗଠକ ତଥା କୋସଲୀ ଭାଷା ସଂସ୍କୃତି ଗବେଷଣା କେନ୍ଦ୍ରର ସଦସ୍ୟ ଶାନ୍ତନୁ କୁମାର ନାଏକ, କବି ସୁଶାନ୍ତ ବାଗ ସିନ୍ଦୁରବାହାଲ ଗାଁକୁ ଯାଇ ଗବେଷକ ପାଣିଗ୍ରାହୀଙ୍କ ଉପସ୍ଥିତିରେ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିଛନ୍ତି। କୋସଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ଜମି ଖୋଜା ଚାଲିଥିବାବେଳେ ପାଣିଗ୍ରାହୀ ଜମିଦାନ କରିବାକୁ ଘୋଷଣା କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସାଧୁବାଦ ଜଣାଯାଇଛି। ଖୁବ୍ ଶୀଘ୍ର ମନ୍ଦିର ନିର୍ମାଣ ଆରମ୍ଭ କରାଯିବ ବୋଲି ସୂଚନା ଦିଆଯାଇଛି।



ସିନ୍ଦୁରବାହାଲ ଗାଁରେ କୋସଲେଶ୍ୱରୀ ମନ୍ଦିର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଉଛି।

# ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ଲୋଇସିଂହା,୨୫।୯(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମଜୟନ୍ତୀ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲସ୍ତରର ୨୧୦ଟି ସ୍କୁଲରୁ ୩ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଜୁନିୟର ଓ ସିନିୟର ବିଭାଗରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ ପ୍ରତିଯୋଗୀ ହୋଇଥିଲା। ପ୍ରତିଯୋଗିତାଗୁଡ଼ିକୁ ସିଆର୍‌ସିସି ଏବଂ ଗାଇଡ ଶିକ୍ଷାମାନେ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ ସ୍କୁଲ ପ୍ରଧାନ ଶିକ୍ଷକ ଜ୍ୟୋତି ରଞ୍ଜନ ସା ଅଧ୍ୟକ୍ଷତା କରିଥିଲେ। ବିଇଓ ରୀନା ବେହେରା ମୁଖ୍ୟ ଅତିଥି, ଏବିଓ ବ୍ୟାସଦେବ ରାଏ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୁନିୟର ଓ ସିନିୟର ବର୍ଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବକୁ ସହକାରୀ ଶିକ୍ଷକ ନରେନ୍ଦ୍ର ରଣା ସଂଯୋଜନା କରିଥିବା ବେଳେ ସିଆର୍‌ସିସି କରୁଣା କର ପଟେଲ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଇଓ ଉଦ୍‌ଘାଟନ କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ର ମାନଙ୍କୁ ପରାମର୍ଶ ଦେଇଥିଲେ।

# ପୁଇଁତଲା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର




ପୁଇଁତଲା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

**ବଲାଙ୍ଗୀର ଅଫିସ,୨୫।୯**

ପୁଇଁତଲା ବ୍ଲକ ଅଧୀନ ଦୁର୍ଗାପାଲି ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଦୁର୍ଗାପାଲି ପଞ୍ଚାୟତ ସରପଞ୍ଚ ସଞ୍ଜୁକ୍ତା ପଟେଲ ଆଲୋଚନାଚକ୍ରର ଉଦ୍‌ଘାଟନ କରିଥିଲେ। ରାସାୟନିକ ମୌଳିକଙ୍କ ପର୍ଯ୍ୟାୟ ସାରଣୀ ଓ ମାନବ କଲ୍ୟାଣରେ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲରୁ ୧୯ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ବିଜ୍ଞାନ ସଂଯୋଜକ ଜୟକୃଷ୍ଣ ନାଏକ ସଂଯୋଜନା କରିଥିଲେ। ଏଥିରେ ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ ମୁଖ୍ୟଅତିଥି, ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ମୁଖ୍ୟବକ୍ତା, ସରପଞ୍ଚ ସଞ୍ଜୁକ୍ତା ପଟେଲ, ସମିତି ସଭ୍ୟା କୁମୁଦିନୀ ଘିଭେଲା, ବ୍ଲକ ଆବାହକ ତରଣୀସେନ ପଟେଲ, ଗଉଁନ୍ତିଆ ଗତିକୃଷ୍ଣ ପଟେଲ ସମ୍ମାନିତ ଅତିଥି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତାଲିନା ଜାଲ, ସ୍ଥାନୀୟ ସିଆର୍‌ସିସି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଗଇଁତଲା ଉନ୍ନୀତ ହାଇସ୍କୁଲ ଛାତ୍ରୀ ସ୍ନେହାଞ୍ଜଳି ପଟେଲ ପ୍ରଥମ, ମହୀମୁଣ୍ଡା ଉଚ୍ଚବିଦ୍ୟାଳୟ ଛାତ୍ର ଦେବାଶିଷ ବିଶ୍ୱାଳ ଓ ଛତାମଖନା ଉଚ୍ଚବିଦ୍ୟାଳୟ ଛାତ୍ର ତପନ କୁମାର ସ୍ୱାଇଁ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଆଦର୍ଶ ବିଦ୍ୟାଳୟ ମହୀମୁଣ୍ଡାର ଛାତ୍ର ସୌମ୍ୟଦୀପ୍ତ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଲୋଚନାଚକ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ପଟେଲ ଅକ୍ଟୋବର ୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଯୋଗଦେବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା, ପ୍ରଜ୍ଞା ମହାନ୍ତି, ମଞ୍ଜୁଲତା ସାହୁ, ପୁଷ୍ପାଞ୍ଜଳି ରଣା, ଶିକ୍ଷକ ଅମିନ ରଣା, ସଦାନନ୍ଦ ମହାଲିଙ୍ଗ, ସଞ୍ଜୀବ ପଟେଲ, ପ୍ରମୋଦ ପଟେଲଙ୍କ ସହ ପରିଚାଳନା କମିଟି ସଭ୍ୟା, ସଭ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ପୂର୍ଣ୍ଣିମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତୁଷୁରା ଏନ୍ଏସି କାର୍ଯ୍ୟାଳୟ

# ଦିନ ୧ଟା ପରେ ରହୁନାହାନ୍ତି କର୍ମଚାରୀ

**ଗୁଡ଼ଭେଲା,୨୫।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନ୍ଏସି କାର୍ଯ୍ୟାଳୟରେ ଅପରାହ୍ନ ୧ଟା ପରେ କର୍ମଚାରୀମାନେ ରହୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ କିଛିଦିନ ତଳେ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନେ ଏନ୍ଏସି କାର୍ଯ୍ୟାଳୟକୁ ଯାଇଥିଲେ। ସେତିକିବେଳେ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡି ଦେଲେ ଅନ୍ୟ ଚୌକି ଖାଲି ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ଉପସ୍ଥିତ କର୍ମଚାରୀଙ୍କୁ ପଚାରିବାରୁ ସମସ୍ତ ପ୍ରାୟ ୧ଟା ସମୟରେ ଖାଇବା ପାଇଁ ଯାଇଛନ୍ତି। କିଛି ସମୟ ପରେ ଆସିବେ ବୋଲି କହିଥିଲେ। ତୁଷୁରା ଏନ୍ଏସି ହେବା ପରେ ଜନସାଧାରଣ ଉତ୍ତମ ସୁବିଧା ସୁଯୋଗ ପାଇବେ ବୋଲି ଆଶା ରଖିଥିଲେ। ହେଲେ ଅଞ୍ଚଳରେ ଆବଶ୍ୟକ ଉନ୍ନତି ମୂଳକ କାର୍ଯ୍ୟ ଧିମେଇ ଚାଲିଥିବା ଅଭିଯୋଗ ହୋଇଛି। ଏପରି କି ଜନସାଧାରଣ ବିଭିନ୍ନ ସମୟରେ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କୁ ନ ପାଇଁ ହଇରାଣ ହରକତ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ୱାର୍କ ଅର୍ଡର ମିଳୁଥିଲେ ମଧ୍ୟ ଲେଆଉଟ ମିଳୁ ନ ଥିବାରୁ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁ ନ ଥିବା ଜଣାପଡିଛି। ସେହିପରି ଏନ୍ଏସି କାର୍ଯ୍ୟାଳୟରେ ସ୍ଥାୟୀ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନାହାନ୍ତି। ଫଳରେ କାର୍ଯ୍ୟରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏପରି କି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ମନ ଇଚ୍ଛା ଯିବା ଆସିବା ସହ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ତୁଷୁରା ଏନ୍ଏସି ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ କାର୍ଯ୍ୟାଳୟରେ ଏପରି ହେବା କଥା ନୁହେଁ ସେ ଦୁଇଟି ଦାୟିତ୍ୱରେ ଥିବାରୁ ସବୁ ଦିନ ଓ ସବୁ ସମୟରେ ଗୋଟିଏ କାର୍ଯ୍ୟାଳୟରେ ରହିବା ସମ୍ଭବ ହେଉ ନାହିଁ ବୋଲି କହିଥିଲେ। ବିଭାଗୀୟ ଅଧିକାରୀ ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରନ୍ତି ହେଲେ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଜନସାଧାରଣ ଦାବି କରିଛନ୍ତି।

# ଚାଉଳ ବୋଝେଇ ଗାଡ଼ିକୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ଲାଠୋର,୨୫।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତରେ ପିଡିଏସ୍ ଚାଉଳ ଚୋରି ହେଉଥିବା ସନ୍ଦେହରେ ଚାଉଳ ବୋଝେଇ ଏକ ଗାଡିକୁ ଜନସାଧାରଣ ଅଟକ ରଖି ପୋଲିସ ଜିମା ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ପଞ୍ଚାୟତର ୧୦ଟି ଗ୍ରାମର ଶତାଧିକ ହିତାଧିକାରୀଙ୍କୁ ପିଡିଏସ ଚାଉଳ ଯୋଗାଇ ଦିଆଯାଉଛି। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ହିତାଧିକାରୀଙ୍କୁ ଚାଉଳ ନ ଦେଇ ଆତ୍ମସାତ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଅଭିଯୋଗ ସତ୍ତ୍ୱେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ଚୋରି ହେଉଥିବା ଜନସାଧାରଣଙ୍କୁ ଖବର ମିଳିଥିଲା। ଖବର ପାଇ ଜନସାଧାରଣ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ। ହେଲେ ବାଟରେ ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ମିନି ଟ୍ରକ(ନଂ.ଓଆର୍୦୩ଡି-୧୯୯୧) ଯୋଗେ ୨୬ ବସ୍ତା ପିଡିଏସ୍ ଚାଉଳ ବୋଝେଇ ହୋଇ ଆସୁଥିବା ଦେଖିବାକୁ ପାଇଥିଲେ। ଏନେଇ ଜନସାଧାରଣ ଟଙ୍କପାଣି ବିଦ୍ୟାଳୟ ସମ୍ମୁଖରେ ପିଡିଏସ୍ ଚାଉଳ ବୋଝେଇ ମିନି ଟ୍ରକକୁ ଅଟକାଇଥିଲେ। ପରେ ଗାଡି ଚାଳକଙ୍କୁ ଚାଉଳ କିଏ ଏବଂ କେଉଁଠି ନିଆଯାଉଥିବା ପଚାରିଥିଲେ। ହେଲେ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ଏନେଇ ଗ୍ରାମବାସୀ ଚାଉଳ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ଘଟଣା ସଂକ୍ରାନ୍ତରେ ଖପ୍ରାଖୋଲ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ ଯୋଗାଣ ଅଧିକାରୀ ଲାଠୋର ଥାନାକୁ ଖବର ଦେଇଥିଲେ। ଲାଠୋର ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ପୋଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ପହଞ୍ଚି ଥିଲେ। ପରେ ଆଇଆଇସି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଯୋଗାଣ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଚାଉଳ ବୋଝେଇ ଗାଡିକୁ ପୋଲିସ ଜିମା ଦେବାକୁ କହିଥିଲେ। ବୁଧବାର ଯୋଗାଣ ଅଧିକାରୀ ଏବଂ ଲାଠୋର ପୋଲିସ ଟଙ୍କପାଣି ଗାଁରେ ପହଞ୍ଚି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ପରେ ଜନସାଧାରଣ ଚାଉଳ ବୋଝେଇ ଗାଡିକୁ ପୋଲିସ ଜିମା ଦେଇଥିଲେ। ଏନେଇ ଗ୍ରାମବାସୀ ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାଲା(ନଂ.୮୮/୧୯) ରୁଜୁକରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଏନେଇ ଥାନା ଅଧିକାରୀ ଶାନ୍ତିଙ୍କୁ ପଚାରିବାରୁ ପୋଲିସ ଘଟଣାର ତଦନ୍ତ କରୁଛି। ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ଚାଉଳ ବୋଝେଇ ଗାଡିକୁ ଗ୍ରାମବାସୀ ଅଟକ ରଖିଛନ୍ତି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ପଲ୍ଲିଶ୍ରୀ ମେଳାରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା ଅଫିସ, ୨୫।୯

ୟୁଥ ମୁଭମେଣ୍ଟ ଫେଡେରେସନ୍ ଅଫ ଇଣ୍ଡିଆ ପକ୍ଷରୁ ଭଞ୍ଜଭବନ ପ୍ରଦର୍ଶନୀ ପଡିଆଠାରେ ଚାଲିଥିବା ପଲ୍ଲୀଶ୍ରୀ ମେଳାରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂତନ ମୋଟରଯାନ ଆଇନ ପରିପ୍ରେକ୍ଷରେ ଲୋକଙ୍କ ମଧ୍ୟରେ ନିରାପଦ ଗାଡିଚାଳନା ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ୱାଇଏମ୍ଏଫ୍ଆଇର କଳାକାର। ସଂସ୍ଥାର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ଲିଖିତ ଏହି ଗୀତିନାଟ୍ୟରେ କଳାକାର ବାପି ପଲାଇ, ଦେବସ୍ମିତା, ନମିତା, ଲିପିତା, ସୁମିତ୍ରା, ମୀରାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଲାଇସେନ୍ସ ନେଇ ଉପଯୁକ୍ତ ଭାବେ ପ୍ରଶିକ୍ଷଣ ପରେ ଗାଡି ଚଳାଇବା, ହେଲ୍ମେଟ ବ୍ୟବହାର କରିବା, ଟ୍ରାଫିକ ନିୟମ ମାନିବା ପ୍ରଭୃତି ବିଷୟବସ୍ତୁ ଉପରେ ଆଧାରିତ ଥିଲା। ସଙ୍ଗୀତଜ୍ଞ ଶରତ ଧଳ ଏହାର ସଙ୍ଗୀତ ରଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଅନିଲ କୁମାର କେରକେଟା ଅତିଥି ଭାବେ ଯୋଗ ଦେଇଥିଲେ।

# ଚାକିରି ପ୍ରଲୋଭନ ଦେଖାଇ ୧.୨ ଲକ୍ଷ ଠକେଇ

ରାଉରକେଲା ଅଫିସ, ୨୫।୯

ଦେଶରେ ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥା ଲାଗିରହିଛି। ଅନେକ ବଡ଼ବଡ଼ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନେ ନିଜର ଚାକିରି ହରାଇ ଘରେ ବସିଥିବା ଦେଖାଯାଉଛି। ଏପରିକି ଚାକିରି କ୍ଷେତ୍ରରେ ପରିସ୍ଥିତି ଆଗାମୀ ଦିନରେ ଆହୁରି ଜଟିଳ ହେବାରେ ଲାଗିଛି। ଏପରି ସ୍ଥିତିରେ ଯଦି କୌଣସି ବ୍ୟକ୍ତି ସରକାରୀ ସଂସ୍ଥାରେ ଚାକିରି କରିଦେବାର ପ୍ରଲୋଭନ ଦିଏ ତାହେଲେ ଲୋକେ ଏହାର ତଦନ୍ତ ନ କରି ବିନା ଦ୍ୱିଧାରେ ଏହାକୁ ଗ୍ରହଣ କରିନିଅନ୍ତି। ଶେଷରେ ଚାକିରି ଲୋଭରେ ଟଙ୍କା ପଇସା ସବୁ ସରିଯିବା ପରେ ଲୋକଙ୍କ ଚେତା ପଶେ ଓ ସେମାନେ ପୋଲିସ ଓ ପ୍ରଶାସନ ନିକଟରେ ଠକାମିର ଶିକାର ହୋଇଥିବା ନେଇ ଅଭିଯୋଗ କରନ୍ତି। ଠିକ ଏଇଭଳି ଏକ ଠକେଇ ରାଉରକେଲା ସହରରେ ଦେଖିବାକୁ ମିଳିଛି। ଜଣେ ଯୁବକ ରେଳବାଇରେ ଠିକା ଭିତ୍ତିରେ ନିଯୁକ୍ତି କରାଇଦେବାକୁ କହି ବହୁ ଲୋକଙ୍କ ଠାରୁ ୧ଲକ୍ଷ ୨୦ହଜାର ଟଙ୍କା ଠକେଇ କରିଥିବା ରାଘୁନାଥପାଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

**ଅଭିଯୁକ୍ତ ଯୁବକ କୋର୍ଟଚାଲାଣ**



ଗିରଫ ଦେବାଶିଷ ସାମନ୍ତରାୟ।

ପୋଲିସ ଠାରୁ ମିଳିଥିବା ସୂଚନା ଅନୁସାରେ ଦେବାଶିଷ ସାମନ୍ତରାୟ(୨୯) ନିଜ ମା ଓ ଭାଇଙ୍କ ସହ ଛେଣ୍ଡ କଲୋନୀରେ ଭଡ଼ାରେ ରହୁଛନ୍ତି। ଦେବାଶିଷ ବିଗତ ୩ମାସ ହେଲା ସହରର ଛେଣ୍ଡ, ଜଳଦା ଓ ଟାଙ୍ଗରପାଲି ଅଞ୍ଚଳର ଯୁବତୀଯୁବକମାନଙ୍କୁ ରେଳବାଇରେ ଠିକା ଭିତ୍ତିରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ଏହାସହ ଜଣପିଛା ୧୫ରୁ ୧୮ହଜାର ଟଙ୍କା ଦରମା ମିଳିବ ବୋଲି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା। ଫଳରେ ଯୁବତୀ ଯୁବକମାନଙ୍କ ପରିବାର ଲୋକେ ମଧ୍ୟ ପୁଅଝିଅ ଚାକିରି ପାଇବା ଆଶ କରିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦେବାଶିଷ ସମ୍ପୃକ୍ତ ଯୁବତୀ ଯୁବକଙ୍କ ସାର୍ଟିଫିକେଟ ଆଣିବା ସହ ପ୍ରୋସେସିଂ ବାବଦରେ ଜଣ ପିଛା ୧ରୁ ୩ହଜାର ଟଙ୍କା ଯାଏ ମାଗିଥିଲେ। ତାହା ପୁଣି ନଗଦ ଆକାରରେ ନ ନେଇ ଅନଲାଇନରେ ପଠାଇବା ପାଇଁ କହୁଥିଲେ। ଏପରି ଅଭିନବ ଉପାୟ କରି ଅଞ୍ଚଳର ପ୍ରାୟ ୪୦ରୁ ୪୨ଜଣ ଲୋକଙ୍କ ଠାରୁ ୧ଲକ୍ଷ ୨୦ ହଜାର ଟଙ୍କା ଠକି ନେଇଥିବା ରଘୁନାଥପାଲି ଥାନା ଅଧିକାରୀ ବିଜୟ ବିହାରି ସୂଚନା ଦେଇଛନ୍ତି। ତେବେ ଦୀର୍ଘ ୩ମାସ ଧରି କୌଣସି ଯୁବତୀ ଯୁବକଙ୍କ ଚାକିରି ନ ହେବା ସହ ଅଭିଯୁକ୍ତ ଦେବାଶିଷଙ୍କ ଦେଖା ମିଳି ନ ଥିଲା। ଦେବାଶିଷଙ୍କୁ ଫୋନ କଲେ ମଧ୍ୟ ତାହା ଲାଗୁନ ଥିଲା। ଫଳରେ ଚାକିରି ଆଶାରେ ଟଙ୍କା ଦେଇ ଠକାମିର ଶିକାର ହୋଇଥିବା ଜାଣିପାରି କେତେକ ଯୁବତୀ ଯୁବକ ରଘୁନାଥପାଲି ଥାନାରେ ଦେବାଶିଷ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୨୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରିଶେରେ ମଙ୍ଗଳବାର ରାତିରେ ଅଭିଯୁକ୍ତ ଦେବାଶିଷଙ୍କୁ ଛେଣ୍ଡ ସ୍ଥିତ ଘରୁ ଗିରଫ କରିଥିଲେ। ଏହାସହ ବୁଧବାର ଆଇପିସି ଧାରା ୪୨୦, ୪୬୮, ୪୭୧ ଅନୁଯାୟୀ କୋର୍ଟଚାଲାଣ କରିଛି।



ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇଜିଏଚ୍‌ର ବରିଷ୍ଠ ଅଧିକାରୀ।

## ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ତାଲିମ

ରାଉରକେଲା ଅଫିସ, ୨୫।୯

ରାଉରକେଲା ଇସ୍ପାତ କାରଖାନା ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ଆଇଜିଏଚ୍ ପାର୍ଶ୍ୱବର୍ତ୍ତୀ ଯୁବତୀ ଯୁବକ ମାନଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପାର୍ଜନକ୍ଷମ କରିବା ଉଦ୍ଦେଶ୍ୟରେ ୭୪ଜଣଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିପାଇଁ ଆଇଜିଏଚ୍ ସମ୍ମିଳନୀ କକ୍ଷ ଠାରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା.ଏସ.ଏସ୍. ପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ସିଏସ୍ଆର୍ ବିଭାଗର ଡିଜିଏମ୍ ଇନଚାର୍ଜ ପି.ଏମ୍.ବେହେରା, କାର୍ମିକ ବିଭାଗର ଟି.ଜି.କାନେକର ଏବଂ ଅନ୍ୟ ବହୁ ବରିଷ୍ଠ ଡାକ୍ତର ତଥା ଆଇଜିଏଚ୍ କର୍ମଚାରୀ ଉପସ୍ଥିତ ଥିଲେ। ୧ବର୍ଷ ପାଇଁ ତାଲିମ ଗ୍ରହଣ କରୁଥିବା ୭୪ଜଣ ଯୁବତୀଯୁବକ ମାନଙ୍କ ମଧ୍ୟରୁ ୬୮ଜଣ ମେଡିକାଲ ଆଟେଣ୍ଡାଣ୍ଟ ଏବଂ ୬ଜଣ ଡାଟା ଏଣ୍ଟ୍ରି ଅପରେଟର ଯୋଗଦେଇଛନ୍ତି। ପ୍ରବେଶିକା ସମୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ଡାକ୍ତରଖାନାର ଶୃଙ୍ଖଳା ଓ ବ୍ୟବହାର ଉପରେ ତଥ୍ୟ ପ୍ରଦାନ କରାଯାଇଥିଲା। ଡେପୁଟି ମ୍ୟାନେଜର ଆର୍.କେ.ତ୍ରିପାଠୀଙ୍କ ଦ୍ୱାରା ସୁରକ୍ଷା ଓ ପ୍ରାଥମିକ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ କାନେକର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁଷ୍ପା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ଆର୍.ଆର୍. ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ଏସ୍‌ପି ସିଏସ୍ଆର୍ ପ୍ରକଳ୍ପ ଅଧିନରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବତୀଯୁବକ ମାନଙ୍କୁ ଜୀବିକା ଉପାର୍ଜନକ୍ଷମ ଦକ୍ଷତାରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି।

■ ଏସ୍‌ସିଏସ୍‌ଟି ଛାତ୍ର ସଂଘ ତରଫରୁ ନବାଗତଙ୍କୁ ସ୍ୱାଗତ

# ନବାଗତଙ୍କୁ ସ୍ୱାଗତ ଏକ ଅନନ୍ୟ ପରମ୍ପରା

ରାଉରକେଲା ଅଫିସ, ୨୫।୯

ରାଉରକେଲା ଏସ୍‌ସିଏସ୍‌ଟି ଛାତ୍ର ସଂଘ ତରଫରୁ ନବାଗତ ଛାତ୍ରୀଛାତ୍ର ମାନଙ୍କୁ ସ୍ୱାଗତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏସ୍‌ସିଏସ୍‌ଟି ଛାତ୍ର ସଂଘ ସଭାପତି ସୁଜିତ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଭଞ୍ଜଭବନ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁନିସପାଲ କଲେଜର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତଙ୍କୁ ସ୍ୱାଗତ କରିବା ସହ ଏହା ଏକ ଅନନ୍ୟ ପରମ୍ପରା ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ଏସ୍‌ସିଏସ୍‌ଟି ଛାତ୍ରୀଛାତ୍ରମାନେ ଯେପରି ଉଚ୍ଚଶିକ୍ଷା ପାଇପାରିବେ ସେ ଦିଗରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏପରିକି ନିଷ୍ଠାର ସହ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଅବହେଳିତ ଓ ନିଷ୍ପେସିତ ଅବସ୍ଥାରେ ଥାଇ ମହାବିଦ୍ୟାଳୟରେ ପହଞ୍ଚି ପାରୁ ନ ଥିବା ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ଦିଗରେ ସାହାଯ୍ୟ କରିବାକୁ ଛାତ୍ର ସଂଘ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ପ୍ରକାରର ନୃତ୍ୟ ସଙ୍ଗୀତ ନବାଗତ ଛାତ୍ରୀଛାତ୍ର ପରିବେଷଣ କରିଥିଲେ। ପ୍ରାୟ ୩୦ବର୍ଷ ଧରି ସଂଘ ତରଫରୁ ଯୁକ୍ତ-୨ ଓ ଯୁକ୍ତ-୩ରେ ନାମ ଲେଖୁଥିବା ଏସ୍‌ଟିଏସ୍‌ସି ଛାତ୍ରୀଛାତ୍ରମାନଙ୍କୁ ନିରାଡମ୍ବର ଭାବେ ସ୍ୱାଗତ କରାଯିବାକୁ ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି ବୋଲି ତିର୍କୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଗାଙ୍ଗପୁର ମଜଦୁର ମଞ୍ଚ ସାଧାରଣ ସମ୍ପାଦକ ଗୋପାଳ ଦାସ, ସମାଜସେବୀ ପ୍ରଶାନ୍ତ ସେଠୀ ଓ ମଙ୍ଗଳ ମୁଣ୍ଡାରୀ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଜ୍ଞାନେନ୍ଦ୍ର ଦାସ, ଇନ୍ଦ୍ରମୋହନ ପଣ୍ଡା, ଦିଲୀପ ଲାହିରି, କଲ୍ୟାଣ ପୂର୍ତ୍ତି, କୀର୍ତ୍ତନ ଦାସ ଓ କୈଳାସ ସାହୁ ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉପସଭାପତି ସୁସ୍ମିତା ପୃଷ୍ଟି, ସାଧାରଣ ସମ୍ପାଦକ କିରଣ ଖାଲକୋ, ଯୁଗ୍ମସାଧାରଣ ସମ୍ପାଦକ ଜୀବନ ପ୍ରଧାନ, ସରସ୍ୱତୀ ଓରାମ, ବିଜୟ ତିର୍କୀ, ସୁପୁନିତା ବାରା, ଅନିକେତ ଖେସ, ଲକ୍ଷ୍ମଣ ସୋରେନ, ସୁମିତ ବାରା, ଅଞ୍ଜଳି କୁଜୁର, ଅର୍ଚ୍ଚନା ଲାକ୍ରା, ଅଙ୍କିତା କୁଜୁର, ରିଙ୍କି ତନ୍ତୀ ପ୍ରମୁଖ ସହଯୋଗ କରିଥିଲେ।



ନବାଗତଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ।

## ହମିରପୁରରେ ବିଟ୍ ହାଉସ୍ ନିର୍ମାଣ ପାଇଁ ଅନୁଧ୍ୟାନ

ରାଉରକେଲା ଅଫିସ,୨୫।୯

ହମିରପୁରରେ ଏକ ବିଟ୍ ହାଉସ ନିର୍ମାଣ ହେବ। ଏଥିପାଇଁ ଅତିରିକ୍ତ ଏସ୍‌ପି ନୃସିଂହ ସ୍ୱାଇଁ, ସେକ୍ଟର-୧୯ ଥାନା ଅଧିକାରୀ ପ୍ରମୋଦିନୀ ସାହୁ, ଏସ୍ଆଇ ମୁକେଶ ସାହାଣୀ ପ୍ରମୁଖ ହମିରପୁର ଅଞ୍ଚଳ ବୁଲି ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସୁମନ ଦତ୍ତ ଓ ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା। ଅଞ୍ଚଳରେ ଦେଶୀ ମଦ କାରବାର ରୋକିବାକୁ ଏଥିରେ ଉପସ୍ଥିତ ପୋଲିସ ଅଧିକାରୀଙ୍କ ନିକଟରେ ଦାବି କରାଯାଇ ଥିଲା। ନଦୀ ଆରପାରିରୁ ବାଉଁଶ ପୋଲ ଯୋଗେ ଆସୁଥିବା ଦେଶୀ ମଦ ଉପରେ କିପରି କଟକଣା ଜାରି କରାଯିବ ସେ ନେଇ ଉପସ୍ଥିତ ପୋଲିସ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ୨୦ ହଜାର ଲୋକ ବସବାସ କରୁଥିବା ବେଳେ ଏହା ଅତୀତରେ ଏକ ରାଜସ୍ୱ ଗ୍ରାମ ଭାବେ ସୁନାମ ଅର୍ଜନ କରିଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନିକ ଅବହେଳାର ଶିକାର ହେଲା ଏହି ଅଞ୍ଚଳ। ଏହା ଶିଳ୍ପାଞ୍ଚଳ, ମହାନଗର କିମ୍ବା ପଞ୍ଚାୟତ ଅନ୍ତର୍ଭୁକ୍ତ ହୋଇ ପାରିଲାନି। ଫଳରେ ଲୋକେ ଦୀର୍ଘ ବର୍ଷ ଧରି ମୌଳିକ ସେବା ସୁବିଧାରୁ ବଞ୍ଚିତ ରହିଛନ୍ତି। ଏଥି ସହ ଚୋରି, ନିଶା କାରବାର ବୃଦ୍ଧି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏଣୁ ଏକ ପୋଲିସ ବିଟ୍ ହାଉସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଭାତ ମଲ୍ଲିକ, ଗଙ୍ଗାଧର ଦାସ, ନିରଞ୍ଜନ ନାୟକ, କୁଞ୍ଜବିହାରୀ ରାଉତ, ସୁରଥ ବାଘ, ଅଗସ୍ତି ଦାସ, ପ୍ରକାଶ ଗୁପ୍ତା, ବେନଡିକ୍ଟ ଲାକ୍ରା, ବସନ୍ତ ଦେହୁରୀ, ଅମୂଲ୍ୟ ପୁହାଣ, ଗଣେଶ କୁମ୍ଭାର, ନରେନ୍ଦ୍ର ସେନାପତି, ଦେଓନୀଶ ଲାକ୍ରା, ଅମନ ବାରା, ଭୁବନେଶ୍ୱର ଆଚାର୍ଯ୍ୟ ଓ ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ହମିରପୁର ଉନ୍ନୟନ ପରିଷଦ କର୍ମକର୍ତ୍ତା ଏସ୍‌ପି କେ. ଶିବା ସୁବ୍ରମଣିଙ୍କୁ ନିକଟରେ ସାକ୍ଷାତ କରି ଏକ ବିଟ୍ ହାଉସ ନିର୍ମାଣ ଲାଗି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।



ହମିରପୁରରେ ପୋଲିସ ବିଟ୍ ହାଉସ ନେଇ ଆଲୋଚନା ଅବସରରେ ପୋଲିସ ଅଧିକାରୀ ଓ ସ୍ଥାନୀୟ ଲୋକେ।





ସେବା ଯୋଜନା ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା ରାଲି।

## ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳନ

ରାଉରକେଲା ଅଫିସ, ୨୫।୯

ମହାତ୍ମା ଗାନ୍ଧୀ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଗଠିତ ଜାତୀୟ ସେବା ଯୋଜନା ଦିବସ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀନିବାସ ପାଠିଶର୍ମାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ବେଦବ୍ୟାସ ମନ୍ଦିର,ଦେହୁରୀ ପଡ଼ା, ରୁଗୁଡ଼ି ଟୋଳା ତଥା ବେଦବ୍ୟାସ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ସହ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବକ୍ତୃତା, ଜାତୀୟ ସଙ୍ଗୀତ ଗାନ ଏବଂ ନୃତ୍ୟ ପରିବେଷଣ କରାଯିବା ସହ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଉମାକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସଚେତନତା ରାଲିକୁ ସେବା ଯୋଜନାର କର୍ମକର୍ତ୍ତା କାଳିକିଙ୍କର ପଣ୍ଡା ଓ ଜ୍ୟୋସ୍ନାରାଣୀ ଦାସ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଭୋଇ, ସର୍ବେଶ୍ୱର ଦାସ, ସମ୍ପାଦକ ରାମଚନ୍ଦ୍ର ସାହୁ ପିଲା ମାନଙ୍କୁ ସମ୍ମାନିତ କରିଥିଲେ। ଶେରେ ପରମେଶ୍ୱର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲ ନିର୍ମାଣ ଶ୍ରେୟ ନେବାକୁ ଟଣାଓଟରା

■ ବ୍ରାହ୍ମଣୀ ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
■ ନିର୍ମାଣ ନେଇ ନେତାଙ୍କ ଆନ୍ତରିକତାର ଅଭାବ

ରାଉରକେଲା ଅଫିସ, ୨୫।୯

ସୁନ୍ଦରଗଡ଼ ଜିଲାର ଲାଇଫଲାଇନ କୁହାଯାଉଥିବା ଜାତୀୟ ରାଜପଥ-୧୪୩ର ବ୍ରାହ୍ମଣୀ ପୋଲ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପ୍ରାୟ ୬ଦଶନ୍ଧି ତଳେ ନିର୍ମାଣ ହୋଇଥିବା ଏହି ସେତୁ (ପୋଲ)କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ବିଗତ ୧ ଦଶନ୍ଧି ହେଲା ଏହି ସେତୁର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ତେବେ ଏହାକୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ତେବେ ଏହି ସେତୁ ଯେତେ ପୁରୁଣା ହେଉଛି ସେଇ ଅନୁସାରେ ମରାମତି ହେଉ ନ ଥିବାରୁ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଫଳରେ ଏହି ସେତୁର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସେତୁ ରାଉରକେଲାର ପ୍ରବେଶ ପଥ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ସେତୁ ପାର ହେଲେ ଯାଇ ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ବିଶ୍ରା ବ୍ଲକ, ଲାଠିକଟା ବ୍ଲକ ଦେଇ ବଣାଇ, ଲହୁଣୀପଡ଼ା ଇତ୍ୟାଦି ଅଞ୍ଚଳକୁ ଯାଇ ହେବ। ତେବେ ଜାତୀୟ ରାଜପଥ ବିଭାଗ ତଥା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ଏହି ପୋଲର ମରାମତି ହେଉ ନ ଥିବାଅଭିଯୋଗ ହେଉଛି। ଯାହାକୁ ନେଇ ଏହି ସେତୁ ଦୁର୍ବଳ ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହେବା ସହ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ରାଉରକେଲାବାସୀଙ୍କ ପକ୍ଷରୁ ଦାବି ଜୋର ଧରିଥିଲା। ଫଳରେ କଂଗ୍ରେସ ସରକାର ଅମଳରେ ଏହି ସେତୁର ନିର୍ମାଣ ପାଇଁ ଗେମନ ଇଣ୍ଡିଆ ନାମକ ଏକ କମ୍ପାନୀ ଆସିଥିଲା। ତେବେ ସେ ସମୟରେ ଏଠାରେ ଥିବା ରାଜନୈତିକ ନେତାଙ୍କ ଆନ୍ତରିକତାର ଅଭାବ ସାଙ୍ଗକୁ ଶ୍ରେୟ ନେବାକୁ ଟଣାଓଟରା ଫଳରେ କମ୍ପାନୀ ସେତୁ କାର୍ଯ୍ୟ ଆରମ୍ଭ କରି ନ ପାରି ଫେରିଯାଇଥିଲା। ଏହା ପରେ ଏକାଧିକ କମ୍ପାନୀ ଏହି ସେତୁର ନିର୍ମାଣ ପାଇଁ ଆସିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିପାରି ନ ଥିଲେ। ବିଗତ ଦିନରେ ଏଠାରୁ ଭାଜପାର ବିଧାୟକ ଥିବା ଦିଲୀପ ରାୟ ବ୍ରାହ୍ମଣୀ ନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ନେଇ ଦାବି ଜୋର କରିଥିଲେ। ଏହାସହ ସେତୁ ନିର୍ମାଣରେ ବିଳମ୍ବ ହେବାରୁ ସେ ଭାଜପା ଓ ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେଇଥିଲେ। ତେବେ ରାଉରକେଲାରୁ ଜୁଏଲ ଓରାମ ଭାଜପାର ସାଂସଦ ଥିବା ବେଳେ ବିଜେଡିର ସାରଦା ପ୍ରସାଦ ନାୟକ ଓ ସୁବ୍ରତ ତରାଇ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ମାତ୍ର ଉଭୟ ଦଳର ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ଶ୍ରେୟ ନେବାକୁ ଟଣାଓଟରା ରାଜନୀତି ପାଇଁ ଆଜି ରାଉରକେଲାବାସୀ ବ୍ରାହ୍ମଣୀ ସେତୁର ଯନ୍ତ୍ରଣା ଭୋଗୁଛନ୍ତି ବୋଲି ଓକିଲ ସଂଘ ସଭାପତି ରମେଶ ବଳ ଅଭିଯୋଗ କରିଛନ୍ତି। ଏପରିକି ମଙ୍ଗଳବାର ସକାଳ ସମୟରେ ସେତୁର ଡାହାଣ ପାଖରେ ଲାଗିଥିବା ଏକ ଲୁହାପ୍ଲେଟ ଖସିଯିବାରୁ ସେତୁ ଉପରେ ଯିବାଆସିବାରେ ସମସ୍ୟା ସୃଷ୍ଟି ହୋଇଥିଲା। ଫଳରେ ହଜାର ହଜାର ଭାରିଯାନ ସେତୁର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଫଳରେ ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ର ତଥା ଚିକିତ୍ସା ପାଇଁ ଯାଉଥିବା ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଣୁ ଜିଲା ପ୍ରଶାସନ ଆଉ ପ୍ରହସନ ନ କରି ପାନପୋଷ ଠାରେ ୪ଲେନ ରାସ୍ତା ପାଇଁ ଭୂମିପୂଜା କରିବା ସହ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ତତ୍ପର ହେବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟଥା ପ୍ରଧାନପାଲି-ଯମୁନାନାକି ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା କୋଏଲ ବ୍ୟାରେଜ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଓକିଲ ସଂଘ ସଭାପତି ରମେଶ ବଳ ଦାବି କରିଛନ୍ତି।



ସେତୁ ଉପରେ ଯିବାଆସିବାରେ ସମସ୍ୟା ସୃଷ୍ଟି ହୋଇଛି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ନାବାଳକଙ୍କୁ ନେଇ ଚାଲିଛି ମୋବାଇଲ ଫୋନ୍ ଚୋରି ର୍ୟାକେଟ

**ସୁନ୍ଦରଗଡ଼, ୨୫।୯ (ଡି.ଏନ୍.ଏ)** ସୁନ୍ଦରଗଡ ଜିଲାରେ ଏବେ ଏକ ମୋବାଇଲ ଫୋନ୍ ଚୋରି ର୍ୟାକେଟ ସକ୍ରିୟ ଥିବା ଜଣାଯାଇଛି । କିଛି ବାହାର ରାଜ୍ୟର ଲୁଟିଆଦଳ ଏହି ଚୋରି ର୍ୟାକେଟରେ ନାବାଳକ ମାନଙ୍କୁ ନିୟୋଜିତ କରାଯାଉଛି। ବୁଧବାର ସୁନ୍ଦରଗଡ ଡେଲି ମାର୍କେଟରେ ପରିବା କିଣିଥିବା ଜଣେ ବ୍ୟକ୍ତିଙ୍କ ଠାରୁ ଜଣେ ନାବାଳକ କୌଶଳକ୍ରମେ ମୋବାଇଲ ଫୋନ ଚୋରି କରି ଫେରାର ହେଉଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ କାବୁ କରି ଟାଉନ ଥାନାର ଜିମା ଦେଇଥିଲେ। ଥାନାରେ ପଚରାଉଚରା ବେଳେ ନାବାଳକଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳରେ ବୋଲି ଜଣାଯାଇଛି । ପୋଲିସ ଏହି ନାବାଳକଙ୍କୁ ଶିଶୁମଙ୍ଗଳ ସମିତିକୁ ହସ୍ତାନ୍ତର କରିଛି ।



### ଆଦର୍ଶ ପାଠାଗାର ପକ୍ଷରୁ ପ୍ରତିଯୋଗିତା

**ରାଉରକେଲା ଅଫିସ,୨୫।୯** ଆଦର୍ଶ ପାଠାଗାର ପକ୍ଷରୁ ଷ୍ଟିଲ ସିଟିର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାକୁ ସଭାପତି ପ୍ରମୋଦ ଶତପଥୀ, ଜୀବନବଲ୍ଲଭ ପଟ୍ଟନାୟକ, ଗୋପିନାଥ ପଟନାୟକ, ମିନାକ୍ଷୀ ଧର, ବାଉରୀବନ୍ଧୁ ସାହୁ, ସ୍ମିତା ମିଶ୍ର, ଡଃ ଜୟନ୍ତୀ ପାଢ଼ୀ, ବିଜୟ ପାତ୍ର, ଅଶୋକ ବଳ, ଶରତ ରାଉତ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଅମରେନ୍ଦ୍ର ପାଢ଼ୀ, ଅଟମ ରଥ, ଦିନବନ୍ଧୁ ରଥ, ପ୍ରଦୀପ ପଟ୍ଟନାୟକ, ପ୍ରକାଶ ଦାସ, ବିଭୂତୀ ବିଶ୍ୱାଳ, ସନ୍ତୋଷ ରଥ ଓ ଡଃ ବସନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ସବ୍‌ଡେଗା ବ୍ଲକ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**ସବ୍‌ଡେଗା, ୨୫।୯ (ଡି.ଏନ.ଏ)-** ସବଡେଗା ବ୍ଲକରେ ଅନୁଷ୍ଠିତ ହୋଇଥିବା ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ୨୦୧୮-୧୯ର ଫଳ ପ୍ରକାଶିତ ହୋଇଯାଇଛି। ସବଡେଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସୁମନ ପଟେଲ ପ୍ରଥମ ସ୍ଥାନରେ ଅଛନ୍ତି। ସବଡେଗା ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ଏକ୍କା ସମସ୍ତ କୃତୀ ପ୍ରତିଯୋଗୀମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଧ୍ୟବସାୟ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସବଡେଗା ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଳଡିହିର ଦୁଇ ଜଣ ଲେଖାଏଁ ଛାତ୍ର ମେଧା ତାଲିକାରେ ସ୍ଥାନିତ ହୋଇଥିବା ବେଳେ ଦାରିଦ୍ର ମେଧା ତାଲିକାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଗବନ୍ଧା ଓ କିରାଲଗା ମିଶନ ପ୍ରାଥମିକ ବିଦ୍ୟାଳୟର ଦୁଇ ଜଣ ଲେଖାଏଁ ଛାତ୍ର ବୃତ୍ତି ପାଇ ସ୍କୁଲ ତଥା ବ୍ଲକର ଗୌରବ ରଖି ପାରିଛନ୍ତି ।

■ ୫ ଅନ୍ତର୍ଜାତୀୟ ହକି ଖେଳାଳିଙ୍କ ଗାଁକୁ ଅବହେଳା

# କୃତ୍ରିମ ଘାସ ହକି ଖେଳପଡ଼ିଆ ଅଧାପନ୍ତରିଆ

**ବାଲିଶଙ୍କରା, ୨୫।୯ (ଡି.ଏନ.ଏ.)**

ଭାରତର ଜାତୀୟ ଖେଳ ହକି। ହକି ଖେଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭିନ୍ନ ଖେଳ ପଡିଆର ଉନ୍ନତି, ଖେଳାଳି ସୃଷ୍ଟିକରିବା ପାଇଁ କ୍ରୀଡା ଛାତ୍ରାବାସ ନିର୍ମାଣ କରିଛନ୍ତି। ହେଲେ ୫ଜଣ ଅନ୍ତର୍ଜାତୀୟ ହକି ଖେଳାଳି ଥିବା ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଉନାମରା ଗାଁକୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ସବୁ ଅନ୍ତର୍ଜାତୀୟ ହକି ଖେଳାଳି ସୁନ୍ଦରଗଡ଼ ଜିଲାରୁ ସୃଷ୍ଟି ହୋଇଛନ୍ତି। ହେଲେ ଏହି ଜିଲାର ସଉନାମରା ଗାଁର ହକିଖେଳପଡ଼ିଆକୁ ଅବହେଳା କରାଯିବା ଦୁଃଖର ବିଷୟ। କୃତ୍ରିମ ଘାସ ହକି ଖେଳପଡ଼ିଆ ପାଇଁ ୨ବର୍ଷ ପୂର୍ବେ କାମ ଆରମ୍ଭ ହୋଇଥିଲେ ମଧ୍ୟ ଅଧପନ୍ତରିଆ ହୋଇପଡ଼ିଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ କାମ ଶେଷ କରିବା ପାଇଁ ଦାବି କରିଛନ୍ତି। ସଉନାମରା ପଞ୍ଚାୟତର ସଉନାମରା ଗ୍ରାମର ଗୁରୁତ୍ୱ ରହିଛି। ଭାରତର ପୂର୍ବତନ ହକି ଅଧିନାୟକ, ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଦିଲୀପ ତିର୍କୀ, ହକି ଖେଳାଳି ସୁଭଦ୍ରା ପ୍ରଧାନ, ଅମିତ ରୋହିଦାସ, ଦୀପସାନ ତିର୍କୀ ଓ ବିକାଶ ଟପ୍ପୋ ଏହି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଭାରତ ତଥା ବିଶ୍ୱ ଦରବାରରେ ହକିରେ ଏମାନେ ସୁନାମ ଅର୍ଜନ କରିଛନ୍ତି। ହେଲେ ଅତି ପରିତାପର ବିଷୟ ଦୀର୍ଘ ୨ବର୍ଷ ହେବ ସେଲ୍ (ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିଃ) ଓ ଏନ୍‌ଟିପିସି ( ନ୍ୟାସନାଲ ଥର୍ମାଲ ପାୱାର କର୍ପୋରେଶନ)ର ମିଳିତ ଉଦ୍ୟମରେ ୧କୋଟି ଟଙ୍କା ବ୍ୟୟରେ ସଉନାମରା ଗ୍ରାମର ବାଇଶମେଳଠାରେ ଆଷ୍ଟ୍ରୋଟ୍ରାଫ କିମ୍ବା କୃତିମ ଘାସ ହକି ଖେଳ ପଡିଆ ନିର୍ମାଣ ଶେଷ ହୋଇପାରୁନି। ଏହି କାର୍ଯ୍ୟର ଶୁଭାରମ୍ଭ ୨୦୧୭ରେ ହୋଇଥିଲା। କିନ୍ତୁ ତାହା ପିଚୁ କାମସରି ଅଧାପନ୍ତରିଆ ଭାବେ ପଡିରହିଛି। ପଦ୍ମଶ୍ରୀ ଦିଲୀପ ତିର୍କୀ ନିଜ ଗ୍ରାମରେ ଏହି ଖେଳପଡିଆ କରିବା ପାଇଁ ବହୁତ ଚେଷ୍ଟା କରିଥିଲେ। ହେଲେ ତାଙ୍କ ଆଶା ପୂରଣ ହୋଇନି। ସଉନାମରା ଗ୍ରାମ ତଥା ବାଲିଶଙ୍କରା ବ୍ଲକ ପାଇଁ ଏହି କୃତିମ ଘାସ ହକି ଖେଳ ପଡିଆ ସାତସପନ ପାଲଟିଛି। ପ୍ରତିବର୍ଷ ଏହି ଗ୍ରାମରୁ ବହୁ ପ୍ରତିଭାବାନ ଖେଳାଳି ଖାଲଖମାପୂର୍ଣ୍ଣ ହକି ଖେଳ ପଡିଆରେ ନିୟମିତ ଖେଳି କ୍ରୀଡା ଛାତ୍ରାବାସରେ ରହୁଛନ୍ତି। ଯଦି ଏଠାରେ କୃତ୍ରିମ ଘାସ ହକି ଖେଳ ପଡିଆ ନିର୍ମାଣ କରାଯାଏ, ତାହେଲେ ଦିଲୀପ ତିର୍କୀଙ୍କ ଭଳି ସୁନାମଧନ୍ୟ ଖେଳାଳି ବାହାରି ପାରିବେ। ଏହି ଲକ୍ଷ୍ୟରେ ଦିଲୀପ ତିର୍କୀଙ୍କ ଉଦ୍ୟମରେ କାମ ଆରମ୍ଭ ହୋଇଥିଲା। ହେଲେ କାମ ସରିବାରେ ବିଳମ୍ବ ନେଇ ସେ କହିଛନ୍ତି, ତୁରନ୍ତ କାମ ଶେଷ କରିବା ପାଇଁ ସେଲ୍ ଓ ଏନ୍‌ଟିପିସି ଅଧିକାରୀଙ୍କ ସହ ଆଲୋଚନା କରିବି। ବାଲିଶଙ୍କରା ବିଡ଼ିଓ ଅଭିମନ୍ୟୁ ବେହେରା କହିଛନ୍ତି, ଏବାବଦରେ ସେ କିଛି ଜାଣିନାହାନ୍ତି।



ପିଚୁ କାମସରି ଅଧାପନ୍ତରିଆ ଭାବେ ପଡିରହିଛି ହକି ଖେଳପଡ଼ିଆ।

**ସଉନାମରା ଗ୍ରାମ**

■କାମ ଆରମ୍ଭର ୨ବର୍ଷ ପରେ ବି ସରିନି

■ଗ୍ରାମବାସୀଙ୍କ ଅସନ୍ତୋଷ, ତୁରନ୍ତ ନିର୍ମାଣ ଦାବି

**ଗ୍ରାମବାସୀଙ୍କ ମୁହଁରୁ ....**



“ ଆମ ଗ୍ରାମରେ କୃତ୍ରିମ ଘାସ ପଡିଆ ହେଲେ ଅନେକ ଝିଅପୁଅ ହକି ଖେଳି ଭବିଷ୍ୟତରେ ଜଣେ ସୁନାମଧନ୍ୟ ଖେଳାଳି ହେବେ। ହେଲେ କାମ ଅଧୁରାଥିବାରୁ ଆମ୍ଭେମାନେ ବହୁତ ଦୁଃଖରେ ଅଛୁଁ।

**-ଚୁଲୁ ବାର୍ଲା, ପୂର୍ବତନ ସରପଞ୍ଚ**



“ କେବେ ନିର୍ମାଣ ହେବ କୃତ୍ରିମ ଘାସ ହକିପଡିଆ ଏହା ହିଁ ପ୍ରଶ୍ନ। ଆମ୍ଭେମାନେ ଆଜିକାଲି ହେବ ବୋଲି ଆଶା ଆକାଂକ୍ଷାରେ ଚାହିଁ ରହିଛୁ। ସରକାର ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ।

**-ଗୋପାଳ ରୋହିଦାସ, ଅନ୍ତର୍ଜାତୀୟ ହକି ଖେଳାଳି ଅମିତଙ୍କ ବାପା**



“ କୃତ୍ରିମ ଘାସ ପଡିଆ ହେଲେ ଆମର ଗ୍ରାମରୁ ବହୁ ପ୍ରତିଭାବାନ ଖେଳାଳି ବାହାରିବେ। ଅତି ଦୁଃଖରେ ଅଛୁ। କାମ ଅଧା ହୋଇ ଅଧପନ୍ତରିଆରେ ରହିଛି। ଶୀଘ୍ର କାମ ହେଲେ ଭଲ ହୁଅନ୍ତା ।

**-ପାଙ୍କ୍ରାସିୟୁସ ତିର୍କୀ, ଗ୍ରାମବାସୀ ତଥା ହକି ଖେଳାଳି ଦୀପସାନଙ୍କ ବାପା**

### ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତୁତି

**ସୁନ୍ଦରଗଡ଼, ୨୫।୯ (ଡି.ଏନ୍.ଏ):** ଚଳିତବର୍ଷ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ଜୟନ୍ତୀ ପାଳନକୁ ସାର୍ବଜନୀନ ତଥା ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କୁ ସାମିଲ କରାଯିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆସନ୍ତା ୨ ତାରିଖ ସକାଳ ୭ଟାରେ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରୁ ଭବାନୀ ଭବନ ପଡିଆ ପର୍ଯ୍ୟନ୍ତ ୧୫ ବର୍ଷରୁ ୩୫ବର୍ଷ ବୟସ୍କ ଉଭୟ ମହିଳା ଓ ପୁରୁଷଙ୍କୁ ନେଇ ଏକ ମିନି ମାରାଥନ ଅନୁଷ୍ଠିତ ହେବ। ମିନି ମାରାଥନରେ କୃତୀ ବ୍ୟକ୍ତିବିଶେଷଙ୍କୁ ପ୍ରଶାସନ ତରଫରୁ ଅର୍ଥରାଶି ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯିବ। ଇଚ୍ଛୁକ ବ୍ୟକ୍ତିବିଶେଷ ଜିଲା କ୍ରୀଡାକାର୍ଯ୍ୟାଳୟ ସୁନ୍ଦରଗଡରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ୨ ତାରିଖ ସକାଳ ଆଠଘଣ୍ଟା ସମୟରେ ମହାତ୍ମାଗାନ୍ଧୀଙ୍କ ଅଲୌକିକ ଜୀବନୀ ଉପରେ ପ୍ରଶାସନ ତରଫରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହା ସହ ଏକ ସର୍ବଧର୍ମ ପ୍ରାର୍ଥନା ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଗୁଡିକର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଏହିଦିନ ସକାଳ ୧୦ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିବା ନିମନ୍ତେ ଜିଲାପାଳ ନିଖିଳ ପବନ କଲ୍ୟାଣ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁରୋଧ କରିଛନ୍ତି।

# ଜେଏସ୍‌ପିଏଲ୍‌ର ଟିଆରବି ଖଣିକୁ ଅଭିନବୀକରଣ ପୁରସ୍କାର

**ଟେନ୍‌ସା, ୨୫।୯ (ଡି.ଏନ.ଏ)**

ଖଣି କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ସୁନ୍ଦରଗଡ଼ ଜିଲାର ଟେନ୍‌ସାଠାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଟିଆଇବି ଲୌହ ଖଣି ମାଇନିଂ ଇନୋଭେସନ୍ ପୁରସ୍କାର ଲାଭ କରିଛି। ପ୍ରତିକୂଳ ପରିବେଶରେ ଅଭିନବୀକରଣ ପଦକ୍ଷେପ ନେଇ ସଫଳତାର ସହ ଖଣି କାର୍ଯ୍ୟ ସମ୍ପାଦିତ କରୁଥିବାରୁ ଇଣ୍ଡିଆନ୍ ମାଇନିଂ ଆଣ୍ଡ ଇଞ୍ଜିନିୟରିଂ ପତ୍ରିକା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀ ତରଫରୁ ପ୍ରମୋଦ କୁମାର ପାତ୍ର ଭାଇସ ପ୍ରେସିଡେଣ୍ଟ ମାଇନିଂ କର୍ନାଟକରେ ଅନୁଷ୍ଠିତ ଏକ କର୍ମଶାଳାରେ ଏହି ପୁରସ୍କାର ଗ୍ରହଣ କରିଥିଲେ। ବିଚାରକ ମଣ୍ଡଳୀକୁ ଏହି ପୁରସ୍କାର ପାଇଁ ଧନ୍ୟବାଦ ଦେଇ ପାତ୍ର କହିଲେ ଯେ, ଖଣି କ୍ଷେତ୍ରରେ ସର୍ବଦା କିଛି ନୂଆକାମ କରିବା ପାଇଁ ସୁଯୋଗ ଥାଏ। କିନ୍ତୁ ପରିବେଶ ସନ୍ତୁଳନ କରି ଏଗୁଡିକୁ କାର୍ଯ୍ୟକାରୀ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜେଏସ୍‌ପିଏଲ୍‌ରେ ଆମେ ସମସ୍ତେ ଉଚ୍ଚ ଗୁଣବତ୍ତାର ସୁରକ୍ଷା ପ୍ରତି ଧ୍ୟାନ ଦେଇ ଖଣିରେ ଏହି କାର୍ଯ୍ୟ ସମ୍ପାଦନ କରିଥାଉ। ମାଇନିଂ ଆଣ୍ଡ ପ୍ରୋସେସିଙ୍ଗ ଅଫ୍‌ର ମ୍ୟାଟେରିଆଲସ୍ ଫର ଷ୍ଟିଲ, ସିମେଣ୍ଟ ଆଣ୍ଡ ପାୱାର ନାମକ ଏହି ଦୁଇ ଦିନିଆ କର୍ମଶାଳାରେ ଦେଶବ୍ୟାପି ୩୦ଟି ଅନୁଷ୍ଠାନରୁ ପ୍ରାୟ ୧୫୦ଜଣ ଅଂଶଗ୍ରହଣ କରିଥିଲେ। ଏହି ପୁରସ୍କାର ପାଇଁ ଟେନ୍‌ସାର ସମସ୍ତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଭିଆର ଶର୍ମା କହିଲେ, ସୁରକ୍ଷା ଏବଂ କାର୍ଯ୍ୟରେ ଅଭିନବୀକରଣ ଆମ କମ୍ପାନୀରେ ଏକ ନିରନ୍ତର ଧାରା। ଏହାଦ୍ୱାରା ହିଁ ଉତ୍କର୍ଷତା ଲାଭ କରିହୁଏ। ପ୍ରତ୍ୟେକ ପୁରସ୍କାର ଆମକୁ କାଲିର ଭାରତ ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ ପ୍ରେରଣା ଦେଇଥାଏ। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଡ. ମୁକେଶ କୁମାରୀ ଡାଇରେକ୍ଟର ଷ୍ଟିଲ ରିସର୍ଚ୍ଚ ଆଣ୍ଡ ଟେକ୍ନୋଲୋଜି ମିସନ୍ ଅଫ୍ ଇଣ୍ଡିଆ, ଡା. ଭେଙ୍କଟେଶ ଡାଇରେକ୍ଟର ଏନଆଇଆରଏମ, ପ୍ରଫେସର ବାନିକ ଏକେଏସ ବିଶ୍ୱବିଦ୍ୟାଳୟ, ଅନନ୍ତ ସୋନି, ପ୍ରୋ ଚାନସେଲର୍ ଏକେଏସ ବିଶ୍ୱବିଦ୍ୟାଳୟ, ଡି. ସୁନୀଲ କୁମାର ମହାପ୍ରବନ୍ଧକ ଏନଏସଡିସି, ବି. ରମେଶ କୁମାର ଏବଂ ଜିକେ ପ୍ରଧାନ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ ।





ଜେଏସ୍‌ପିଏଲର ଟିଆଇବି ଲୌହ ଖଣିର ଅଧିକାରୀ ମାଇନିଂ ଇନୋଭେଶନ୍ ପୁରସ୍କାର ଗ୍ରହଣ କରୁଛନ୍ତି।

■ ସାହାଜବାହାଲ ଲ୍ୟାମ୍ପ୍ସ

## ୪୮୦ ବସ୍ତା ୟୁରିଆ ସାର ବାଟରୁ ଉଭାନ ଧରାପଡ଼ିଲା

**ବଡ଼ଗାଁ, ୨୫।୯ (ଡି.ଏନ.ଏ)** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମସ୍ଥିତ ସମବାୟ ସମିତି (ଲ୍ୟାମ୍ପ୍ସ)ର କର୍ମଚାରୀମାନେ ଚଞ୍ଚକତା କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ଘଟଣା ଗୋଟିଏ ପରେ ଗୋଟିଏ ଲୋକ ଲୋଚନକୁ ଆସୁଛି। ଭୂତ କର୍ମଚାରୀ ଦର୍ଶାଇ, ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ସମବାୟ ସମିତିର ଅର୍ଥ ଜମା କରି ଓ ଋଣ କରି ଉଠାଣ ହୋଇଥିବା ଜଣାପଡିଥିଲା ବେଳେ ଚାଷୀମାନଙ୍କୁ ସୁଲଭମୂଲ୍ୟରେ ଦେବା ପାଇଁ ଆସିଥିବା ୟୁରିଆ ସାର ଲ୍ୟାମ୍ପ୍ସର ଗୋଦାମରେ ନ ପହଞ୍ଚି ବାଟରୁ ଉଭାନ ହେବା ଭଳି ଆଉ ଏକ ଦୁର୍ନୀତି ଧରାପଡିଛି। ଦିଅଁ ସହିତ ଖଟୁଲି ଖାଇବା ଭଳି ଏକାଧିକ ଘଟଣା ଜଣାପଡିଲା ପରେ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ହେଲା ୨୦୧୩ ଅଗଷ୍ଟ ୩୦ ତାରିଖ ପାନପୋଷ ମାର୍କଫେଡରୁ ୪୦୦ କୁଇଣ୍ଟାଲ ୟୁରିଆ ସାର ବସ୍ତା (ବିଲ ନଂ. ୨୭୪୭୬) ସାହାଜବାହାଲ ଲ୍ୟାମ୍ପ୍ସକୁ ଯୋଗାଣ ହୋଇଥିଲା । ୨ଲକ୍ଷ ୫୯ ହଜାର ୨୭୯ ଟଙ୍କା ମୂଲ୍ୟର ସାର ବସ୍ତା ନେଇ ଆସୁଥିବା ଯାନ ଲ୍ୟାମ୍ପ୍ସର ଗୋଦାମକୁ ପହଞ୍ଚି ନ ଥିଲା। ଅସାଧୁ କର୍ମଚାରୀମାନେ ବାଟରୁ ସମସ୍ତ ସାର ଉଭାନ କରିଦେଇଥିଲେ। ସେହିପରି ୨୦୧୩ ନଭେମ୍ବର ୭ ତାରିଖ ରାଉରକେଲା ମାର୍କଫେଡରୁ ୧୪୦ ବସ୍ତା ୟୁରିଆ ସାର (ବିଲ ନଂ. ୨୪୦୩୨) ଲ୍ୟାମ୍ପ୍ସକୁ ଯୋଗାଣ ହୋଇଥିଲା। କିନ୍ତୁ ଗୋଦାମରେ ଶହେ ବସ୍ତା ରଖି ବାକି ୪୦ ବସ୍ତା ହଡପ କରାଯାଇଥିଲା । ଏହି ସବୁ ଦୁର୍ନୀତି ଉପରେ ଅଭିଯୋଗକ୍ରମେ ତଦନ୍ତ ଆରମ୍ଭ ହୋଇଛି। ସେ ସମୟର ଲ୍ୟାମ୍ପ୍ସ ଏମ୍‌ଡି ଚୁଡାମଣୀ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ତେବେ ଏହି ଲ୍ୟାମ୍ପ୍ସରେ ୨୦୧୦ ରୁ ୨୦୧୮ ମସିହା ମଧ୍ୟରେ ପ୍ରାୟ ଦେଢ଼ କୋଟି ଟଙ୍କା ଚଞ୍ଚକତା, ଅନିୟମିତତା, ଦୁର୍ନୀତି କରି କର୍ମଚାରୀମାନେ ନେଇଯାଇଥିବା ଆଶଙ୍କା କରାଯାଉଛି। ଲ୍ୟାମ୍ପ୍ସରେ ପରିଚାଳନା ଦ୍ୱାରା ଏମଡି ନିଯୁକ୍ତି କରାଯାଇଥିଲେ ମଧ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ଲ୍ୟାମ୍ପ୍ସ ଏମଡି ଦାୟିତ୍ୱ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ସଂସ୍ଥାକୁ ଖୋଳ କରାଯାଇଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ସଂସ୍ଥାକୁ ସଜାଡି ଠିକ ପରିଚାଳନା କରିବା ଦିଗରେ ଉକ୍ତ ଅଧିକାରୀମାନେ ଦୃଷ୍ଟି ଦେବା ଓ ଅସାଧୁ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଭାଜପା ଯୁବ ମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର

**ସୁନ୍ଦରଗଡ, ୨୫।୯ (ଡି.ଏନ୍.ଏ)**

ଭାଜପା ଯୁବ ମୋର୍ଚ୍ଚା ତିଲଡେଗା ମଣ୍ଡଳ ଶାଖା ତରଫରୁ ବୁଧବାର କିଞ୍ଜିରିକେଲା ଡିଗ୍ରୀ ମହାବିଦ୍ୟାଳୟ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ଆଶୀଷ ପଟେଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ, ଉପସଭାପତି ରଥ ଖାଲକୋ, କାନ୍ତ ସାହୁ, ତିଲଡେଗା ମଣ୍ଡଳ ସଭାପତି ପର୍ଶୁରାମ ପଟେଲ, ସୁରେନ୍ଦ୍ର ସାହୁ, ଶେଷଦେବ ତ୍ରିପାଠୀ, ମନୋଜ ମିଶ୍ର, ତିଲଡେଗା ଯୁବମୋର୍ଚ୍ଚା ସଭାପତି ରିନୁ ଦାସ, ଚନ୍ଦ୍ରଭାନୁ କୁମୁରା, ବିକାଶ ନାଏକ, ବିକାଶ ଷଣ୍ଢ, ତପେଶ୍ୱର ବଡେକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁଚରଣ ମିଶ୍ର ଓ ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସୁନ୍ଦରଗଡ ଜିଲା ରକ୍ତଭଣ୍ଡାରର କର୍ମକର୍ତ୍ତା ରତ୍ନପ୍ରଭା ନାୟକ, ଜ୍ୟୋତ୍ସ୍ନାରାଣୀ ଦେଉରିଆ, ଦୁଷ୍ମନ୍ତ ପଟେଲ ଓ ବିଜୟ ରକ୍ସା ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୩୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।



ରକ୍ତଦାନ ଶିବିରରେ ଛାତ୍ରୀଛାତ୍ର ଓ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଉପସ୍ଥିତ।

■ ବିଡିଓଙ୍କ ବିରୋଧରେ ବ୍ଲକ୍ କର୍ମଚାରୀ ଜିଲା ପ୍ରଶାସନର ଦ୍ୱାରସ୍ଥ ଘଟଣା

# କର୍ମଚାରୀଙ୍କ ବିରୋଧରେ ବଢ଼ୁଛି ଅସନ୍ତୋଷ

**ଲେଫ୍ରିପଡା,୨୫।୯(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକର ବିଡିଓ ପଲ୍ଲବୀ ରାଣୀ ରାଜ୍‌ଙ୍କ ବିରୋଧରେ ବ୍ଲକ ଏବଂ ପଞ୍ଚାୟତ କର୍ମଚାରୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ କର୍ମଚାରୀଙ୍କ ବିରୋଧରେ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ ଏହାକୁ ତୀବ୍ର ନିନ୍ଦା ପ୍ରକାଶ କରିଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଯୋଜନା ସବୁ ବ୍ଲକର ୧୭ଟି ପଞ୍ଚାୟତରେ ମନ୍ଥର ଗତିଦେଇ ଚାଲୁଥିବାରୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ବିଡିଓ କର୍ମଚାରୀମାନଙ୍କୁ ତାଗିଦ୍ କରିଚାଲିଛନ୍ତି। ବିଡିଓଙ୍କ ତାଗିଦକୁ କେତେକ ସ୍ୱାର୍ଥବାଦୀ କର୍ମଚାରୀ ସହ୍ୟ କରି ନ ପାରି ବିଡିଓଙ୍କ ବିରୋଧରେ ଷଡଯନ୍ତ୍ର ରଚିଥିବା ବ୍ଲକର ଆଉ କେତେକ କର୍ମଚାରୀ କହିଛନ୍ତି। ପଞ୍ଚାୟତସ୍ତରରେ ଏବଂ ବ୍ଲକସ୍ତରରେ କର୍ମଚାରୀଙ୍କୁ ବିଡିଓଙ୍କ ତାଗିଦକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ଏବଂ ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ବିଡିଓଙ୍କ ବିରୋଧରେ ଜିଲା ପ୍ରଶାସନକୁ ଦ୍ୱାରସ୍ଥ ଘଟଣାରେ ବ୍ଲକ୍‌ର ବିଭିନ୍ନ କର୍ମଚାରୀ ଚାପାଗ୍ରସ୍ତ ଭାବେ ଅଭିଯୋଗପତ୍ରରେ ଦସ୍ତଖତ କରିଥିବା ନେଇ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ୍‌ର କର୍ମଚାରୀ ଗତ ୨୩ ତାରିଖ ବିଡିଓଙ୍କ ବିରୋଧରେ ଅଭିଯୋଗ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଜିଲା ପ୍ରଶାସନର ଦ୍ୱାରସ୍ଥ ହେବା ପରେ ୨୪ ତାରିଖ ବ୍ଲକ ଅଧ୍ୟକ୍ଷା କାମିନୀ କାଲୋଙ୍କୁ କର୍ମଚାରୀ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ବ୍ଲକ୍ ଅଧ୍ୟକ୍ଷାଙ୍କୁ ପଚାରିବାରୁ ଏହାର ସମାଧାନ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ବିଡିଓ ୨୪ତାରିଖ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ବ୍ଲକରେ କରୁଥିବା ସମୟରେ ପୁଣି ବିଡିଓ କର୍ମଚାରୀଙ୍କୁ ପୂର୍ବପରି ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। କର୍ମଚାରୀମାନେ ପୁଣି ଏକ ଅଭିଯୋଗପତ୍ର ଜିଲାପାଳଙ୍କୁ ଦେଇଥିବା ଜଣାପଡିଛି। ସେହିପରି କେତେକ ନିର୍ଦ୍ଦିଷ୍ଟ କର୍ମଚାରୀ ଜାତିଆଣ ଆକ୍ଷେପ ନେଇ ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକଙ୍କୁ ଅଭିଯୋଗ କରିଛନ୍ତି। କର୍ମଚାରୀଙ୍କ କାର୍ଯ୍ୟକଳାପକୁ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି ନାପସନ୍ଦ କରିଛନ୍ତି। ପଞ୍ଚାୟତ ସ୍ତରରେ ବିଭିନ୍ନ କର୍ମଚାରୀ ଦୁର୍ନୀତିରେ ଲିପ୍ତହୋଇ ଆବାସଯୋଜନାର ହିତାଧିକାରୀ ଏବଂ ଭତ୍ତା ଯୋଜନାର ହିତାଧିକାରୀଙ୍କଠାରୁ ମୋଟା ଅଙ୍କର ଟଙ୍କା ଗ୍ରହଣ କରିଚାଲିଥିବା ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ବିଡିଓ ତୃଣମୂଳ ସ୍ତରରେ ସରକାରୀ ଯୋଜନାକୁ ପହଞ୍ଚାଇବା ଓ ଯୋଜନାର ସଫଳତା ପାଇଁ ପ୍ରୟାସ କରୁଥିବାରୁ ବିଡିଓଙ୍କ ବିରୋଧରେ କେତେକ କର୍ମଚାରୀଙ୍କ ଏହା ନାଟକୀୟ, ମନଗଢା ଅଭିଯୋଗ ବୋଲି ବିଭିନ୍ନ ସରପଞ୍ଚ ଏବଂ ସମିତିସଭ୍ୟ ମତାମତ ପ୍ରଦାନ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ପଲ୍ଲବୀରାଣୀ ରାଜଙ୍କୁ ପଚାରିବାରୁ ଆମ୍ଭେ ସରକାରଙ୍କ ଅଧିନରେ ଚାକିରି କରୁଛୁ। ସରକାରଙ୍କ ଯୋଜନା ସମ୍ପର୍କରେ ଉପରସ୍ତରରୁ ତାଗିଦ୍ କରାଯାଉଛି। ଜିଲା ସ୍ତରରେ ଏବଂ ଅନ୍ୟାନ୍ୟ ବ୍ଲକ୍‌ରେ ମଧ୍ୟ କର୍ମଚାରୀ କାମ କରି ଚାଲିଛନ୍ତି। ଚାକିରି କରୁଛୁ ମାନେ ସମସ୍ତେ ମିଳିମିଶି ସମୟକୁ ଖାତିର ନ କରି ଜନସାଧାରଙ୍କ ପାଇଁ କାମ କରିବୁ। ଠିକ୍ ଭାବେ କାମ କରିବାକୁ କର୍ମଚାରୀଙ୍କୁ ତାଗିଦ କରିବାରୁ ନିର୍ଦ୍ଦିଷ୍ଟ କେତେକ କର୍ମଚାରୀ ମିଥ୍ୟା ଅଭିଯୋଗ କରୁଛନ୍ତି। ଏ ଦିଗରେ ଜିଲା ପ୍ରଶାସନକୁ ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

**ଜନସାଧାରଣ, ବୁଦ୍ଧିଜୀବୀ କଲେ ତୀବ୍ର ନିନ୍ଦା**